
# ସମାରୋହ

ଏପ୍ରିଲ୍ ୨୦୨୪ www.samaroha.in



# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**





## ସମାରୋହ ପୁରସ୍କାର - ୨୦୨୪

- ଦୁର୍ଗାମାଧବ ସ୍ମୃତି ପୁରସ୍କାର (ଗଳ୍ପ) - ଶ୍ରୀ ସରୋଜ କୁମାର ସାହୁ
- ଦୁର୍ଗାମାଧବ ସ୍ମୃତି ପୁରସ୍କାର (କବିତା) - ଶ୍ରୀମତୀ ସୁଷମା ମିଶ୍ର
- ଫକିର ମୋହନ ସ୍ମୃତି ପୁରସ୍କାର (ପ୍ରବନ୍ଧ) - ଶ୍ରୀ ବିଭୁତି ଭୂଷଣ ସେନାପତି
- ଫକିର ମୋହନ ସ୍ମୃତି ପୁରସ୍କାର (ରମ୍ୟରଚନା) - ଶ୍ରୀମତୀ ଜୟଶ୍ରୀ ପଟ୍ଟନାୟକ
- ସମାରୋହ ସମ୍ମାନ ୨୦୨୪ - ଶ୍ରୀ ଅମରେଶ ପଟ୍ଟନାୟକ
- ରାଧାମାଧବ ସ୍ମୃତି ପୁରସ୍କାର (ଅନୁବାଦ) - ଶ୍ରୀ ଜନ୍ମେଜୟ ବାବୁ
- ସମାରୋହ ସାରସ୍ୱତ ସାଧନା ପୁରସ୍କାର ୨୦୨୪ - ନୃସିଂହ ବେହେରା
































# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 7**
**April - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଓଡ଼ିଶାର ବିଷୁବ ସଂସ୍କୃତିରେ**
**ଘଣ୍ଟ ପାଟୁଆ ଏବଂ ଦଣ୍ଡ ନାଟ** ସୁଷମା ପରିଜା............... ୬


### କଥା ଓ କାହାଣୀ


**ଅଜ୍ଞାତ ପରିଚୟ** ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ....... ୯
**ଘର** ପ୍ରଫୁଲ୍ଲ କୁମାରୀ ରାୟ..................... ୧୫
**ଉପସଂହାର** ଲକ୍ଷ୍ମୀ ଚାନ୍ଦ............................. ୧୭
**ଜାତି ସ୍ମର** ଡାକ୍ତର ନାରାୟଣ ଚନ୍ଦ୍ର ଶତପଥୀ......... ୨୧
**ଛଳନା** ବୀରେଶ୍ୱର ମହାନ୍ତି........................ ୨୫
**ସମୟର କ୍ରୀତଦାସ ଏକ ଅପରାଧ** ସୁରଭି ପତି....... ୨୮
**କୁମାର ସୁନ୍ଦର, ଆଶ୍ରା ଓ ମାଂସ କଣ୍ଢେଇ**
ଚକ୍ରଧର ସାହୁ........................... ୩୨


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା................ ୩୫


### କବିତା


**ରାଜ ମିସ୍ତ୍ରୀ** ଅଶ୍ୱିନୀ କୁମାର ମିଶ୍ର............ ୩୯
**ଖୋଳପା** ଡକ୍ଟର ନାରାୟଣ ପଣ୍ଡା......... ୩୯
**ଦେଉଛ କାହିଁକି ଆଡ଼େଇ** ଦେବାଶିଷ ଚକ୍ରବର୍ତ୍ତୀ......... ୪୦
**ନାରୀ ନଅର** ପ୍ରବୀର ମହାନ୍ତି................ ୪୧
**ବଂଶୀ ବସନ୍ତ** ପିନାକୀ ମିଶ୍ର.................. ୪୧
**ମୋ ଖାତାରୁ** ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ.... ୪୨
**ଭିନ୍ନ ସୃଷ୍ଟିର ଈଶ୍ୱରଟିଏ** ଚୈତନ୍ୟ ପ୍ରସାଦ ବେହେରା.. ୪୨
**ନିଃସହାୟତା** ବିଷ୍ଣୁ ମୋହନ................ ୪୩
**ଆଖିରୁ ଟୋପେ ଲୁହ** ଡାକ୍ତର କୃଷ୍ଣଚନ୍ଦ୍ର ରଥ......... ୪୪
**ସହରରେ ଫୁଟୁଥିବା ଫୁଲମାନେ** ଶ୍ରୀ ଭୁବନେଶ୍ୱର ବିଶି... ୪୪
**ଆସନ୍ତା କି ଥରେ ଫେରି** ଗୋପାଳ ଚନ୍ଦ୍ର ମିଶ୍ର........... ୪୫
**ସମୟ** ଶ୍ରୀମତୀ ସରସ୍ୱତୀ ମିଶ୍ର......... ୪୫
**କଣ୍ଟକଲତା** କିଶୋର ଚନ୍ଦ୍ର ମହାପାତ୍ର........ ୪୬
**"ବାପୁ" ତୁମେ ସ୍ୱପ୍ନରେ ଆସିଥିଲ** ଡ. ବିନି ଷଡ଼ଙ୍ଗୀ......... ୪୭
**ମହମବତୀ** ଡ. ସୁନନ୍ଦା ମିଶ୍ର ପଣ୍ଡା......... ୪୮
**ନିର୍ବାଚନ - ୨୦୨୪** ସଂଜୟ କୁମାର ତ୍ରିପାଠୀ........ ୪୯
**ଅଭିମାନିନୀ କଇଁ** ସୁଜାତା ଗିରି.................. ୪୯

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- ଶ୍ରୀ ଦେବ ପଟ୍ଟନାୟକ
- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର
- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ
- ଡା. ଅମରେନ୍ଦ୍ରନାଥ ଦାସ

## ରମ୍ୟରଚନା

**ଦଣ୍ଡବତ ବାବୁଙ୍କ ସ୍ୱାସ୍ଥ୍ୟ ଥେରାପି**.............................. ୫୦

## ତନ୍ମାତ୍ର

**ନୂଆ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ**........................... ୫୨

## ଖେଳ ଓ ଖେଳାଳୀ

**ଏକ ଯୁଗାନ୍ତକାରୀ ପରିବର୍ତ୍ତନ**................................୫୩

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫

ପଢ଼ନ୍ତୁ ! ପଢ଼ନ୍ତୁ !

**ମାସିକ ଓଡ଼ିଆ ପତ୍ରିକା**




**ଯୋଗାଯୋଗ ଠିକଣା**
ସହଯୋଗୀ ସଂପାଦକ : ସମାରୋହ
ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩
ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬



| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୨୫୦.୦୦ ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୭୫୦.୦୦ ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସ ମ୍ପା ଦ କୀ ୟ

ସମୟ ଅତିକ୍ରାନ୍ତ। ବର୍ତ୍ତମାନ ନିଜକୁ ପ୍ରକୃତିସ୍ଥ କରି କିଛି ଟିକିଏ ଲେଖିଦେଇ ନିଜର କର୍ତ୍ତବ୍ୟକୁ ପୂର୍ଣ୍ଣ କରିବାକୁ ହେବ। ଏପ୍ରିଲ ପହିଲା ଆସିଲା ଓଡ଼ିଶାର ପ୍ରତିଷ୍ଠା ଦିବସ ରୂପେ। ପୁଣି ଆସିଲା ଭୁବନେଶ୍ୱର ପ୍ରତିଷ୍ଠା ଦିବସ। ନବରାତ୍ର-ଶ୍ରୀରାମ ଚରିତ ମାନସ ପାରାୟଣ। ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ସବୁ ସରିଗଲା। ତା ୧୭ ରିଖ ଦିନ ହେବ ଅଯୋଧ୍ୟାରେ ପ୍ରତିଷ୍ଠିତ ହୋଇ ନୂତନ ମନ୍ଦିରରେ ପୂଜୀତ ଶ୍ରୀରାମଲାଲାଙ୍କର ଜନ୍ମଦିବସ। ଏତେ ପୁଣ୍ୟ ପବିତ୍ର ଉତ୍ସବ ମଧ୍ୟରେ ପଶିଆସିଛି ନିର୍ବାଚନ ପ୍ରଚାର ପ୍ରସାର। ଯାହାକୁ କିଛି ମିଳିନାହିଁ, ମୁହୂର୍ତ୍ତକରେ ସେ ଦଳଛାଡ଼ି ଦେଇ ନୂତନ ଦଳରେ ଯୋଗଦେଇ ଚାଲିଛନ୍ତି। ଏଇ ଆମର ଦେଶ ସେବା। ମାତୃଭୂମିର ମର୍ଯ୍ୟାଦା ଜଗତରେ ଜାଜ୍ୱଲ୍ୟମୟ କରି ପ୍ରତିଷ୍ଠା କରିବା ! ଯଦି ଗୋଟିଏ ଦଳରେ ଟିକଟ ମିଳୁନାହିଁ, ଅନ୍ୟ କିଏ ତାକୁ ବିଶ୍ୱାସ କରି କିପରି ଟିକଟଟିଏ ମନରକ୍ଷା କରିବାକୁ ବଢ଼ାଇଦେବ ? ସେ କ'ଣ ତାର ପୁତ୍ର ନାଁ ପୌତ୍ର ? ଜନ୍ମଜନ୍ମାନ୍ତର ଧରି ଉପଭୋଗ କରୁଥିବା ପୂର୍ବ ପୁରୁଷଗଣ ଅର୍ଜିଯାଇଥିବା ସମସ୍ତ ସମ୍ପତ୍ତି ? ଅଧିକ ଲେଖିବାର ପ୍ରୟୋଜନ ନାହିଁ। ଯେଉଁମାନେ ତାଙ୍କୁ ଆପଣେଇ ନେଉଛନ୍ତି- ସେମାନେ କଣ ପ୍ରକୃତ ବନ୍ଧୁ ? ନିଃସନ୍ଦେହରେ ଗ୍ରହଣ କରିନେଉଛନ୍ତି ପୂର୍ବଜନ୍ମର ପରିଚିତ ମନେକରି ! ଭବିଷ୍ୟତ ଦର୍ଶନୀୟ ହେବ। ଦେଶ ବା ରାଜ୍ୟର ସୁନାମ କେତେ ଆଗେଇଯିବ ସେ ସବୁ ସେଇ ସର୍ବମୟ କର୍ତ୍ତା ଜଗଦୀଶ୍ୱର ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଜଣାଥିବ। କିମ ଧିକଂ ?

ଦୁଇହଜାର ଚବିଶ ମସିହା ଶାନ୍ତିର, ସ୍ନେହର, ଆନନ୍ଦର ବାର୍ତ୍ତାବହ ହୋଇ ଆସିବ ବୋଲି ଆଶା କରି ସମ୍ପାଦକୀୟଟିକୁ ଲେଖିଥିଲି। ଯାହାଙ୍କର ନିର୍ଦ୍ଦେଶ ଅନୁସାରେ ବିନା ଗଛର ପତ୍ରଟିଏ ମଧ୍ୟ ହଲିପାରେ ନାହିଁ। ତାକୁ ମୋ ଭଳି ଅଜ୍ଞ ଜାଣିବ କିପରି ? ସେ କ'ଣ ମୋର ଅଧସ୍ତନ କର୍ମଚାରୀ ? ଡିକ୍ଟେସନ୍ ଅନୁସାରେ କାର୍ଯ୍ୟକରି ଚାଲିବେ ? ଖାଲି ସେତିକି ନୁହେଁ। ବର୍ତ୍ତମାନର ସମ୍ମୁଖ ଯୁଦ୍ଧ ଆଗେଇ ଆସିବାକୁ ମନବୃତ୍ତି ହୋଇ ଏଠି-ସେଠି ସବୁଠି ସେଇ ମନୋବୃତ୍ତିରେ ଜଗତ ଆଗେଇ ଚାଲିଛି। ଏଣେ ପାଗ ପ୍ରତି ମୁହୂର୍ତ୍ତରେ ବଦଳିବାରେ ଲାଗିଛି। କହି ହେବନି ଆଜି-ଖରା ହେବ କି - ବର୍ଷା ହେବ କି - ତୋଫାନ ମାଡ଼ି ଆସି କେବେ କେଉଁଠି ଘରଦ୍ୱାର ଜନଜୀବନ ସହିତ ଜୀବଜନ୍ତୁ ପଶୁପକ୍ଷୀ ସମସ୍ତଙ୍କୁ ପ୍ରଭାବିତ କରି ଘୋର ପ୍ରଳୟ ସୃଷ୍ଟି କରିବ। ଆଧ୍ୟାତ୍ମିକ ଜୀବନ ଯଦି ଅହମିକା ଶୂନ୍ୟ ହୋଇଯାଆନ୍ତା- ତେବେ ଅବା କିଛିଟା ସୁଫଳ ମିଳନ୍ତା। କିନ୍ତୁ ତା କ'ଣ କେବେ ସମ୍ଭବ ହୋଇପାରିବ ? ନିଜକୁ ଗୁରୁଙ୍କର, ଭଗବାନଙ୍କର, ବନ୍ଧୁ ପରିଜନଙ୍କର ସବୁଠାରୁ ଶ୍ରେୟ ଭକ୍ତ ମନେକରି ଯେଉଁସବୁ କର୍ତ୍ତବ୍ୟ ପାଳନ ଚାଲୁରହିଛି- ସେତିକି ଯଥେଷ୍ଟ ଭକ୍ତି ନୁହେଁ। ଭକ୍ତିମାତା ଆନନ୍ଦଦାୟିନୀ। ନିଜକୁ ଆନନ୍ଦ ଦେବା ସହିତ ଚତୁର୍ଦ୍ଦିଗରେ ସମସ୍ତଙ୍କୁ ଅକାତରେ ବାଣ୍ଟି ଦେବାର ସତ୍‌ସ୍ୱଭାବ ଯଦି କେହି ଜଣେ ଅଧେ ନିଧାର୍ଯ୍ୟଭାବେ ଯତ୍ନରେ ରଖି ଜୀବନଯାପନ କରୁଥିବେ, ସେଥିରେ ମାତ୍ର ମୁଷ୍ଟିମେୟ ବ୍ୟକ୍ତିଙ୍କର ଚରିତ୍ର-ମନ-ବୁଦ୍ଧି କାର୍ଯ୍ୟ ସମସ୍ତ ତ୍ୟାଗ ଓ ଶୁଭଙ୍କର ହୋଇପାରିବ। ସାରାବିଶ୍ୱକୁ ସେ ବାର୍ତ୍ତା ପହଞ୍ଚ, ସମସ୍ତଙ୍କୁ ଅନୁପ୍ରେରିତ କରିପାରିବ ନାହିଁ। ତେଣୁ ଯେଉଁ ନିର୍ବାଚନ ପାଇଁ ଏତେ ଟଣାଓଟରା, ତାର ଭବିଷ୍ୟତ କ'ଣ ହେବ ପରୀକ୍ଷା ପ୍ରାର୍ଥନୀୟ।

ତେବେ ସାମାନ୍ୟ ହେଉପଛେ କେହି କେହି ନିଜର ଶୁଦ୍ଧାନ୍ତ ଅନ୍ତକରଣରୁ ଯଦି ଏତିକି କାମନା କରି ଈଶ୍ୱରଙ୍କୁ ମନପ୍ରାଣ ଲଗାଇ ଡାକିପାରିବେ- ତେବେ ବର୍ତ୍ତମାନର ପୃଥିବୀରେ ନିଶ୍ଚିତ କିଛି ପରିବର୍ତ୍ତନ ହେବ- ହୋଇପାରିବ ନୁହେଁ। ତେଣୁ ବନ୍ଧୁଗଣ ! ଆସନ୍ତୁ ଆମେ ନିଜକୁ ପ୍ରସ୍ତୁତ କରି ଦେଶର ସ୍ୱାଧୀନତା ନିମନ୍ତେ ଲଢ଼ି ପାଇଥିବା ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବାଲାଗି - ମିଳିତ ପ୍ରାର୍ଥନା କରିବା।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ସୌଦାମିନୀ ମିଶ୍ର

ପ୍ରବନ୍ଧ

# ଓଡ଼ିଶାର ବିଷୁବ ସଂସ୍କୃତିରେ ଘଣ୍ଟ ପାଟୁଆ ଏବଂ ଦଣ୍ଡ ନାଟ

ସୁଷମା ପରିଜା

### – ।। <u>ଓଡିଶା ର ସଂସ୍କୃତିରେ 'ଘଂଟପାଟୁଆ'</u> ।। –

ଉତ୍କୃଷ୍ଟ କଳାର ଦେଶ ଆମ ଉତ୍କଳ। ଶକ୍ତି ଉପାସନା ଉତ୍କଳୀୟ ପରଂପରାର ଏକ ବିଶେଷ ଅଙ୍ଗ। ପ୍ରାଚୀନ ଉତ୍କଳର ପ୍ରତ୍ୟେକ ପର୍ବପର୍ବାଣୀରେ ଦେବୀ ଉପାସନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଓଡ଼ିଆ ନବବର୍ଷର ଆଦ୍ୟ ମାସ ଚୈତ୍ରର ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଠାରୁ ଆରମ୍ଭ କରି ଫାଲଗୁନ ମାସର ମୀନ ସଂକ୍ରାନ୍ତି ଯାଏ ପ୍ରତ୍ୟେକଟି ମାସରେ ମଙ୍ଗଳବାରଟି ମା' ଶକ୍ତି ସ୍ୱରୂପିଣୀଙ୍କର ବାର ଭାବରେ ସର୍ବତ୍ର ପାଳନ କରାଯାଏ। ବିଶେଷକରି ମହିଳାମାନେ ଏହି ମଙ୍ଗଳବାର ଦିନରେ ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରି ନିଜ ସନ୍ତାନ ମାନଙ୍କର ମଙ୍ଗଳକାମନା କରିଥାନ୍ତି । ମାଆଙ୍କୁ ଆଧାର କରି ଅନେକ ଲୋକଗୀତ, ଲୋକ ବାଦ୍ୟ ଏବଂ ଲୋକ ନୃତ୍ୟ ଓଡିଶାର ଗ୍ରାମାଞ୍ଚଳରେ ଖୁବ୍ ପ୍ରଚଳିତ। ଘଂଟପାଟୁଆ ନାଚ ସେମିତି ଏକ ଲୋକ ନୃତ୍ୟ, ଯାହା ପ୍ରାୟତଃ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କର ଶକ୍ତି ପୀଠ ନିକଟବର୍ତ୍ତୀ ସ୍ଥାନ ମାନଙ୍କରେ ଦେଖାଯାଏ। ଦେବୀଙ୍କର ଏକ ନିର୍ଦ୍ଦିଷ୍ଟ ଅବ୍ରାହ୍ମଣ ସଂପ୍ରଦାୟର ସେବକମାନେ ଘଂଟ ପାଟୁଆ ସେବକ ସାଜନ୍ତି। ସେମାନଙ୍କୁ ଝଙ୍କଡ଼ରେ ରାଉଳ, କାକଟପୁରରେ ଭୋପା ଆଉ ବାଙ୍କୀରେ ରଣା ସେବକ ବୋଲି କୁହାଯାଏ। ଦେବୀଙ୍କର ଘଟ ଏବଂ ଘଣ୍ଟକୁ ଧାରଣ କରି, ମାଆଙ୍କ ଭଳି ଶାଢ଼ୀପାଟ, ଅଳଙ୍କାର ପିନ୍ଧି, ମୁହଁରେ ସିନ୍ଦୂର ମାରି ଏମାନେ ଦେବୀଙ୍କର ପ୍ରତିନିଧି ଭାବରେ ଗାଆଁ ଗାଆଁ ବୁଲି ଦେବୀଙ୍କର ଗୁଣ ଗାନ କରିବା ସହିତ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଦୋଳପୂର୍ଣ୍ଣିମା ଦିନ ସମସ୍ତ ଘଟକୁ ଦେବୀଙ୍କର ପାଖରେ ପୂଜା କରି ଚୈତ୍ର ମାସର ପ୍ରଥମ ଦିନରୁ ଏମାନଙ୍କର ଯାତ୍ରା ଆରମ୍ଭ ହୁଏ ଏବଂ ପଣାସଂକ୍ରାନ୍ତିରେ ସରେ। ମହାବିଷୁବ ସଂକ୍ରାନ୍ତି ଦିନ ପୁନଃଶ୍ଚ ଘଟ ସବୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ମୂଳ ମନ୍ଦିରକୁ। ବର୍ଷକେ ମାତ୍ର ମାସଟିଏ ଦେଖାଦିଅନ୍ତି ଘଂଟପାଟୁଆ, ସେଇ ତାଙ୍କର ଜୀବନ ଜୀବିକା। ତା'ପରେ ସେମାନେ ନିଜ ନିଜର ଚାଷବାସ କିମ୍ବା ଅନ୍ୟ କାମରେ ଲାଗନ୍ତି ।

ଚୈତ୍ରମାସରେ ବାଙ୍କୀର ମା' ଚର୍ଚ୍ଚିକା, କାକଟପୁରର ମା' ମଙ୍ଗଳା, ଝଙ୍କଡ଼ର ମା' ଶାରଳାଙ୍କ ପୀଠରେ ସେବା କରୁଥିବା ଏହି ଅବ୍ରାହ୍ମଣ ସେବକମାନେ ମା'ଠାକୁରାଣୀଙ୍କ ଘଟକୁ ମୁଣ୍ଡରେ ଧରି ମାଆଙ୍କର ପ୍ରତିନିଧି ଭାବରେ ଗାଆଁ ଗାଆଁ ଘର ଘର ବୁଲି ଘଣ୍ଟ ବଜାଇ ଭକ୍ତ ମାନଙ୍କର ମଙ୍ଗଳକାମନା କରିଥାନ୍ତି। ସଂପୂର୍ଣ୍ଣ ଘଟଟି ପ୍ରାୟ ଦୁଇଫୁଟ ଉଚ୍ଚତାର, ତହିଁର ସର୍ବାଙ୍ଗରେ ହଳଦୀ ସିନ୍ଦୂର ମଖା ହୋଇ ନାଲି କିମ୍ବା କଳା ବସ୍ତ୍ର ଗୁଡାଇ ହୋଇଥାଏ ଘଟଟି ଏକ କାଠରେ ତିଆରି କାରୁକାର୍ଯ୍ୟପୂର୍ଣ୍ଣ ଦଣ୍ଡ ଭଳି ଯାହାର ତଳଟି ଚକାବଇଠି ଭଳି ସମତଳ ହୋଇଥାଏ ମଧ୍ୟଭାଗରେ ପାନପେଡ଼ି ଭଳି ଗୋଲାକାର ଏବଂ ଉପର ମୁଣ୍ଡଟି ଗମ୍ବୁଜାକାର ହୋଇ ଛିଦ୍ରଯୁକ୍ତ ହୋଇଥାଏ ଯେଉଁଥିରେ ଲମ୍ବା ଲମ୍ବା ନଡ଼ିଆ ଖଡ଼ିକା ଖୋସା ହୋଇଥାଏ। ସେଥିରେ ଭର୍ତ୍ତି ହୋଇ ଗୁନ୍ଥା ହୋଇଥାଏ ଅରଖଫୁଲ, ଶେଷ ଭାଗରେ ଖୋସା ହୋଇଥାଏ ନାଲି ମନ୍ଦାରଟିଏ, ଯାହା ସେମାନଙ୍କ ଚାଲିଲାବେଳେ ଟାହିଆ ସଦୃଶ ଦୋଳାୟିତ ହୋଇ ମନରେ ସ୍ୱତଃ ଭକ୍ତି ଭାବ ସୃଷ୍ଟି କରାଏ।

ଘଣ୍ଟପାଟୁଆମାନେ ସାଧାରଣତଃ ଦୁଇରୁ ଚାରିଜଣିଆ ଦଳ ହୋଇ ଭ୍ରମଣ କରନ୍ତି। ସେମାନେ ମୁଣ୍ଡରେ ଶାଢ଼ୀକୁ ମଝିରୁ ଗୁଡ଼ାଇ ଗଣ୍ଠି ପକାଇଲା ଭଳି କରି ଅନ୍ୟ ଦୁଇ କାନିକୁ ହାତରେ ପିନ୍ଧି ଥିବା ପିତ୍ତଳର ଅଳଙ୍କାର(ଚୂଡ଼ା)ରେ ଖୋସିଥାନ୍ତି ଯାହା ସେମାନଙ୍କ ପକ୍ଷ ଭଳି ଦେଖାଯାଏ। ଅଣ୍ଟାରେ ଶାଢ଼ୀକୁ ଘାଗରା ବା ଘେର ଭଳି ବାନ୍ଧି ଥାଆନ୍ତି। ମୁହଁ ଏବଂ ମୁଣ୍ଡରେ ଚନ୍ଦନ ସିନ୍ଦୂର ଲଗାଇ ମଥାରେ ଫୁଲର ମୁକୁଟ ପିନ୍ଧିଥାନ୍ତି। ତନ୍ମଧ୍ୟରୁ ଜଣେ ମା'ଙ୍କର ଘଟଟି ମୁଣ୍ଡରେ ଧରିଥାନ୍ତି ଏବଂ ଅନ୍ୟ ଜଣେ ଘଣ୍ଟ ପିଟି ପିଟି ଚାଲିଥାନ୍ତି। ଗାଆଁ ଦାଣ୍ଡରେ ଗୋଟିଏ ଛକ ଜାଗା ଦେଖି ଭକ୍ତମାନେ ଲିପାପୋଛା କରି ପିଢ଼ା ପାଣି କରି ଅପେକ୍ଷା କରି ରହିଥାନ୍ତି। ଠାକୁରାଣୀଙ୍କ ଘଟ ସେଇଠି ଆସ୍ଥାନ ଜମାନ୍ତି। ହଳଦୀ, ସିନ୍ଦୁର, ଝୁଣା, ଦୀପ, ଧୂପ, ଫୁଲ, ଦୁବ, ବରକୋଳିପତ୍ର ସହିତ ଉଖୁଡ଼ା, କଦଳୀ, ନଡ଼ିଆ ଭୋଗର ଡାଲା ସଜାଡି ଆଣିଥାନ୍ତି ପ୍ରତି ଘରର ଲୋକମାନେ। ପୂଜା ପୂର୍ବରୁ ପାହାଡ଼ା ପାରିଦିଅନ୍ତି ଜଣେ, ଜଣେ ଘଣ୍ଟ ବଜାନ୍ତି, ଆଉ ଜଣେ ଆରମ୍ଭ କରିଥାଏ ନୃତ୍ୟ। ଠାକୁରାଣୀଙ୍କ ଘଟକୁ ମୁଣ୍ଡ ଉପରେ ରଖି, କେବେ ଝୁଲି ଝୁଲି ତ କେବେ ତଳେ ପେଟେଇ

ପଡ଼ି ନାଚୁଥାଏ କାଳସୀ , କେବେ କେବେ ରଣପା (ବାଉଁଶରେ ତିଆରି ପାଦରେ ବାନ୍ଧିବା ପାଇଁ ଏକ ପ୍ରକାର ଯନ୍ତ୍ର) ଚଢ଼ି ଘଣ୍ଟର ତାଳେ ତାଳେ ନାଚିଥାଏ ଉଦ୍ଦଣ୍ଡ ନୃତ୍ୟ। ଆଧୁନିକ ଯୁଗରେ ଯାହାକୁ ଆକ୍ରୋବାଟିକ୍ ନୃତ୍ୟ ଶୈଳୀ କହୁଛନ୍ତି କାହିଁ କେଉଁ ଅମଳରୁ ଆମ ଓଡ଼ିଶାରେ ପ୍ରଚଳିତ ରହିଛି ତାହା ଘଣ୍ଟପାଟୁଆ ନୃତ୍ୟ ଭାବରେ। ଘଣ୍ଟପାଟୁଆ ନାଚରେ ଶଙ୍ଖ ହୁଳହୁଳିରେ ଉଛୁଳି ପଡ଼େ ଗାଆଁ ଦାଣ୍ଡ। ସମ୍ପୂର୍ଣ୍ଣ ଭକ୍ତିମୟ ହୋଇପଡ଼େ ସାରା ଗାଆଁର ଘର ଦ୍ୱାର, ନଈ ତୋଟା, ବିଲମାଳ, ଜଡ଼ରୁ ଜୀବ ଯାଏଁ ମାଆଙ୍କୁ ଅନୁଭବ କରନ୍ତି ନିଜ ଭିତରେ।

ନାଚି ନାଚି ଥକି ପଡ଼ିଲେ ଘଟକୁ ମୁଣ୍ଡରୁ ଓହ୍ଲାଇ ଆସ୍ଥାନ ଉପରେ ରଖନ୍ତି କାଳସୀ। ପୂଜା ଆରମ୍ଭ ହୁଏ। ଘଣ୍ଟପାଟୁଆ ବିଛାଇଥିବା ଲୁଗା (ପାହାଡ଼ା) ଉପରେ ପ୍ରତିଟି ଘରୁ ଭକ୍ତମାନେ ଡାଲାରେ ଆଣି ଅଜାଡ଼ି ଦିଅନ୍ତି ଚାଉଳ, ପନିପରିବା ଫଳମୂଳ ସହିତ ଦକ୍ଷିଣା ଆକାରରେ ପଇସା କିଛି, କେହି କେହି ମାଆଙ୍କ ଲାଗି ଦିଅନ୍ତି ନୂଆ ଶାଢ଼ୀ (ପାହାଡ଼ା)। ବାସ୍ ଏଇତକ ବର୍ଷକର ପ୍ରାପ୍ୟ ଘଣ୍ଟପାଟୁଆମାନଙ୍କର। କିଛି ଓଜନର ଆପତ୍ତି ନଥାଏ ସେମାନଙ୍କ ମୁହଁରେ। ମାଆଙ୍କର ଧଣ୍ଡାପାଦୁକ, ସିନ୍ଦୁର ଦେଇ ଚାମର ଢାଳି ଆଶୀର୍ବାଦ କରନ୍ତି ସମସ୍ତଙ୍କୁ। ପୁଣି ଚାଲନ୍ତି ଆଉ ଗୋଟିଏ ଗାଆଁକୁ। ବେଳେବେଳେ ସେମାନେ ଗୋଟିଏ ଗାଆଁର ଭାଗବତ ଘରେ ରାତି ରହଣି କରନ୍ତି ତ ବେଳେବେଳେ ଗାଆଁ ଗାଆଁ ବୁଲି ରାତି ରହଣି କରନ୍ତି। କେବେ କେବେ କେହି ଧନୀକ ଶ୍ରେଣୀର ଭକ୍ତ ଖୁବ୍ ଶ୍ରଦ୍ଧାରେ ନିଜର ଘରଦେଇ ସେମାନଙ୍କ ରାତିରହଣିର ସମସ୍ତ ବ୍ୟବସ୍ଥା କରିଦିଅନ୍ତି।

ଆଜିକାଲି ଆମ ରାଜ୍ୟରେ ଏଇ ସର୍ବପୁରାତନ ସଂସ୍କୃତିର ଲୋକନୃତ୍ୟଟି ବିଲୁପ୍ତପ୍ରାୟ। ସବୁ ପୁରୁଣା କାଳିଆ ଜିନିଷ ଭଳି ଇଏ ମଧ୍ୟ ଲୋକାଦୃତି ଅଭାବରୁ ଧୀରେ ଧୀରେ ହଜି ଯିବାକୁ ବସିଲାଣି ଆମ ଚଳଣିରୁ। ସରକାରଙ୍କ ଶୁଭଦୃଷ୍ଟି ଏଯାବତ୍ ପଡ଼ିନାହିଁ ଏଇ ସ୍ୱଳ୍ପ ଆୟକାରୀ ଦୁସ୍ଥ କଳାକାରମାନଙ୍କ ଉପରେ, ଫଳରେ ପରମ୍ପରା ଅନୁଯାୟୀ ଆଉ ଆଗକୁ ଆସି ପାରୁନାହାଁନ୍ତି ସେମାନଙ୍କ ଉତ୍ତରପୀଢ଼ି।

ହୁଏତ ସରକାରଙ୍କ କିଞ୍ଚିତ ସାହାଯ୍ୟ ପାଇଲେ ବଞ୍ଚି ରହନ୍ତା ଆମର ଏଇ ପୁରାତନ ସଂସ୍କୃତିର ସନ୍ତକ ।

## – ।। ଓଡ଼ିଶାର ଦଣ୍ଡ ଯାତ୍ରା ।। –

ଦଣ୍ଡ ନୃତ୍ୟ ବା ଦଣ୍ଡ ଯାତ୍ରା ଓଡ଼ିଶାର ଅନେକ ସ୍ଥାନରେ ମୁଖ୍ୟତଃ ଦକ୍ଷିଣ ଓଡ଼ିଶାରେ ପାଳିତ ହେଉଥିବା ପାରମ୍ପରିକ ନୃତ୍ୟକଳାମାନଙ୍କ ମଧ୍ୟରେ ଅନ୍ୟତମ। ଉତ୍କଳର କଳାତ୍ମକ ଦୃଷ୍ଟିକୋଣ ସହିତ ଏଥିରେ ଧର୍ମୀୟ ଭାବନା ମଧ୍ୟ ଜଡ଼ିତ ରହିଛି। କେବଳ ଓଡ଼ିଆ ଚୈତ୍ରମାସରେ ଏହି ଦଣ୍ଡଯାତ୍ରା ଅନୁଷ୍ଠିତ ହୁଏ ଏବଂ କେବଳ ପୁରୁଷମାନେ ହିଁ ଏହି ନୃତ୍ୟ କରିଥାନ୍ତି। କଥିତ ଅଛି ଯେ ଥରେ ଗ୍ରୀଷ୍ମଋତୁରେ ଦେବ ଦେବ ମହାଦେବ କୌଣସି ଘଟଣାରେ ଉତ୍ତେଜିତ ହୋଇ ତାଙ୍କର ତୃତୀୟ ନେତ୍ର ଖୋଲିବାରେ ସେଇ କୋପାନଳରେ ନିରୀହ ପକ୍ଷୀଟିଏ ଜଳି ଯାଇଥିଲା। ପରମଯୋଗୀ ଶିବଙ୍କୁ ଜୀବହତ୍ୟା ଦୋଷ ଲାଗିଥିଲା, ତା'ର ଦଣ୍ଡ ସ୍ୱରୂପ ମହାଦେବ ନିଜର ମାନସିକ ଶାନ୍ତି ହରାଇଲେ, ଆଉ ପରଂବ୍ରହ୍ମଙ୍କୁ ଧ୍ୟାନ କରିପାରିଲେନି। ତେଣୁ ମହାଦେବ ନିଜେ ମେରୁ ପର୍ବତରେ କଠୋର ତପସ୍ୟା କରି ମା' ଯୋଗମାୟାଙ୍କୁ ପ୍ରସନ୍ନ କରିବା ପରେ ଦୋଷମୁକ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ମା' ପାର୍ବତୀଙ୍କୁ ଦଣ୍ଡ ଉପବାସର ମାହାତ୍ମ୍ୟ ବୁଝାଇଥିଲେ। ମହେଶ୍ୱରଙ୍କର ସେହି ଉପଦେଶ ଦଣ୍ଡ ପୁରାଣ ନାମରେ ଖ୍ୟାତ ହେଲା। ସେହି ଉପବାସଟି ମେରୁ ଉପବାସ ଏବଂ ତପସ୍ୟାଟି ଦଣ୍ଡ ନାମରେ ନାମିତ ହେଲା। ବଡ଼ କଠୋର ତପସ୍ୟା ସେ ଦଣ୍ଡ ଉପବାସ । ଏହାକୁ ମାନସିକ ରଖି ପାଳନ କରୁଥିବା ଲୋକମାନଙ୍କୁ "ଭକତ" ବା "ଭୋକ୍ତା" କହନ୍ତି। ଏଥିରେ ମୁଖ୍ୟତଃ ଦେବ ଦେବ ମହାଦେବ ଏବଂ ମା' ପାର୍ବତୀଙ୍କୁ ଧ୍ୟାନ କରିଥାନ୍ତି ଦଣ୍ଡୁଆମାନେ।

ଏହି ଉପବାସ ଦୋଳପୂର୍ଣ୍ଣିମା ପରେ ଚୈତ୍ରମାସର ପ୍ରଥମ ଦିନର ଆରମ୍ଭରୁ ତେରଦିନରୁ ଏକୋଇଶି କିମ୍ବା ସ୍ଥଳ ବିଶେଷରେ ଚୈତ୍ର ପୂର୍ଣ୍ଣିମା ଦିନ ପର୍ଯ୍ୟନ୍ତ ମାନ ପାଳନ କରାଯାଏ। ମାନସିକଧାରୀ ସାଧାରଣତଃ ଏକରୁ ଅଧିକ ହୋଇଥାନ୍ତି। ତେରଦିନ ଧରି ଦଳ ଦଳ ହୋଇ ଗାଆଁ ବୁଲି ବୁଲି ଦଣ୍ଡ ଠାକୁରଙ୍କୁ (ଦୁଇ ଫୁଟ ଲମ୍ବା କାଠ ଦଣ୍ଡ, ସେଥିରେ କଳା କପଡ଼ା ଏବଂ ଫୁଲମାଳ ଗୁଡ଼େଇ ହୋଇଥାନ୍ତି ,ସିନ୍ଦୁର ମଧ୍ୟ ବୋଳା ହୋଇଥାଏ) ଗାଆଁର ପ୍ରତ୍ୟେକ ଘରର ଦୁଆର ମୁହଁରେ ଭୋଗଖିଆ କରାନ୍ତି। ଯିଏ ଦଣ୍ଡ ଠାକୁରଙ୍କୁ କାନ୍ଧରେ ଧରି ଗାଆଁ ଗାଆଁ ବୁଲନ୍ତି ତାଙ୍କୁ କାଳେସୀ କହନ୍ତି। ସିଏ କଳାରଙ୍ଗର ଠାକୁରାଣୀ ଶାଢ଼ୀ ପରିଧାନ କରିଥାନ୍ତି, ମୁଣ୍ଡରେ, କପାଳରେ ସିନ୍ଦୂର ହଳଦୀ ବୋଳି ହୋଇଥାଆନ୍ତି। ତାଙ୍କ ସହିତ ଥିବା ଅନ୍ୟ ଦଣ୍ଡୁଆମାନେ ଗୈରିକ ବସ୍ତ୍ର ପରିଧାନ କରିଥାନ୍ତି। ଘଣ୍ଟ ଘଣ୍ଟି ବଜାଇ କାଳେସୀ ପଛେ ପଛେ ନାଚି ନାଚି ବେତବାଡ଼ି ଧରି ଝୁମୁଥାନ୍ତି।

କାଳେସୀ ଆସିବାର ଦିନକ ପୂର୍ବରୁ ସୂଚନା ଦେଇଥାନ୍ତି। ଗ୍ରାମବାସୀମାନେ ଘର ସାମନା ଦାଣ୍ଡକୁ ଧୁଆଧୋଇ ଲିପାପୋଛା କରି ଭୋଗ ସଜାଡ଼ି ରଖନ୍ତି। କାଳେସୀଙ୍କ ସାଥିରେ ଥିବା ଲୋକଟି ଦୁଇ ହାତରେ ଦୁଇଟା ଝୁଣାଧୂପଦାନୀ ଧରି ଗୋଲ ଗୋଲ୍ ଆକାରରେ ବୁଲାଉଥାନ୍ତି, ସେଇଥିରେ ପ୍ରତ୍ୟେକ ଘରେ ଝୁଣା ଦିଆଯାଏ। ହୁ ହୁ ହୋଇ ଜଳୁଥିବା ସେଇ ଝୁଣାଧୂପଦାନୀକୁ କାଳେସୀର ମୁହଁ ପାଖରେ ଟେକି ଧରେ ଲୋକଟି, ବଡ଼ ଭୟଙ୍କର ଦିଶେ ସେ ଦୃଶ୍ୟ, ମନେହୁଏ ସତେ ଯେମିତି କାଳେସୀ ସେ ଝୁଣାଧୂଆଁ ଗୁଡ଼ିକ ଗିଳି ପକାଉଛି। ମାଆମାନେ ସେଇ କାଳେସୀଙ୍କର ପାଦତଳେ ଗଳବସ୍ତ୍ର ହୋଇ ପ୍ରଣାମ କରି ନିଜ ସନ୍ତାନ ମାନଙ୍କର ମଙ୍ଗଳକାମନା କରିଥାନ୍ତି। ପଣାପାଣି ପିଇ ସମସ୍ତେ ବସନ୍ତି। ସେଇଠୁ ଗାଆଁ ଦାଣ୍ଡରେ ଆରମ୍ଭ ହୁଏ ଦଣ୍ଡ ନାଚ।

କାଳେସୀ ସହିତ ବିଭିନ୍ନ କୌତୁକିଆ ବେଶ ହୋଇ ଯୋଡ଼ିରେ ଆସନ୍ତି ଦଣ୍ଡ ନାଚୁଆମାନେ। ଧୋବା ଧୋବଣୀ, ହାଡ଼ି ହାଡ଼ିଆଣୀ, କେଉଟ କେଉଟୁଣୀ, ପତରସଉରା ସଉରୁଣୀ, ଚଢ଼େଇ ଚଢ଼େୟାଣୀ ଇତ୍ୟାଦି ଇତ୍ୟାଦି ବିଭିନ୍ନ ବେଶରେ ବେଶ ହୋଇଥାନ୍ତି ଦଣ୍ଡୁଆମାନେ। ଢୋଲ, ମହୁରୀ ବାଜୁଥାଏ। ଗୀତ ନାଚ ଛଳରେ ସେମାନେ ନାନା ପୌରାଣିକ ବ୍ୟାଖ୍ୟାନ କରିଥାନ୍ତି ଯାହା ଧର୍ମଧାରଣା, ହସ କୌତୁକ ସହିତ ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ। ନିମ୍ନରେ ସେହି ଲୋକଗୀତର କେତୋଟି ଉଦାହରଣ ଦେଖନ୍ତୁ:

ଧୋବା-ଧୋବଣୀ :- (ସୀତା ବନବାସ ଆଳ ରେ)
ପୁରୁଷ : ଶୁଣ ଆଲୋ ମୋ'ର ନାରୀ ,ଆଜି ମୋ' ଘରୁ ତୁ'ଯା' ବାହାରି ରଜକୀ ଲୋ
ପର ଘରେ ଯାଇ ରାତିଏ କଟାଇ ତୁ'ତ ହେଲୁ ଗାଆଁ ରେ ଦୋଚାରୀ। ରଜକୀ ଲୋ।
ସ୍ତ୍ରୀ : କି' କଥା କହୁଛୁ ତୁହି, ବାପଘର ଯାଇଥିଲି ତ ମୁହିଁ ରଜକ ରେ ସାଙ୍ଗେ ଥିଲା ମୋ'ର ସାନଭାଇ।
ରାମ ପରା ରାଜା ଭାରିଜା ରଖିଲା ରାବଣର ଘରୁ ନେଇ,
ରଜକରେ, ତୁ' ଦେଖାଉଛୁ କେତେ ଛଇ, ରଜକରେ ॥
ଚଢେୟା -ଚଢେୟାଣୀ (ବନ୍ଦନା)
ଜୟ ହେ ଜୟ ଶିବଶଙ୍କର, ତ୍ରୀଶୂଳଧାରୀ ହେ ଡମ୍ବରୁଧର ... ଜୟ
ମସ୍ତକେ ବହିଛ ଜଟାଜୁଟ ପରା ଦିଶେ ଚନ୍ଦ୍ର ଚୂଡ଼ା ପରି
ତ୍ରଇଲୋକନାଥ ଆହେ ବିଶ୍ୱମ୍ବର ନୀଳକଣ୍ଠ ବିଷହାରୀ ହେ, ଜୟ
ହାଡି- ହାଡିଆଣୀ ( ସାମାଜିକ ସଚେତନତା)
ଜୟ ଜୟ ମା'ଗୋ ସର୍ବ ମଙ୍ଗଳା
ଅଧା ନଦୀରେ ମୋ ବୁଡିଲା ଭେଳା
ଦସ୍ୟୁମୁଖେ ମା' ଗୋ ଲଗାଅ କଳା ଗୋ ମା' ମଙ୍ଗଳା
ହସ୍ତ ଯୋଡ଼େ ହାଡ଼ି ପିଲା ॥
ବନ୍ଦେ ସୁଧର୍ମା ସଭାକୁ, ଆବର ବନ୍ଦଇ ଗୁରୁଜନଙ୍କୁ ସୁଜନେ ହୋ
ଦୋଷ ନ ଦେବ ହାଡ଼ି ପୁଅକୁ .. ସୁଜନେ ହୋ
ମାଆ ମାଉସୀ ଏ ମୋର, ଆମେ ତ' ଅଟୁ ସେବକ ତୁମର, ମାଉସୀ ହୋ
ହାଡ଼ି ଜାତିକୁ ଘୃଣା ନକର, ସୁଜନେ ହୋ..
କେଉଟ- କେଉଟୁଣୀ (କୃଷ୍ଣ ଲୀଳା)
ଗୋପୀ - ନାଉରିଆ ଭାଇ ଶୁଣ ତୁମ ନାଆଟି ଆଣ ଆଣ ତୁରିତ
ମଥୁରାକୁ ଯିବୁ କ୍ଷୀର ଦହି ବିକି ବେଳ ଯାଏ ଗଡି ତ ॥
ନାଉରୀ- ଯମୁନାର ପାଣି ବୋହୁଛି ଉଜାଣି ଦେଖିଲେ ମାଡୁଛି ଡର
କେଉଁ ପରକାରେ ପାରି କରି ଦେବି ନାଆ ହୁଏ ଟଳମଳ ॥
ଗୋପୀ- ନାଉରିଆ ଭାଇରେ ସଅଳ ନାଆକୁ ନିଅ ତୁ ବାହି
ବଡ ନଟଖଟ ନନ୍ଦର କହ୍ନେଇ ସେ ସବୁତ ନେବ ଚୋରାଇ ॥
ପତରସଉରା- ସଉରୁଣୀ (ପ୍ରେମ ଗୀତ)
ଡାକେ ପତର ସଉରା, ଆସ ଆସ ନାରୀ ହୀରା, ଆସଲୋ ମରୁଆ ମାଳତୀ ପରା
ଗଜଗମନୀ ଗୋ ନୀଳ ନୟନୀ, ଆସ ବେଶ ହୋଇ ଚନ୍ଦ୍ର ବଦନୀ
ଆସ ଧନ ଚାଲି କି ଲୋ ନ ହୁଅ ବାଉଳି
ତୋ'ର ନୟନରେ ଅଞ୍ଜନ ଲଗାଇ ମୋତେ ତ କରିଛୁ ଘାଇଲି ॥
ଡେଙ୍ଗି ଡେଙ୍ଗି ଚାଲି ତୋ'ର କୁଞ୍ଚୁକୁଞ୍ଚୁ ବାଳ
ବୟସଭାରେ ନହକା ଚାଲି କେତେ କରୁ ଗେଲ
ପିଙ୍ଗଳ କାଟେଣି ତୋ'ର ବଙ୍କିମା ଚାହାଁଣୀ
ଏଡିକି ସୁନ୍ଦର ଡାଲିଆ ଖୋସା ତା'ର ପରେ
ଗରାରେ ବୋହୁ ପାଣି ଲୋ ॥

ଏମିତି ଅନେକ ରୋଚକ ଲୋକଗୀତ ଶୁଣିବାକୁ ମିଳେ ଦଣ୍ଡ ନାଚ ରେ। ତେର ଦିନିଆ ଦଣ୍ଡ ପଣା ସଂକ୍ରାନ୍ତିରେ ସରେ। ଦଣ୍ଡ ଉପାସର ଅବଧି ଦିନ ପର୍ଯ୍ୟନ୍ତ ଦଣ୍ଡୁଆ ମାନେ ଦିନକୁ ଥରେ ମାତ୍ର ଶୁଦ୍ଧ ଶାକାହାରୀ ଭୋଜନ କରନ୍ତି । ରାତିରେ ଉଖୁଡ଼ା କଦଳୀ ନଡ଼ିଆ ଚକଟି ପଣା କରି ପିଅନ୍ତି। କୌଣସି ମାଦକଦ୍ରବ୍ୟ ସେବନ କରନ୍ତି ନାହିଁ କି ସ୍ତ୍ରୀ ସଙ୍ଗ କରନ୍ତି ନାହିଁ। ପଣାସଂକ୍ରାନ୍ତି ପୂର୍ବଦିନ କାଷ୍ଠା ଉପବାସ ରହି ମା' ଶକ୍ତି ସ୍ୱରୂପିଣୀ ଦୁର୍ଗାଙ୍କୁ ଧ୍ୟାନ କରନ୍ତି। ପଣା ସଂକ୍ରାନ୍ତି ଦିନ ଠାକୁରାଣୀଙ୍କ ମନ୍ଦିର ପାଖ ପଡ଼ିଆରେ ଝାମୁଁ ଖଳାରେ ଝାମୁଁ ଚାଲନ୍ତି। ଝାମୁଁ ଗାତ ହେଉଛି ଦେଢ଼ ଫୁଟ୍ ଗଭୀର ଦେଢ଼ ଫୁଟ୍ ଚଉଡାର ଲମ୍ବା ଗାତଟିଏ, ଯହିଁରେ କାଠଗଣ୍ଡି ଜାଳି ରଡ ନିଆଁ କରାଯାଇଥାଏ। ତାହାର ଲମ୍ବା ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ, କେଉଁଠି ଏଗାର ହାତ ତ ଆଉ କେଉଁଠି ଏକୋଇଶି ହାତ, ଆଉ କେଉଁଠି ଚାଳିଶି ପଚାଶ ହାତ ଝାମୁଁ ଗାତ ହୋଇଥାଏ। ସେଇ ଝାମୁଁ ଗାତର ଦୁଇ ମୁଣ୍ଡରେ ଦୁଇଟି ଗୋଲାକାର ପଣାଗାଡ ତିଆରି ହୋଇଥାଏ, ସେଥିରେ ପଣା ପୂର୍ଣ୍ଣ ହୋଇଥାଏ। ଝାମୁଁଆଁ ନଦୀରୁ ବୁଡ଼ପକାଇ ଠାକୁରାଣୀଙ୍କର ଚରଣରେ ପ୍ରଣିପାତ କରି ଆଜ୍ଞାମାଳ ଧାରଣ କରି ଏକମୁହାଁ ହୋଇ ଆସି ପଣାଗାତରେ ଗୋଡ଼ ବୁଡ଼ାଇ ରଡନିଆଁ ଉପରେ ଝାମୁଁ ଚାଲନ୍ତି, ଅପରପଟ ପଣାଗାଡ଼ରେ ଯାଇ ଗୋଡ଼ ବୁଡ଼ାନ୍ତି। ଏହା ଦୈବୀଶକ୍ତିର ଚମତ୍କାର କି ବୈଜ୍ଞାନିକ ଚମତ୍କାର କେଜାଣି କହି ହେବନି, କିନ୍ତୁ ଟିକିଏ ଡିଆସିଲି ଏକାଠି କି ଧୂପବତୀର ନିଆଁରେ ଆମର ହାତ ଗୋଡ଼ ଫୋଟକା ହୋଇ ଯାଉଥିଲେ ମଧ୍ୟ ସେଇ ବଡ଼ ବଡ଼ ରଡ଼ନିଆଁର ଝାମୁଁ ଉପରେ ଚାଲି କେବେ କୌଣସି ଝାମୁଁଆଁଙ୍କର ପାଦରେ ଫୋଟକାଟିଏ ହେବାର ଦୃଷ୍ଟାନ୍ତ ମିଳେନାହିଁ। ଆଧୁନିକ ଯୁଗରେ ଏସବୁ ଅବିଶ୍ୱସନୀୟ ହେଉଥିଲେ ମଧ୍ୟ ମୁଁ ନିଜେ ଆମ ଗାଆଁ ବାଙ୍କୀରେ ଚର୍ଚ୍ଚିକା ଠାକୁରାଣୀଙ୍କ ଶହେ ହାତ ଝାମୁଁ ଦେଖିଛି ଏବଂ ଏହାର ସତ୍ୟତା ଉପଲବ୍ଧି କରିଛି। ଦଣ୍ଡୁଆ ମାନଙ୍କର କୃଚ୍ଛ ସାଧନା ଦେଖିଛି ଏବଂ ଦଣ୍ଡ ନାଚର କୌତୁକିଆ ଢଙ୍ଗରେ ମୁଗ୍ଧ ହୋଇଛି। ଆଜିକାଲି ଏଇ ପ୍ରଥା ଧୀରେ ଧୀରେ ଲୁପ୍ତ ହେବାକୁ ବସିଛି।

ଏହି ଦଣ୍ଡ ନାଟ ବା ଦଣ୍ଡୁଆ ମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ନମିଳିଲେ, ହୁଏତ ଆମର ଉତ୍ତରପୀଢ଼ିମାନଙ୍କ ପାଇଁ ଦଣ୍ଡ ଠାକୁର, ଦଣ୍ଡ ନାଟ, ଦଣ୍ଡ ଗୀତ କେବଳ ଏକ ଆଶ୍ଚର୍ଯ୍ୟ ହୋଇ ରହିଯିବ।

*ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ*
*ଦୂରଭାଷ: ୮୨୪୯୦୭୭୩୮୧*




# ଅଜ୍ଞାତ ପରିଚୟ

**ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ**

ନିର୍ଦ୍ଧାରିତ ଗତିପଥ ନଥିଲେ କିଏ କେଉଁ ପଥକୁ ଆଦରି ନିଏ ଜାଣି ହୁଏ ନାହିଁ। ସୁଖ ସଂଭୋଗର ଭାବାବେଗରେ କିଏ ଉଭରି ଉଠେ ତ କିଏ ଅସତ୍ୟର ଉନ୍ଦ୍ରଜାଲରେ ଛଂଦି ହୋଇଯାଏ ଅବିଚଳିତ ଭାବରେ। ଜୀବନର ଗତିପଥ ଦନ୍ତୁରିତ ହୋଇଯାଏ ପ୍ରାପ୍ତି ଅପ୍ରାପ୍ତିର ଅବୁହାଁ ମୋହରେ।

କ୍ଷଣପ୍ରଭାର ମୋହ ଯେମିତି ଶେଷ ନଥିଲା। କେବଳ ଅର୍ଥ ଓ ଧନ ସଂପଦନିମନ୍ତେ ସେ ତଳକୁ ପାଦ ଖସେଇଥିଲା ନିଜର ନାରୀତ୍ୱକୁ ଜଳାଂଜଳି ଦେଇ। ଲଜ୍ଜା ନାରୀର ଭୂଷଣ ବୋଲି ସେ ଯେମିତି ପାସୋରି ଦେଇଥିଲା।

କ୍ଷଣପ୍ରଭା ଏକ ଗରିବ ବ୍ରାହ୍ମଣ ଘରର ଝିଅ। ବାପା ଗାଁରେ ଜଜମାନୀ କରି ଯାହା ଉପାର୍ଜନ କରନ୍ତି, ତହିଁରେ ଚଳନ୍ତି। ଗାଁରେ ଅଳ୍ପ ଜମି। ସେ ଜମି ପୁଣି ସେ ନିଜ ହାତରେ ଚାଷ କରନ୍ତି ନାହିଁ। ଯାହା ଧାନ ଭାଗ ମିଳେ ତହିଁରେ କ୍ଷରପ୍ରଭାଙ୍କର ପିତା ରମାକାନ୍ତ ମହାପାତ୍ରଙ୍କର ଛଅ ଜଣ ସଦସ୍ୟ ବିଶିଷ୍ଟ ପରିବାରଙ୍କ ପାଇଁ ବର୍ଷକୁ ଚାଉଳ ଅଣ୍ଟେ ନାହିଁ। ଜଜମାନୀ ଉପାର୍ଜନ ଭିତରେ ରମାକାନ୍ତଙ୍କ ଅଭାବୀ ପରିବାରକୁ ଚଳିବାକୁ ହୋଇଥାଏ।

ରମାକାନ୍ତ ମହାପାତ୍ର ଓ ତାଙ୍କ ପତ୍ନୀ ସରଳା, ବଡ଼ଝିଅ କ୍ଷରପ୍ରଭା, ମଝିଆ ଝିଅ ସୁପ୍ରଭା, ସାନ ଝିଅ ପ୍ରଭା ଏବଂ ଏକମାତ୍ର ସବାସାନ ପୁଅ ରତିକାନ୍ତଙ୍କୁ ନେଇ ରମାକାନ୍ତ ମହାପାତ୍ରଙ୍କ ପରିବାର। ବଡ଼ଝିଅ କ୍ଷଣପ୍ରଭା ଗାଁ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲା।

କ୍ଷଣପ୍ରଭା ଘରର ଦାରିଦ୍ର୍ୟକୁ ଉପଲବ୍ଧି କରି ନିଜେ କିଛି ଉପାର୍ଜନ କରିବାର ଉପାୟ ଚିନ୍ତା କଲା।

ମାତ୍ର ମାଟ୍ରିକ୍ ପଢ଼ି କି ଚାକିରି ବା ସେ କରିପାରିବ ? ସେ ପ୍ରଥମେ କୋଡାଟି ପିଲାଙ୍କୁ ଟିଉସନ୍ କରି ଅଳ୍ପ କିଛି ଟଙ୍କା ରୋଜଗାର କରି ତା'ର ବାପା ରମାକାନ୍ତ ବାବୁଙ୍କୁ ଦେଉଥିଲା। କ୍ଷଣପ୍ରଭାର ଏପ୍ରକାର ସହାୟତାରେ ରମାକାନ୍ତ ବାବୁ ଉଶ୍ୱାସ ଲାଭ କରିଥିଲେ।

କ୍ଷଣପ୍ରଭା ସ୍କୁଲରେ ପଢ଼ିଲାବେଳେ ସ୍କୁଲ ଡ୍ରାମାରେ ଭଲ ଅଭିନୟ କରୁଥିଲା। ଅଭିନୟରେ ସେ କେତେ ଥର ପୁରସ୍କାର ମଧ ପାଇଥିଲା। କ୍ଷରପ୍ରଭାର ଅଭିନୟ ପ୍ରତିଭା ଦେଖି ସ୍କୁଲର ପ୍ରଧାନଶିକ୍ଷକ ଅଟଳ ପଟ୍ଟନାୟକ କ୍ଷଣପ୍ରଭାର ଅଭିନୟକୁ ବୃତ୍ତି ଭାବେ ଗ୍ରହଣ କଲେ, ଭିବଷ୍ୟତରେ ସେ ଜଣେ ଦକ୍ଷ ଅଭିନେତ୍ରୀ ଭାବେ ସୁନାମ ଅର୍ଜନ କରି ଅଶେଷ ଯଶର ଅଧିକାରିଣୀ ହୋଇପାରିବ ବୋଲି କ୍ଷଣପ୍ରଭାର ପିତା ରମାକାନ୍ତ ମହାପାତ୍ରଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକଙ୍କ ପ୍ରଶଂସାରେ ଶତମୁଖ ହୋଇ ରମାକାନ୍ତ ମହାପାତ୍ର ହସିଦେଇ କହନ୍ତି – ସେସବୁ ଆପଣମାନଙ୍କ ଆଶୀର୍ବାଦର ଫଳ। ଗାଁରେ ବଢ଼ିଥିବା, ଗାଁସ୍କୁଲରେ ପଢ଼ିଥିବା କ୍ଷଣପ୍ରଭା ଅଭିନୟକୁ ବୃତ୍ତି କରିପାରିବ ବା କେମିତି ? କିଏ ବା ନେଇ ସହରରେ ତା'ର ଅଭିନୟ ସୁଯୋଗ ସୃଷ୍ଟି କରିପାରିବ ? ଗାଁକୁ ଛାଡ଼ି ସହରକୁ ଯିବା ତ ମୋ ପକ୍ଷରେ କେବେ ବି ସମ୍ଭବ ନୁହେଁ। ମୋର ଏଇ ଗାଁର ଜଜମାନୀ ମୋ ପାଇଁ ଭଲ। ଏ ଅଭାବୀ ପରିବାର କ'ଣ ଯାଇ କେବେ ସହରରେ ରହିପାରିବେ ?

ରମାକାନ୍ତ ମହାପାତ୍ରଙ୍କ କଥା ଶୁଣି ପ୍ରଧାନଶିକ୍ଷକ ଅଟଳବାବୁ କହିଲେ, ଆଦୌ ନିରୁତ୍ସାହ ହୁଅନ୍ତୁ ନାହିଁ। ପ୍ରତିଭା କାହାର ଅବଦମିତ ହୁଏ ନାହିଁ। ତା' ଭାଗ୍ୟରେ ଥିଲେ ନିଶ୍ଚିତ ତା' ଅଭିନୟ ପ୍ରତିଭା ବିକଶିତ ହୋପାରିବ।

କେମିତି ? କେମିତି ହୋଇପାରିବ ଆଜ୍ଞା। ଏ ଗାଁ ଛାଡ଼ି ସହରକୁ ନ ଗଲେ ସେ ମଞ୍ଚରେ ଅଭିନୟ କରିବାର ସୁଯୋଗ ପାଇବ କେମିତି ନା ଅଭିନେତ୍ରୀ ଭାବେ ପରିଗଣିତ ହୋଇପାରିବ କେମିତି ?

ମୋର ଜଣେ ସଂପର୍କୀୟ ଭୁବନେଶ୍ୱରରେ ରହେ। ଗୋଟାଏ ଅଫିସରେ ଚାକିରି କରେ ଏବଂ ଏକ ନାଟ୍ୟ ଅନୁଷ୍ଠାନରେ କ୍ରମାଗତ ଅଭିନୟ କରେ। ତାକୁ କହିଲେ ସେ ଆପଣଙ୍କ କନ୍ୟା କ୍ଷଣପ୍ରଭାର ଅଭିନୟ ବ୍ୟବସ୍ଥା କରାଇ ଦେଇପାରିବ। କହିବେ ଯଦି ମୁଁ ତା'ର ଅଭିନୟ ଦାୟିତ୍ୱ ନେବି। ଯାହା ଆପଣଙ୍କ ଇଚ୍ଛା।

ନୈରାଶ୍ୟ ଭରା କଣ୍ଠରେ କହିଲେ ରମାକାନ୍ତ ମାହାପାତ୍ର। କ୍ଷଣପ୍ରଭାର ପ୍ରଧାନଶିକ୍ଷକ ଅଟଳବାବୁ ତାଙ୍କର ସଂପର୍କୀୟ ନିତ୍ୟାନନ୍ଦକୁ କ୍ଷଣପ୍ରଭାକୁ ଅଭିନେତ୍ରୀ ଭାବେ ମଞ୍ଚରେ ଅବତୀର୍ଣ୍ଣ କରାଇବା ନିମନ୍ତେ ଅନୁରୋଧ କରନ୍ତେ, ନିତ୍ୟାନନ୍ଦ ଆନନ୍ଦ ମନରେ କ୍ଷଣପ୍ରଭାକୁ ସହରରେ ରଖାଇ

ନିଜ ନାଟ୍ୟସଂସ୍ଥା ସହିତ ଅନ୍ୟାନ୍ୟ ନାଟ୍ୟସଂସ୍ଥାରେ ଅଭିନୟ କରିବାର ସୁଯୋଗ ଯୋଗାଇ ଦେଲେ।

ଅଳ୍ପଦିନ ମଧ୍ୟରେ ବିଭିନ୍ନ ନାଟକରେ ଅଭିନୟ କରି କ୍ଷଣପ୍ରଭା ସୁନାମ ଅର୍ଜନ କରନ୍ତେ ନିର୍ଦ୍ଦେଶକମାନେ କ୍ଷଣପ୍ରଭାକୁ ମୁଖ୍ୟନାୟିକା ଭୂମିକାରେ ଅଭିନୟ କରିବାକୁ ସୁଯୋଗ ଦେଲେ। ମୁଖ୍ୟନାୟିକା ଭୂମିକାରେ ସଫଳ ଅଭିନୟ କରି ଜଣେ ଲୋକପ୍ରିୟ ମଂଚ ଅଭିନେତ୍ରୀ ଭାବେ ପ୍ରଶଂସିତ ହେଲା କ୍ଷଣପ୍ରଭା।

କ୍ଷଣପ୍ରଭାର ଲୋକପ୍ରିୟତାରେ ନିତ୍ୟାନନ୍ଦ ଖୁସି ହେଲେ। କିନ୍ତୁ ଜଣେ ସଫଳ ମୁଖ୍ୟ ମଞ୍ଚନାୟିକା ଭାବେ ସଫଳତା ଲାଭ କରିବା ପରେ କ୍ଷଣପ୍ରଭା ନିତ୍ୟାନନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିବା ତ ଦୂରର କଥା, ତାଙ୍କଠାରୁ ଯଥେଷ୍ଟ ଦୂରତା ରକ୍ଷା କରିବା ସଙ୍ଗେ ସଙ୍ଗେ ଅବଜ୍ଞା ପ୍ରଦର୍ଶନ କରୁଥିଲା। ନିତ୍ୟାନନ୍ଦ ରଖାଇ ଦେଇଥିବା କାର୍ଯ୍ୟରତ ଛାତ୍ରୀ ନିବାସ ଛାଡ଼ି ନିଜ ଇଚ୍ଛାରେ ଏକ ଛୋଟଘର ଭଡ଼ାନେଇ ରହିଲା କ୍ଷଣପ୍ରଭା। ଅନେକ ଅଭିନେତା ଘରକୁ କ୍ରାମାଗତ ଯିବା ଆସିବା କଲେ। ବହୁ କ୍ଷଣପ୍ରଭାପ୍ରେମୀ ଦର୍ଶକ ମଧ୍ୟ ନାନାଦି ଉପହାର ଉପଢ଼ୌକନ ଧରି ଆସି କ୍ଷଣପ୍ରଭାର ସାନିଧ ଲାଭ କରୁଥିଲେ। ଏତେ ଦାମୀ ଉପହାର ପାଇ ସେମାନଙ୍କ ନିକଟବର୍ତ୍ତୀ ହେବାକୁ ସେମାନଙ୍କ ଚୁମ୍ବନ ଆଲିଙ୍ଗନକୁ ଘୃଣା ନ କରି ଆପଣେଇ ନେଉଥିଲା କ୍ଷଣପ୍ରଭା।

ନିତ୍ୟାନନ୍ଦ ଜଣେ ପ୍ରତିଭାଶାଳୀ ଅଭିନେତା। ଅଭିନୟ ଜଗତରେ ତାଙ୍କର ଯେପରି ସମ୍ମାନବୋଧ ରହିଛି, ସମଗ୍ର ଓଡ଼ିଶାବାସୀଙ୍କ ପାଖରେ ସେ ସେପରି ଲୋକପ୍ରିୟତା ଅର୍ଜନ କରି ପାରିଛନ୍ତି। କ୍ଷଣପ୍ରଭାଠାରୁ ଅନ୍ୟ କୌଣସି ପ୍ରତ୍ୟାଶା ସେ କେବେ ଆଶା କରିନଥିଲେ। କ୍ଷଣପ୍ରଭା ପଲ୍ଲୀରୁ ଆସି ସହରରେ ଜଣେ ନାମକରା ଅଭିନେତ୍ରୀଭାବେ ମର୍ଯ୍ୟାଦା ଲାଭ କଲା। ତହିଁରେ ସେ ବିଶେଷ ସନ୍ତୋଷ ଲାଭ କରିଥିଲା। କ୍ଷଣପ୍ରଭାର ଅବଜ୍ଞା ନିମନ୍ତେ ସେ କେବେ ବି ଦୁଃଖ ପ୍ରକାଶ କରିନାହାନ୍ତି। କ୍ଷଣପ୍ରଭାର ଏତେ ଅବଜ୍ଞା ପରେ ବି ନିତ୍ୟାନନ୍ଦ କେତେକ ଓଡ଼ିଆ ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ଧାରାବାହିକରେ କ୍ଷଣପ୍ରଭାକୁ ଅଭିନୟ କରିବାର ସୁଯୋଗ ଦେଇଛନ୍ତି।

କ୍ଷଣପ୍ରଭା ଅଳ୍ପ କେତେବର୍ଷ ଭିତରେ ଜଣେ ସଫଳ ନାୟିକା ଭାବରେ ଯେପରି ପ୍ରତିଷ୍ଠା ଲାଭ କରିଥିଲା, ଠିକ୍ ସେହିପରି ଅର୍ଥ ଓ ଧନସଂପଦ ମୋହରେ ବି ପାଦ ତଳକୁ ଖସାଇ ଦେଇଥିଲା। ବହୁ ଯୁବକଙ୍କ ସହିତ ତା'ର ସଂପର୍କ ଗଢ଼ି ଉଠିଥିଲା। କେବଳ ବନ୍ଧୁତା ନୁହେଁ, ଦୈହିକ ସଂପର୍କରେ, ସଂଭୋଗ ବିଳାସରେ ସେ ନିମଜ୍ଜମାନ ହେବାକୁ ଟିକେ ହେଲେ ପଛାଉ ନଥିଲା। ଅର୍ଥର ମୋହ ତାକୁ ତଳ ପାହାଚକୁ ଘେନି ଯାଇଥିଲା।

କ୍ଷଣପ୍ରଭାର ବାପା ମାଆ କ୍ଷଣପ୍ରଭାର ବିବାହ ନିମନ୍ତେ କ୍ଷଣପ୍ରଭାକୁ ଯେତେ ପ୍ରଭାବିତ କଲେ ବି ସେ ସେଥିରେ ମନଧ୍ୟାନ ଦେଉନଥିଲା। ମାସକୁ ମାସ କିଛି ଟଙ୍କା ପଠାଇ ଦେଉଥିଲା ତା'ର ସେ ବାପା ରମାକାନ୍ତଙ୍କ ପାଖକୁ।

ଗାଁରେ ସାହି ଭାଇଙ୍କର ଟାହି ଟାପରା ସହ୍ୟ କରିବାକୁ ପଡୁଥିଲା କ୍ଷଣପ୍ରଭାର ମାଆବାପାଙ୍କୁ। ଝିଅଟାକୁ ବାହା ନ ଦେଇ ଟଙ୍କା ଅର୍ଜନ ଆଶାରେ ବୁଢ଼ୀ କରିବାକୁ ଯାଉଛନ୍ତି ବାପାମାଆ।

ଅତିଷ୍ଠ ହୋଇ ପଡ଼ିଥିଲେ ରମାକାନ୍ତ ମହାପାତ୍ର। ଝିଅର ଅନ୍ୟମାନଙ୍କ ସହିତ ସଂପର୍କ ରଖି ତଳକୁ ଖସିଯିବାର ସମ୍ବାଦରେ ସେ ବ୍ୟଥିତ ହୋଇ ଅନେକ ସମୟରେ ଆତ୍ମହତ୍ୟା କରିଦେବାକୁ ମଧ୍ୟ ଇଚ୍ଛା ପ୍ରକଟ କରୁଥିଲେ।

ନିତ୍ୟାନନ୍ଦଙ୍କୁ ଅବଜ୍ଞା କରି ଅନ୍ୟ ଧନୀଙ୍କ ଦୁଲାଳମାନଙ୍କୁ ସଙ୍ଗସୁଖ ଦେବା ଏବଂ ନିର୍ଦ୍ଦେଶକ, ପ୍ରଯୋଜକମାନଙ୍କ ଶଯ୍ୟା ସଂଗିନୀ ହେବା ତା'ର ଯେମିତି ଏକ ନିତିଦିନିଆ କାର୍ଯ୍ୟକ୍ରମରେ ପରିଗଣିତ ହୋଇଥିଲା।

କ୍ଷଣପ୍ରଭା ଜଣେ ସଫଳ ଅଭିନେତ୍ରୀ ଭାବେ ବହୁ ସମ୍ମାନର ଅଧିକାରିଣୀ ହେଲେ ମଧ୍ୟ ଜଣେ ଚରିତ୍ରହୀନା ଭାବେ ଜୀବନ ବିତାଇବାର କାହାଣୀ ସବୁଠି ଥିଲା ପ୍ରଧାନ ଚର୍ଚ୍ଚାର ବିଷୟ।

ଜଣକୁ ପ୍ରେମ କରି ବିବାହ କରିଥିଲେ କିଛି ଭାବିବାର ନଥିଲା। କିନ୍ତୁ ସେ ଅନେକଙ୍କ ସହିତ ମିଶୁଥିଲା। କିଛି ଲୋକ ମଧ୍ୟ ତାକୁ ଅଭିଜାତ ବାରାଙ୍ଗନାର ଆଖ୍ୟା ଦେବାକୁ ପଛାଉ ନଥିଲେ।

ଅଭିନେତା ନିତ୍ୟାନନ୍ଦଙ୍କୁ ମଧ୍ୟ କ୍ଷଣପ୍ରଭାର ଏ ପ୍ରକାର ଆଚରଣ, ନିନ୍ଦା, କୁତ୍ସା ଆଦୌ ଭଲ ଲାଗୁନଥିଲା। କ୍ଷଣପ୍ରଭା ଯେଉଁଳି ଅବସ୍ଥାରେ ଥିଲା, ତା'ର ବାପାମାଆଙ୍କ ବିବାହ ପ୍ରସ୍ତାବକୁ ଗ୍ରହଣ କରିବା ସମ୍ଭବ ନଥିଲା। କ୍ଷଣପ୍ରଭା ଭାବିଲା, ଯଦି ପ୍ରତ୍ୟେକ ନାରୀ ପାଇଁ ବିବାହର ଆବଶ୍ୟକତା ଅଛି, ତେବେ ତା'ର ଇଚ୍ଛା ଅନିଚ୍ଛାକୁ ଯେ ସମ୍ମାନ ଜଣାଇପାରିବ, ତାର ଗତିପଥରେ କୌଣସି ଅନ୍ତରାୟ ସୃଷ୍ଟି କରିବ ନାହିଁ, ସେହିପରି ଏକ ଯୁବକକୁ ନିର୍ବାଚନ କରି ବିବାହ କଲେ ଆଉ କିଛି ସମସ୍ୟା ଉପୁଜିବ ନାହିଁ। ଗୋଟାଏ ଚରିତ୍ରହୀନା ଆଖ୍ୟାଦେଇ ନାକ ଟେକୁଥିବା ଲୋକମାନଙ୍କଠାରୁ ଆଉ କିଛି କଟୁ ମନ୍ତବ୍ୟ ଶୁଣିବାକୁ ପଡ଼ିବ ନାହିଁ।

ଅନିଲ୍ ଥିଲା ବେଶ୍ ଏକ ସୁନ୍ଦର ସୁକୁମାର ଯୁବକ। ଜଣେ ନାମ କରା ବେହେଲା ବାଦକ।

ଅନିଲ୍‌ର ଚେହେରା ଅନିଲର ସ୍ୱଭାବ ଆଚାର ବ୍ୟବହାର କ୍ଷଣପ୍ରଭାକୁ ଭଲ ଲାଗୁଥିଲା। ଅନୀଲ ଅନେକ ସମୟରେ କ୍ଷଣପ୍ରଭା ସହିତ ନାନାଦି ଆଳାପ କରେ। ରିହାର୍‌ସେଲ୍‌ରେ କ୍ଷଣପ୍ରଭାକୁ ଡିଲକ୍ସ ପାନ ଯୋଗାଇ ଦିଏ।

କ୍ଷଣପ୍ରଭା ନିଜକୁ ନିଜେ ସାବ୍ୟସ୍ତ କଲା – ସେ ଯଦି ବିବାହ କରିବ, ତେବେ ଏହି ଅନୀଲକୁ ହିଁ ବିବାହ କରିବ। ଅନୀଲ ହିଁ ତା ପାଇଁ ଉପଯୁକ୍ତ ପାତ୍ର। ଅନିଲ୍ ଅତି, ଶାନ୍ତ ଭଦ୍ର ଓ ଅମାୟିକ । କ୍ଷଣପ୍ରଭାର ନୀତି ଗତିରେ ଅନିଲ୍ କେବେ ବି ଅନ୍ତରାୟ ସୃଷ୍ଟି କରିବା ନାହିଁ।

ଏପରି ଏକ ସ୍ଥିର ସିଦ୍ଧାନ୍ତ ନେଇ କ୍ଷଣପ୍ରଭା ଦିନେ ଏକାନ୍ତରେ ଅନିଲ୍‌କୁ ତା' ଘରକୁ ଡକାଇ ପଚାରିଥିଲା। ଅନିଲ୍‌କୁ ଏକ ଗାଂଭୀର୍ଯ୍ୟ ଠାଣିରେ ପଚାରିଲା କ୍ଷଣପ୍ରଭା

– ତୁମକୁ ଗୋଟାଏ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ସଂପର୍କରେ ପଚାରିବି ତୁମେ ଭାବିଚିନ୍ତି ମୋତେ ତୁମର ନିଷ୍ପତ୍ତି ଜଣାଇବ।

- ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ? ମୁଁ ଦେବି ?

- ହଁ ତୁମକୁ ଦେବାକୁ ପଡ଼ିବ।

- ମୁଁ ପୁଣି କି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେବି, ମୁଁ ତ କିଛି ବୁଝି ପାରୁନାହିଁ। କି ନିଷ୍ପତ୍ତି ଯେ ?

- ମୁଁ ଯେଉଁ ପ୍ରସଙ୍ଗରେ ନିଷ୍ପତ୍ତି ଚାହୁଁଛି, ତୁମେ କେବେ ବି ଚିନ୍ତା କରି ନଥିବ।

- ମାନେ ?

- ମାନେ ଜୀବନ ସଉଦାର ପ୍ରଶ୍ନ।

- ଜୀବନ ସଉଦା ? ଜୀବନ ସଉଦା କାହାର କାହା ସାଙ୍ଗରେ ?

- ମୋର ତୁମ ସାଙ୍ଗରେ।

କ୍ଷଣପ୍ରଭାର କଥା ଶୁଣି ଯେମିତି ସ୍ତବ୍ଧ ହୋଇଗଲା ଅନୀଲ୍। ସେ କ'ଣ ଶୁଣୁଛି ? ଓଡ଼ିଶାର ଅନ୍ୟତମ ପ୍ରଖ୍ୟାତ ଅଭିନେତ୍ରୀ ଏହି ବେହେଲା ବାଦକ ଅନିଲ୍ ସହିତ ଜୀବନ ସଉଦାର ପ୍ରସ୍ତାବ ଉତ୍‌ଥାପନ କରୁଛନ୍ତି ?

ଏକାନ୍ତ ନୀରବ ରହିଲା ଅନୀଲ୍ ?

ଅନିଲ୍‌ର ନୀରବତାକୁ ସହ୍ୟ କରି ନ ପାରି ପ୍ରଶ୍ନ କଲା କ୍ଷଣପ୍ରଭା- କ'ଣ ଏମିତି ନୀରବ ରହିଗଲ ଯେ ?

- ମୁଁ ସ୍ୱପ୍ନ ଦେଖୁଥିଲି।

- ସ୍ୱପ୍ନ ଦେଖୁଥିଲ ?

- ହଁ, ସ୍ୱପ୍ନ। ପିଂପୁଡ଼ି ଦୀପରୁଖା ଉପରକୁ ଉଠିବାର ସ୍ୱପ୍ନ।

- ସେ ସବୁ ତୁମର ଅତିରଂଜିତ କଥା।

- ନା, ଅତିରଂଜିତ ନୁହେଁ।

- ମୁଁ ପ୍ରକୃତରେ ତୁମକୁ ବିବାହ କରିବାକୁ ଚାହେଁ। ତୁମରି ସହିତ ଘର ସଂସାର କରିବାକୁ ଚାହେଁ। ମୋ ବାପା ମୋ ପାଇଁ ଅନେକ ପ୍ରସ୍ତାବ ଆଣିଛନ୍ତି। ମୁଁ ସବୁ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। କିରାଣୀଠାରୁ ଆରମ୍ଭ କରି ଅଧ୍ୟାପକ ଯାଏ, କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରଂଭ କରି ବ୍ୟାଙ୍କ ଅଧିକାରୀ ଯାଏ ସବୁ ପ୍ରସ୍ତାବ ଆସିଛି। କିନ୍ତୁ କୌଣସିଟି ପ୍ରସ୍ତାବକୁ ମୁଁ ସ୍ୱୀକାର କରିପାରିନାହିଁ। ଆମର ଏହି କଳା ଜଗତରେ ପ୍ରଯୋଜକଙ୍କଠାରୁ ନିର୍ଦ୍ଦେଶକଙ୍କ ଯାଏ, ମୁଖ୍ୟ ନାୟକଙ୍କଠାରୁ ଖଳନାୟକ ଯାଏ ଅନେକ ମୋତେ ମନର ମାନସୀ କରିନେବାକୁ ଆଗେଇ ଆସିଛନ୍ତି। ମୁଁ କିନ୍ତୁ କାହାକୁ ହେଲେ ବି ସ୍ୱୀକାର କରିପାରିନାହିଁ। ମୋ ଆଖି ଆଗରେ କେବଳ ତୁମେ ହିଁ ନିର୍ବାଚିତ ହୋଇଛ। ତୁମର ମନଭୁଲା ରୂପ, ମାନବୀୟ ସ୍ୱଭାବ, ଅମାୟିକ ବ୍ୟବହାରରେ ମୁଁ ପ୍ରୀତ ହୋଇଛି। ଆଜି ନୁହେଁ ଅନେକ ଦିନରୁ। ଏକଥା କହିବି କହିବି ବୋଲି କରିପାରିନଥିଲି। ଆଜି ଏହି ମାହେନ୍ଦ୍ର ଲଗ୍ନ ସ୍ଥିରକରି ତୁମକୁ ଡକାଇ ପଚାରିଦେଲି। ଏଣିକି ନିଷ୍ପତ୍ତି ତୁମ ହାତରେ।

ନୀରବ ରିହଲା କ୍ଷଣପ୍ରଭା।

ଅନିଲ କ୍ଷଣପ୍ରଭାର ଏପରି ଏକ ଶୁଭ ପ୍ରସ୍ତାବ ଶୁଣି ଆନନ୍ଦରେ ଗଦ ଗଦ ହୋଇଥିଲେ ବି ହଠାତ୍ କିଛି ଉତ୍ତର ଦେଇ ପାରିନଥିଲା।

ଅନିଲର ନିଷ୍ପତ୍ତି ଶୁଣିବାକୁ ଉତ୍‌କଣ୍ଠିତ ହୃଦୟରେ ଚାହିଁ ରହିଥିଲା କ୍ଷଣପ୍ରଭା।

ଅନୀଲର ଏପରି ନୀରବ ରହିବା ଦେଖି କ୍ଷଣପ୍ରଭାର ପୁନଃ ପ୍ରଶ୍ନ ଥିଲା

-କ'ଣ ଏମିତି ନୀରବରେ ଚିନ୍ତାକୁଳ ହୋଇ ବସି ରହିଲେ ଯେ ? କ'ଣ ପ୍ରସ୍ତାବଟା ମନକୁ ପାଉନାହିଁ ?

-ଏପରି କୁହନି। ଏ ପ୍ରସ୍ତାବ ତ ମୋ ପାଇଁ ଏକ ସ୍ୱପ୍ନଲବ୍ଧ ପ୍ରାପ୍ତି। କାହିଁ ଓଡ଼ିଶାର ଖ୍ୟାତନାମା ଅଭିନେତ୍ରୀ କ୍ଷଣପ୍ରଭା ଆଉ କାହିଁ ଏଇ ବିଚରା ବେହେଲା ବାଦକ ଅନୀଲ ଚୌଧୁରୀ !

-ତେବେ କ'ଣ ଏଥିରୁ ମୁଁ ବୁଝିବି ଯେ ଏ ପ୍ରସ୍ତାବରେ ତୁମର କୌଣସି ଆପତ୍ତି ନାହିଁ।

-ହଁ ତାହାହିଁ ବୁଝିପାର। ଭିନ୍ନ ନିଷ୍ପତ୍ତି କରିବାର ଆସ୍ଫାଳନ ମୁଁ କରିପାରିବି ନାହିଁ।

- ଠିକ୍ ଅଛି ମୁଁ ବାପାଙ୍କୁ ମୋର ଏହି ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇ ଦେଉଛି। ତା'ପରେ ନିର୍ଦ୍ଦିଷ୍ଟ ଦିନଲଗ୍ନ ସ୍ଥିରୀକୃତ ହୋଇ ଆମର ବିବାହ ଉତ୍ସବ ପାଳିତ ହେବ।

ମୁହୂର୍ତ୍ତେ ନୀରବ ରହି ପୁଣି ଆରମ୍ଭ କଲା କ୍ଷଣପ୍ରଭା।

- ହଁ ଆଉ ଗୋଟାଏ କଥା।

- ଆଉ ଗୋଟିଏ କଥା ? ମାନେ !

ମାନେ ମୋର ଗୋଟାଏ ସର୍ତ୍ତ ତୁମକୁ ମାନିନେବାକୁ ହେବ

- ସର୍ତ୍ତ ? ପୁଣି କି ସର୍ତ୍ତ ?

- ତୁମେ ମୋ ଉପରେ ଅଯଥା ସ୍ୱାମୀତ୍ୱ ଜାହିର କରିବ ନାହିଁ ଏବଂ ମୋର ଅଭିନୟ ବୃତ୍ତିରେ ହସ୍ତକ୍ଷେପ କରିବ ନାହିଁ। ବିବାହ ପରେ ମୋତେ ଅଭିନୟରୁ ବଂଚିତ କରିବ ନାହିଁ। ମୋର ଗତିପଥରେ ଅଯଥା ଅନ୍ତରାୟ ସୃଷ୍ଟି କରିବ ନାହିଁ।

- ତୁମେ କ'ଣ ଭାବୁଛ ମୁଁ ଅନ୍ତରାୟ ସୃଷ୍ଟି କିରିବି ବୋଲି ?

- ନା, ଭାବୁନି ଯେ, ତେବେ ବିବାହ ପୂର୍ବରୁ ମୋ ମନର କଥା ତୁମକୁ ଜଣାଇଦେଲି। କ୍ଷଣପ୍ରଭାର ଏ ପ୍ରକାର ମନ୍ତବ୍ୟରେ କିଛି ପ୍ରତିବାଦ କରିନଥିଲା ଅନୀଲ।

ଅନୀଲ ସହିତ ଏ ପ୍ରକାର ନିଷ୍ପତ୍ତି ସିଦ୍ଧାନ୍ତ ହୋଇଗଲା ପରେ କ୍ଷଣପ୍ରଭା ଆଉ ଫୋନ୍‌ରେ ତା'ର ବାପା ରମାକାନ୍ତ ମହାପାତ୍ରଙ୍କୁ ନ ଜଣାଇ ଏକ ପତ୍ର ଲେଖି ଜଣାଇ ଦେଇଥିଲା। ସେ ଜାଣିଥିଲା ଯେ ଫୋନ୍ କଲେ ବାବା ନାନାଦି ଆକ୍ଷେପ କରି ମାନସିକ ସ୍ତରରେ ତାକୁ କ୍ଷତବିକ୍ଷତ କରି ପକାଇବେ।

କ୍ଷଣପ୍ରଭା ସେତେବେଳକୁ ବୟସ୍କା ହୋଇ ଯାଇଥିଲା। ତେଣୁ ଭଲମନ୍ଦ ତନଖିବାର ଶକ୍ତି ସେ ଆୟତ କରି ପାରିଥିଲା।

ବୈଦିକ ରୀତିରେ ବିବାହ ହେବା ପୂର୍ବରୁ ଚତୁରତାର ସହ କ୍ଷଣପ୍ରଭା ଅନିଲକୁ ନେଇ ରେଜେଷ୍ଟ୍ରି ମ୍ୟାରେଜ କରିଥିଲା। ଅନିଲର ପିତାମାତା ପ୍ରଥମେ ଏ ପ୍ରସ୍ତବରେ ଅସମ୍ମତ ଥିଲେ ମଧ୍ୟ ରେଜେଷ୍ଟ୍ରି ମ୍ୟାରେଜ୍ ପରେ ବାଧ୍ୟ ହୋଇ ସମ୍ମତି ଦେଲେ।

ବିବାହ ପରେ ଅନୀଲକୁ ନେଇ ହନିମୁନ ପାଇଁ ଉଟିକୁ ଯାଇଥିଲା କ୍ଷଣପ୍ରଭା। ଗୋଟାଏ ସପ୍ତାହେ ବିତାଇ ଏକ ମଧୁମୟ ବଳୟରେ ମଧୁସ୍ନାନ କରି ଫେରି ଆସିଥିଲେ।

କ୍ଷଣପ୍ରଭାର ଅଭିନେତ୍ରୀ ଜୀବନ ଗତାନୁଗତିକ ରୀତିରେ ଯଥାରୀତିରେ ଗତିଶୀଳ ରହିଲା। ଅନେକ ସମୟରେ ରିହର୍ସେଲରେ ଅନିଲ ନେଇ କ୍ଷଣପ୍ରଭାକୁ ଛାଡି ଆସୁଥିଲା ଏବଂ ପୁଣି ରିହର୍ସେଲ ସରିଲେ ନେଇ ଆସୁଥିଲା।

କେନ୍ଦୁଝରରେ ତିନିଦିନରେ ତିନିଟି ନାଟକ ମଂଚସ୍ଥ ହେବାର ଥିଲା। ସେ ତିନିଟିଯାକ ନାଟକର ମୁଖ୍ୟ ନାୟିକା ଭୂମିକାରେ କ୍ଷଣପ୍ରଭାକୁ ସିଦ୍ଧାନ୍ତ କରାଯାଇ ଅଗ୍ରୀମ ଟଙ୍କା ଦିଆଯାଇ ଚୁକ୍ତି ସ୍ୱାକ୍ଷରିତ କରାଯାଇଥିଲା। ସେହି ତିନିଟି ନାଟକରେ ଅଭିନୟ କରିବା ନିମନ୍ତେ ନାଟକ ହେବାର ପନ୍ଦରଦିନ ପୂର୍ବରୁ କ୍ଷଣପ୍ରଭାକୁ କେନ୍ଦୁଝର ଯିବାକୁ ହୋଇଥିଲା। ପନ୍ଦର ଦିନ କାଳ ବାହାରେ କ୍ଷଣପ୍ରଭା ରହିବାର ଯୋଜନା ଅନିଲକୁ ଅସହ୍ୟ ଲାଗୁଥିଲେ ମଧ୍ୟ ବିବାହ ପୂର୍ବରୁ କ୍ଷଣପ୍ରଭା କରିଥିବା ସର୍ତ୍ତାନୁସାରେ ଅନୀଲ କ୍ଷଣପ୍ରଭାର କେନ୍ଦୁଝର ଗସ୍ତରେ କୌଣସି ପ୍ରତିବାଦ କରିନଥିଲା।

କେନ୍ଦୁଝରର ଜନମଙ୍ଗଳ କ୍ଲବ ପକ୍ଷରୁ ସେ ନାଟକ କରାଯାଉଥିଲା। ନାଟକ କରିବା ନିମନ୍ତେ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ଥିଲେ ମଧ୍ୟ କେନ୍ଦୁଝରର ଅନ୍ୟତମ ବ୍ୟାଙ୍କ ଅଧିକାରୀ ପ୍ରୀତମ୍ ରାଉତରାୟ କ୍ଲବର ସଭାପତି ଥିଲେ। ସେ ହିଁ ମୁଖ୍ୟତଃ ସମସ୍ତ ଅର୍ଥ ବ୍ୟବସ୍ଥା କରିଥିଲେ। ସେ ମିତବ୍ୟୟୀ ନଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ବିପୁଳ ଅର୍ଥ ବ୍ୟୟ କରିବାକୁ ସେ କେବେବି ପଛଘୁଞ୍ଚା ଦେଉନଥିଲେ।

ତିନିଜଣ ଅଭିନେତ୍ରୀ ନାଟକରେ ଅଭିନୟ କରିବାକୁ କେନ୍ଦୁଝର ଯାଇଥିଲେ ମଧ୍ୟ କ୍ଷଣପ୍ରଭା ଥିଲା ଅନିନ୍ଦ୍ୟ ସୁନ୍ଦରୀ। ତେଣୁ ତାକୁ ହିଁ ତିନିଟି ଯାକ ନାଟକର ମୁଖ୍ୟ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିଥିଲା।

କ୍ଷଣପ୍ରଭାର ସୌନ୍ଦର୍ଯ୍ୟରେ ବ୍ୟାଙ୍କ ଅଧିକାରୀ ପ୍ରୀତମ ରାଉତରାୟ ସମ୍ପୂର୍ଣ୍ଣ ଚହଲି ଯାଇ କ୍ଷଣପ୍ରଭାର ସଙ୍ଗ ସାନିଧ ନିମନ୍ତେ ତା' ପାଇଁ ନିଜ ଆଡୁ କେତେ ଉପହାର ବାଢ଼ି ଅନେକ ସମୟରେ କ୍ଷଣପ୍ରଭା ରହୁଥିବା କୋଠରିକୁ ଯାଉଥିଲେ। ପ୍ରତୀମ ରାଉତରାୟ ନାରୀ ଲୋଭ ବିଶେଷ କରି କ୍ଷଣପ୍ରଭା ପ୍ରତି ପ୍ରଲୋଭନ ଓ ଯୌନ ଲିପ୍‌ସାର ପ୍ରକୃତ ଉଦ୍ଦେଶ୍ୟ କ୍ଷଣପ୍ରଭା ବେଶ୍ ସ୍ୱଷ୍ଟ ଭାବେ ବୁଝି ପାରିଥିଲା। କିପରି ଜଣେ ନାରୀକୁ ବଶୀଭୂତ କରି ଆୟତକୁ ଅଣାଯାଏ ପ୍ରୀତମ୍ ବାବୁଙ୍କୁ ଭଲ ଭାବରେ ଜଣାଥିଲା। ଏତେ ଦାମିକା ଦାମିକା ଉପହାର ଦେବାପରେ କ୍ଷଣପ୍ରଭା ସହଜରେ ପ୍ରୀତମ୍ ବାବୁଙ୍କ ଆଡକୁ ଢ଼ଳି ଯାଇଥିଲା। ଧୀରେ ଧୀରେ କ୍ଷଣପ୍ରଭା ସହିତ ମଧୁର ଆଳାପ ମଧ୍ୟରେ ପ୍ରୀତମ ବାବୁ କ୍ଷଣପ୍ରଭାକୁ ଚୁମ୍ବନ, ଆଲିଙ୍ଗନ ଭିତରେ ଜଡାଇ ରଖି ଏକ ପ୍ରେମାସ୍ପଦ ପରିବେଶ ଭିତରେ ନିମଗ୍ନ ରହିଥିଲେ।

ନାଟକ ଅଭ୍ୟାସ ଆଗେଇ ଚାଲିଥାଏ। ନାଟକର ଧାର୍ଯ୍ୟ ତାରିଖ ପାଖେଇ ଆସୁଥାଏ, ତା' ସହିତ କ୍ଷଣପ୍ରଭା ଓ ପ୍ରୀତମ ରାଉତରାୟଙ୍କ ମଧୁର ସମ୍ପର୍କର ସାନ୍ଦ୍ରତା ଗାଢ଼ରୁ ଗାଢ଼ତର ହୋଇ ଚାଲିଥାଏ।

ସମୟକ୍ରମେ ତିନିଦିନର ନାଟକ ମଂଚସ୍ଥ ଶେଷ ହୋଇଗଲା। ଶେଷ ଦିନ ନାଟକ ଶେଷ ହେବା ପୂର୍ବରୁ ପ୍ରୀତମ ବାବୁ କ୍ଷଣପ୍ରଭାକୁ ଅତ୍ୟନ୍ତ ଆବେଗମୟ ଭଙ୍ଗୀରେ କହିଲେ- ଆଜି ତ ଆମ ନାଟକ ଶେଷ ହୋଇଯିବ। ତା' ପରେ ତୁମେ ଫେରିଯିବ କଟକ। କିନ୍ତୁ ଆମ ସମ୍ପର୍କର ଯବନିକା କ'ଣ ଏଇଠି ପଡ଼ିଯିବ ?

- କିଏ କହିଲା ଏଇଠି ପଡ଼ିଯିବ ?

- ମନର ମିଳନ ହେଲା ସତ, କିନ୍ତୁ ଦେହର ମିଳନ ଏଯାଏଁ ତ ହୋଇପାରିଲା ନାହିଁ।

- କେମିତି ହେବ ? ଏଠି ଏହି ପରିବେଶ ଆମକୁ ସେଥିନିମନ୍ତେ ଅନୁମତି ଦେବନାହିଁ।

- ତେବେ କେମିତି ହେବ ? କେଉଁଠି ହୋଇପାରିବ ?

- ଅନ୍ୟ କେଉଁ ସହରରେ କେଉଁ ହୋଟେଲରେ ରହି ଆମେ ରାତ୍ରିଯାପନ କରିପାରନ୍ତେ।

- ଠିକ୍ ଅଛି। କେଉଁ ସହରକୁ ଯିବା ତୁମେ ସ୍ଥିର କର।

- ମୁଁ ଭାବୁଛି କେନ୍ଦୁଝରରୁ କଲିକତା ଯିବାରେ କିଛି ଅସୁବିଧା ନାହିଁ। କଲିକତା ମଧ୍ୟ କେଉଁଝରଠାରୁ ଖୁବ୍ ନିକଟବର୍ତ୍ତୀ ମହାନଗରୀ। ଚାହୁଁଛନ୍ତି ଯଦି ଚାଲନ୍ତୁ କଲିକତାରେ କେତେଦିନ ରହି ଫେରି ଆସିବା।

କ୍ଷଣପ୍ରଭାର ଯୋଜନାରେ ପ୍ରୀତମ୍ ବାବୁ ତତ୍‌କ୍ଷଣାତ ରାଜି ହୋଇଗଲେ। ନାଟକ ଶେଷ ହେବା ପରଦିନ ଅଭିନେତ୍ରୀମାନଙ୍କ ପ୍ରାପ୍ୟ ପ୍ରଦାନ କରାଗଲା। ଅନ୍ୟ ଦୁଇଜଣ ଅଭିନେତ୍ରୀ କଟକ ଫେରିଗଲେ କିନ୍ତୁ କ୍ଷଣପ୍ରଭା ପ୍ରୀତମ୍ ବାବୁଙ୍କ ସହିତ ହେଲା କଲିକତା ପଥର ଯାତ୍ରୀ।

ପ୍ରୀତମ୍ ବାବୁ ଟ୍ରେନରେ କ୍ଷଣପ୍ରଭା ସହିତ ନାନାଦି ମଧୁର ଆଳାପ ମଧ୍ୟରେ ହାୱଡ଼ା ଷ୍ଟେସନରେ ପହଞ୍ଚି ଯାଇଥିଲେ। ତାପରେ ଏକ କାର୍ ଭଡ଼ା କରି ଏକ୍ସପ୍ଲାନେଡ ନିକଟସ୍ଥ ଲେନିନ ସରଣୀରେ ଏକ ବଡ ହୋଟେଲରେ ଏକ ଶୀତତାପ ନିୟନ୍ତ୍ରିତ କକ୍ଷରେ ରହିଲେ। ଶୃଙ୍ଗାରର ସାତତାଳ ମଧ୍ୟରେ କ୍ଷଣପ୍ରଭା ପ୍ରୀତମ୍ ରାଉତରାୟଙ୍କୁ ଦେହଦାନ କରିଥିଲା। କ୍ଷଣପ୍ରଭା କେବଳ ପ୍ରୀତମ୍ ବାବୁଙ୍କ ସହିତ କଲିକତାର ନାନାଦି ଦର୍ଶନୀୟ ସ୍ଥାନ ପରିଦର୍ଶନ କରି ନୀରବ ରହି ନଥିଲା, ସେ ବଡ଼ବଡ଼ ମାର୍କେଟ ବୁଲି ନିଜ ପାଇଁ ଦାମିକା ଶାଢ଼ୀ, ଅଳଙ୍କାର ଆଦି କିଣିଥିଲା, ଯାହାକି ସେ ସବୁର ମୂଲ୍ୟ ପ୍ରୀତମ୍ ବାବୁଙ୍କୁ ବହନ କରିବାକୁ ପଡ଼ିଥିଲା।

ପ୍ରତୀମ ବାବୁ ଅନେକ ଅର୍ଥ କ୍ଷଣପ୍ରଭା ନିମନ୍ତେ ବ୍ୟୟ କରିଥିଲେ ମଧ୍ୟ ସେଥିପାଇଁ ସେ ତିଳେ ମାତ୍ର ଦୁଃଖ କରିନଥିଲେ। ପ୍ରତିବଦଳରେ ସେ ସେହି ହୋଟେଲ୍‌ରେ ଚାରିଦିନ କାଳ ମନଭରି ଉପଭୋଗ କରିଥିଲେ କ୍ଷଣପ୍ରଭାକୁ। କଲିକତାରେ ଶେଷ ରାତିଟା ସମ୍ପୂର୍ଣ୍ଣ ଭାବେ ବିତି ଯାଇଥିଲା କେବଳ ମାତ୍ର ସଂଭୋଗ ବିଳାସରେ। ମଧ୍ୟରାତ୍ରରେ କିଏ ଜଣେ ଆସି ଦ୍ୱାରରେ କରାଘାତ କରିଥିଲା। କ୍ଷଣପ୍ରଭା ପ୍ରୀତମ୍ ବାବୁଙ୍କୁ ଦ୍ୱାର ନ ଖୋଲିବାକୁ ଇଂଗିତ ଦେଇ ତାଙ୍କୁ ଜାବୁଡ଼ି ଧରିଥିଲା। କିଛି ସମୟ ଦ୍ୱାରରେ କରାଘାତ କରିବା ପରେ ଠକ୍‌ଠକ୍ ଶବ୍ଦ ବନ୍ଦ ହୋଇ ଯାଇଥିଲା। କ୍ଷଣପ୍ରଭା ପ୍ରୀତମ୍ ବାବୁଙ୍କୁ କହିଲା – ଏକ ନିଶ୍ଚିତ ବିପଦରୁ ମୁଁ ଆପଣଙ୍କୁ ରକ୍ଷା କରିଦେଲି।

- କେମିତି ?

- ଯିଏ ଏତେ ରାତିରେ ଦ୍ୱାରରେ କରାଘାତ କରୁଥିଲା ସେ କ'ଣ ସହଜରେ ଆପଣଙ୍କୁ ଛାଡ଼ି ଦେଇଥାନ୍ତା ?

- ମାନେ ?

- ମାନେ ସେ ଡକାୟତି କରିଥାନ୍ତା କିମ୍ବା ବ୍ଲାକମେଲିଂ କରିଥାନ୍ତା।

- ବ୍ଲାକମେଲିଂ ? କିପରି ?

- ତୁମେ ଜଣେ ନାରୀଙ୍କ ସହିତ ଏଠି ଚାରିଦିନ ହେଲା ରହିଲଣି। ହୁଏତ ତାଙ୍କ ମନରେ କୌଣସି ସନ୍ଦେହ ଜାତ ହୋଇ ପାରିଥାଏ।

- ତୁମେ ମୋତେ ଦ୍ୱାର ଖୋଲିବାକୁ ବାରଣ କରି ଏକ ମହାନ୍ କାର୍ଯ୍ୟ ସମ୍ପାଦନ କରିଛ।

- ସେଥିପାଇଁ ମୋତେ ପୁରସ୍କାର ଦେବନି ?

- ପୁରସ୍କାର ? କ'ଣ ପୁରସ୍କାର ନେବ କୁହ। କେତେଟାଚୁମ୍ବନ ଦେଲେ ପୁରସ୍କାର ତ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିବ ?

- ଖାଲି ଚୁମ୍ବନ କାହିଁକି ? ଆପଣ ମନଭରି ମୋର ଦେହ ଭୋଗ କରି ସାରିଛନ୍ତି।

- ହଁ କରିଛି ତ

- ତେବେ ଶେଷ ପୁରସ୍କାରଟା...

- ଠିକ୍ ଅଛି ଶେଷ ପୁରସ୍କାରଟା ଦେଉଛି, ଏହା ସବୁଦିନ ପାଇଁ ଆମର ପ୍ରେମର ସ୍ମାରକୀ ହୋଇ ରହିବ, ଏହା କହି ନିଜ ବେକରୁ ସୁନା ଚେନଟା କାଢ଼ି ଲମ୍ବାଇ ଦେଇଥିଲେ କ୍ଷଣପ୍ରଭାର ଗଳାରେ।

ହାରଟି ଲାଭ କରି ଆନନ୍ଦର ଅତିଶଯ୍ୟରେ ଗଦ୍‌ଗଦ୍ ହୋଇ ଲୋଟି ଯାଇଥିଲେ ପ୍ରୀତମ୍ ରାଉତରାୟଙ୍କ ବକ୍ଷ ଫଳକରେ ହୋଟେଲର ସେହି ନିବୁଜ ଶୀତତାପ ନିୟନ୍ତ୍ରିତ କକ୍ଷରେ।

ସମୟକ୍ରମେ ସେମାନଙ୍କୁ ହୋଟେଲ ଛାଡ଼ି ଫେରିବାକୁ ପଡ଼ିଥିଲା। କ୍ଷଣପ୍ରଭାକୁ କଟକରେ ଛାଡ଼ି କେନ୍ଦୁଝର ଫେରି ଯାଇଥିଲେ ବ୍ୟାଙ୍କ ଅଧିକାରୀ ପ୍ରୀତମ୍ ରାଉତରାୟ।

ଅନୀଲ କ୍ଷଣପ୍ରଭାକୁ ପଚାରିଥିଲା - ନାଟକ ସରିବା ପରେ ପୁଣି ପାଞ୍ଚଦିନ କୁଆଡ଼େ ଗଲ ?

- ହଁ ହଠାତ୍ ଗୋଟାଏ ବଙ୍ଗଳାରେ ବିଜ୍ଞାପନରେ ମଡେଲିଂ ପୋଜ୍ ପାଇଁ କଲିକତା ଯିବାକୁ ହେଲା। ତୁମକୁ ଜଣାଇ ପାରିନଥିଲି।

- ମୁଁ ଫୋନ୍ କଲି। ମୋ ଫୋନ୍ ବି ଧରିଲ ନାହିଁ।

- ବ୍ୟସ୍ତତା ଭିତରେ ହୁଏତ ଫୋନ୍‌ଟା ସାଇଲେଣ୍ଟ୍ ହୋଇ ଯାଇଥିବ।

ଅନୀଲ ଆଉ କିଛି ନପଚାରି ନୀରବ ରହିଲା।

ପ୍ରଶ୍ନ କଲା କ୍ଷଣପ୍ରଭା - ମୁଁ ତ କାମରେ ଯାଇଥିଲି। ତୁମର ଏତେ ପ୍ରଶ୍ନ କାହିଁକି ? କ'ଣ କିଛି ସନ୍ଦେହ ଉପୁଜିଛି ?

- ବନ୍ଦକର ସେ ସବୁ ପ୍ରଶ୍ନ।

ଦୁହେଁ ନୀରବିତ ହୋଇଗଲେ କିଛି ସମୟ ପାଇଁ। ସ୍ୱାଭାବିକତା ଫେରାଇ ଆଣିବାକୁ ଆଉ କିଛି ନ କହି ବାହାରକୁ ଚାଲି ଯାଇଥିଲା ଅନୀଲ।

କିଛି ଦିନ ପରେ ଜଣାଗଲା ଯେ କ୍ଷଣପ୍ରଭା ଅନ୍ତଃସତ୍ତ୍ୱା।

ଗୋଟାଏ ସଂଗୀତ କାର୍ଯ୍ୟକ୍ରମରେ ଭାଗନେଇ ରାତି ଦଶଟା ସମୟକୁ ଅନୀଲ୍ ଘରକୁ ଫେରି ଆସନ୍ତେ ଅତ୍ୟନ୍ତ ଆନନ୍ଦରେ ଉଦ୍‌ବେଳିତ ହୋଇ ଅନୀଲକୁ କୁଣ୍ଢେଇ ପକାଇ କହିଥିଲା କ୍ଷଣପ୍ରଭା-ତୁମକୁ ଗୋଟାଏ ଖୁସି ଖବର ଦେବି।

- ଖୁସି ଖବର ?

- ହଁ ଏମିତିକା ଖୁସି ଖବର ଦେବି ଯେ ତୁମେ ଆନନ୍ଦରେ ଆତ୍ମବିଭୋର ହୋଇ ମୋତେ ଗୋଟାଏ କିଛି ବିରାଟ ଉପହାର ଦେଇ ତୁମ ବକ୍ଷକୁ ଆଉଜାଇ ନେବ।

- ହଉ ଠିକ୍ ଅଛି, କୁହ ନା ସେ ଖୁସି ଖବରଟା କ'ଣ ?

- ନାଁ ଏମିତି ଏତେ ଶୀଘ୍ର କହିଦେବି ? କ'ଣ ଦେବ ଦିଅନା !

କ୍ଷଣପ୍ରଭା ଅତି ରୋମାଣ୍ଟିକ ଭାବ ପ୍ରଦର୍ଶନ କରି ଅନୀଲ୍ ଆଡ଼କୁ ନିଜ ମୁହଁଟା ବଢ଼ାଇ ଦିଅନ୍ତେ ଅନୀଲ ଆଙ୍କି ଦେଇଥିଲା ଦୁଇ ଚାରିଟି ଗାଢ଼ ଚୁମ୍ବନ। ତା'ପରେ ଅନୀଲ୍ ପଚାରିଥିଲା ହଉ ଏଥର ସେ ଖୁସି ଖବରଟା କ'ଣ କୁହ ?

- ଖୁସି ଖବରଟା ହେଲା,ତୁମେ ବାପା ହେବାକୁ ଯାଉଛ ଆଉ ମୁଁ ହେବି ମାଆ...

- ଏଁ କ'ଣ କହିଲ ତୁମେ ମାଆ ହେବାକୁ ଯାଉଛ ? ମୁଁ ବାପା ହୋଇଯିବି ?

ହସି ହସି ଆନନ୍ଦରେ କ୍ଷଣପ୍ରଭାକୁ କୁଣ୍ଢେଇ ପକାଇ ଟେକିଧରି ଘରେ ଘୂରେଇ ଆଣିଥିଲା ଅନୀଲ୍।

କ୍ଷଣପ୍ରଭା ଠିକ୍ ଜାଣିଥିଲା ଯେ ସେ ଭ୍ରୂଣର ସ୍ରଷ୍ଟା କିଏ ! ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠା ବୋଳିବାର କୌଶଳ କ୍ଷଣପ୍ରଭାକୁ ବେଶ୍ ଜଣାଥିଲା।

ସମୟର ତାଳେ ତାଳେ କ୍ଷଣପ୍ରଭାର ଗର୍ଭସ୍ଥ ଶିଶୁ ଯଥାରୀତିରେ ବଢ଼ି ଚାଲିଥିଲା।

ଯଥା ସମୟରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲା କ୍ଷଣପ୍ରଭା। ପୁତ୍ରର ଏକୋଇଶା ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ସମସ୍ତ ଅଭିନେତା, ଅଭିନେତ୍ରୀ, ପ୍ରଯୋଜକ, ନିର୍ଦ୍ଦେଶକଙ୍କ ସମେତ ବହୁ ନାମୀଦାମୀ ଭଦ୍ରଲୋକ ନିମନ୍ତ୍ରିତ ହୋଇ ଆସି ଉତ୍ସବରେ ଯୋଗଦେଇ ପୁଅକୁ ଆଶୀର୍ବାଦ ପୂର୍ବକ ଦାମୀ ଉପହାରମାନ ଦେଇ ଯାଇଥିଲେ। କେନ୍ଦୁଝରର ବ୍ୟାଙ୍କ୍ ଅଫିସର ପ୍ରୀତମ ରାଉତରାୟଙ୍କୁ ଫୋନ୍ କରି ନିମନ୍ତ୍ରଣ ଜଣାଇ କହିଥିଲା କ୍ଷଣପ୍ରଭା।

- ତୁମ ପୁଅର ଏକୋଇଶା, ନିଶ୍ଚିତ ଯୋଗଦେବେ।

- ମୋ ପୁଅ।

- ହଁ କ'ଣ କିଛି ଜାଣି ପାରୁନ ? କଲିକତାର ସେ ଶୀତତାପ ନିୟନ୍ତ୍ରିତ ହୋଟେଲରେ ମଧୁମିଳନର ପବିତ୍ର ଫଳ ହେଉଛି ଆମର ଏହି ପୁତ୍ର ସନ୍ତାନ।

- ଆଚ୍ଛା, ଏମିତି କଥା।

- ହଁ ଚିରକାଳ ପାଇଁ ଆମ ମଧୁମିଳନର ସ୍ମାରକୀ ହୋଇ ରହିଗଲା ଆମର ଏହି ପୁଅଟି। ଭାରି ସୁନ୍ଦର ହୋଇଛି। ତୁମରି ନାକ, ତୁମରି ଆଖି, ତୁମରି କପାଳ। ସବୁ ତୁମରି ପରି।

କ୍ଷଣପ୍ରଭାର ଏ ପ୍ରକାର ସଂକେତ ସୂଚନା ପାଇ ଉଲ୍ଲାସରେ ଉଦ୍‌ଗ୍ରୀବ ହୋଇ ଉଠିଥିଲେ ପ୍ରୀତମ ରାଉତରାୟ।

ଏକୋଇଶା ଦିନ ଗୋଟାଏ ଦାମୀ ସୁନା ଚେନ୍ ଆଣି ସେ ଉତ୍ସବରେ ନବଜାତ ପୁତ୍ରର ଗଳାରେ ପିନ୍ଧାଇ ଦେଇଥିଲେ।

ଅନୀଲକୁ ପ୍ରୀତମ ରାଉତରାୟଙ୍କ ପରିଚୟ କରାଇ ଦେଇ କହିଥିଲା

କ୍ଷଣପ୍ରଭା - ଯେ ହେଉଛନ୍ତି ବ୍ୟାଙ୍କ୍ ଅଫିସର ପ୍ରୀତମ ରାଉତରାୟ। ମୁଁ ଯେଉଁ କେନ୍ଦୁଝରକୁ ନାଟକ କରିବାକୁ ଯାଇଥିଲି - ଯେ ଥିଲେ ସେ ନାଟ୍ୟ ସଂସ୍ଥାର ମୁଖ୍ୟ କର୍ଣ୍ଣଧାର। ନାଟକର ସବୁ ସଫଳତା କେବଳ ଏହି ପ୍ରୀତମ୍ ବାବୁଙ୍କ ପାଇଁ ହିଁ ସମ୍ଭବ ହୋଇଥିଲା।

ଦିନ ଗଡି ଚାଲିଲା। ଅନୀଲ ଓ କ୍ଷଣପ୍ରଭାଙ୍କ ଯତ୍ନରେ ପୁଅ ସର୍ବଜିତ୍‌ର ପାଠପଢ଼ା ଏକ ଇଂରାଜୀ ମିଡିୟମ ସ୍କୁଲରେ ବ୍ୟବସ୍ଥା କରାଯାଇଥିଲା। ପୁଅ ବି ଭଲ ପାଠ ପଢ଼ିଲା।

ସମୟକ୍ରମେ ଏମ.ଏ.ପାସ୍ କଲା ସର୍ବଜିତ। କ୍ରମେ ବୟସ୍କ ହୋଇ ଯାଇଥିଲେ ଅନୀଲ ଓ କ୍ଷଣପ୍ରଭା।

ପଦୋନ୍ନତି ପାଇ ପ୍ରୀତମ ରାଉତରାୟ ହୋଇ ଯାଇଥିଲେ ବ୍ୟାଙ୍କର ଏକ ଉଚ୍ଚ ପାହିଆର ପଦାଧିକାରୀ। ଅବସର ନେବାର ଆଉ ମାତ୍ର କେତେ ମାସ ବାକି ଥାଏ ତାଙ୍କର। ତାଙ୍କ ବ୍ୟାଙ୍କର ପ୍ରୋବେସନ ଅଫିସର ନିଯୁକ୍ତିର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା।

କ୍ଷଣପ୍ରଭା ସହିତ ଶେଷ ଯାଏ ଦୈହିକ ସମ୍ପର୍କବି ରଖିଥିଲେ ପ୍ରୀତମ ବାବୁ। ସମୟ ସୁଯୋଗ ସୃଷ୍ଟି କରି କ୍ଷଣପ୍ରଭାକୁ ପାଖକୁ ଡକାଉଥିଲେ। ପୁତ୍ର ସର୍ବଜିତର ଭଲମନ୍ଦ ଖବର ବି ସଂଗ୍ରହ କରି ରଖିଥିଲେ।

ସର୍ବଜିତ ଏମ.ଏ ପଢ଼ିବାବେଳକୁ କ୍ଷଣପ୍ରଭା ଚାଲିଯାଇଥିଲା ମଶାଣିକୁ। ସ୍ତନ କର୍କଟ ରୋଗରେ ଦେହାନ୍ତ ହୋଇଯାଇଥିଲା କ୍ଷଣପ୍ରଭାର। କ୍ଷଣପ୍ରଭାର ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇଥବଲେ ପ୍ରୀତମ୍ ବାବୁ। ସର୍ବଜିତର ପାଠପଢ଼ା ସମ୍ପର୍କରେ ପଚାରି ବୁଝୁଥିଲେ ଏବଂ ସର୍ବଜିତର ଫୋନ୍ ନମ୍ବର ନେଇ ଭଲ ମନ୍ଦ ନିୟମିତ ବୁଝୁଥିଲେ।

ବ୍ୟାଙ୍କ୍‌ର ସେହି ଅଫିସର ଚାକିରିରେ ସର୍ବଜିତକୁ ମୁତୟନ କରିବାକୁ ସ୍ଥିର କରି ସେ ସର୍ବଜିତକୁ ଫୋନ୍ କରି ହକାଇ ବ୍ୟାଙ୍କର ପ୍ରବେଶିକା ପରୀକ୍ଷା ଓ ସାକ୍ଷାତକାର ଦିଆ କରାଇ ପରିଶେଷରେ ସେ ଚାକିରିଟି କରାଇ ଦେଇଥିଲେ।

ପୁତ୍ର ସର୍ବଜିତ ଚାକିରି ପାଇବା ସମ୍ବାଦ ପାଇ ଅନୀଲ ଆନନ୍ଦରେ ବିଭୋର ହୋଇ ଉଠିଥିଲା।

ପ୍ରୀତମଙ୍କର ଆଉ ମାତ୍ର କେତୋଟି ଦିନ ପରେ ଅବସର। ସେଦିନ ସର୍ବଜିତକୁ ଡକାଇ ଉପଦେଶ ଛଳରେ ଅନେକ ବ୍ୟାଙ୍କ ଜୀବନକୁ ଗତିଶୀଳ କରି ରଖିବାର ଉପଯୁକ୍ତ ପ୍ରଣାଳୀ ବତାଇ ଦେଇଥିଲେ ତାଙ୍କ ଅଫିସ୍ ପ୍ରକୋଷ୍ଠରେ।

ଏହି ସମୟରେ ପ୍ରତୀମ ବାବୁଙ୍କର ଅନ୍ୟତମ ଘନିଷ୍ଠବନ୍ଧୁ ପ୍ରଣବ ରାୟ ତାଙ୍କ ପ୍ରକୋଷ୍ଠକୁ ଆସନ୍ତେ ସର୍ବଜିତ ପ୍ରୀତମ୍ ବାବୁଙ୍କଠାରୁ ବିଦାୟ ନେଇ ପ୍ରକୋଷ୍ଠ ବାହାରକୁ ଚାଲି ଯାଇଥିଲା। ସର୍ବଜିତକୁ ଲକ୍ଷ୍ୟ କରି ପ୍ରଣବ ରାୟ ପ୍ରୀତମ ବାବୁଙ୍କୁ ପ୍ରଶ୍ନ କରିଥିଲେ - ଯା' ହେଉ ଆପଣ ଅବସର ନେବାର ଅବ୍ୟବହିତ ପୂର୍ବରୁ ଆପଣଙ୍କ ପୁଅକୁ ମଧ୍ୟ ବ୍ୟାଙ୍କ ଅଫିସର କରାଇ ନେଲେ।

- ପୁଅ ? କିଏ ମୋ ପୁଅ।

-ଏଇ ଯେଉଁ ପିଲା ମୁଁ ଆସିବା ପୂର୍ବରୁ ଆପଣଙ୍କ ସହିତ କଥା ହେଉଥିଲା ?

- ନା, ସେ କାହିଁକି ମୋ ପୁଅହେବ ?

- ଏଁ, ଆପଣ ଯେତେ ନାହିଁ କଲେ ବି ଆପଣଙ୍କ ରୂପ, ଆପଣଙ୍କ ମୁଖମଣ୍ଡଳ ତା ମୁଖମଣ୍ଡଳ ଓ ଚେହେରାରୁ ତ ସ୍ପଷ୍ଟ ପଢ଼ି ହେଉଛି। ଆପଣ ଅସ୍ୱୀକାର କଲେ କ'ଣ ହେବ ?

- ଚେହେରାରେ ଏମିତି ସାମ୍ୟତା ବି ଅନେକ ସମୟରେ ଅନେକଙ୍କଠି ପରିଲକ୍ଷିତ ହୁଏ।

- ସେ ପିଲାକୁ ତ ଆପଣ କାରବନ କପି। ତାକୁ ଦେଖି ସେ ଯେ ଆପଣଙ୍କ ପୁଅ ଯେ କେହିବି ଆଖିବୁଜି କହିଦେବ।

- ହଁ ଲୋକ କିଏ କ'ଣ କହିବ, କାହା ପାଟିରେ କ'ଣ କାହାର ବାଡ଼ବତା ଅଛି ?

କଥା ବଦଳାଇ ପ୍ରଣବ ବାବୁଙ୍କ ସହିତ ଅନ୍ୟ ପ୍ରସଙ୍ଗକୁ ଆସିଥିଲେ ପ୍ରୀତମ୍।

ଶେଷ ପର୍ଯ୍ୟନ୍ତ ସର୍ବଜିତ ଅନୀଲ୍‌ଙ୍କୁ ପିତାର ଯଥାର୍ଥ ସମ୍ମାନ ଦେଇ ଆସିଥିଲା।

*ଚିତ୍ରକଳା, ଏଲ୍-୧୦୨,*
*ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର-୩*
*ଦୂରଭାଷ: ୬୩୭୦୨୪୪୮୦୯*

ପଢ଼ନ୍ତୁ ! ପ୍ରକାଶ ପାଇଛି

କବି **ଉପେନ୍ଦ୍ର ନାୟକ**ଙ୍କର
ଏକ ଅନବଦ୍ୟ କବିତା ଗ୍ରନ୍ଥ

**"ଜୀବନ ଖେଳ"**

ପ୍ରକାଶକ - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ

# ଘର

## ପ୍ରଫୁଲ୍ଲ କୁମାରୀ ରାୟ

କେଉଁ ମଫସଲ ଗାଆଁରେ ଘରଥିଲା ମନୋରଞ୍ଜନଙ୍କର। ତାଙ୍କ ବାପା, ମାଆଙ୍କ ସହ ସେ 'ବୋଧେ ଦି' ତିନିଥର ଯାଇଥିବେ ସେ ଗାଆଁ ଘରକୁ। ଗାଆଁ ମଧୁପୁରରେ ରହୁଥିଲେ ତାଙ୍କର ଜେଜ ବାପା, ଜେଜ ମାଆ, ଦାଦାଖୁଡ଼ି ଆଉ ତାଙ୍କର ପିଲାମାନେ।

ସେ' ଘର ଚାଳଛପର ଇଟା କାନ୍ଥ ପକ୍କାଘର। ଆଗପଛ ହେଇ ଦି' ଖଞ୍ଜାଘର। ବଡ଼ ଖଳାବାଡ଼ି, ଅମାର ଘର, ଠାକୁର ଘର, ବାଡ଼ିରେ ପୋଖରୀ, ପୋଖରୀରେ ମାଛ ଖେଳନ୍ତି। ବଡ଼ ବାଡ଼ିରେ କେତେ ପ୍ରକାର ଆମ୍ବ, ନଡ଼ିଆ, କଦଳୀ ପ୍ରଭୃତି ଗଛ। ଗାଈ ଗୁହାଳ, ଗାଈ ବାଛୁରୀ, ବଳଦ ହେଇ କେତେଗୁଡ଼ିଏ ଗୋରୁଗାଈ। ଗୁହାଳ ସଫା ଓ ଗୋରୁଙ୍କ କାମ କରୁଥାଏ ଗୋଟାଏ ଟୋକା। ଆଉ ହଳିଆ ମୂଲିଆ ବି କେତେଜଣ ଅଛନ୍ତି। ବିଲ ବାରୀରେ ସେମାନେ କାମ କରନ୍ତି। ବାପା, ମାଆଙ୍କ ସାଙ୍ଗରେ ଯାଇ ମନୋରଞ୍ଜନ ବୁଲି ଆସେ ଆଠ ଦଶ ଦିନ ଗାଆଁରେ।

ଜେଜ ବାପା, ଜେଜ ମାଆ ଦାଦାଖୁଡ଼ି-ଦାଦାଙ୍କ ପିଲାମାନେ ସମସ୍ତେ ଭଲପାଆନ୍ତି। ଭଲ ପାଆନ୍ତି ବି' ଗାଆଁର ଲୋକମାନେ। ସାହି ପଡ଼ିଶା ପିଲାମାନେ ସାଙ୍ଗ ହୋଇ ଖେଳନ୍ତି। ଏଠାରେ ରହ ବୋଲି କୁହନ୍ତି।

ବାପା ବିଶ୍ୱରଂଜନ ସାମନ୍ତରାୟ ପ୍ରଥମେ ଇଂଜିନିୟର ଥିଲେ। ପରେ ବିଜ୍‌ନେସ୍ କରି ସେହି ବମ୍ବେରେ ଘରଦ୍ୱାର କିଣି ରହିଗଲେ। ମନୋରଂଜନ ସେହି ବମ୍ବେରେ ପାଠ ପଢ଼ି ଇଂଜିନିୟର ହେଲେ। ତା' ତଳେ ଗୋଟିଏ ଭଉଣୀ ମିତାଲି, ସେ ବି' ଇଂଜିନିୟରିଂ ପଢ଼ି ଚାକିରୀ କଲା। ତା'ର ବିଭାଘର ମଧ୍ୟ ସେହି ବମ୍ବେରେ ଚାକିରୀ କରିଥିବା ଜଣେ ଇଂଜିନିୟର ସହ ହୋଇଗଲା। ଜେଜ ବାପା, ଜେଜ ମାଆ ମରିଯିବା ପରେ ସେମାନେ ଆଉ ଗାଆଁକୁ ଯାଇନାହାନ୍ତି। ଦାଦାଙ୍କ ପୁଅଝିଅଙ୍କର ବିଭାଘର ବେଳେ ଯାହା ଯାଇଥିଲେ ସେହି ଶେଷ ଯିବା।

ଦାଦାଙ୍କ ଝିଅ ସରିତାର ସ୍ୱାମୀ କଟକରେ ଜଣେ ଆଡ୍‌ଭୋକେଟ୍। କଟକ ଚାନ୍ଦିନୀ ଚୌକରେ ତାଙ୍କର ଏକ ଦୋ' ମହଲା କୋଠା ଘର। ସରିତାର ଦୁଇଟି ଝିଅ। ତା' ବଡ଼ ଝିଅ ବାହାଘରକୁ ରାଣ ନିୟମ ପକାଇ ଡାକିଥିଲା। ମନୋରଂଜନ ଓ ତାଙ୍କ ସ୍ତ୍ରୀ ଦୁହେଁଯାକ ଯାଇଥିଲେ। ଚାରିଦିନ ରହିକି ଆସିଥିଲେ, ତା'ପରେ ସେ ଆଉ ଯାଇ ନାହାନ୍ତି। ତା ସାନଝିଅ ବାହାଘରକୁ ସେ ଡାକିଥିଲେ ବି କଣ ଅସୁବିଧା ପାଇଁ ଯାଇପାରିନଥିଲେ। ସେମାନେ ବି ଥରେ ବମ୍ବେ ବୁଲିବାକୁ ଆସିଥିଲେ। ସବୁଆଡେ ସେମାନଙ୍କୁ ବୁଲାଇ ଦେଖାଇ ଦାମୀ ଲୁଗାପଟା ଦେଇ ବିଦା କରିଥିଲେ ମନୋରଂଜନ। ଏ ଭିତରେ ନିଜ ଗାଆଁ ବି ସରିତା ଘରକୁ ଯାଇ ନାହାନ୍ତି ମନୋରଂଜନ।

ଆଉ ଖବର ପାଇଥିଲେ ସରିତା ଆଉ ତା' ସ୍ୱାମୀ ମଧ ମରିଗଲେଣି। ତାଙ୍କ ଘର ତାଙ୍କ ଦି'ଝିଅଙ୍କୁ ସେମାନେ ବଞ୍ଚିଥିବାବେଳେ ଦାନକରି ରେଜେଷ୍ଟ୍ରି କରିଯାଇଛନ୍ତି। ତେଣୁ ତାଙ୍କ ସହ ଆଉ ସଂପର୍କ ରହିନଥିଲା। ନିଜ ଗାଆଁ ନିଜ ଘରକୁ ମଧ ବହୁତ ବର୍ଷ ହେଲା ଯାଇନାହାନ୍ତି ମନୋରଂଜନ।

ମନୋରଂଜନଙ୍କର ଦୁଇ ପୁଅଭିତରୁ ସାନପୁଅ ସମରର ଓଡ଼ିଶାକୁ ଯିବା ଓଡ଼ିଶାରେ ରହିବା ପାଇଁ ଭାରି ମନ। ତା'ମାମୁଙ୍କ ଘରକୁ କଟକ ସେ ମଧ ମଝିରେ ମଝିରେ ଯାଏ। ଓଡ଼ିଶାରେ ସେ ଶେଷ ଜୀବନ କଟାଇବ ବୋଲି ନିଷ୍ପତ୍ତି ନେଇଛି। ମାମୁଁ ଘର କଟକକୁ ଗଲେ, କଟକର ମହାନଦୀ କାଠଯୋଡ଼ି ଚଣ୍ଡିମନ୍ଦିର, କାଳୀମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର, ବାରବାଟି ଦୁର୍ଗ ସବୁ ତାକୁ ଭଲ ଲାଗେ। ସେ ଜଣେ ଡାକ୍ତର। ତା'ର ଇଚ୍ଛା ସେ କଟକରେ ଗୋଟିଏ ଘର କିଣିବ ଆଉ କଟକରେ ରହିବ। ପ୍ରାଇଭେଟ୍ ଭାବରେ ସେ କ୍ଲିନିକ୍ କରି ରୋଗୀ ଚିକିତ୍ସା କରିବ। ସେଥିପାଇଁ ତା' ମାମୁଁ ପୁଅ ଭାଇଙ୍କୁ ଭଲ ଘରଟିଏ କିଣିବାକୁ ଯୋଗାଡ଼ କରିବା ପାଇଁ କହିଥିଲା। ଭଲ ଘର ପାଇଲେ ସେମାନେ ଖବର ଦେବେ ସେ ଯାଇଁ କିଣିବ।

କିଛିଦିନ ଖୋଜାଖୋଜି କଲାପରେ ଜଣେ ଅଧ୍ୟାପକ ଙ୍କର ଚାନ୍ଦିନୀ ଚୌକରେ ଥିବା ଭଲ ଘରଟିଏ ଦେଖି କିଣିବା ସ୍ଥିର କରି ମାମୁଁ ଖବର ଦେଲେ। ଅଧ୍ୟାପକ ଜଣକ ଘର ବିକ୍ରି କରି ଦେଇ ରିଟାର୍ଡ ପରେ ନିଜ ପୁଅ ପାଖକୁ ଦିଲ୍ଲୀ ଚାଲିଯିବାକୁ ସ୍ଥିର କରିଛନ୍ତି। ତେଣୁ ତାଙ୍କର ଘର ଦରକାର ନାହିଁ।

ଘର କିଣିବାକୁ ଆଗ୍ରହୀ ସାନପୁଅ ସମର ନିର୍ଦ୍ଦିଷ୍ଟ ଦିନର ପୂର୍ବରୁ କଟକ ଯିବାକୁ ବାହାରିଲା। ଆଉ ବାପା ମନୋରଂଜନଙ୍କୁ ସାଙ୍ଗରେ ଯିବା ପାଇଁ ବାଧ୍ୟକଲା। ଏହା ଶୁଣି ସମରର ମାଆ ମୀନତୀ ମଧ ନିଜ ଭାଇ

ଘରକୁ ଯିବାକୁ ବାହାରିଲେ । ଏଣୁ ପୁଅ ସାଙ୍ଗରେ ବାପ, ମାଆ ଦୁହେଁ ଯାକ ବି ଗଲେ । ସମସ୍ତେ ମାମୁଁଘରେ ଖୁସିରେ ରହିଲେ ।

ନିର୍ଦ୍ଦିଷ୍ଟ ଦିନ ଘର ରେଜେଷ୍ଟ୍ରି ହେଲା । ଘର ବିକ୍ରି କରିବା ଭଦ୍ରଲୋକ ଦିଲ୍ଲୀ ଚାଲିଗଲେ । ଘର ଦେଖିବା ଆଉ ସଫାସୁତୁରା କରାଇବା ପାଇଁ ଲୋକ ନେଇ ମନୋରଂଜନ ମୀନତୀ ସମର ଆଉ ତା ମାମୁଁ ବି ଘର ପାଖକୁ ଗଲେ । ଘର ଦେଖି ସମସ୍ତେ ଖୁସି ହେଲେ । ଦୋ'ମହଲା ଘର କଟକ ଟାଉନ୍‌ର ଦାମ୍ ଅପେକ୍ଷା କିଣାଦର କିଛି କମ୍ ଥିବା ଭଳି ଲାଗିଲା । କୁଲି ମିସ୍ତ୍ରୀ ସଫା କରିବା କାମରେ ଲାଗିଲେ ।

ସେ ଘର ବୁଲିବା ପରେ ମନୋରଂଜନକୁ ଲାଗିଲା ଯେପରି ଏ ଘର ସହ ସେ ଆଗରୁ ପରିଚିତ ଥିଲେ । ଏ ଘରକୁ ସେ କେବେ ଆସିଥିଲେ ଅଳ୍ପ ଟିକେ ଏ ଘରର ପରିବର୍ତ୍ତନ ହେଇଛି । ବୋଧେ ଏ ଘର ଦାଦାଙ୍କ ଝିଅ ଭଉଣୀ ସରିତାର ଥିଲା । ସରିତାର ବଡ଼ ଝିଅ ବିଭାଘର ବେଳେ ସେ ଆସିଥିଲା । ତା' ସାନଝିଅ ବିଭାଘରକୁ ନିଜର ଅସୁସ୍ଥତା ପାଇଁ ଆସିନଥିଲେ । ପରେ ଶୁଣିଥିଲେ ସରିତା ସ୍ୱାମୀ ତାଙ୍କ ଦୁଇ ଝିଅଙ୍କ ନାମରେ ଏ'ଘର ରେଜେଷ୍ଟ୍ରୀ କରି ଦେଇଥିଲେ । ଜଣେ ଓପର ମହଲା ଓ ଜଣେ ତଳ ମହଲା ରହିବାର ସୁ-ବ୍ୟବସ୍ଥା ବି କରି ଦେଇଥିଲେ । ତା'ପରେ ସରିତା ଆଉ ତା' ସ୍ୱାମୀ ଗୋଟାଏ ମଟର ଦୁର୍ଘଟଣାରେ ମରିଗଲେ । ସେମାନଙ୍କର ଘର କଟକରେ ଥିବାରୁ ସେମାନେ ଏ'ଘରକୁ ଜଣେ ଅଧ୍ୟାପକକୁ ବିକ୍ରି କରି ଦେଇଥିଲେ ।

ସେହି ଅଧ୍ୟାପକ ଏଠାରେ କେତେ ବର୍ଷ ରହିବା ପରେ ବୃଦ୍ଧ ହେବାରୁ ଚଳି ନ ପାରି ତାଙ୍କ ପୁଅ ଦିଲ୍ଲୀରେ ଚାକିରୀ କରି ସ୍ଥାୟୀ ଭାବରେ ଘର କିଣି ରହିଥିବାରୁ ଏ'ଘର ବିକ୍ରିକରି ଦିଲ୍ଲୀକୁ ଚାଲିଗଲେ । ସମର ସେହି କିଣିଲା ସେହିଘର ।

ସାରାଘର ବୁଲି ଆସି ବହୁତ ଖୁସି ହେଇଗଲେ ମନୋରଂଜନ । ଏ'ଘର ଦାଦାଝିଅ ଭଉଣୀର ଥିଲା । ଆଉ ଯା'କୁ ତାଙ୍କ ପୁଅ କିଣିଲା । ଏ'ଘରକୁ ସେ' ଅନେକ ବର୍ଷରୁ ନ'ଆସି ଭୁଲି ଯାଇଥିଲେ । ପରିବେଶ ଆଖପାଖ ସ୍ଥାନ ସବୁ ବଦଳି ଗଲାଣି । ତେଣୁ ବାହାରୁ ଦେଖିକି ଚିହ୍ନି ହେଉନଥିଲା ଏ'ଘର । ଯା' ହେଉ ଏ'ଘରକୁ ତାଙ୍କ ପୁଅ କିଣିଲା । ପୁଅ ଘର କଣ ନିଜ ଘର ନୁହେଁ ?

ମନୋରଂଜନ ଭାବୁଥିଲେ ଏ'ଘର ବର୍ତ୍ତମାନ ହେଇଗଲା ଆମ ଘର ମୋ'ପୁଅର ଘର ଆଉ ମୋର ମଧ୍ୟ 'ଘର' ।

*ରାମେଶ୍ୱର ପାଟଣା*
*ମାଉସୀ ମା ଛକ , ଭୁବନେଶ୍ୱର*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ

**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜକେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ



# ଉପସଂହାର

ଲକ୍ଷ୍ମୀ ଚାନ୍ଦ୍

କାଠ ବାକ୍ସ ଭିତରେ ଥିବା କୁଟିକମ କରା ପିତ୍ତଳ ଡିବାଟା ଉପରେ ସ୍ନେହରେ ହାତ ଘୂରେଇ ଆଣିଲେ ସଞ୍ଜୟ । ତା ଭିତରେ ସୁରକ୍ଷିତ ଅଛି ତାଙ୍କର ଭାଗ୍ୟ ଓ ଭବିତବ୍ୟ । ସମୟ ଅଭାବରୁ ବହୁଦିନ ହେଲା ସେ ତାକୁ ଖୋଲି ଦେଖି ପାରିନାହାନ୍ତି । ଅବଶ୍ୟ ପ୍ରତିଦିନ ବାକ୍ସରେ ମୁଣ୍ଡ ଲଗାଇ କୃତଜ୍ଞତା ଜଣେଇବାକୁ ଭୁଲି ନାହାନ୍ତି । ପ୍ରଥମେ ପ୍ରଥମେ ପିତ୍ତଳ ଡିବାଟିକୁ ଦିନକୁ ଦଶଥର ଲେଖାଏଁ ଖୋଲି ତା ଭିତରକୁ ଚାହିଁ ରହୁଥିଲେ । ତା ଭିତରେ ଢଳ ଢଳ ହେଉଥିବା ଦୁଧ ଏବଂ ମହୁ ମିଶା ଫିକା କମଳା ରଂଗର ଲେହସୁନିଆ ପଥର ଖଣ୍ଡକ ତାଙ୍କୁ କି କିମିଆ କରିଥିଲା କେଜାଣି ତା ଉପରୁ ଆଖି ଉଠେଇ ପାରୁନଥିଲେ । ଏ ପଥର ଖଣ୍ଡିକ...ହଁ ଏଇ ପଥର ଖଣ୍ଡିକ ହିଁ ତ ବଦଳେଇ ଦେଇଛି ତାଙ୍କ ଭାଗ୍ୟ, ତାଙ୍କୁ ଆଣି ପହଂଚେଇ ଦେଇଛି ରାଜେନ୍ଦ୍ରାସନରେ ।

ଏଇ ଲେହସୁନିଆ ବା କ୍ୟାଟସ୍ ଆଇ ପଥର ଖଣ୍ଡଟି ତାଙ୍କୁ ଅଚାନକ ପ୍ରାପ୍ତି ହୋଇଥିଲା । ଦୀର୍ଘ କୋଡିଏ ବର୍ଷ ତଳେ ସେ ଦୁନିଆଁର ସବୁଠୁ ଅସହାୟ ଏବଂ ଦୁଃଖି ମଣିଷ ଥିଲେ । କର୍ମସଂସ୍ଥାନରେ ବିଫଳତା ହେତୁ ନିଜ ଉପରେ ବିରକ୍ତ ହୋଇ ସେ ଚାରିଆଡେ ଘୂରି ବୁଲୁଥିଲେ । ଅଚାନକ ଗୋଟେ ଭିଡ ରାସ୍ତାରେ ଅନ୍ୟମନସ୍କ ଭାବେ ଚାଲୁ ଚାଲୁ ଗୋଟେ ଗାଡି ଦେହରେ ପିଟି ହୋଇଗଲେ । ଯୋଗକୁ ଆଣ୍ଠେଇ କି ତଳେ ପଡିଯିବା ଛଡା ତାଙ୍କର ଆଉ କିଛି କ୍ଷତି ହୋଇନଥିଲା । ସେ ଉଠିପଡି ଆଗକୁ ଚାଲିଲେ କାରଣ ଲକ୍ଷ୍ୟ ତାଙ୍କର ଥିଲା କାହିଁ କେତେ ଦୂର । କିଛି ବାଟ ଗଲାପରେ ସେ ଅନୁଭବ କଲେ ତାଙ୍କ ଡାହାଣ ହାତ ମୁଠାରେ କିଛି ଗୋଟେ ବନ୍ଦୀ ହୋଇ ରହିଛି । ସେ ମୁଠା ଖୋଲିଲେ ତ ବିସ୍ମୟରେ ଆଖି ତାଙ୍କର ବଡ ବଡ ହୋଇଗଲା । ମୁଠା ଭିତରେ ଚକ୍ ଚକ୍ କରୁଥିଲା ଦୁଧ ଏବଂ ମହୁ ମିଶା ଫିକା କମଳା ରଂଗର ଏଇ ଲେହସୁନିଆଟି । ସେ ତାକୁ ବହୁତ ସମୟ ଏପଟ ସେପଟ କରି ଦେଖି ଜାଣିପାରିଲେ ତାହା ତୁଚ୍ଛା ପଥରଟିଏ ଛଡା ଆଉ କିଛି ନୁହେଁ । ତାକୁ ସେ ବାରମ୍ବାର ଦେଖୁଥିଲେ ଓ ତାହା ତାଙ୍କୁ ଆହୁରି ଆକର୍ଷଣୀୟ ମନେ ହେଉଥିଲା । ସେତେବେଳେ ସମୟ ତାଙ୍କୁ ସହଯୋଗ କରୁନଥିଲା, ତେଣୁ ପଥରଟିକୁ ବାରମ୍ବାର ଦେଖି ସମୟ ନଷ୍ଟ କଲାପରି ସମୟ ତାଙ୍କ ପାଖରେ ନଥିଲା । ପଥରଟିକୁ ଦେଖି ଦେଖି ସେ ବହୁତ ବାଟ ଚାଲିଆସିଥିଲେ । ଗୋଟେ ନିଛାଟିଆ ଜାଗାରେ ଛିଡା ହୋଇ ପଥରଟିକୁ ବହୁତ ଦୂରକୁ ଛାଟି ଫୋପାଡି ଦେଇଥିଲେ । ପଥର ଖଣ୍ଡିକ କିନ୍ତୁ ତଳେ ନ ପଡି ଗୋଟେ ଛୋଟ ଗଛଡାଳରେ ଲାଖି ରହିଲା ଓ ସେଇଠୁ ସେ ଗୋଟିକ ଆହୁରି ଚିକ୍ ଚିକ୍ ଛାଡିଲା । କିଛିସମୟ ସେଆଡେ ଚାହିଁରହି ସେ ଆଗକୁ ପାଦ ବଢାଇଲେ । ପାଦ ବଢିବା ସହ ମନ ମଧ୍ୟ ତାଙ୍କର ପରିବର୍ତ୍ତନ ହୋଇଗଲା । ପଥର କଥା ସେ ସଂପୂର୍ଣ୍ଣ ଭୁଲିଗଲେ ।

ଅନ୍ୟଦିନ ମାନଙ୍କ ପରି ସେଦିନ ମଧ୍ୟ ନିଜପାଇଁ କୌଣସି କାମ ଯୋଗାଡ କରି ନପାରିବାରୁ ନିଜ ସାମର୍ଥ୍ୟ ଉପରେ ତାଙ୍କର ସନ୍ଦେହ ଆସିଲା । ମାତ୍ର ଘରେ ଯେତେବେଳେ ପାଦ ଦେଇ ନବ ବିବାହିତା ପତ୍ନୀ ରଞ୍ଜିତାଙ୍କ  ସାମନା ସାମନି ହେଲେ ଅଚାନକ ଅନ୍ୟ ଏକ ଚିନ୍ତା ତାଙ୍କ ମନ ମଧ୍ୟକୁ ପଶିଆସିଲା । ସେ ବାହା ହେବାକୁ ସଂପୂର୍ଣ୍ଣ ଅରାଜି ଥିଲେ । ମାତ୍ର ବାପା ଯେତେବେଳେ ଯୋର ଦେଇ ବାରମ୍ବାର କହିଲେ ରଞ୍ଜିତା ସର୍ବ ସୁଲକ୍ଷଣାଯୁକ୍ତ, ପଦ୍ମିନୀ ଜାତୀୟ ନାରୀ । ତାକୁ ବିବାହ କଲେ ତୋ ଭାଗ୍ୟରେ ନିଶ୍ଚୟ ପରିବର୍ତ୍ତନ ହେବ । ତୋର ସବୁ ସମସ୍ୟାର ସମାଧାନ ହୋଇଯିବ । ସେ ମନାକରି  ପାରିଲେନି । ଦୁଇମାସ ତଳେ ତାଙ୍କର ବାହାଘର ହୋଇଥିଲେ ମଧ୍ୟ ବାପା ତାଙ୍କ ସହ ରଞ୍ଜିତାକୁ ବାଧ୍ୟ କରି ସହରକୁ ପଠାଇଦେଲେ । ସୁଲକ୍ଷଣୀ ବୋହୂ ଭାଗ୍ୟରୁ ତାଙ୍କ ହତଭାଗା ପୁଅର ଭାଗ୍ୟ ଉଦୟ ହେବ ଖୁବ୍ ଶୀଘ୍ର ଏଇ ଆଶାରେ ପଡିରହିଲେ ଗାଁରେ ଖୁସି ଖବର ଶୁଣିବାକୁ ।

କିନ୍ତୁ କାହିଁ ? ଭାଗ୍ୟ ଉଦୟ ଜାଗାରେ ଭାଗ୍ୟ ତାଙ୍କର ଅସ୍ତମିତ ହେବାକୁ ବସିଲାଣି । ଏମବିଏ ଡିଗ୍ରୀ ହାସଲ କରି ମଧ୍ୟ କୌଣସି କଂପାନୀରେ ଟଂକା ୫ ହଜାରର କାମଟିଏ ନିଜପାଇଁ ଯୋଗାଡ କରି ପାରିଲେନି ।  ଏ ଅଫିସରୁ ସେ ଅଫିସ ଦଉଡି ଦଉଡି ଚପଲ ଘୋରି ହୋଇଗଲାଣି । ଜମାପୁଞ୍ଜି ସରିବାକୁ ବସିଲାଣି । ଆଗକୁ କେବଳ ହାହାକାର । ଗାଁକୁ ଫେରି ପାରିବେନି କି ସହରରେ ରହି ପାରିବେନି । କଣ କରିବେ ସେ ? କେମିତି ପ୍ରତିପାଳନ କରିବେ ନିଜକୁ ଓ ରଞ୍ଜିତାଙ୍କୁ । ରଞ୍ଜିତାଙ୍କ ପାଇଁ ସେ ଭାଗ୍ୟବାନ୍ ନା ଦୁର୍ଭାଗା ? ନ ଚାହିଁ ବି ତାଙ୍କ

ମନକୁ ପଶିଆସିଲା ରଞ୍ଜିତା କଣ ସତରେ ସୁଲକ୍ଷଣୀ ? ତାହେଲେ କାହିଁକି ଏଯାଏ ସେ କଷ୍ଟ ଭୋଗୁଛନ୍ତି ? ଭାଗ୍ୟ ତାଙ୍କର ବଦଳିଯିବା କଥା।

ଏଭଳି ଏକ ଚିନ୍ତା ତାଙ୍କ ମନକୁ କବଳିତ କରିନେବାରୁ ରଞ୍ଜିତାଙ୍କ ପ୍ରତି ତାଙ୍କ ମନରେ ବିତୃଷ୍ଣା ଭରି ଉଠିଲା। ରଞ୍ଜିତାଙ୍କ କମନୀୟ ଚେହେରା କିମ୍ବା କୋମଳ କଥାବାର୍ତ୍ତା ତାଙ୍କୁ ଆଉ ପ୍ରଭାବିତ କରିପାରିଲାନି। ତାଙ୍କୁ ଲାଗିଲା ରଞ୍ଜିତା ସୁଲକ୍ଷଣୀ ନୁହନ୍ତି ବରଂ...। ରାତିରେ ରଞ୍ଜିତା ଯେତେବେଳେ ତାଙ୍କ କୋମଳ ବାହୁଲତାରେ ତାଙ୍କୁ ଜଡାଇ ଧରନ୍ତି ନାଗୁଣୀଟିଏ ଆସି ତାଙ୍କ ଦେହରେ ଗୁଡାଇ ହେଲାପରି ଲାଗେ। ସେ ତାଙ୍କୁ ଛାଟି ନଦେଲେ ବି ନିଜକୁ ଘୁଂଚାଇ ନିଅନ୍ତି। ସମୟ ଆସିଲା ସଂପର୍କ କେବଳ ଗୋଟେ ଶାରୀରିକ ପର୍ଯ୍ୟାୟରେ ସୀମିତ ରହିଲା, ସିଏ ବି ତାଙ୍କ ଆବଶ୍ୟକତାକୁ ନେଇ। ରଞ୍ଜିତା ସବୁ ସହି ଯାଉଥିଲେ। ନିର୍ବିକାର ଭାବେ ତାଙ୍କର ସେବା କରୁଥିଲେ ଓ ଦିନକୁ ଦିନ ତାଙ୍କୁ ଅଧିକ ଭଲ ପାଉଥିଲେ। ସେ ଯେତେ ବିରକ୍ତି ହେଲେ ବି ରଞ୍ଜିତା ଆଦୌ ମନଦୁଃଖ କରୁନଥିଲେ। ବେଳେବେଳେ ତ ଏମିତି ହୁଏ ସେ ରଞ୍ଜିତାଙ୍କ ଉପରେ ରାଗିବା ପାଇଁ କାରଣ ଖୋଜିବସନ୍ତି। କାରଣ ନ ପାଇ ନିଜ ଉପରେ ନିଜେ ବିରକ୍ତ ହୁଅନ୍ତି।

କିଛିଦିନ ପରେ ତାଙ୍କର ହଠାତ୍ ସେଇ ଲେହସୁନିଆ କଥାଟି ମନେ ପଡିଲା। ଏତେ ମନେ ପଡିଲା ଯେ ସେ ପ୍ରାୟ ଅଥୟ ହୋଇଗଲେ। ସତେକି ତାଙ୍କର କୋଉ ପ୍ରିୟ ମଣିଷକୁ ସେ କୋଉଠି ଛାଡିଦେଇ ଆସିଛନ୍ତି। ସାରା ରାତି ସେ ଶୋଇ ପାରିଲେନି। ପଥର ଖଣ୍ଡେ ମଣିଷର ଭାଗ୍ୟ ବଦଳେଇ ଦିଏ ବୋଲି କୋଉଠୁ ଶୁଣିଥିବା ଗୋଟେ ବାକ୍ୟ ତାଙ୍କର ମନେ ପଡିବାରୁ ସେ ଆହୁରି ଅଥୟ ହେଲେ। ହୁଏତ ଭାଗ୍ୟ ତାଙ୍କ ନିକଟକୁ ଆସିଥିଲା... ସେ ତାକୁ ଚିହ୍ନି ପାରିଲେନି। ଅବସୋସରେ ସେ ଅଣନିଃଶ୍ୱାସୀ ହୋଇପଡିଲେ। ତେଣୁ ରାତିର ଅନ୍ଧାର ଏବଂ ରଞ୍ଜିତାଙ୍କ ବାରଣ ନ ମାନି ଟର୍ଚ୍ଚଟିଏ ହାତରେ ଧରି ସେଇ ସ୍ଥାନକୁ ବାହାରି ପଡିଲେ, କିଛିଦିନ ପୂର୍ବରୁ ଯେଉଁଠି ସେ ଲେହସୁନିଆ ଟିକୁ ଫୋପାଡିଥିଲେ। ଗୁଡାଏ ବାଟ ଚାଲିଲା ପରେ ବହୁତ ମନେ ପକାଇ ସେ ସେଇ ଜାଗାଟିକୁ ଠାବ କଲେ।

ସେତେବେଳକୁ ଭୋର ହୋଇ ଆସୁଥାଏ ଓ କିଛି ପ୍ରାତଃଭ୍ରମଣକାରୀ ତାଙ୍କର ବୁଦା ଆଡକୁ ବାରମ୍ବାର ଟର୍ଚ୍ଚ ମାରି ନିରୀକ୍ଷଣ କରୁଥିବା ପ୍ରକ୍ରିୟାକୁ ସନ୍ଦେହ କରିବା ଆରମ୍ଭ କରିଦେଇଥିଲେ। ସଞ୍ଜୟ ସେ ସବୁକୁ ବେଖାତିର କରି ପାଗଳ ପରି ଲେହସୁନିଆଟିକୁ ଖୋଜିବାକୁ ଲାଗିଥାନ୍ତି। ଠିକ୍ ସେଇ ଜାଗା...ସେଦିନ ପଥରଟିକୁ ଫୋପାଡିଦେଲା ପରେ ତାହା ଗଛ ସନ୍ଧିରେ ପଡିଥିଲା। ଏବେ ଟର୍ଚ୍ଚ ଆଲୁଅ ପଡିଲାପରେ ଚକ୍ ଚକ୍ ଦେଖାଯିବା କଥା। କାହିଁ ଦେଖାଯାଉନି ତ। ଯା ଭିତରେ ୧୫ ଦିନ ବିତିଗଲାଣି। କିଏ ଆଉ ନେଇଗଲା କି ? କିମ୍ବା ମାଟି ତଳେ ପୋତି ହୋଇଗଲା ? କିଛି ଅସମ୍ଭବ ନୁହେଁ। ସେ ଏସବୁ କଥା ନ ଭାବି ଏତେ ଦୂରରୁ ଧାଇଁ ଆସିଲେ। ମାଟିରେ ପୋତି ହୋଇଯିବା ଅପେକ୍ଷା କିଏ ନେଇଯିବା କଥାଟି ତାଙ୍କୁ ଏତେ ବାଧିଲା ଯେ ସେ ଭୂଇଁ ଉପରେ ଆଣ୍ଠେଇ ବସିପଡିଲେ। ତାଙ୍କରି ସୌଭାଗ୍ୟ ଆଉ ଜଣକୁ ପ୍ରାପ୍ତ ହେଲା-ଏ କଥା କେମିତି ସହ୍ୟ କରିପାରିବେ ସେ ?

ଅଥଚ ବସିପଡିବାର ପର ମୁହୂର୍ତ୍ତରେ ଡାଳରେ ହାତ ବାଜି କଣ ଗୋଟେ ତଳକୁ ଖସି ପଡିଲା। ସେ ଟର୍ଚ୍ଚ ମାରି ଦେଖିଲେ ପୂର୍ବ ପରି ଚକ୍ ଚକ୍ କରୁଛି ଲେହସୁନିଆଟି। ସେ ତାକୁ ଉଠାଇ ଛାତିରେ ଜାକି ଧରିଲେ ବହୁତ ଦିନ ପରେ ନିଜର ପରମ ଆତ୍ମୀୟକୁ ଜଡେଇ ଧରିଲା ପରି। ତା ଦେହରୁ ଧୂଳି ଝାଡି ତାକୁ ପକେଟରେ ପୁରାଇ ଘରକୁ ଫେରିଲେ ସେ। ତାକୁ ରଞ୍ଜିତାଙ୍କୁ ଦେଖେଇ ସବୁ କଥା କହିବାକୁ ମନ ଉଚ୍ଚାଟିତ ହେଉଥିଲା ତାଙ୍କର। ରଞ୍ଜିତାଙ୍କ ସାମନା ସାମନି ହେଲା ପରେ କିନ୍ତୁ ମନ ପରିବର୍ତ୍ତନ ହୋଇଗଲା । ସେ ତାକୁ ଲୁଚେଇ ରଖିଲେ। ବରଂ ଚେଷ୍ଟା କଲେ ରଞ୍ଜିତାଙ୍କ ଦୃଷ୍ଟି ତା ଉପରେ ନ ପଡିବା ପାଇଁ।

ସତକୁ ସତ ସେଇ ଲେହସୁନିଆଟି ନେଇ ଆସିଥିଲା ତାଙ୍କ ପାଇଁ ପରମ ସୌଭାଗ୍ୟ। ଅଳ୍ପ କେଇ ଘଣ୍ଟାର ବ୍ୟବଧାନରେ ତାଙ୍କ ପାଖକୁ ଆସିଲା ଏକ ବଡ କଂପାନୀର ନିଯୁକ୍ତିପତ୍ର। ମାସିକ ବେତନ ତିରିଶ ହଜାର। ସେ ଲେହସୁନିଆଟିକୁ ମୁଣ୍ଡରେ ଲଗାଇ ଅନେକ ଧନ୍ୟବାଦ ଦେଲେ। ଚାକିରିରେ ଯାଇ ଯୋଗ ଦେଲେ। ତା ପରେ କେବଳ ଉନ୍ନତି ଆଉ ଉନ୍ନତି।

ଘରେ ଥିଲାବେଳେ ରଞ୍ଜିତାଙ୍କ ଅଜାଣତରେ ସେ ବାରମ୍ବାର ଲେହସୁନିଆଟିକୁ ଦେଖୁଥାନ୍ତି ଓ ଭାବୁଥାନ୍ତି ସତରେ କଣ ଏ ପଥରର ଏତେ ଶକ୍ତି ଅଛି। ଗୋଟିଏ ଦିନରେ ଭାଗ୍ୟ ପରିବର୍ତ୍ତନ କରିଦେଲା ! ତାକୁ ଯେତେ ଦେଖୁଥାନ୍ତି ତା ବିଷୟରେ ସେତେ ଆଗ୍ରହ ବଢୁଥାଏ। ସେତେବେଳ ଯାଏ ତାହା କି ପଥର, ତା ନାଁ କଣ ଜାଣିନଥାନ୍ତି। କେବଳ ପଥରଟିର ରଂଗ ରୂପ ତାଙ୍କୁ ଆଚ୍ଛନ୍ନ କରି ରଖିଥାଏ। ପଥରଟି ବିଷୟରେ ଅଧିକ ଉତ୍ସୁକତା ବଢିବାରୁ ଦିନେ ସେ ତାକୁ ନେଇ ଜଣେ ଜ୍ୟୋତିଷଙ୍କ ପାଖକୁ ଗଲେ। ପ୍ରକୃତରେ ତାହା କଣ , ତାହା ତାଙ୍କ ପାଇଁ ଶୁଭ ନା ସେ ଗୋଟାଏ ଭ୍ରମରେ ରହିଛନ୍ତି ? ପଥରଟି ମିଳିବାଦିନୁ ଯାହା ଯାହା ଘଟିଥିଲା ସବୁ ଜ୍ୟୋତିଷଙ୍କୁ ଜଣେଇଲେ। ଜ୍ୟୋତିଷ ହିଁ ତାଙ୍କୁ କହିଲେ ତାହା ଲେହସୁନିଆ ବା କ୍ୟାଟ୍ସ ଆଇ। ନବରତ୍ନ ମଧ୍ୟରୁ ଅନ୍ୟତମ ରତ୍ନ। ତା ସହ ତାଙ୍କର କେତୁ ଗ୍ରହ ଶୁଭ କି ନାହିଁ ଜାଣିବା ପାଇଁ ତାଙ୍କର ଜାତକ ମଗେଇଲେ। ଜାତକ ଦେଖି ଜ୍ୟୋତିଷ କହିଲେ-ପଥରଟି ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭ। ଆପଣଙ୍କ ଜାତକରେ କେତୁ ଶୁଭରେ ଥିବାରୁ ଏ ପଥରଟି ଆପଣଙ୍କୁ ଅତ୍ୟନ୍ତ ଶୁଭଫଳ ଦେବ। ଆପଣଙ୍କ ଭାଗ୍ୟ ପରିବର୍ତ୍ତନରେ ସହାୟକ ହେବ। ଏହାକୁ ମୁଦି କିମ୍ବା ଲକେଟରେ ପିନ୍ଧିବା କଥା କିନ୍ତୁ ଏହା ବହୁତ ବଡ। ଆପଣ ଚାହିଁଲେ ଏଇଆକୁ କଟିଂ କରି ୫ କ୍ୟାରେଟରେ ପରିଣତ କରି ପିନ୍ଧି ପାରିବେ। ସୁନା କିମ୍ବା ରୂପା ନିର୍ମିତ ମୁଦି କି ଲକେଟରେ ଏହାକୁ ପିନ୍ଧିବେ। ଅପରାହ୍ନ ୧୨ଟା ରୁ ରାତି ୧୨ଟା ମଧ୍ୟରେ ଗୁରୁବାର ଦିନ ଏହାକୁ ପିନ୍ଧିବା ଉଚିତ।

-ନା ମୋର ଏହାକୁ କଟିଂ କରି ଛୋଟ କରିବାର ଅଭିପ୍ରାୟ ନାହିଁ। ଯାକୁ ମୁଁ ସବୁବେଳେ ସେମିତି ପାଖରେ ରଖିଥିବି। କିନ୍ତୁ ସତରେ କଣ ଏହା ମୋ ଭାଗ୍ୟ ପରିବର୍ତ୍ତନରେ ସହାୟକ ହେବ ?

-ଫଳାଫଳ ତ ଆପଣ ପାଇ ସାରିଲେଣି। ଆଉ କି ପରୀକ୍ଷା କରିବାକୁ ଚାହାନ୍ତି ? ମନେ ରଖନ୍ତୁ ଗ୍ରହମାନଙ୍କର ପଥର ସହ ନିବିଡ ସଂପର୍କ ଅଛି। ପଥର ଅର୍ଥାତ୍ ରତ୍ନ ପଥର। ରବି, ଚନ୍ଦ୍ର, ମଙ୍ଗଳ, ବୁଦ୍ଧ,

ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ ଇତ୍ୟାଦି ଗ୍ରହର ଯଥାକ୍ରମେ ମୋତି, ମୁଙ୍ଗା, ପନ୍ନା, ପୋଖରାଜ, ହୀରା, ନୀଲମ, ଗୋମେଦ ଓ ଲେହସୁନିଆ ସହ ଅଖଣ୍ଡ ସଂପର୍କ। ଏହି ଗ୍ରହ ଗୁଡିକ ଶୁଭ ଥିଲେ ଉପରୋକ୍ତ ରତ୍ନ ପଥର ସବୁ ଚରମ ଶୁଭାଶୁଭ ଫଳ ପ୍ରଦାନ କରିଥାନ୍ତି।

-କିନ୍ତୁ ମୁଁ ଏହାକୁ ନ ପିନ୍ଧି ଘରେ ରଖିଲେ ଶୁଭ ଫଳ ପାଇବି କି ନାଇଁ ?

-ନିଶ୍ଚୟ ପାଇବେ। କାହିଁକି ପାଇବେନି ? ପିନ୍ଧିବା ଓ ରଖିବା ଅଲଗା ଅଲଗା ହେଲେ ମଧ୍ୟ ଫଳାଫଳ ଆପଣଙ୍କ ପାଇଁ ଶୁଭଦାୟକ। କାଠବାକ୍ସ ଭିତରେ କୌଣସି ଧାତବ ଡିବା ବା ଫରୁଆ ଭିତରେ ଯାକୁ ସାଇତି ରଖିବେ। ଆପଣଙ୍କ ଭାଗ୍ୟ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଆପଣଙ୍କ ଉନ୍ନତି ପଥକୁ ବର୍ତ୍ତମାନ କେହି ରୋକି ପାରିବେନି।

ଜ୍ୟୋତିଷଙ୍କ କେଇପଦ କଥା ତାଙ୍କୁ ନୂତନ ଜୀବନ ଦେଇଥିଲା। ଲେହସୁନିଆ ବିଷୟରେ ତାଙ୍କର ଆଉ କୌଣସି ସନ୍ଦେହ ରହିଲାନି। ଜ୍ୟୋତିଷଙ୍କୁ ଲମ୍ବା ପ୍ରଣାମୀ ଦେଇ ସେ ଘରକୁ ଫେରିଥିଲେ। ଏତେ ବଡ ଖୁସି ଖବରକୁ କିନ୍ତୁ ସେ କାହା ସହ ବାଣ୍ଟି ପାରିନଥିଲେ। ରଞ୍ଜିତାଙ୍କ ପ୍ରତି ତାଙ୍କର ଯେଉଁ ମନୋଭାବ ସେଥିରେ ଏସବୁ କଥା କୁହାଯାଇ ପାରେନା। ସାଂଗସାଥୀଙ୍କୁ ଏତେ ବଡ ସୌଭାଗ୍ୟର କଥା କହିବା ମୂର୍ଖାମୀ। ବାପା ରହିଲେ ଗାଁରେ। ତାଙ୍କୁ କହିବେ ନିଶ୍ଚୟ କିନ୍ତୁ ପରେ। ତେଣୁ ସେ ତାକୁ ଲୁଚେଇ ରଖିଲେ। ଘରେ ଥିବା ସମୟରେ ରଞ୍ଜିତାଙ୍କ ଅଜାଣତରେ ପିତ୍ତଳ ଡିବାଟିକୁ ଖୋଲି ଲେହସୁନିଆକୁ ଦେଖିନିଅନ୍ତି ମନ ଶାନ୍ତି ହେବା ଯାଏ। କେବେ କେବେ ଛାତିରେ ଜାକି ଧରନ୍ତି। ତାଙ୍କର ସବୁ ସୌଭାଗ୍ୟର କାରଣ ଏଇ। ପଥରଟି ପାଇବାର ଦୁଇବର୍ଷ ମଧ୍ୟରେ ସେ ଅନେକ ଉନ୍ନତି କରିଥିଲେ। ନିଜ ବିଚକ୍ଷଣ ବୁଦ୍ଧିମତାର ପରିଚୟ ଦେଇ ଦୁଇବର୍ଷ ମଧ୍ୟରେ ସାମାନ୍ୟ ଜଣେ ବେତନଭୋଗୀ କର୍ମଚାରୀରୁ କଂପାନୀର ପାର୍ଟନର ହୋଇ ପାରିଥିଲେ। କେବଳ ସେଇ ଲେହସୁନିଆ ପାଇଁ। ତାପରେ ନିଜ ଘର ଓ କଂପାନୀର ପ୍ରତିଷ୍ଠା। ଆଉ ପଛକୁ ଫେରି ଚାହିଁବା ପାଇଁ ତାଙ୍କୁ ସମୟ ନଥିଲା। ଏମିତିକି ନୂଆ ଘରକୁ ଆସିଲାଦିନୁ ଆଜିକୁ ଦୀର୍ଘ କୋଡିଏ ବର୍ଷ ହେଲା ସେ କାଠବାକ୍ସ ଖୋଲି ଲେହସୁନିଆଟିକୁ ଦେଖିବାକୁ ସମୟ ପାଇନଥିଲେ। ମାତ୍ର ତାକୁ ସମ୍ମାନ ଜଣାଇବା ପାଇଁ ପ୍ରତିଦିନ କାଠବାକ୍ସଟିକୁ ମୁଣ୍ଡରେ ଲଗାଇବାକୁ ଭୁଲିନଥିଲେ।

ଆଜି ସେ ବ୍ୟବସାୟ ଦୁନିଆରେ ଶତପ୍ରତିଶତ ସଫଳ। ବ୍ୟବସାୟୀ ମହଲରେ ଜଣେ ଆଗଧାଡି ବ୍ୟବସାୟୀର ମାନ୍ୟତା ପାଇଛନ୍ତି। ପ୍ରାଚୁର୍ଯ୍ୟରେ ବୁଡି ରହିଛନ୍ତି। ମାତ୍ର ଭୁଲିନାହାନ୍ତି ନିଜ ବେକାରି ଜୀବନର କଷ୍ଟ। ସେଥିପାଇଁ ଅନେକ ବେକାର ପିଲାଙ୍କୁ ଥଇଥାନ କରିଛନ୍ତି। ଦୁଇ ହାତରେ ସାଉଁଟୁଥିବା ପଇସାରୁ କିଛି ଦାନ ଦକ୍ଷିଣା ମଧ୍ୟ ଦେଇଛନ୍ତି। ବୃଦ୍ଧାଶ୍ରମ, ଅନାଥାଶ୍ରମ, ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହାତ ଖୋଲି ଦାନ କରିଛନ୍ତି। ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ସବୁଠିକି ଯାଇ ସବୁ ଧର୍ମକୁ ସମ୍ମାନ ଜଣାଇଛନ୍ତି। କଳାର ପୃଷ୍ଠପୋଷକ ସାଜି ନୃତ୍ୟ, ଗୀତ, ନାଟକ, ଥିଏଟର ଇତ୍ୟାଦିକୁ ସମୃଦ୍ଧ କରିଛନ୍ତି। ସର୍ବୋପରି ଜଣେ ସ୍ୱଚ୍ଛଳ, ସମ୍ଭ୍ରାନ୍ତ ଏବଂ ଅମାୟିକ ବ୍ୟକ୍ତି ଭାବେ ସମାଜରେ ଆଦରଲାଭ କରିଛନ୍ତି।

ନିଜର ଏତେ ଉଦାରପଣ ସତ୍ତ୍ୱେ ରଞ୍ଜିତାଙ୍କୁ କିନ୍ତୁ କ୍ଷମା କରିପାରିନାହାନ୍ତି। ପ୍ରଥମରୁ ରଞ୍ଜିତାଙ୍କ ପ୍ରତି ତାଙ୍କର ଯେଉଁ ମନୋଭାବ ରହିଥିଲା ଆଜି ବି ତାହା ବଳବତ୍ତର ରହିଛି। ଠିକ୍ ସମୟରେ ଲେହସୁନିଆଟି ପାଇଲେ ବୋଲି ସିନା , ନହିଲେ ଏତେବେଳକୁ ତାଙ୍କ ଅସ୍ତିତ୍ୱ ମିଟି ସାରନ୍ତାଣି। ରଞ୍ଜିତାଙ୍କ ଖାଇବା, ପିଇବା, ବୁଲିବା, ସଉକି କରିବା କୌଣସିଥିରେ ସେ ଊଣା କରିନାହାନ୍ତି। ଦାମୀ ଶାଢି, ଗହଣା, ଉପହାରରେ ବୁଡାଇ ଦେଇଛନ୍ତି। ପାର୍ଟି, ପିକ୍‌ନିକ୍, ଫଙ୍କସନ୍‌ରେ ଗର୍ବର ସହ ପରିଚିତ କରାଇଛନ୍ତି ତାଙ୍କୁ ନିଜ ଧର୍ମପତ୍ନୀ ହିସାବରେ। ରଞ୍ଜିତା ଯେତେବେଳେ ଯାହା ଚାହିଁଛନ୍ତି ହାତପାହାନ୍ତାରେ ଆଣି ପହଂଚାଇ ଦେଇଛନ୍ତି।

ଦେଇ ପାରିନାହାନ୍ତି ତ କେବଳ ହୃଦୟଭରା ପ୍ରେମରୁ ଟିକିଏ
ଦେଇ ପାରିନାହାନ୍ତି ତ ପତ୍ନୀକୁ ପତ୍ନୀର ପ୍ରକୃତ ମର୍ଯ୍ୟାଦା ଟିକେ
ଦେଇ ପାରିନାହାନ୍ତି ତ ଅନ୍ତରରୁ ନିର୍ଗତ ଉଚ୍ଛ୍ୱାସ ଟିକିଏ

ତଥାପି ପରିବାର ଚାଲିଛି। ପରିବାର ବଢିଛି। କେବେକେବେ ଦୁହେଁ ସୁଖଦୁଃଖ ଭାଗ କରିଛନ୍ତି, କେବେ ନିରବ ରହି ନିଜ ସହ ଯୁଝିଛନ୍ତି।

ନୂଆଘରକୁ ଆସିଲାପରେ ବାପାଙ୍କୁ ନେଇ ଆସିଛନ୍ତି ଗାଁରୁ। ବାପା ତାଙ୍କର ସୁଖ ସୌଭାଗ୍ୟ ଦେଖି ଉଲ୍ଲସିତ ହୋଇଛନ୍ତି। ରଞ୍ଜିତାଙ୍କୁ ହୃଦୟଖୋଲି ଆଶୀର୍ବାଦ ଦେଇଛନ୍ତି। ଏ ସବୁ ରଞ୍ଜିତାଙ୍କ ଯୋଗୁଁ ସମ୍ଭବ ଏକଥା ବାରମ୍ବାର ସୂଚେଇ ଦେଇଛନ୍ତି।

ରଞ୍ଜିତା ତାଙ୍କୁ ବୁଝୁଥିଲେ କି ନାଇଁ ସେ ଜାଣନ୍ତିନି ମାତ୍ର କିଛିଦିନ ରହିଲା ପରେ ବାପା ତାଙ୍କୁ ଠିକ୍ ବୁଝି ପାରିଥିଲେ। ବୁଝି ପାରିଥିଲେ ରଞ୍ଜିତାଙ୍କ ପ୍ରତି ତାଙ୍କ ମନରେ ଥିବା ବିତୃଷ୍ଣାକୁ।

ତାଙ୍କୁ ଦିନେ ପାଖକୁ ଡାକି କହିଥିଲେ-ଏ ସବୁ ତ ଆଦୌ ଠିକ୍ ନୁହେଁ

-କଣ ଠିକ୍ ନୁହେଁ ?

-ବୋହୂ ପ୍ରତି ଅନ୍ୟାୟ କରୁଛୁ।

-ବାପା, ଏକଥା ତୁମେ କହୁଛ ? ପଚାରିଲେ ତାକୁ କଣ ତାର ଅସୁବିଧା କରିଛି ? କୋଉଥିରେ ତାକୁ ଊଣା କରିଛି ?

-ହଁ ସେଇଟା କଣ ମୋତେ ଆଉ ଦେଖାଯାଉନି କି ? କିନ୍ତୁ ଯୋଉଟା ଦେଖାଯାଉନି ସେ କାମ କାହିଁକି କରୁଛୁ ?

-ବାପା !

-ହଁ ଲକ୍ଷ୍ମୀ ସାଆନ୍ତାଣି ବୋହୂଟେ ଖୋଜି ଖୋଜି କରିଥିଲି। ତାରି ପାଇଁ ଆଜି ତୋର ଏ ଧନସଂପତ୍ତି, ଥାଟବାଟ। ତା ପ୍ରତି କିନ୍ତୁ ତୋ ମନରେ ସାମାନ୍ୟ ସମ୍ମାନବୋଧ ନାହିଁ।

-କିନ୍ତୁ ବାପା ଏ ସବୁ ଧନସଂପତ୍ତି କଣ ତାରି ପାଇଁ ?

ବାପା ତାଙ୍କୁ କୁହାଇ ନ ଦେଇ କହିଲେ -ଆଉ କାହା ପାଇଁ ହୋଇଛି ? ନାରୀଟିଏ ହିଁ ଘର ସଜାଡିଥାଏ। ତାରି ପାଇଁ ଘର ଓ ଘର ଲୋକଙ୍କର ପରିବର୍ତ୍ତନ ହୋଇଥାଏ। ମୁଁ ରଞ୍ଜିତାକୁ ବୋହୂ କଲାବେଳେ ଭଲଭାବେ ଜ୍ୟୋତିଷଙ୍କୁ ଦେଖାଇଛି। ସେ ପୁଷ୍ୟା ନକ୍ଷତ୍ରର ଝିଅ। ସବୁପ୍ରକାର ଭଲ ଗୁଣର ଅଧିକାରୀ। ତାରି ପାଇଁ ଏ ଘର ପୁରିଉଠିଛି।

ସଞ୍ଜୟ କିଛି କହିଲେନି। ବାପାଙ୍କର ଏତେ ବଡ ବିଶ୍ୱାସ ଭାଙ୍ଗି ଲେହସୁନିଆଟିର କାହାଣୀ କହିବାକୁ ତାଙ୍କର ସାହସ ହେଲାନି। ତେଣୁ ନିରବ ରହିଲେ। ପରେ କହିବି ଭାବି ଆଉ କହିପାରିଲେନି। ବାପା ଚାଲିଗଲେ। କିନ୍ତୁ ଶେଷବେଳର ତାଙ୍କ ଆଖିର ଅସନ୍ତୋଷକୁ ଦୂରେଇ ବି ପାରିଲେନି। ବାପା ଆଖିରେ ଅସନ୍ତୋଷ, ଗ୍ଲାନି, ଅଭିଯୋଗ, ଅନ୍ତର୍ଦାହ ନେଇ ଚାଲିଗଲେ।

ବାପା ଗଲାପରେ ସେ ଲେହସୁନିଆ ଉଦ୍ଦେଶ୍ୟରେ କହିଲେ ତୁ ସେଇଠି ସେମିତି ସୁରକ୍ଷିତ ହୋଇ ଥା । ତୋ କଥା ମୁଁ କାହାକୁ କହିନି କି କହିପାରିବିନି। ମୋର ସମୟ ନାହିଁ ବୋଲି ଅଭିମାନ କରିବୁନି। ଆଉ କିଛିଦିନ ଗଲେ ତୋ ସହ ବହୁତ କଥା ହେବି। ତୁ ମୋ ସାଂଗରେ ସଦାବେଳେ ରହିଥା।

ଆଜି ତାଙ୍କୁ ଅନ୍ତର୍ଜାତିକ ସ୍ତରରେ ଏକ ବହୁତ ବଡ ସଫଳତା ମିଳିଛି। ଜର୍ମାନୀର ଏକ ନାମୀ ଦାମୀ କମ୍ପାନୀ ସହ ତାଙ୍କ କଂପାନୀର ଅନୁବନ୍ଧିତ ହୋଇଛି। ତାଙ୍କ କଂପାନୀର ପ୍ରଡକ୍ଟ ଆମଦାନୀ ରପ୍ତାନୀ ପାଇଁ ପ୍ରଶସ୍ତ ରାସ୍ତା ଖୋଲିଯାଇଛି। ସେ ଆଜି ସବୁଠୁ ଖୁସି। ଘରକୁ ଫେରି ରଞ୍ଜିତାଙ୍କ ମୁହଁ ଦେଖି ତାଙ୍କୁ ଯେତିକି ବିତୃଷ୍ଣା ଲାଗିଲା ଲେହସୁନିଆକୁ ଆନ୍ତରିକ ଧନ୍ୟବାଦ ଦେବାପାଇଁ ମନ ସେତିକି ଉଦ୍‌ବେଳିତ ହୋଇଉଠିଲା। ଆଜି ଅଫିସରୁ ମନ ସ୍ଥିର କରି ଆସିଥିଲେ ଯେମିତି ହେଉ ସମୟ ବାହାର କରି ବାକ୍ସ ଭିତରୁ ତାକୁ ବାହାର କରି ତା ସହ କିଛି ସମୟ ବିତାଇବେ। ଗତ ୨୦ ବର୍ଷ ଭିତରେ ସେ ତାଙ୍କୁ କୋଉଠୁ ନେଇ କୋଉଠି ପହଂଚେଇଛି !

କାଠବାକ୍ସରେ ମୁଣ୍ଡ ଲଗାଇ ତା ଭିତରୁ କୁଟିକମ କରା ପିତଳ ଡିବାଟିକୁ ବାହାର କରି ତା ଉପରେ ବାରମ୍ବାର ସ୍ନେହରେ ହାତ ଘୂରାଇଲେ ସଞ୍ଜୟ। ତାଙ୍କ ଛାତି ଧକ୍ ଧକ୍ କଲା। କେତେଦିନୁ ସେ ଦେଖିନାହାନ୍ତି ଲେହସୁନିଆଟିକୁ। ଆଜି ମନ ଭରି ଦେଖିବେ, କଥା ହେବେ।

କିନ୍ତୁ ଡବା ଭିତର ଶୂନ୍ୟ, ମହାଶୂନ୍ୟ। ତା ଭିତରେ କିଛି ନାହିଁ। ଆଉ ଥରେ ଭଲଭାବେ ଦେଖି ଚିତ୍କାର ଛାଡି ରଞ୍ଜିତାଙ୍କୁ ଡାକିଲେ ସଞ୍ଜୟ- ଏ ଡିବା ଭିତରେ ମୋର ଗୋଟେ ପଥର ଥିଲା କୁଆଡେ ଗଲା ?

-ପଥର ?(ରଞ୍ଜିତା ପ୍ରଥମେ କିଛି ବୁଝିନପାରି ତାଙ୍କୁ ଡରି ଡରି ଚାହିଁଲେ)

-ହଁ ପଥର। କମଳା ରଂଗର। ଏ ବାକ୍ସ ତ ଛୁଆମାନେ ଛୁଅନ୍ତିନି। ତୁମ ଛଡା ଆଉ କିଏ ନେଇଛି ସେ ପଥର? (ସଞ୍ଜୟ ରାଗରେ ଥରୁଥିଲେ। ରଞ୍ଜିତାଙ୍କ ପ୍ରତି ଥିବା ତାଙ୍କର ବିତୃଷ୍ଣା ଯେମିତି ଘୃଣାରେ ପରିବର୍ତ୍ତନ ହୋଇ ହୁତ୍ କିନା ଜଳିଉଠିଲା। ସେ ରଞ୍ଜିତାଙ୍କୁ ହାତ ଉଠାଇବାକୁ ପଛାଇଲେନି)

ରଞ୍ଜିତା ଭୟରେ ଥରି ଥରି ବହୁତ ସମୟପରେ ମନେ ପକେଇ କହିଲେ-କୋଡିଏ ବର୍ଷ ତଳେ ପୁରୁଣା ଘରୁ ଏ ଘରକୁ ଆସିବା ବେଳେ ମୁଁ ବାକ୍ସଟା ସଫା କରିଦେଇଥିଲି। ପିତଳ ଡିବାଟିକୁ ମଧ୍ୟ କି ପଥରଟିଏ ଅଛି ଭାବି ପଥରଟିକୁ ଫୋପାଡି ଦେଇ ଡିବାଟା ଧୋଇ ପରିଷ୍କାର କରିଦେଇଥିଲି।

ହତ୍‌ବାକ୍ ହୋଇ ସଞ୍ଜୟ ପ୍ରଥମେ କିଛି କହି ପାରିଲେନି। ତାପରେ ରଞ୍ଜିତାଙ୍କୁ ବହୁତ ସମୟ ଚାହିଁ ରହି ଅବସନ୍ନ ଭାବେ ପଚାରିଲେ- ତାହେଲେ ? ? ?

ରଞ୍ଜିତା କେବଳ ଲୁହ ଡବଡବ ଆଖିରେ ଚାହିଁରହିଲେ। କାରଣ ସଞ୍ଜୟଙ୍କ ପ୍ରଶ୍ନ ବୁଝିବାର କ୍ଷମତା ତାଙ୍କର ନଥିଲା।

*ଲକ୍ଷ୍ମୀସାଗର, ସନ୍ତୋଷୀ ବିହାର, ଭୁବନେଶ୍ୱର-୬*
*ଦୂରଭାଷ: ୮୮୯୫୨୯୪୧୪୧*

An unit of MAGNUM Shoppers Club (P) Ltd

S & SSAC
S & SS Associates & Consultancy
( A unit of Magnum Shoppers Club Pvt. Ltd. )
A single window consultancy service in multiple fields to support and assist you



- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*
*Mob.: + 91 94370 31392, Landline: +91 674 2393692*
*Email: sssassociatesss@gmail.com*
*Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar*

# ଜାତି ସ୍ମର

ଡାକ୍ତର ନାରାୟଣ ଚନ୍ଦ୍ର ଶତପଥୀ

ଡାକ୍ତର ସାହେବ କହନ୍ତୁତ ମୋ ପୁଅର କ'ଣ ହୋଇଛି ? ଡାକ୍ତରଙ୍କ କ୍ଲିନିକରେ ଡାକ୍ତର ଦେବରାଜ ସାହୁଙ୍କୁ ପଚାରିଲେ ଦେବଦତ୍ତ ବାବୁ। ତାଙ୍କ ସାଙ୍ଗରେ ଥିଲେ ତାଙ୍କ ସ୍ତ୍ରୀ ସୁମିତ୍ରା ଦେବୀ ଓ ତାଙ୍କ ପୁଅ ଆକାଶ। ଦେବଦତ୍ତ ବାବୁ ଆଉ ସୁମିତ୍ରା ଦେବୀଙ୍କ ମୁହଁରେ ବିଷାଦର କାଳିମା। ଦୁହେଁ ଯେତେ ବିବ୍ରତ, ବ୍ୟସ୍ତ ଓ ଭୟାଳୁ ତାହା ତାଙ୍କ ଚେହେରାରୁ ପରିସ୍ଫୁଟ। ଆକାଶର ମୁହଁରେ କିଛି ଚିହ୍ନ ନାହିଁ। ନା ସେ ହସୁଛି, ନା ସେ ବିଷାଦଗ୍ରସ୍ତ ଅଛି। ବରଂ କୌତୁହଳୀ ନଜରରେ ସେ ଡାକ୍ତରଙ୍କ ଚାମ୍ବରରେ ସମସ୍ତଙ୍କୁ ଦେଖୁଛି। ସେ ଜାଣି ପାରୁନି ବାପା ଏବଂ ମାଆ କାହିଁକି ତାକୁ ଏଠାକୁ ନେଇ ଆସିଛନ୍ତି। ବାପା ଡାକ୍ତରଙ୍କୁ ଯାହା ପଚାରିଲେ ସେ ସ୍ପଷ୍ଟ ଭାବରେ ଶୁଣିଛି। କିନ୍ତୁ ସେ ନିଜେ ବି ବୁଝି ପାରୁନାହିଁ ଯେ ତା'ର କ'ଣ ହୋଇଛି। ବାପା ବ୍ୟସ୍ତ, ମାଆ ବ୍ୟସ୍ତ। ଅଥଚ ସେ ନିଜେ ଜାଣେ ନା ଯେ ତା'ର କ'ଣ ହୋଇଛି। ସେ ତ ଠିକ ଅଛି। ଖାଉଛି, ପିଉଛି, ସ୍କୁଲ ଯାଉଛି, ଘରେ ବି ପାଠ ପଢୁଛି। ଟ୍ୟୁସନ ଟିଚର ଆସିଲେ ସେ ତାଙ୍କ ପାଖରେ ବସି ପଢ଼ାପଢ଼ି କରୁଛି। ଖେଳବେଳେ ଖେଳୁଛି, ଶୋଇଲା ବେଳେ ଶୋଉଛି ତେବେ... ?

"କଣ କହିଲେ ଦେବଦତ୍ତ ବାବୁ। ଆରେ ସାଙ୍ଗରେ ବି ସୁମିତ୍ରା ଭାଉଜ। ଆରେ ଠିଆ ହେଲେ କାହିଁକି ବସନ୍ତୁ ନା।" ଡାକ୍ତର ଦେବରାଜ ସାହୁ କହିଲେ। ଡାକ୍ତର ଦେବରାଜ ସାହୁ ଦେବଦତ୍ତ ବାବୁଙ୍କର ଘରୋଇ ଡାକ୍ତର

'ଅଙ୍କଲ, ନମସ୍କାର' ଆକାଶ ଡାକ୍ତରଙ୍କୁ ନମସ୍କାର କଲା।'

'କ'ଣ ହୋଇଛି ତା'ର ? ସେତ ବେଶ୍ ସୁସ୍ଥ ଅଛି।' ଡାକ୍ତର ଆକାଶକୁ ପାଖକୁ ଡାକି ତା'ମୁଣ୍ଡରେ ହାତ ବୁଲାଇଲେ ସ୍ନେହରେ।

ଦେବଦତ୍ତ ବାବୁ ଓ ସୁବିତ୍ରା ଦେବୀ ଚେୟାରରେ ବସିଲେ।

"ନା, ଡାକ୍ତର ବାବୁ ଆପଣ ଯାହା ଦେଖୁଛନ୍ତି ସେଇଟା ସତ୍ୟ ନୁହଁ। ବରଂ ...."

"କ'ଣ କହିଲେ ଦେବଦତ୍ତ ବାବୁଙ୍କୁ କୁହାଇ ନଦେଇ କହିଲେ ଡାକ୍ତର ବାବୁ" ଯାହା ଦେଖୁଛି ସେଇଟା ସତ୍ୟ ନୁହଁ ?" କହି ସାରି ପ୍ରଶ୍ନିଳ ଆଖିରେ ଚାହିଁଲେ ଡାକ୍ତର।

"ଶୁଣନ୍ତୁ ଡାକ୍ତର ସାହେବ, ପୁପୁମାନେ ଆକାଶକୁ ଯାହା ଦେଖୁଛନ୍ତି ପ୍ରକୃତରେ ସେ ସେମିତି ନୁହଁ। ଦେଖନ୍ତୁ ଆପଣଙ୍କ ପାଖରେ ସେ କେମିତି ଶାନ୍ତ, କିଛି ନ ଜାଣିଲା ପରି ଛିଡା ହୋଇଛି। ଦଶ ବର୍ଷର ପିଲା, କୋମଳମତି ହେବା କଥା, ଚିନ୍ତାଠାରୁ ଦୂରରେ ରହିବା କଥା। ଚଢ଼େଇ ଛୁଆ ପରି ଚିଁ ଚିଁ ଶବ୍ଦ କରୁଥିବା କଥା। କିନ୍ତୁ...."

"କିନ୍ତୁ କ'ଣ ?" ଡାକ୍ତରଙ୍କ ପ୍ରଶ୍ନ।

"ମୁଁ ଭାବୁଛି ତା'ର ମାନସିକ ଅବସ୍ଥା ଠିକ୍ ନାହିଁ।"

ଡାକ୍ତର ହସିଲେ ସ୍ମିତ ହସ।

"ପିଲା ଲୋକ ହୁଏତ କେଉଁ କଥାକୁ ନେଇ ଅସନ୍ତୁଷ୍ଟ। ସେଥିପାଇଁ ମନ ଭିତରେ ସେଇ କଥାକୁ ରଖି ସେ ଚିନ୍ତା କରୁଛି।"

"କ'ଣ ପୁପୁ ବାବା। ତୁମେ କାଳେ ସବୁବେଳେ ଚିନ୍ତାଗ୍ରସ୍ତ ରହୁଛ ?"

"ନାହିଁ, ଅଙ୍କଲ ସେମିତି କିଛି ନାହିଁ।" ଆକାଶ କହିଲା।"

"ହଁ ବେଳେ ବେଳେ ମୋ ମୁଣ୍ଡ ଭିତରଟା କ'ଣ ହୋଇଯାଏ।" ଆକାଶ ପୁଣି କହିଲା

"ସେତେବେଳେ ତୁମେ କ'ଣ କର ?" ଡାକ୍ତର ପଚାରିଲେ।

"କିଛି ନାହିଁ। ମୁଁ ସେତେବେଳେ କ'ଣ କରେ ମୋର କିଛି ମନେ ପଡେନା।" ପରେ ମତେ କେହି ପଚାରିଲେ ମୁଁ କିଛି କହି ପାରେନା।" ଆକାଶ ଡାକ୍ତରଙ୍କୁ କହିଲା। "କିନ୍ତୁ ଡାକ୍ତର ଅଙ୍କଲ ମୋର ଏମିତି ହେଉଛି ବୋଲି ମୁଁ ବି ଜାଣି ପାରେନା। ବାବା ମମି ଆଉ ଅନ୍ୟ କେହି ପଚାରିଲେ ମୁଁ ତାଙ୍କୁ କହେ କାହିଁ ମୋର କ'ଣ ହେଲାକି ? ମୁଁ ତ ଜାଣିନାହିଁ।" ଆକାଶ ନିର୍ଲିପ୍ତ ଭାବରେ କହିଲା।

"ନାହିଁ ଡାକ୍ତର ସାହେବ" ଦେବଦତ୍ତ ବାବୁ ଆରମ୍ଭ କଲେ।"

" ତାର କେତେକ ସାଙ୍ଗସାଥୀ, ତା'ର କେତେକ ଟିଚର ମଧ୍ୟ ମତେ ଏ ବିଷୟରେ କହିଛନ୍ତି। ତାର ଆନମନା ଭାବ ସ୍କୁଲରେ ବି ସେମାନେ ଲକ୍ଷ କରିଛନ୍ତି।"

"ହଁ ଡାକ୍ତର ବାବୁ, ତାର ବିଚିତ୍ର ବ୍ୟବହାର ଦେଖି ମୁଁ ବି ବେଳେବେଳେ ଘାବରେଇ ଯାଏ।" ସୁମିତ୍ରା ଦେବୀ ଏଥର କହିଲେ। କେବଳ ଏତିକି ନୁହେଁ। ପାଠ ପଢୁଥିବ କି ଖେଳ ଖେଳୁଥିବ ହଠାତ୍ ସେ ସବୁ ବନ୍ଦ କରି ଉପରକୁ ଚାହିଁ ରହିଥିବ। ପଚାରିଲେ ସେ କହେ ତୁମେ ସବୁ ମିଛ କହୁଛ। ମୁଁ ଏମିତି କିଛି କରି ନାହିଁ। ସୁମିତ୍ରା ଦେବୀ ଯୋଗକଲେ।

"ଅଦ୍ଭୁତ କଥା" ଦେବଦତ୍ତ ବାବୁ କହିଲେ। "ଖେଳ ଖେଳୁଥିବ, ହଠାତ୍ ତା'ର କ'ଣ ହୁଏ ଯେ ହୁଏତ ଖେଳ ମଝିରେ ପଡିଆରେ ଆଣ୍ଠୁ ମାଡି ବସି ପଡିବ। କେହି ସାଙ୍ଗ ପଚାରିଲେ ତାକୁ ମାରିବାକୁ ବାହାରି ପଡ଼ିବ। କିମ୍ବା କାହାକୁ କାହାକୁ ମାରି ଦିଏ ମଧ୍ୟ। କିନ୍ତୁ ପଚାରିଲେ ମାନେ ନା। କୁହେ ମୁଁ ଏପରି କିଛି କରିନାହିଁ। ବେଶୀ ପଚାରିଲେ ସେ ସେଠାରୁ ଦୌଡି ପଳେଇବ। ସାଙ୍ଗସାଥୀ ତା'ପଛରେ ଗୋଡେଇଥିବେ। ହଠାତ୍ ସେ ରାସ୍ତା ଉପରେ ବସି ପଡିବ ଆଉ

କାନ୍ଦିବ। କାନ୍ଦ ବନ୍ଦ କରାଇ ପଚାରିଲେ ସେ କିଛି ମାନିବ ନାହିଁ। ବରଂ କହିବ ଆରେ ଆମେ ଖେଳୁଥିଲେ ଏଠିକି କାହିଁକି ଆସିଛେ। ଚାଲ ଖେଳିବା ଚାଲ।" ଦେବଦତ୍ତ ବାବୁ ତାଙ୍କ କଥା ଉପରେ ଜୋର୍ ଦେଇ କହିଲେ।

"କିଛି ଦୁଷ୍ଟାମୀ କରେକି ?" ଡାକ୍ତର ପଚାରିଲେ।

"ହଁ ସେତେବେଳେ ସେ କ'ଣ କରିବ କେହି କହି ପାରିବେ ନାହିଁ।" ଉଭୟ ଦେବଦତ୍ତ ବାବୁ ଓ ସୁମିତ୍ରା ଦେବୀ ଏକ ସଙ୍ଗରେ କହି ଉଠିଲେ।"

"କ'ଣ ପୁପୁବାବୁ, ବାବା, ମାମା ଯାହା କହୁଛନ୍ତି-"

"ନାହିଁ" ଆକାଶ ଡାକ୍ତରଙ୍କ କଥା କାଟି କହିଲ।"

"ବାବା ମାମା ଯାହା କହୁଛନ୍ତି ସେ ବିଷୟରେ ମୋର କିଛି ମନେ ନାହିଁ। ସମସ୍ତେ କହୁଛନ୍ତି। ମାତ୍ର ମୁଁ କିଛି ଜାଣେନା।"

"ଆଉ ତୁମେ ଯେଉଁ ଗୁଣୁଗୁଣୁ କଥା କହୁଥିଲ ?" ଡାକ୍ତର ସାହେବ ପୁଣି ପଚାରିଲେ।

"ମୁଁ କିଛି ଜାଣିନି।" ଆକାଶ ନିରୀହ ପିଲାପରି କହିଲା।"

"ହୁଁ ! ଡାକ୍ତର କିଛି ଚିନ୍ତା କରୁକରୁ ବଡ ହୁଁଟେ ମାରିଲେ। ତାପରେ ଆକାଶଙ୍କୁ ପାଖକୁ ଡାକିଲେ। ସ୍ନେହରେ ତା ମୁଣ୍ଡରେ ହାତ ବୁଲାଇଲେ। ତାକୁ ନିରୀକ୍ଷଣ କଲେ। ଶାନ୍ତ ନିରୀହ ପିଲା ପରି ପୁପୁ ଛିଡା ବି ହୋଇଛି ସାଧାରଣ ଭାବରେ।

"ତୁମେ ବେଳେବେଳେ କିଛି ଅସୁବିଧା..."

"ହଁ" ଆକାଶ କଥାକାଟି କହିଲା "ମତେ ବେଳେବେଳେ ଅଡୁଆ ଲାଗେ। କିଛି ସମୟ ପାଇଁ ମୁଁ ଯେପରି ମୋ କଥା ଭୁଲି ଯାଏ। ମତେ କିଛି ଭଲ ଲାଗେନା।" ଆକାଶ କହିସାରି ଡାକ୍ତରଙ୍କୁ ଚାହିଁଲା। "ଏତିକି ଛଡା ମୁଁ ଆଉ କିଛି ଜାଣିପାରେନା।" ପୁଣି ଥରେ କହିଲା ଆକାଶ।

"ତେବେ..."

"ମୋ ସାଙ୍ଗମାନେ ମତେ କହନ୍ତି ତୁ ଏମିତି ବ୍ୟବହାର କାହିଁକି କରୁଛୁ କିରେ ?" ଆକାଶ ପୁଣି କହିଲା।

ଡାକ୍ତର ଦେବରାଜ ସାହୁ ଚିନ୍ତା କରିବାକୁ ଲାଗିଲେ। ଦଶ ବର୍ଷରେ ପିଲାଟିଏ କିନ୍ତୁ କଥାଗୁଡିକ ବଡମାନଙ୍କ ପରି ପ୍ରାଞ୍ଜଳ ଭାବରେ କହି ପାରୁଛି। ଯେତ ଭଲ ଲକ୍ଷଣ। ତେବେ...

ଆକାଶଙ୍କୁ ଡାକ୍ତର ବାବୁ ତାଙ୍କ ପରୀକ୍ଷା ବେଡରେ ଶୁଆଇ ଦେଲେ। ତାର ରକ୍ତଚାପ ପରୀକ୍ଷା କଲେ। ଷ୍ଟେଥୋ ପକାଇ ଛାତି ଆଉ ପିଠିପଟର ଅବସ୍ଥା ଦେଖିଲେ। ଆଖି ଡୋଳା ଉପରକୁ କରି କିଛି ନିରୀକ୍ଷଣ କଲେ।

"ନା ଦେବଦତ୍ତ ବାବୁ ମୁଁ ତାର କୌଣସି ବିଲକ୍ଷଣ ଦେଖି ପାରୁନାହିଁ। ସେମିତି କିଛି ଗଣ୍ଡଗୋଳିଆ ଲକ୍ଷଣ ନାହିଁ। ସେ ଯାହା ହେଉ ମୁଁ ଔଷଧ ଲେଖି ଦେଉଛି ଆପଣ ତାକୁ ରେଗୁଲାର ଔଷଧ ଖୁଆଇବେ। ହଁ ମ୍ୟାଡାମ ଆପଣଙ୍କ କାମ ହେଲା ତାକୁ ଔଷଧ ଦେବେ ଏବଂ ତା'ର କିଛି ବିପରୀତ ଚାଲିଚଳନ ଦେଖିଲେ ମତେ ତୁରନ୍ତ ଫୋନ୍‌ରେ ଜଣାଇବେ। ଡାକ୍ତର ବାବୁ ଉଭୟଙ୍କୁ ଲକ୍ଷ୍ୟ କରି କହିଲେ, ଦେବଦତ୍ତ ବାବୁ ଓ ସୁମିତ୍ରା ଦେବୀ ଆକାଶଙ୍କୁ ସଙ୍ଗରେ ନେଇ ଚାଲିଗଲେ।

ପନ୍ଦର ଦିନ ପରେ ଡାକ୍ତର ଦେବରାଜ ସାହୁଙ୍କ ମୋବାଇଲ ରିଙ୍ଗ ହେଲା। ଡାକ୍ତର ଫୋନ୍ ଉଠାଇଲେ। ଆରେ ଏତେ ସୁମିତ୍ର ଦେବୀଙ୍କ କଲ। ଆଉ କିଛି ଅଘଟଣ ଘଟିଲା କି ? ଫୋନ୍ ଅନ୍ କଲ। ସେପଟୁ ଭାସି ଆସିଲା ସୁମିତ୍ରା ଦେବୀଙ୍କ ସ୍ୱର।

"ଡାକ୍ତର ସାହେବ, ଆପଣ ଫ୍ରି ଅଛନ୍ତିତ ! ଶୁଣନ୍ତୁ ଡାକ୍ତର ସାହେବ" ଡାକ୍ତର ବାବୁଙ୍କ ଉତ୍ତରକୁ ଅପେକ୍ଷା ନ କରି କହି ଚାଲିଲେ ସୁମିତ୍ରା ଦେବୀ।

"ଗୋଟେ ବଡ ଅଘଟଣ ଘଟି ଯାଇଛି। ପୁପୁ କିଛି ଶୁଣୁନି। ମାରିଦେବି, ହାଣିଦେବି କହି ଚିତ୍କାର କରୁଛି। ରାଗରେ ଥରି ଯାଉଛି। ତା ଆଖି ଦୁଇଟା ନିଆଁ ଦାଉଦାଉ ଜଳିଲା ପରି ଦେଖାଯାଉଛି। ମୁହଁଟା ରାଗରେ ପାଚି ଲାଲ ଦେଖା ଯାଉଛି। ରୁମ୍ ଭିତରକୁ ଯିବାକୁ କାହାକୁ ଦେଉନି। ରୁମ ଭିତରେ ସେ ଏପଟସେପଟ ଘୁରି ବୁଲୁଛି। ତାକୁ ଆମେ କେହି ଆୟତ୍ତକୁ ଆଣି ପାରୁନୁ। ଏପରିକି ଆସିଥିବା ଗୁଣିଆ...."

"ଗୁଣିଆ" ଡାକ୍ତର ବାବୁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ। "ଗୁଣିଆ କ'ଣ କରିବ ? ଏତ ତା'ର ମାନସିକ ଅସ୍ଥିରତା।" ଡାକ୍ତର ବାବୁ କହିଲେ। "ନାହିଁ ସେ ସକାଳୁ ସ୍କୁଲ ଗଲାନି। ପାଗଳ ପରି କକ୍ଷ ଭିତରେ ଘୁରି ବୁଲିଲା। ପାଟିକରି କ'ଣ ଗୋଟାଏ କହୁଥିଲା। କେହି ସେତେବେଳେ ତା' କଥାକୁ ବୁଝି ପାରୁନଥିଲୁ।" ଦମ୍ ନେଲେ ସୁମିତ୍ରା ଦେବୀ। "ତା'ପରେ ଆମେ ଭାବିଲୁ ଯାକୁ ଭୂତ ଲାଗିନି ତ। ସେଇ ସନ୍ଦେହରେ ଆମେ ଏଇ ପାଖରେ ଥିବା ଜଣେ ଗୁଣିଆକୁ ଡକାଇ ଆଣିଥିଲୁ।"

"ଗୁଣିଆ କ'ଣ କଲା ?"

"ଗୁରିଆ ତା' ଉପରୁ ମନ୍ତୁରା ପାଣି ପକେଇଲା। କିନ୍ତୁ ତା'ର କିଛି ପରିବର୍ତ୍ତନ ହେଲା ନାହିଁ। ଗୁଣିଆ ମନ୍ତ୍ର ପଢ଼ି ମନ୍ତୁରା ପାଉଁଶ ତା' ଉପରକୁ ଫୋପାଡ଼ିଲା। ମାତ୍ର ସବୁ ଚେଷ୍ଟା ବିଫଳ। ବରଂ ସେ କେତେଗୁଡିଏ ନାଁ କହି ବଡ ପାଟି କଲା। ଗୁଣିଆ ଚେଷ୍ଟା କରିବି ତାକୁ ଶାନ୍ତ କରି ପାରିଲାନି। ଆଉ କାହାକୁ ଡାକ। ମୋ ଶକ୍ତି ବାହାର ଏ ଭୂତ କହି ଚାଲିଗଲା।"

"ଆପଣମାନେ ପାଠଶାଠ ପଢ଼ି ଏଥିରେ କିପରି ବିଶ୍ୱାସ କରି ପାରୁଛନ୍ତି।" ଡାକ୍ତର ବିରକ୍ତ ହୋଇ କହିଲେ।

"ଶୁଣନ୍ତୁ ଡାକ୍ତର ସାହେବ।" ଦେବଦତ୍ତ ବାବୁଙ୍କ ସ୍ୱର ଶୁଭିଲା।"

"ପୁପୁ ଏବେ କ୍ଷଣକୋପୀ ହୋଇ ଯାଇଛି। କାହାରି କଥା ଶୁଣୁ ନାହିଁ କି ମାନୁ ନାହିଁ। ଏବେ କେବଳ ଗୋଟିଏ ଇଚ୍ଛା ଲଗାଇଛି। ମାନେ ତାକୁ ମାରିଦେବେ। ଛାଡ଼ିବେ ନାହିଁ। ମତେ ଯିବାକୁ ହେବ। ମତେ କେହି ଅଟକାଅ ନାହିଁ। ନଇଲେ ସେ ମରିଯିବ ଇତ୍ୟାଦି ଇତ୍ୟାଦି। କୁହନ୍ତୁ ଆମେ କ'ଣ କରିବୁ ?"

"ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ଏବେ ବାହାରୁଛି। ତାକୁ ଜଗିଥାନ୍ତୁ। ଡାକ୍ତର ବାବୁ ଫୋନ୍ ବନ୍ଦ କରି ପୁଣି କାହାକୁ ଫୋନ୍ ଲଗାଇଲେ।

"ହାଲୋ, କିଏ ବିପ୍ଳବ ଚୌଧୁରୀ କହୁଛନ୍ତି ତ ?" ଡାକ୍ତର ବାବୁ ପ୍ରଶ୍ନ କଲେ।

"କିଏ ଡାକ୍ତର ଦେବରାଜ ବାବୁ କହୁଛନ୍ତି ନା ?" ଆରପଟରୁ ଶୁଭିଲା।

"ହଁ, ହଁ ମୁଁ ଡାକ୍ତର ଦେବରାଜ ହିଁ କହୁଛି। ଶୁଣନ୍ତୁ ଗୋଟେ ଅଦ୍ଭୁତ ଖବର ଅଛି। ଆପଣଙ୍କ କ୍ରାଇମ ରିପୋର୍ଟର ମାଗାଜିନ ପାଇଁ ବୋଧେ ଗୋଟେ ବଡ ରିପୋର୍ଟ ଆପଣଙ୍କୁ ମିଳିଯିବ। ମୁଁ ବର୍ତ୍ତମାନ ସେଠାକୁ ବାହାରିଛି।" ଡାକ୍ତର ବାବୁ କହିଲେ।

"ଆରେ କ'ଣ ହୋଇଛି କୁହନ୍ତୁ ତ।" ବିପ୍ଳବ ଚୌଧୁରୀ ପଚାରିଲେ।"

"ବେଳ ନାହିଁ ଆପଣ ସେଠାକୁ ଆସନ୍ତୁ। ସବୁ ଦେଖିବେ, ସବୁ ଜାଣିବେ। ଆଡ୍ରେସଟା ପଠେଇ ଦେଉଛି।" ଡାକ୍ତର ବାବୁ କହିଲେ।

ତା' ପରେ....

ଦେବରାଜ ବାବୁ ଚମକି ପଡ଼ିଲେ। ସତରେ ଆକାଶଙ୍କୁ ଆୟତ୍ତ କରିବା ସମ୍ଭବ ହେଉ ନାହିଁ।

"ମାରିଦେବି। ସେମାନଙ୍କୁ ମୁଁ ଜଣ ଜଣ କରି ମାରିଦେବି। କାହାକୁ ଛାଡ଼ିବି ନାହିଁ। ମୋ ବାପାଙ୍କୁ କହିବେ ମତେ ସେ ସେଠାକୁ ନେଇଯିବେ।" ଇତ୍ୟାଦି ଇତ୍ୟାଦି କହି ଘରଭିତରେ ଏପଟ ସେପଟ ହେଉଥାଏ ଆକାଶ।

ଡାକ୍ତର ବାବୁ ସାହସ କରି ସେ କକ୍ଷ ଭିତରକୁ ଗୋଡ ଚାପି ଚାପି ଗଲେ।

"ଅଙ୍କଲ, ଆପଣ କିଏ। ଏଠାକୁ କାହିଁକି ଆସିଛନ୍ତି ?"

"ପୁପୁ ବାବୁ ମୁଁ ତୁମ ଡାକ୍ତର ଅଙ୍କଲ।" ଡାକ୍ତର ବାବୁ ଶାନ୍ତ ସ୍ୱରରେ କହିଲେ।

"ଡାକ୍ତର ଅଙ୍କଲ ? ସେ କିଏ ?"

ଡାକ୍ତର ବାବୁ ଆଶ୍ଚର୍ଯ୍ୟ ହେଲେ।

"ସେ ଆମ କାହାକୁ ଚିହ୍ନିପାରୁନାହିଁ ଡାକ୍ତର ସାହେବ।" ଦେବଦତ୍ତ ବାବୁ କହିଲେ।

"ସମସ୍ତଙ୍କୁ ସେ ଚିହ୍ନିବ।" ନୂଆ କଣ୍ଠ ଶୁଣି ସମସ୍ତେ ପଛକୁ ଚାହିଁଲେ। ସମସ୍ତଙ୍କ ଆଖିରେ ପ୍ରଶ୍ନବାଚୀ।

"ସେ କ୍ରାଇମ ରିପୋର୍ଟର ବିପ୍ଳବ ଚୌଧୁରୀ" ଡାକ୍ତର ବାବୁ କହିଲେ।

"ବିପ୍ଳବ ଚୌଧୁରୀ।" ଆଶ୍ଚର୍ଯ୍ୟରେ କହି ପକେଇଲେ ଦେବଦତ୍ତ ବାବୁ" କିନ୍ତୁ ଏଠାରେ କ୍ରାଇମ ରିପୋର୍ଟର କାହିଁକି ?"

"ଏବେ ନୁହଁ, ସମୟ ଆସିଲେ ବଳେ ବଳେ ଜାଣିପାରିବେ" ବିପ୍ଳବ ଚୌଧୁରୀ ଧୀର ସ୍ୱରରେ ଉତ୍ତର ଦେଲା। ଏବଂ କକ୍ଷ ମଧ୍ୟକୁ ପ୍ରବେଶ କଲା।

ବିପ୍ଳବ ଚୌଧୁରୀ ଏବଂ ଡାକ୍ତର ଦେବରାଜ ସାହୁଙ୍କ ଅଦମ୍ୟ ଚେଷ୍ଟା ପରେ ଆକାଶ ଶାନ୍ତ ହେଲା ଏବଂ ଧୀର ସ୍ୱରରେ କହିଲା "ମୁଁ ଆମଘରକୁ ଯିବି। ନଇଲେ ଜଣେ ମରି ଯାଇପାରେ।"

"କେଉଁ ଗାଁ ?" ବିପ୍ଳବର ପ୍ରଶ୍ନ।

"କୁଆଁ ପତର। ସେଠାରେ ମୋବାପା, ମାଆ, ଭାଇ ଭଉଣୀ ଓ ଜେଜେମା ଅଛନ୍ତି।" ଆକାଶ କହିଲା

"ଆଚ୍ଛା ଆଚ୍ଛା ତୁମ ଘରକୁ ଯିବା ନିଶ୍ଚୟ ବାବୁ.....

"ପ୍ରଣୟ, ମୋ ନାଆଁ ପ୍ରଣୟ।" କହିଲା ଆକାଶ।

"ଡେରି ହେଲେ ଅଘଟଣ ଘଟିଯିବ।" ପୁଣି ଅସ୍ଥିର ହେବା ଆରମ୍ଭ କଲା ଆକାଶ।

"ଠିକ ଅଛି, ଚାଲ ଯିବା।" ବିପ୍ଳବ ଠିଆ ଠିଆ କହିଲା "କିନ୍ତୁ ବାବୁ ପ୍ରଣୟ ତୁମ ବାପାଙ୍କ ନାଆଁ କ'ଣ ?"

"ହରି ହର ଖୁଣ୍ଟିଆ" ଉତ୍ତର ଦେଲା ଆକାଶ।

"ଆଚ୍ଛା ଯିବା ଚାଲ।" ବିପ୍ଳବ ଚୌଧୁରୀ କକ୍ଷରୁ ବାହାରକୁ ଆସିଲା।

ଦେବଦତ୍ତ ବାବୁ, ସୁମିତ୍ରା ଦେବୀ, ଡାକ୍ତର ବାବୁ, ବିପ୍ଳବ ଚୌଧୁରୀ ଆକାଶକୁ ଧରି ଡାକ୍ତର ବାବୁଙ୍କ କାର୍‌ରେ ବସି କୁଆଁପତ୍ର ଗାଁ ଉଦ୍ଦେଶ୍ୟରେ ଚାଲିଲେ।

"ଆଚ୍ଛା ଚୌଧୁରୀ ବାବୁ, କୂଆଁ ପତର ଗାଁ କେଉଁଠି, କେତେ ଦୂର କିଛି ଜାଣିଛନ୍ତି କି ?" ଗାଡି ଚଳାଉ ଚଳାଉ ପ୍ରଶ୍ନ କଲେ ଡାକ୍ତର ବାବୁ।"

"ହଁ ଏଇଠୁ ଡାହାଣପଟକୁ ଚାଲନ୍ତୁ। ସେ ଗାଁ ଏଠାରୁ ପ୍ରାୟ ୪୦ କିମି ହେବ।" ବିପ୍ଳବ ଚୌଧୁରୀ ଧୀରସ୍ୱରରେ ଜଣାଇଲା। ତା' ପରେ କାର ଭିତରେ ନୀରବତା।

"ଏଇଠି, ଏଇଠି ରଖନ୍ତୁ। ସେଇ ଆଗରେ ଆମ ଘର।" ଆକାଶ ପାଟିକରି କହିଲା ପ୍ରାୟ ଘଣ୍ଟାଏ ପରେ।

କାର ଅଟକିଲା। ସମସ୍ତେ ବାହାରକୁ ଆସିଲେ। ହଠାତ୍ ଆକାଶ ଦୌଡି ଦୌଡି ଏକ ଦି' ମହଲା କୋଠା ସମ୍ମୁଖରେ ଛିଡା ହୋଇଥିବା ଲୋକଟି ପାଖକୁ ପଳାଇ ତାଙ୍କୁ କୁଣ୍ଢେଇ ପକାଇଲା।

"ଆରେ, ଆରେ ତୁ କିଏରେ" ଠିଆ ହୋଇଥିବା ଲୋକଟି ଆଶ୍ଚର୍ଯ୍ୟରେ କହି ଆକାଶକୁ ନିଜଠାରୁ ଅଲଗା କଲେ। ସେ କିଛି ବୁଝି ପାରିଲେ ନାହିଁ।

"ମୁଁ, ମୁଁ ପରା ତୁମ ପୁଅ ପ୍ରଣୟ ଯାହାକୁ ପାଣୁଆ ବୋଲି ଡାକୁଥିଲେ।"

"ଆପଣ ହରିହର ଖୁଣ୍ଟିଆ ?" ପ୍ରଶ୍ନ କଲା ବିପ୍ଳବ ଚୌଧୁରୀ।"

"ହଁ, କିନ୍ତୁ ଆଜ୍ଞା ଆପଣମାନେ କିଏ ? ଏବଂ ପିଲାଟି କ'ଣ ମୋ ୧୦ ବର୍ଷ ତଳେ ମରି ଯାଇଥିବା ପୁଅ ବୋଲି କହୁଛି।" ଆଶ୍ଚର୍ଯ୍ୟରେ କହିଲେ ହରିହର ଖୁଣ୍ଟିଆ।

"ହଁ ଆଜ୍ଞା ସେହିଁ ଆପଣଙ୍କ ୧୦ବର୍ଷ ତଳେ ମରି ଯାଇଥିବା ପୁଅ, ବିପ୍ଳବ ଚୌଧୁରୀ କହିଲା।

"କ'ଣ କହୁଛନ୍ତି ଆଜ୍ଞା ମୋ ପୁଅକୁ ମୁଁ ଚିହ୍ନିପାରିବି ନାହିଁ ? ଇଏତ ନଅ ଦଶବର୍ଷର ପିଲା। ମୋ ପୁଅ ମଲାବେଳକୁ ତାକୁ ପନ୍ଦର ବର୍ଷ ହୋଇଥିଲା।" କଥାଟା କହିଲା ବେଳକୁ ହରିହରଙ୍କର ଆଖିରୁ ଦୁଇଧାର ଲୁହ ବହିଗଲା।

"ଧୈର୍ଯ୍ୟ ଧରନ୍ତୁ। ମନଦୁଃଖ କରନ୍ତୁ ନାହିଁ। ବର୍ତ୍ତମାନ ଇଏ ଆପଣଙ୍କ ପାଣୁଆ। କିଛି ସମୟ ପରେ ସେ ଅନ୍ୟର ପୁଅ ହୋଇଯିବ।" ବିପ୍ଳବ ଚୌଧୁରୀ ଉତ୍ତର ଦେଲା।

"କି ବିଚିତ୍ର କଥା କହୁଛନ୍ତି ଆପଣ। ଆରେ ସେ ପିଲା ତ କ'ଣ ପାଣୁଆ ମା, ଭାଇ ଭଉଣୀ ସମସ୍ତଙ୍କୁ ଯାଇ ନିଜର ସମ୍ପର୍କରେ କହି ସେମାନଙ୍କୁ ଆପଣାଇ ନେଲାଣି।" ହରିହର ଆଶ୍ଚର୍ଯ୍ୟରେ କହିଲେ।

ବିପ୍ଳବ ଚୌଧୁରୀ ଟିକେ ହସିଲା। ସମସ୍ତଙ୍କ ପରିଚୟ ତାଙ୍କ ସହ କରାଇ ଦେଲା। ଘଟଣା ବିଷୟରେ ସବିସ୍ତାର ସବୁ କହିଲା। ହରିହର ଆଶ୍ଚର୍ଯ୍ୟ ହୋଇ ସବୁକଥା ଶୁଣିଲେ।

"ଆରେ ଆପଣମାନେ ଘରଭିତରକୁ ଆସନ୍ତୁ। ବାହାରେ କାହିଁକି ଛିଡା ହୋଇ ରହିଲେ।"

"ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ଆମ ପାଖରେ ....

"ବାପା, ଜେଜେମା କାହିଁ ?" ବିପ୍ଳବର କଥାକାଟି ଆସୁଆସୁ ପ୍ରଶ୍ନ କଲା ଆକାଶ।

"ଜେଜେ ମା ! ଜେଜେମା' କ'ଣ ଆଉ ଅଛନ୍ତି। ସେତ କେଉଁଦିନରୁ ଆର ପାରିକି ଚାଲିଗଲେଣି। ଅଶ୍ରୁଳ ଚକ୍ଷୁରେ କହିଲେ ସେ, ଜେଜେମା ଚାଲିଗଲେ। ବଡମଣିଷ ପରି କହିଲା ଆକାଶ ମନ ଦୁଃଖ କରି।

"ବାପା, ରଜନୀ .... ହଠାତ୍ ପ୍ରଶ୍ନ କଲା।

"ରଜନୀତ ବାହା ହୋଇ ଶାଶୁଘର କୁଦପୁର ରଘୁ ରାଉତ ଘରକୁ ଗଲାଣି।"

"ଆସନ୍ତୁ ଆମେ ଯିବା ରାଜନୀ ଶଶୁର ଘର କୁଦପୁର" କହିଲା ଆକାଶ। ସେ ଯେପରି ଚଳଚଞ୍ଚଳ ଥିଲ।

"କିନ୍ତୁ କାହିଁକି ପ୍ରଶ୍ନ କଲେ ହରିହର।"

" ବେଳ ନାହିଁ। ଶୀଘ୍ର ଆସନ୍ତୁ।" କହିଲା ଆକାଶ। ତାପରେ ଛଞ୍ଚଳ ପାଦରେ ଚାଲି କାର୍ ଭିତରେ ବସି ପଡ଼ିଲା।

ବିପ୍ଳବର ଇଙ୍ଗିତରେ ଏମାନେ ଯାଇ କାରରେ ବସିଲେ। ହରିହର ସହ ଆଉ ଦୁଇ ତିନି ଜଣ ପଛରେ ସାଇକେଲ ବା ବାଇକରେ ବସିବାକୁ କହିଦେଇ କାର ଗଡ଼ି ଚାଲିଲା ଆକାଶ ଦ୍ୱାରା ନିର୍ଦ୍ଦେଶିତ ରାସ୍ତାରେ।

" ଏଇଠି, ଏଇଠି ଚିତ୍କାର କଲା ଆକାଶ। କାର ଅଟକିଲା କୁଦପୁର ଗାଁରେ। ଆକାଶ କାରରୁ ଓହ୍ଲାଇ ଦ୍ରୁତପାଦରେ ଯାଇ ଗୋଟିଏ ଏକ ମହଲା କୋଠା ନିକଟରେ ଠିଆ ହେଲା। ଅନ୍ୟମାନେ ତାକୁ ଅନୁସରଣ କଲେ।

ଘରର ପ୍ରବେଶ ଦ୍ୱାର ବଂଦ ଥିଲା। ଆକାଶ ଯାଇ କବାଟରେ ଶବ୍ଦ କଲା। ଅଳ୍ପ ସମୟ ଭିତରେ ଜଣେ ପଚାଶ ଷାଠିଏ ବର୍ଷର ଭଦ୍ର ବ୍ୟକ୍ତି

ଦ୍ୱାର ଖୋଲି ଏମାନଙ୍କୁ ଆଶ୍ଚର୍ଯ୍ୟ ଚକିତ ହୋଇ ରହିଁ ଠିଆ ହେଲେ।

" ରଜନୀ" ଆକାଶ ପଚାରିଲା।

" ତୁ କିଏ" ଆସିଥିବା ବ୍ୟକ୍ତି ପ୍ରଶ୍ନ କଲେ।

" ମୁଁ ପ୍ରଣୟ। ହରିହର ଖୁଣ୍ଟିଆଙ୍କ ପୁଅ।"

"ରଜନୀ ସହିତ ତୋର କାମ କ'ଣ ?"

"ସେ କାହିଁ ?" ଆକାଶର ପ୍ରଶ୍ନ।

"ନାହିଁ। ଆର ଗାଁ ତା ସାଙ୍ଗ ପାଖକୁ ଯାଇଛି।" ଭଦ୍ରବ୍ୟକ୍ତି ଜଣକ କହିଲେ।

"ବାଟ ଛାଡ଼ନ୍ତୁ ମୁଁ ଭିତରକୁ ଯିବି।" ଆକାଶ ଜୋର ଦେଇ କହିଲା।

"କିନ୍ତୁ କାହିଁକି ?" ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ। ଏହି ସମୟରେ ଜଣେ ୩୦/୩୨ ବର୍ଷର ଯୁବକ ଘର ଭିତରୁ ବାହାରିଲା। ଜଣେ ବୟସ୍କା ସ୍ତ୍ରୀ ସହିତ।

"ବାଟ ଛାଡ଼ିଲୁ" ଆକାଶ ଗର୍ଜନ କଲା।

"ଆରେ ଅଭୁତ ପିଲା। ଆମ ଘର ଭିତରକୁ ତୁ କାହିଁକି ଯିବୁ। ଏତେ ଲୋକ ସହ କ'ଣ କରିବାକୁ ଚାହୁଁଛୁ ?" ପ୍ରଶ୍ନ କଲା ଯୁବକ।

"ଦେଖନ୍ତୁ ଆମେ ରଜନୀ ମ୍ୟାଡାମଙ୍କୁ ଦେଖା କରିବାକୁ ଚାହୁଁ। ବିପ୍ଳବ ଆଗକୁ ଆସି କହିଲା।

"କିନ୍ତୁ କାହିଁକି ? ଯୁବକର ପ୍ରଶ୍ନ।

"କିଛି ନା କିଛି କାରଣ ଅଛି।" ବିପ୍ଳବ କହିଲା।

"ସେ ତ ଘରେ ନାହିଁ।" ଯୁବକଟି କହିଲା।

ଠିକ୍ ଏହି ସମୟରେ ଘର ଭିତରୁ କାହାର କୁନ୍ଥାଇବା ସ୍ୱର ଶୁଭିଲା। ହଠାତ୍ ଆକାଶ ତିନିଜଣଙ୍କୁ ଠେଲି ଦେଇ ଭିତରକୁ ପଶି କଲା। ତା ପଛେ ବିପ୍ଳବ ଚୌଧୁରୀ ବି ଭିତରକୁ ପଶିଗଲା। ସେମାନେ ବାଧା ଦେବାକୁ ଚେଷ୍ଟା କଲେ କିନ୍ତୁ ପାରିଲେ ନାହିଁ। ବିପ୍ଳବ ହାତରେ ରିଭଲଭର ଦେଖି ସେମାନେ ଚୁପ୍ ହୋଇଗଲେ।

ଆକାଶ କୁନ୍ଥେଇବା ଶବ୍ଦ ଆସୁଥିବା କକ୍ଷ ସାମନାରେ ଠିଆ ହୋଇଗଲା। କୋଠରୀଟି ବାହାରୁ ବଂଦ ଥିଲା। ଆକାଶ କିଳିଣୀଟାକୁ ଖୋଲି ଦେଇ କବାଟଟାକୁ ଠେଲି ଦେଇ ଭିତରକୁ ପଶିଗଲା। ପଛେ ପଛେ ବିପ୍ଳବ ଚୌଧୁରୀ।

କୋଠରୀର ଦୁଇଟା ଝରକା ବଂଦ ଥାଏ। ଆଉ ସେଇ କୋଠରୀରେ ଥିବା ଖଟ ଗୋଡ଼ ପାଖରେ କିଏ ଜଣକର ହାତ ଗୋଡ଼ବନ୍ଧା ଆଉ ମୁହଁ ବି ବନ୍ଧା ଅବସ୍ଥାରେ କୁନ୍ଥାଉ ଥିଲା।

"ରଜନୀ" ଚିତ୍କାର କଲା ଆକାଶ। ବିପ୍ଳବ ଚୌଧୁରୀ ମଧ୍ୟ ଆଶ୍ଚର୍ଯ୍ୟ ହେଲେ। ଦୁହେଁ ଦ୍ରୁତ ବେଗରେ ଯାଇ ମୁହଁର ବଂଧନ ଖୋଲି ଦେଲେ। ଗୋଡ଼ ହାତର ବଂଧନ ଖୋଲି ଦେଲେ। ୨୫/୨୬ ବର୍ଷର ଯୁବତୀଟିଏ। ଦେହର ସାଧାରଣ ଶାଢ଼ୀଟେ ଘୋଡ଼େଇ ହୋଇଥିଲା।

"ସେମାନେ ମତେ ମାରି ଦେବାର ଧମକ ଦେଇଥିଲେ।" ଯୁବତୀ ଜଣକ ଏମାନଙ୍କୁ ଦେଖି ସାହସ ପାଇଲା ଯେପରି। ସେମାନେ ମୋ ବାପାଙ୍କଠାରୁ ଦଶଲକ୍ଷ ଟଙ୍କା ଯୌତୁକ ବାବଦକୁ ଚାହୁଁଥିଲେ। ନଚେତ୍ ମତେ ମାରିଦେବାକୁ ବସିଥିଲେ। ବାପା ବା ଏତେ ଟଙ୍କା କେଉଁଠୁ ଆଣିବେ ? ତେଣୁ ମୁଁ ଖବର ଦେଇନାହିଁ ବାପାଙ୍କୁ।" ଯୁବତୀ ଜଣକ ଯିଏକି ଆକାଶ କଥା ଅନୁସାରେ ରଜନୀ ହିଁ ଥିଲା।

"ସେମାନେ କିଏ ?" ବିପ୍ଳବ ପ୍ରଶ୍ନ କଲା।

"ମୋ ଶଶୁର, ଶାଶୁ ଆଉ ଦିଅର। ରଜନୀ ଉତ୍ତର ଦେଲ।"

"ତୁମ ସ୍ୱାମୀ ?"

" ସେ କିଛି ଜାଣନ୍ତି ନାହିଁ। ଦିଲ୍ଲୀରେ ଚାକିରୀ କରିଛନ୍ତି। ତାଙ୍କର କିଛି ଦୋଷ ନାହିଁ।" ରଜନୀ କାନ୍ଦି କାନ୍ଦି ଉତ୍ତର ଦେଲା।

"ଆଚ୍ଛା ତୁମକୁ ସବୁ ବି ଶେଷ କରିବାକୁ ପଡ଼ିବ।" ଶଶୁର ଗୋବିନ୍ଦ ଆଉ ଦିଅର ରାଜେଶ ଦୁଇଟା ଠେଙ୍ଗାଧରି ଦ୍ୱାର ମୁହଁରେ ଠିଆ ହୋଇଥିଲେ। ଗୁଳି ମାରିବତ ମାର। ଜଣେ ମରିବ। କିନ୍ତୁ ତୁମେ କେହିବି ବଂଚିବ ନାହିଁ।" ଠେଙ୍ଗା ଉଠାଇ ଦ୍ୱାର ମୁହଁ ଡେଇଁଲା ବେଳକୁ ବାହାରେ ଗୁଳି ଶବ୍ଦ ହେଲା ଦୁହେଁ ଚମକିଲେ। ଭିତରକୁ ପୋଲିସ ଧସେଇ ପଶୁଥିଲେ। ଦୁଇଜଣଙ୍କ ହାତର ବନ୍ଧୁକ। ସେମାନଙ୍କୁ ଲକ୍ଷ। ତାଙ୍କ ହାତରୁ ଠେଙ୍ଗା ତଳକୁ ପଡ଼ିଗଲା। ପୋଲିସ ଶଶୁର ଓ ଦିଅର ଉଭୟଙ୍କୁ ଆରେଷ୍ଟ କଲେ।

"ଠିକ ସନ୍ଦେଶ ଦେଇଥିଲେ ଚୌଧୁରୀ ବାବୁ", ଇନ୍ସପେକ୍ଟର ସୁଶାନ୍ତ ପଟ୍ଟନାୟକ ପଛରୁ ଆସି ବିପ୍ଳବ ଚୌଧୁରୀ ସହ ହାତ ମିଳାଇଲେ। "ଶଶୁର, ଦିଅର ଆଉ ଶାଶୁ ସବୁ ବର୍ତ୍ତମାନ ଆମ ହାତରେ।" ହସିଲେ ଇନ୍ସପେକ୍ଟର "ସତରେ କେତେ ସାଂଘାତିକ ଏମାନେ। ଆରେ ବାବାରେ ବାବା।

ରଜନୀକୁ ଜାବୁଡ଼ି ଧରିଥିଲା ଆକାଶ। ରଜନୀ ଆଖିରୁ ଧାର ଧାର ଲୁହ ବହି ଯାଉଥିଲା।

"ଆମେ କେଉଁଠି ?" ହଠାତ୍ ପ୍ରଶ୍ନ କଲା ଆକାଶ।

"ପୁପୁନ ବାବୁ" ବିପ୍ଳବ ଚୌଧୁରୀ ଆଗେଇ ଆକାଶ ମୁଣ୍ଡକୁ ଥାପୁଡାଇଲେ" ଆପଣ ? ଆରେ ବାବା, ମାମା ଡାକ୍ତର ଅଙ୍କଲ ସମସ୍ତେ ଏଠି। ଆକାଶ ସ୍ୱାଭାବିକ ସ୍ୱରରେ କହିଲା ସୁମିତ୍ର ଦେବୀ ଆଗେଇ ଯାଇ ଆକାଶକୁ ଆଉଜାଇ ଆଣିଲେ। ତା ମୁଣ୍ଡକୁ ସାଉଁଳିଲେ।

"କଥା କ'ଣ ଆଜ୍ଞା, ଆମେ କିଛି ବୁଝି ପାରୁନାହୁଁ। ହରିହର ଖୁଣ୍ଟିଆ କହିଲେ।

"ଜାତି ସ୍ମରା ଆକାଶ ତା ପୂର୍ବଜନ୍ମକୁ ଫେରି ଯାଇଥିଲା। ସେଥିପାଇଁ ସେ ବିଚିତ୍ର ବ୍ୟବହାର କରୁଥିଲା। କେବଳ ରଜନୀ ମ୍ୟାଡାମଙ୍କ ପାଇଁ ସେ ସମ୍ପୂର୍ଣ୍ଣ ରୂପେ ଶାରିରୀକ ନ ହେଲେ ବି ମାନସିକ ସ୍ତରରେ ପ୍ରଣୟ ବା ପାଣୁଆ ହୋଇ ଯାଇଥିଲା। ରଜନୀ ଉଦ୍ଧାର ପରେ ସେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଛି। ଏବେ ଚାଲନ୍ତୁ। ଆକାଶର ଆଉ କିଛି ହେବ ନାହିଁ।" ବିପ୍ଳବ ଚୌଧୁରୀ କଥା ପରିଷ୍କାର କଲେ। "ହଁ ରଜନୀ ମାଡାମଙ୍କୁ ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇ ଦେବେ।" ହରିହରଙ୍କୁ କହିଲେ ସେ। ସମସ୍ତେ ଫେରିଯିବାକୁ ପ୍ରସ୍ତୁତ ହେଲେ।

"ବୁଝିଲେ ଦେବଦତ୍ତ ବାବୁ ତାର ପୂର୍ବଜନ୍ମ କଥା ବାରମ୍ବାର ମନକୁ ଆସୁଥିଲା। ତେଣୁ ସେ ଏମିତି ବ୍ୟବହାର କରୁଥିଲା।" ଡାକ୍ତର ଦେବରାଜ ସାହୁ ବୁଝାଇଲେ। ସେ ମାନସିକ ବିକୃତିର ରୋଗୀ ନୁହଁ। ବରଂ ଚୌଧୁରୀ ବାବୁ କହିଲା ପରି ସେ ଏକ ଜାତିସ୍ମର।

*ମୋତି ଆନନ୍ଦ କୁଟୀର, ଗୋପୀନାଥପୁର ଶାସନ*
*ସଂହାପୁର, ଧର୍ମଶାଳା, ଯାଜପୁର*
*ଦୂରଭାଷ: ୭୩୨୭୦୯୨୩୯୬*

# ଛଳନା

## ବୀରେଶ୍ୱର ମହାନ୍ତି

ପୃଥିବୀର ସର୍ବବୃହତ୍ ଗଣତନ୍ତ୍ରର ମହାପର୍ବ ଚାଲିଛି । ନିର୍ବାଚନର ଜବରଦସ୍ତ୍ ମାହୋଲ୍ । ପ୍ରଚାରପତ୍ର, ପୋଷ୍ଟରରେ ଚାରିଆଡ଼ ହାଉଯାଉ । ଜନଗହଳିପୂର୍ଣ୍ଣ ଛକ ଜାଗାମାନଙ୍କରେ ବଡ଼ବଡ଼ ରଂଗ ବେରଂଗର ଆକର୍ଷଣୀୟ ହୋର୍ଡିଂ । ଲୋକପ୍ରିୟ ସୁରର ଅନୁକରଣରେ ନିର୍ବାଚନୀ ସଂଗୀତର ବଜାର ବେଶ୍ ଗରମ । ମାଇକ୍ ପ୍ରଚାର ଜୋର୍ ଧରିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ମାଲମାଲ ନେତାଙ୍କର ଭିଡ଼ । ସିନେ ତାରକାଙ୍କର ମଜାଦାର ଢଙ୍ଗରେ ପ୍ରଚାର । ପ୍ରତିଶ୍ରୁତିର ଲମ୍ଫାଧାଡ଼ି । ଯେମିତି ତା'ର ଶେଷ ନାହିଁ । ନିର୍ବାଚନ ଯେତେ ନିକଟବର୍ତ୍ତୀ ହେଉଛି, ପ୍ରତିଶ୍ରୁତିର ପ୍ରତିଶ୍ରୁତି ସେତିକି ଗଣ୍ଡି ବଢ଼େଇ ଚାଲିଛି । ଟିଭି, ରେଡ଼ିଓବାଲାଙ୍କ ପାଖରେ ନିର୍ବାଚନ ବ୍ୟତୀତ ଆଉ ସବୁ ଖବରର ମରୁଡ଼ି । ରାଜନୈତିକ ଦଳମାନେ ଯିଏ ଯାହାର ଚ୍ୟାନେଲ୍ ଧରିନେଇଛନ୍ତି । ଦିନସାରା ନିଜ ପସନ୍ଦିଆ ଦଳ, ନେତାଙ୍କ ପାଇଁ ଚ୍ୟାନେଲ୍‌ସବୁ ରାଉରାଉ ହଉଛନ୍ତି । ଖବରକାଗଜ ବାଲାଙ୍କର କଚେ ପୁଅ ବାର । ନେତାଙ୍କ ଫଟୋ, ରାଜନୀତିଆଙ୍କ ଖବର ଛାପି ମାଲାମାଲ୍ । ଫୁଲର ଭାଉ ଢେର ଚଢ଼ା । ନିର୍ବାଚନ ଫଳ ପ୍ରକାଶିତ ନ ହେଉଣୁ ନେତାସବୁ ଫୁଲ ମାଳରେ ପୋତି ହୋଇଗଲେଣି ।

ମଦନ ବି ଫୁଲମାଳରେ ପୋତି ହୋଇଯାଇଛି । ମୁଣ୍ଡ ବେକ ସବୁ ସମାନ । ଜୁଳୁଜୁଳୁ ଆଖି ଦିଟା ଯାହା ଦିଶୁଛି । ସଭାରେ ଭାଷଣ ଚାଲିଛି । ତା'ପରେ ମଦନର ପାଳି ପଡ଼ିବ । ତା'ମନରେ କିନ୍ତୁ ସରାଗ ନାହିଁ । ପାଣିଚିଆ ଆଖି ଦି'ଟାରେ ଅନେଇ ରହିଛି ସଭାସ୍ଥଳକୁ । ଭାଷଣ ଚାଲିଛି ସିନା, କର୍ଣ୍ଣ ଗହ୍ୱରରେ କିଞ୍ଚିତ୍ ମାତ୍ର ପ୍ରବେଶ କରୁନି । ଜନ ସମାଗମ ଖୁବ୍ କମ୍ । ମନ ମୁତାବକ ନୁହେଁ । ଭିଡ଼ ନଥିଲେ କି ସଭା ? ଲୋକ ସମର୍ଥନ କମି ଗଲାଣି କି ଆଉ ! ଭାବିଲା, କିଛି ଗୋଟେ ଫନ୍ଦିଫିକର ନ କଲେ ନିର୍ବାଚନ ବୈତରଣୀ ପାରହେବା ଦୁରୂହ ବ୍ୟାପାର ।

ସମସ୍ତଙ୍କ ଭାଷଣ ସମାପ୍ତ ପରେ ଏବେ ମଦନର ପାଳି । ଉପସ୍ଥିତ ଜନତାଙ୍କୁ ସମ୍ବୋଧନ ଏବଂ ଉପକ୍ରମଣିକା ପଶ୍ଚାତ୍ ଆବେଗପୂର୍ଣ୍ଣ କଣ୍ଠରେ କହିବା ଆରମ୍ଭ କଲା– "ଜୀବନର ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ଜନସେବା ମୋର ଏକମାତ୍ର କର୍ତ୍ତବ୍ୟ । ଜନପ୍ରିୟତାରେ ଈର୍ଷାନ୍ୱିତ ହୋଇ ମୋତେ ଜୀବନରୁ ଶେଷ କରିବାପାଇଁ ଚକ୍ରାନ୍ତ ଚାଲିଛି । ଭୟ ନାହିଁ । ମରିଯିବି ସିନା ଜନସେବାରୁ ବିରତ ହୋଇ ପାରିବିନାହିଁ । ଏ ଦେଶ ମହାତ୍ମା ଗାନ୍ଧୀଙ୍କ ଦେଶ । ଏଠି ନିର୍ବାଚନୀ ହିଂସାର ସ୍ଥାନ ନାହିଁ ।" ଦି'ଚାରିଟା କରତାଳିର ଶବ୍ଦ ମଦନକୁ ଉତ୍ସାହିତ କଲା ! ସ୍ୱତଃ ତା'ମୁଖରୁ ନିସୃତ ହେଲା –

"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।"

ଏଥର ଆଉ କିଛି ଅଧିକ ଲୋକ କରତାଳିରେ ସାମିଲ୍ ହେଲେ । ମଦନ ଭାବିଲା, ତା' ଗୁଳି ଲକ୍ଷ୍ୟ ସ୍ଥଳ ଭେଦ କରିଛି । ସେ ଠିକ୍ ରାସ୍ତା ଚୟନ କରିଛି । ରଣନୀତି ପରିବର୍ତ୍ତନକରି ନୂତନ ରାସ୍ତାରେ ଚାଲିବାକୁ ନିଷ୍ପତ୍ତି କଲା ।

ସଭା ସାଙ୍ଗ ହେଲା ପରେ ଯିଏ ଯେଝା ବାଟରେ ଗଲେଣି । ମଦନ ସାଙ୍ଗକୁ ରହି ଯାଇଛନ୍ତି ମାତ୍ର ଦୁଇଜଣ । ଡ୍ରାଇଭର ରାମୁଲୁ, ଅନ୍ୟ ଜଣକ ଅତି ବିଶ୍ୱସ୍ତ ମଲୁ ମଙ୍ଗରାଜ । ତା'ର ସବୁ ଭିତିରି କଥା ଏମାନେ ଜାଣନ୍ତି । ଜାଣନ୍ତି କ'ଣ ,ଏମାନଙ୍କୁ ନ ଧରିଲେ ସେ କିଛି କାମରେ ହାତ ଦିଏନି । ଗାଡ଼ିରେ ଘରକୁ ଫେରିବାବେଳେ ମଦନ ଆଉ ମଲୁ ନୂଆ ରଣନୀତି ବିଷୟରେ ବିଚାର ବିମର୍ଷ କଲେ । ଗାଡ଼ି ଚଳାଉ ଚଳାଉ ରାମୁଲୁ ଯୋର୍‌ରେ ହାତ ମୁଣ୍ଡ ହଲାଇ କହିଲା– "ଏମିତି ନ କଲେ ଏମାନଙ୍କୁ କାବୁ କରି ହବନି ଆଜ୍ଞା ।" ମୋଟାମୋଟି ରଣନୀତିର ରୂପରେଖ ପ୍ରସ୍ତୁତ ସରିଲା । ମଦନକୁ ତା' ଘରେ ପହଞ୍ଚାଇ ମଲୁ ମଙ୍ଗରାଜ ଡ୍ରାଇଭର ସହ ଅନ୍ଧାରରେ ଅଦୃଶ୍ୟ ହେଇଗଲା । ରାତି ପାଇଁ ତା'ର ବହୁତ କାମ ବାକି ।

ପରଦିନ ପୂର୍ବାହ୍ନରେ ମଦନ ଏକ ଛୋଟମୋଟିଆ ସଭାରେ ଅନର୍ଗଳ ଭାଷଣ ଦେଇଚାଲିଛି । ସେଇ ପୁରୁଣା କଥାର ପୁନରାବୃତ୍ତି । ମୃତ୍ୟୁକୁ ତା'ର ଭୟ ନାହିଁ । ଜନସେବା ହିଁ ଏକମାତ୍ର ଲକ୍ଷ୍ୟ । ହଠାତ୍ ଦି'ଟା ପଥର ସଭାମଞ୍ଚରେ ପଡ଼ିଲା । କେଉଁ ଦିଗରୁ ଆସିଲା, କେହି ଠଉରେଇ ପାରିଲେ ନାହିଁ । ଯୋଗକୁ କାହା ଦେହରେ ବାଜିନି, ନହେଲେ ଲହୁଲୁହାଣ ଅବସ୍ଥା ହେଇଥାନ୍ତା । ସଭା ସ୍ଥଳରେ ହୋହାଲ୍ଲା ମଧ୍ୟରେ ମଦନ କହିଚାଲିଥାଏ, ମୃତ୍ୟୁକୁ ସେ ଖାତିର୍ କରେନି । ଜନସେବା ହିଁ ତାର ଏକମାତ୍ର ଲକ୍ଷ୍ୟ । କରତାଳିର ଶବ୍ଦ ଏବେ ବୃଦ୍ଧି ପାଇବାରେ ଲାଗିଛି ।

ମଦନ ଉତ୍ସାହିତ । ତା'ମନରୁ ପାଣିଚିଆ ଭାବ କ୍ରମେ ଅପସରି ଯାଉଛି । ସଭା ସାଙ୍ଗ ପରେ ମଲୁ ମଙ୍ଗରାଜ ଋରିଟା ଭେଣ୍ଡିଆ ଟୋକାଙ୍କୁ ବିଡ଼େ ନୋଟ୍ ଦେବାର କାହା ଆଖିରେ ପଡ଼ିପାରିନି । ମଜୁରି ହେଇଥିବ ପରା !

ପଥର ମାଡ଼କୁ ମଦନର ଭୟ ନାହିଁ । ନିଜ ଲୋକଙ୍କୁ ଭୟ କିଆଁ? ସଭାପରେ ପ୍ରଋର ପାଇଁ ବସ୍ତିରେ ପଶିଗଲା ସେ ।

ପରଦିନ ଫରଚା ନ ପଡୁଣୁ ମଦନ ଘର ଆଗରେ ଭିଡ଼ । ଆସ୍ତେ ଆସ୍ତେ ଭିଡ଼ ବଢୁଛି । ପୁଲିସ ଗାଡ଼ିଟେ ବି ଲାଗିଛି । ମଲୁ ମଙ୍ଗରାଜ ଏଣେ ତେଣେ ଦୌଡ଼ାଦୌଡ଼ିରେ ବ୍ୟସ୍ତ । ମଦନ ଘରୁ ବାହାରି ବାରଣ୍ଡାରେ ଏକ ଚଉକିରେ ବସିଗଲାଣି । ସାଥିରେ ଜଣେ ପୁଲିସ ଅଧିକାରୀ, ଆଉ ଜଣେ ଡାକ୍ତର । ଦୁହେଁ ସାମ୍ନାରେ ପଡ଼ିଥିବା ଚଉକିରେ ଉପବିଷ୍ଟ । ଡାକ୍ତର ଜଣକ ଧ୍ୟାନ ସହକାରେ ଆହତ ମଦନଙ୍କୁ ପରୀକ୍ଷା ନିରୀକ୍ଷାରେ ବ୍ୟସ୍ତ । ମଦନ ମଥାରେ ଜୋର୍‌ଦାରିଆ ବ୍ୟାଣ୍ଡେଜ୍ । ବ୍ୟାଣ୍ଡେଜ୍‌ରେ ରକ୍ତର ହାଲ୍‌କା ଦାଗ ।

ଭିଡ଼ ଜମେଇଥିବା ଲୋକେ ଫୁସୁରୁଫାସୁରୁ ହେବା ଆରମ୍ଭ କରିଦେଲେଣି । କିଏ ବା' ଠାରରେ ପ୍ରଶ୍ନ କରୁଛି । କଥା କ'ଣ ? ମଦନର ହେଇଛି କ'ଣ ? ଡ୍ରାଇଭର ରାମୁଲୁ ନସରପସର ହେଇ ସମସ୍ତଙ୍କ କଥାକୁ କାନ ଡେରିଛି । ଲୋକଙ୍କ ମନର କଥା ଜାଣିବାକୁ ପ୍ରୟାସ କରୁଛି । ସୁବିଧା ସୁଯୋଗ ଉଣ୍ଡି ପାଟି କରି କହିଲା - "ଆଉ କଣ ହେବ? ଅସହିଷ୍ଣୁ ଲୋକ । ଆମ ବାବୁଙ୍କୁ ମାରିବାକୁ ଚେଷ୍ଟା । ଦେଖୁନ, ମୁଣ୍ଡଟା ଫାଟି ଆଁ କରିଛି । ବେଣ୍ଡେଜ୍ ଗୁଡା ହୋଇଛି ବୋଲି ସିନା ! ତମକୁ ମିଛ, ମୋତେ ସତ । ବେଲାଏ ହେବ ରକ୍ତ ପିଚ୍‌ପିଚ୍ କରି ବାହାରିଗଲା ଆଜ୍ଞା । ଇଲେକ୍‌ସନ୍‌ରୁ ବାବୁଙ୍କୁ ହଟାଇବାକୁ ଏ ହୀନ ଷଡଯନ୍ତ୍ର ।"

ମଦନ ଲେଙ୍କାକୁ ମାଡ଼ । କାନକୁ କାନ ବୁଲି କଥା ପ୍ରଘଟ ହେଇଗଲାଣି । ଭିଡ଼ ଭିତରୁ କିଏ ଜଣେ କହିଲା- "ଏତେ କାଣ୍ଡ ହେଲା ଆମେ କେହି କିଛି ସୁରାକ୍ ପାଇଲୁନି ?" ଡ୍ରାଇଭର ରାମୁଲୁ ଆଗକୁ ମାଡ଼ି ଆସି କହିଲା- "ଗୁଣ୍ଡାମାନେ କଣ ତମ ସାଙ୍ଗ ? ତମ ସାମ୍ନାରେ ମାରନ୍ତେ ?" ଜମିଥିବା ଲୋକେ ପରସ୍ପରକୁ ଋହାଁଋହିଁ ହେଲେ । କଥା ସେଇଠି ରହିଲା ।

ବାରଣ୍ଡାରୁ ମଦନ ଲକ୍ଷ୍ୟ କଲା, ଲୋକଙ୍କ ଭିଡ଼ ବୃଦ୍ଧି ପାଇବାରେ ଲାଗିଛି । ତା'ଅର୍ଥ ମାଡ଼ ଉପାଖ୍ୟାନ ବେଶ୍ ଫଳପ୍ରଦ ହୋଇଛି । ଅବସ୍ଥାର ସଦୁପଯୋଗ କରିବା ପାଇଁ ନମସ୍କାର ମୁଦ୍ରାରେ ଚେଆର ଛାଡ଼ି ଉଠି ଠିଆହେଲା । ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଲା- "ଭଗବାନଙ୍କର ଆଶୀର୍ବାଦ ଯୋଗୁଁ ମୁଁ ବଞ୍ଚିଗଲି । ମୋର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ଆପଣଙ୍କର ସେବା କରି ଋଲିଥିବି । ଜନତାର ସେବା ଆଗରେ ମୋ ଜୀବନ ମୂଲ୍ୟହୀନ ।"

ଏତିକିବେଳେ ଗଳାଖଙ୍କାରି ପୁଲିସ ବାବୁ ଲୋକଙ୍କ ଆଡେ ଦୃଷ୍ଟି ନିକ୍ଷେପ କରି କହିଲେ- "ତଦନ୍ତ ଜାରୀ ଅଛି । ଦୋଷୀ ଦଣ୍ଡ ପାଇବ ହିଁ ପାଇବ । ଏବେ ଆପଣମାନେ ଭିଡ଼ ଭାଙ୍ଗନ୍ତୁ ।" ଡାକ୍ତର ବାବୁ ମଦନ ଛାତିରେ ଷ୍ଟେଥୋ ପକେଇଦେଇ କହିଲେ- "ରୋଗୀଙ୍କର ବିଶ୍ରାମ ଆବଶ୍ୟକ । ତାଙ୍କୁ ନିରୋଳାରେ ରହିବାକୁ ଦିଅ ।"

ଡାକ୍ତର ବାବୁଙ୍କ କଥା ନ ସରଣୁ ମଲୁ ମଙ୍ଗରାଜ ଖପ୍ କିନା ବାରଣ୍ଡା ତଳକୁ ଡେଇଁପଡ଼ି କହିଲା- "ଭାଇମାନେ ଆଜି ପାଇଁ ଘରକୁ ଯାଅ । ବାବୁଙ୍କୁ ଟିକେ ବିଶ୍ରାମ ଲୋଡ଼ା । କାଲି ପୁଣି ପ୍ରଋରରେ ବାହାରିବେ ପରା ।"

ଖରା ପଡ଼ିଆସିଲାଣି । ଲୋକଙ୍କର କାମ ବେଳ ବି ଉଛୁର ହେଉଛି । ଗୋଟିଏ ଗୋଟିଏ ଖସିବାକୁ ଆରମ୍ଭ କଲେ । ମଦନ ଲେଙ୍କା ପୁଲିସ ଏବଂ ଡାକ୍ତରଙ୍କ ସହ ଘର ଭିତରକୁ ଉଠିଗଲେ । କିଛି ସମୟ ପରେ ପୁଲିସ ବାବୁ ଓ ଡାକ୍ତର ହସିହସି ଘରୁ ନିର୍ଗତ ହୋଇଗଲେ । ନାଟକ ସେତିକିରେ ଶେଷ ହେଲା ।

ମାଡ଼ ଘଟଣାଟା ନିର୍ବାଚନ ବଜାରକୁ ଚଟ୍‌ପଟିଆ ଖୋରାକ୍ ଯୋଗାଇଛି । ଚା' ଦୋକାନରେ ଚର୍ଚ୍ଚା ଆଲୋଚନା ଜୋର୍ । କିଛି ଲୋକ ଜାଣନ୍ତି, ପେଞ୍ଚ ପାଞ୍ଚରେ ମଦନ ମାହିର୍ । ଗୋଟି ଚଳାଇ କିଛି ଗୋଟେ କାରସାଦି କରିଥିବା ଅସମ୍ଭବ ନୁହେଁ । ରାଜନୀତି କଳା କୌଶଳରେ ଖୁବ୍ ପାରଙ୍ଗମ । ଏବେ ହାଲି ଉପରେ ମଉକା ଦେଖି ସୁବିଧାଜନକ ସ୍ଥିତିରେ ଥିବା ଦଳକୁ କୁଦାଟେ ମାରିଛି । ନିର୍ବାଚନମଣ୍ଡଳୀ ଲୋକଙ୍କ ଋପରେ ଦଳବଦଳ କରିବା ପାଇଁ ବାଧ୍ୟ ହେଲା ବୋଲି ତା'ର ଦଳେ ଚେଲା ପ୍ରଋର ପ୍ରସାରରେ ମାତିଛନ୍ତି । ଟିଟ୍‌କାରି ମାରି ବିରୋଧିଏ କହନ୍ତି, ପୁଳାଏ ଟଙ୍କା ଦେଇ ଦଳୀୟ ଟିକେଟ୍ ହାତେଇ ନେଇଛି ମଦନ ଲେଙ୍କା । ବିରୋଧି ଯେତେ ପ୍ରଚାର କଲେ ବି ମାଡ଼ ଉପାଖ୍ୟାନ ମଦନକୁ ବେଶ୍ ସୁହେଇ ଯାଇଛି ।

ରାଜନୀତିରେ ପାଦ ଥାପିବା ଦିନଠୁଁ ଗାଁ ଆଡ଼େ ବେଶି ଯାଇପାରେନି । ଏପଟ ସେପଟ କାମରେ ରାଜଧାନୀରେ ବ୍ୟସ୍ତ ରହେ । ପିଲାଛୁଆ ସବୁ ରାଜଧାନୀରେ । ବୁଢ଼ୀ ମା'କିନ୍ତୁ ଗାଁରେ ଏକୁଟିଆ ରହେ । ଗାଁରେ ସେ କାହିଁକି ଏକୁଟିଆ ରହେ ମଦନ ତା'କୁ କାହିଁକି ପାଖକୁ ଆଣିନି, ସେ ବିଷୟରେ କାହା ପାଖରେ କିଛି ଏବେ ସୂଚନା ନାହିଁ । ହଠାତ୍ ତା'କଥା ଖୁବ୍ ମନକୁ ଆସୁଛି । ମଲୁକୁ ଡକେଇ କହିଲା, ମା'ର ଜନ୍ମଦିନ କାଲି । ଆମେ ଗାଁକୁ ଯାଇ ତା' ଜନ୍ମଦିନ ମନେଇବା । ସାଙ୍ଗରେ ଗୋଟେ ଟିଭିବାଲା ଧରିଥିବ । ମଲୁ ମଦନ ପାଖରେ ବେଶ୍ କିଛି ଦିନ ହେବ କାମ କଲେ ମଧ୍ୟ ତା'ର ବାଗବାଇଶର ବଅର ଏବେ ବି ପାଇନି । ମା'ର ଜନ୍ମଦିନରେ ଟିଭିବାଲାର କି କାମ? ବେଶି କିଛି ବୁଝିପାରେନି । ଭାବିଲା, ପିଠା ଖାଇବା ଲୋକର ବିନ୍ଧ ଗଣିବାରେ କି ଦରକାର ?

ପରଦିନ ସକାଳୁ କାଉ ନ ରାବୁଣୁ ମଦନ ମଲୁ ଏବଂ ଟିଭିବାଲାଙ୍କୁ ଧରି ଗାଁରେ ହାଜର । ସଦ୍ୟ ନିଦରୁ ଉଠି ବୁଢ଼ୀ ଦାଣ୍ଡ ପିଣ୍ଡାରେ ବସିଛି । ଗାଡ଼ିରୁ ଓହ୍ଲାଇ ମଦନ ସିଧାସଳଖ ମା'ଗୋଡ଼ ତଳେ ଲମ୍ବ ହୋଇ ପଡ଼ିଗଲା । ବୁଢୀକୁ ଭଲ ଦୃଶ୍ୟ ହେଉନାହିଁ । କିଏ ଗୋଟାଏ ତା'ଆଗରେ ପଡ଼ିଗଲା ଭାବି କିଳିକିଳା ରଡ଼ିଟେ ଛାଡ଼ିଲା । ତା'ରଡ଼ିରେ ପାଖ ଘରୁ ଲୋକେ ବାହାରି ଆସିଲେଣି । ମଦନ କିନ୍ତୁ ବୁଢ଼ୀ ଗୋଡ଼ ତଳେ ସାଷ୍ଟାଙ୍ଗ ହୋଇ ପଡ଼ିଛି । ଉଠିବାକୁ ନାହିଁ । ଟିଭି ବାଲା ସୁଟିଂ କରିଋଲିଛି । ମଲୁ ଆସି କହିଲା, "ମା'ତମ ପୁଅଙ୍କୁ ତଳୁ ଉଠାଅ ।"

କାନକୁ ଭଲ ଶୁଭୁନି । ମା' ଶବ୍ଦଟା ବୁଢୀକୁ ଚା' ଭଳି ଶୁଭିଲା । କହିଲା- "ମୁଁ ଚା' ଖାଉନି । ଚା' କରିବ କିଏ?" ମଦନ ଭାବିଲା,

ଏବେ ଉଠିଯିବା ଠିକ୍ ହେବ । ମା' କ'ଣ ବୋଲି କ'ଣ ଯଦି କହିପକାଏ। ଉଠିପଡ଼ି ଦେଖିଲା ଧୋବ ଫରଫର ପଞ୍ଜାବି ଧୂଳିରେ ଅସନା ହେଇଯାଇଛି । ସେଥିପାଇଁ ତାର ଖାତିର୍ ନାହିଁ । ମା'ଜନ୍ମଦିନଠୁ କଣ ପଞ୍ଜାବିଟା ବଡ଼ ? ଦୁଇଶହ ଟଙ୍କା ବୁଢ଼ୀ ହାତରେ ଗୁଞ୍ଜି ଦେଇ ବଡ଼ ପାଟିରେ କହିଲା – "ମା'ତୋର ଆଜି ଜନ୍ମଦିନ । ରଖିଥା, କାମରେ ଲାଗିବ ।" ବୁଢ଼ୀ ବଲବଲ ହେଇ ଅନେଇଲା । ଏତେବେଳେ ହେଜିଲା, ପୁଅ ତା' ଆଗରେ ଠିଆ । ହେଲେ ଜନମ ଦିନ କଥା ବୁଝିପାରିଲାନି । ଦଶହରାକୁ ଦି'ଦିନ ଥାଏ , ତା ଜନ୍ମଦିନ ପଡ଼େ । ଚଇତ ମାସରେ ଜନ୍ମଦିନ କାହୁଁ ଅଇଲା ?

ମଦନ ତା'ମନରେ ସୃଷ୍ଟି ହେଉଥିବା ଦ୍ୱନ୍ଦକୁ ବୁଝିପାରୁଥିଲା । କଥା ସମ୍ଭାଳିବାକୁ ଯାଇ କହିଲା – "ମା', ତୋର ମନେ ନାହିଁ, ଆଜି ତୋର ଜନ୍ମଦିନ ।" ଏତକ କହି ଆଉ ଥରେ ବୁଢ଼ୀ ପାଦ ଛୁଇଁ ପ୍ରଣାମ କଲା । ପ୍ରଣାମ ସରୁସରୁ ସୁଟିଂର ଅବଧି ବି ସମାପ୍ତ ହୋଇଗଲା ।

ମଦନ ଲକ୍ଷ୍ୟ କଲା, ମା' ତା'ର ବହୁତ ଦୁର୍ବଳ । ଖୁଁ ଖୁଁ କାଶୁଛି। ତେଣେ ନିର୍ବାଚନ ସମୟ । ବେଳ ଗଡ଼ି ଯାଉଛି । ଭାବିଲା, ଭୋଟ ପରେ ମା'କୁ ନେଇ ଡାକ୍ତର ଦେଖାଇବ । ବର୍ତ୍ତମାନପାଇଁ ତା'କୁ ଫେରିଯିବାକୁ ହେବ । ମାତ୍ର ମା'ମନ ବୁଝୁନି । ଆଖିକୁ ଦିଶୁନି ସିନା, ଇଚ୍ଛା ପୁଅକୁ ଟିକେ ଆଉଁସି ପକାନ୍ତା । ହାତ ବଢ଼ଉ ବଢ଼ଉ ମଦନ ମା'କୁ ପଛ କରି ଆଗକୁ ବଢ଼ିସାରିଥିଲା । ଗାଁ ଲୋକେ କୁହାକୁହି ହେଲେ,ମା ପାଇଁ ପୁଅର କେତେ ଦରଦ ! ନିର୍ବାଚନ ଛାଡ଼ି ମା'ଜନ୍ମଦିନ ପାଳିବାକୁ ଫଟା ମୁଣ୍ଡରେ ଧାଇଁ ଆସିଛି । ପୁଅକୁ ନ ପାଇ ବୁଢ଼ୀ ଟଙ୍କା ଦୁଇଶହକୁ ଓଲଟପାଲଟକରି ଦେଖି ଯତ୍ନରେ ଅଣ୍ଟାରେ ଗୁଞ୍ଜି ଦେଲା । ପୁଅ ଦେଇଛି ପରା !

ରାଜଧାନୀ ପହଞ୍ଚୁ ପହଞ୍ଚୁ ମଦନର ଜୟ ଜୟକାର । ଅସୁସ୍ଥ ଅବସ୍ଥାରେ ମା'ର ଜନ୍ମଦିନ ପାଳନ ପାଇଁ ଗାଁକୁ ଧାଇଁ ଯିବା ଖବର ପ୍ରଚାର ଚାଲିଛି ଟିଭିରେ । ଲମ୍ୱ ହୋଇ ମା'ଙ୍କୁ ଭୂମିଷ୍ଠ ପ୍ରଣାମ କରିବାର ଦୃଶ୍ୟ ପ୍ରଦର୍ଶିତ ହେଉଛି ବାରମ୍ୱାର । ଲୋକେ କହୁଛନ୍ତି "ଧନ୍ୟ କହିବ ମାତୃଭକ୍ତି ।" ମଦନ ଅନୁଭବ କଲା ହାୱା ତା' ସପକ୍ଷରେ । ବିଜୟର ସୁଗନ୍ଧ ସେ ବାରିପାରୁଥିଲା ।

ନିର୍ବାଚନରେ ମଦନର ବିପୁଳ ବିଜୟ । ପ୍ରତିପକ୍ଷ ଧରାଶାୟୀ । ଆଉ କେହି ବୁଝି ପାରୁନଥିଲେ ବି ତା'ର ବୁଝିବାର ବାକି ନଥିଲା । ତା' ଚାଲ୍ ମନ ମୁତାବକ ଫଳ ଅଜାଡ଼ି ଦେଇଛି । ଛଳନାର ଆଶ୍ରୟ ନେଇ ସହାନୁଭୂତିର ଭୋଟ ସାଉଁଟିବାକୁ ସଫଳ ହୋଇପାରିଛି । ମା'ର ମିଥ୍ୟା ଜନ୍ମଦିନ ପାଳନ କରି ଜନପ୍ରିୟ ହେବାର ସୁଗମ ପଥଟିଏ ଅନ୍ୱେଷଣ କରିବାକୁ ସକ୍ଷମ ହୋଇପାରିଛି । ମା'କୁ ଆୟୁଧ କରି ଭୋଟ ଖରିଦ୍ କରିବାର ତରିକା ମାଲୁମ୍ କରିବାରେ ସଫଳ ହୋଇଛି । ନିଜ ବୁଦ୍ଧିକୁ ନିଜେ ତାରିଫ୍ କରି ଚାଲିଥିଲା ସେ ।

ଭୋଟରେ ବିଜୟ ପାଇଁ ଅଭିନନ୍ଦନର ସୁଅ ଛୁଟୁଛି । ଫୁଲମାଳରେ ପୋତି ହୋଇ ପଡ଼ିଛି ବିଜୟୀ ମଦନ । ବିଜୟ ଶୋଭାଯାତ୍ରା ପାଇଁ ଆୟୋଜନ ଚାଲିଛି । ଭିଡ଼ କ୍ରମେ ବଢ଼ି ବଢ଼ି ଚାଲିଛି ।

ଏତିକିବେଳେ ମଲୁ ଭିଡ଼ କାଟି ଧଇଁସଇଁ ହୋଇ ଆସି ମଦନ କାନରେ କ'ଣ କହିଦେଇଗଲା । ଠିଆ ହୋଇଥିବା ସ୍ଥାନରେ ଲଥି କରି ବସିପଡ଼ିଲା ମଦନ । ମା' ତାର ଆଉ ନାହିଁ । ରାଜଯକ୍ଷ୍ମାର ଶିକାର ହୋଇ ମୃତ୍ୟୁବରଣ କରିଛି । ମୁଣ୍ଡଟା ଝାଇଁ ଝାଇଁ ହେଇଗଲା । ସେଦିନ ମା'କୁ ଆଣି ଚିକିତ୍ସା କରିଥିଲେ, ବଞ୍ଚିଯାଇଥାନ୍ତା କି'କଣ ? ନିୟମିତ ଔଷଧ ସେବନରେ ରାଜଯକ୍ଷ୍ମାରୁ ଆରୋଗ୍ୟ ନିଶ୍ଚିତ । ନିର୍ବାଚନ ଆସିବ, ଯିବ । ମା କ'ଣ ଆଉ ଫେରି ଆସିବ ? ଦଶମାସ ଗର୍ଭର ପ୍ରତିଦାନ କଣ ଛଳନା, ପ୍ରତାରଣା ! ବିବେକର ଦଂଶନରେ ଆହତ ମଦନର ଗାଡ଼ି ଗଡ଼ି ଚାଲିଲା ଗାଁ ଅଭିମୁଖେ ।

ଗାଁରେ ପହଞ୍ଚି ଦେଖିଲା ମା'ତାର ଆନନ୍ଦରେ ଚକ୍ଷୁ ମୁଦି ଶୋଇଯାଇଛି । ସତେ ଯେମିତି ଏ ଜୀବନରେ ତାର ସବୁ ଇଚ୍ଛା ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି । ଶାନ୍ତ, ଶୀତଳ ମୁଖରେ ଚିନ୍ତା, ଅନୁଶୋଚନାର ଲେଶ ମାତ୍ର ଚିହ୍ନ ନାହିଁ । ବୁଢ଼ୀ ହାତ ମୁଠାରେ କାଗଜ ଭଳିଆ କଣ ମୋଡ଼ା ହୋଇଥିବାର ମଦନର ନଜରରେ ପଡ଼ିଲା । ମୁଠା ଖୋଲି ଦେଖିଲା ଦୁଇଶହ ଟଙ୍କା । ଭାବିଲା, ବୋଧହୁଏ ମିଛ ଜନ୍ମଦିନର ଟଙ୍କା । ମଦନକୁ ଲାଗିଲା ତା' ମା' କହୁଛି – "ମା କଣ ପୁଅଠୁ କେବେ ଟଙ୍କା ଆଶା କରେ ? କାଣିଚାଏ ସ୍ନେହ, ଶ୍ରଦ୍ଧା, ଆଦର ହିଁ ତାର ଏକମାତ୍ର କାମ୍ୟ । ମା'ର ସ୍ନେହ ଶ୍ରଦ୍ଧାରେ କେବେ ଛଳନା ନଥାଏ ।"

ବିଜୟ ଶୋଭାଯାତ୍ରା ନୁହେଁ, ମା'ର ଶେଷ ଯାତ୍ରାରେ ସାମିଲ୍ ହେଲା ମଦନ । ନିର୍ବାଚନୀ ବାଜିମାତ୍‌ରୁ ପାଇଥିବା ଫୁଲମାଳ ସବୁ ସଜେଇ ଦେଲା ମା'ର ପାର୍ଥୀବ ଶରୀର ଉପରେ । ଅନୁଶୋଚନାରେ ଦୁଇ ଠୋପା ଉଷୁମ ଲୁହ ଝରିପଡ଼ିଲା ମଦନ ଆଖିରୁ ।

*ସି-୧୦୫, ଶୁଭମ୍ ରୟାଲ୍*
*ନାକାଗେଟ୍, ଘାଟିକିଆ, ଭୁବନେଶ୍ୱର*
*ଦୂରଭାଷ: ୯୯୩୮୬୧୫୬୭୧*

# ସମୟର କ୍ରୀତଦାସ ଏକ ଅପରାଧ

ସୁରଭି ପତି

ଅଣନିଶ୍ୱାସୀ ହୋଇ ଦୌଡୁଥିଲା ବୁଧିଆ। ପଛରୁ ତାର ପୋଲିସ ଜିପ୍‌ର ତୀବ୍ର ସାଇରନ୍‌ର ଶବ୍ଦ ତା କାନରେ ଗଳି ଯାଉଥିଲା। ଧରାପଡ଼ିବା ଲାଗି ପବନ ପ୍ରାୟ ବେଗରେ ଦୌଡୁଥିଲା ସେ। ବାଟ, ଅବାଟ, କଣ୍ଟା ଝଣ୍ଟା କିଛି ମାନୁନଥିଲା। ପଡ଼ି ଉଠି ଦୌଡୁଥିଲା ଯେ ଦୌଡୁଥିଲା। ବହୁତ ଦୂର ଦୌଡ଼ିବା ପରେ ତାକୁ ଆଉ ଗାଡିର ସାଇରନ୍ ଶବ୍ଦ କି ହୋ ହଲ୍ଲା କିଛି ଶୁଭୁନଥିଲା। ଗତିକୁ ଧିମା କରି ପଛକୁ ବୁଲି ଚାହିଁଲା ବୁଧିଆ। କାହାକୁ ଦେଖିବାକୁ ପାଇଲାନି। ତାକୁ ପିଛା କରୁଥିବା ଗାଡି ବୋଧେ ବାଟରେ ରହିଯାଇଛି। ଟିକେ ଆଶ୍ୱସ୍ତ ହେଲା ସେ। ପାଖରେ ଥିବା ଏକ ଗଛ ମୂଳରେ ନଥ୍ କରି ଚାରିକାତ ଲମ୍ବେଇ ବସି ପଡ଼ିଲା। ପୋଲିସ୍ ଭୟରେ ଦୌଡ଼ି ଦୌଡ଼ି କୋଉଠିକୁ ଯେ ପଳାଇ ଆସିଛି। ଚାରି ଆଡକୁ ଚାହିଁ ଟିକେ ଭୟ ଲାଗିଲା ତାକୁ। ସନିଆ ପାଖରେ ପହଞ୍ଚିବାକୁ ବ୍ୟଗ୍ର ହୋଇ ଉଠିଲା ତାର ମନ।

ନିତାଇର ଝୁମ୍ପୁଡ଼ି ଜଳଖିଆ ଦୋକାନରେ କାମ କରେ ବୁଧିଆ। ନିତାଇ ବାବୁଟି ଭାରି ଭଲ ଲୋକ। ଯେତେବେଳେ ପୋଲିସ ଗାଡି ଆସେ ବାବୁ ତାକୁ ଦୋକାନ ପଛପଟେ ଲୁଚି ଯିବାକୁ କହେ। ନୂଆ କରି ସେ ଦୋକାନରେ କାମ ଆରମ୍ଭ କରିବାବେଳେ ଥରେ ଜଣେ ପୋଲିସ୍ ବାବୁ ତା ଜଳଖିଆ ଖାଇଲା ବେଳେ ତାକୁ ଦେଖି ନେଇଥିଲା ଯେ, ସଂନ୍ଧ୍ୟାବେଳକୁ ଗାଡି ନେଇ ଆସି ଦୋକାନରେ ହାଜର, ଖପ୍‌ଖାପ୍ ତିନି, ଚାରି ଅଫିସ୍‌ର ଗାଡିରୁ ଓହ୍ଲାଇ ଗଲେ, କିଛି ବୁଝି ନ ପାରି ନିତାଇ ବି ତାଙ୍କୁ ଆବାକାବା ହୋଇ ଚାହିଁ ରହିଲା। ବୁଧିଆ ଛୋଟ ପିଲା। ତାକୁ କାହିଁକି ଦୋକାନରେ କାମ କରାଉଛ ବୋଲି ବାବୁ କୁ ତାଗିଦ କଲେ। ବାବୁ ବି କୋଉ ଛାଡ଼ିବା ଲୋକ, ସେମାନଙ୍କୁ ମୁହେଁ ମୁହେଁ ଶୁଣାଇ ଦେଲା। "ବାପା, ମା ଛେଉଣ୍ଡ ଛୁଆଟା, ଭୋକରେ ଆଉଟୁପାଉଟୁ ହୋଇ ଏଣେତେଣେ ବୁଲୁଛି। ତା ପେଟରେ ଦାନା ମୁଠେ ଦେଲା ବେଳକୁ ତୁମ ଆଇନକାନୁନ କୁଆଡେ ଯାଉଛି। ମୁଁ ଛେଉଣ୍ଡ ଛୁଆଟାକୁ ଦୁଇ ଓଳି ଖାଇବାକୁ ଦେଇ ଟିକେ ବୋଲ ହାକ କରେଇ ଦେଲେ ଆସି ଯାଉଛ କଣ ନା "ବାଳ ଶ୍ରମିକ ଅପରାଧ" ଆଇନ କାନୁନ ଦେଖେଇବାକୁ। ଭୋକ ଉପାସରେ ଚୋରି କରି ମାଡ ଖାଇବା ବେଳେ କୁଆଡ଼େ ଯାଉଛି ତୁମର ସବୁ ଆଇନ୍ କାନୁନ୍। ବଡ଼ ଆସିଲା ସମାଜ ସୁଧାରକ। ବେଶି ବକ୍‌ବକ୍ କରନି, ତୋତେ ଯେତିକି କୁହା ହେଉଛି ତା କର। ନହେଲେ ସିଧା ହାତକଡ଼ି ପକେଇ ମାମୁଁ ଘର ଦେଖାଇ ଦେବି"। ପୋଲିସ୍ ବାବୁର କର୍କଶ କଥାରେ ଚୁପ୍ ହୋଇ ଯାଇଥିଲଶ ନିତାଇ।" ଯାରେ ଯା ଆଉ ଆସିବୁନି ମୋ ଦୋକାନକୁ" ହାତ ଦେଖାଇ ବୁଧିଆକୁ ବାହାରକୁ ବାହାର କରି ଦେଇଥିଲା ନିତାଇ।

ତଳକୁ ମୁହଁ ପୋତି ପୋତି ଖଣ୍ଡେ ଦୂରକୁ ଯାଇ ପଛକୁ ବୁଲି ଦୋକାନ ଆଡକୁ ଚାହିଁଲା ବୁଧିଆ। ପୋଲିସ ଗାଡି ଘର୍‌ର ଘର୍‌ର ଶବ୍ଦ କରି ଫେରି ଯାଉଥିଲା। ମୁହଁ ବୁଲାଇ ଅଯଥା ଝିନ୍‌ଝଟ୍‌ରୁ ରକ୍ଷା ପାଇବା ପାଇଁ ନିତାଇ ବି ଦୋକାନ ଭିତରକୁ ଚାଲି ଯାଉଥିଲା।। ରାସ୍ତା କଡରେ ଠିଆ ହୋଇ ଶୁଖିଲା ମୁହଁରେ ନଖକୁ କାମୁଡି ବହେ ସମୟ ପର୍ଯ୍ୟନ୍ତ ଦୋକାନକୁ ଚାହିଁ ରହିଲା ବୁଧିଆ। ଗାଡି ବହୁ ଦୂରକୁ ଚାଲି ଯିବା ପରେ ବାବୁର ଗୋଡ଼ ତଳେ ପଡ଼ି ନେହୁରା ହେବାରେ ବାବୁ ଦୟା ପାଇ ପୁଣି ତାକୁ ଦୋକାନରେ ରଖିଥିଲା। "ଯା ଗରାଖ ବରାଦ ଦେଖିବୁ ଯା" କହି ବାବୁ ତାକୁ ଦୋକାନରେ ଭିତରକୁ ପଠେଇ ଦେଇଥିଲା।

ଗରାଖ ଟିକେ କମି ଆସିବାରୁ ଦୋକାନରେ ଗୋଟେ କୋଣରେ ଚୁପ୍‌କିନା ବସିପଡ଼ିଲା ବୁଧିଆ। ବୋଉ ତା'ର ଥିଲା ବେଳେ ତାକୁ ବାହାରକୁ ଜମା ଛାଡୁନଥିଲା। ପାଖ ଝୁମ୍ପୁଡିରେ ରହୁଥିଲେ ବି ବସ୍ତି ପିଲାଙ୍କ ସାଙ୍ଗେ ଜମାରୁ ତାକୁ ସାଙ୍ଗ ହେବାକୁ ଦେଉନଥିଲା। ବୋଉର ଛତ୍ରଛାୟାରେ ତା ସୀମିତ ଦୁନିଆରେ ମହା ଖୁସିରେ ରହୁଥିଲା ବୁଧିଆ। ବୋଉ ତାର ସବୁବେଳେ କହେ ମୁଁ ପର ଘରେ ପାଇଟି କଲେ କଣ ହେଲା ତତେ ପାଠ ଶାଠ ପଢ଼େଇ ବଡ ମଣିଷ କରିବି। ବାବୁମାନଙ୍କ ଘରେ କାମ ସାରି ବୋଉ ସନ୍ଧ୍ୟାବେଳେ ଘରକୁ ଲେଉଟି ଆସିଲେ, ଗୋଡ ଲମ୍ବେଇ ବସିବା ବେଳେ ତା' କୋଳରେ ମୁଣ୍ଡ ରଖି ଶୋଇପଡ଼େ ବୁଧିଆ। ବୋଉ ତାର ବାଳକୁ ସାଉଁଳେଇ ଦେଉ ଦେଉ ନିଜେ ନିଜେ କହି ହେଉଥାଏ, "ବାପାରେ ତୁମ ଦୁଇ ଛୁଆଙ୍କ ମୁହଁକୁ ଚାହିଁ ପଡ଼ି ରହିଛି ଯାହା। ବାପ ତ ତୋର ଯେତକ ହଇରାଣ ହରକତ କଲା। ଶେଷରେ ଚାକିରି କରିବାକୁ କୋଉ ଦୂର ଦେଶକୁ ଗଲା ଯେ ଆଉ

ପଚାରିବା ନା ଗନ୍ଧ ନାହିଁ। କୋଉ ମାଇପ ନେଇ ସିଆଡେ ରହିଲା ଯେ ପିଲାଛୁଆ ସ୍ତ୍ରୀ କେମିତି ଅଛନ୍ତି ଦିନେ ଖୋଜିଲାନି।" ତୁ ମୋର ପାଠ ପଢ଼ିବୁ, ବଡ ମଣିଷ ହେବୁ, ରାମ, ଲକ୍ଷ୍ମଣ ପରି ତୁମେ ଦୁଇ ପିଲା ମୋର ବଡ ହେଲେ ଆମର ସବୁ ଦୁଃଖ ଯିବ"।

ବୋଉ ତା ମୁଣ୍ଡକୁ ଆଉଁସୁ ଥିଲା ବେଳେ କେତେବେଳେ ଯେ ରାତି ପାହି ସକାଳ ହୁଏ ଜାଣିପାରୁନଥିଲା ବୁଧିଆ। ଉଠିଲା ପରେ ବୋଉ ତାର କାମକୁ ବାହାରି ଯାଇଥାଏ। ଛୋଟ ଭାଇ ସନିଆକୁ ନେଇ ଯାଇଥାଏ ତା' ସାଙ୍ଗରେ। ତା' ପାଇଁ ବାଢ଼ି ରଖିଥିବା ଗରମ ଗରମ ଶାଗ ଭଜା କି ପୋଡା ପୋଡି ଲଗେଇ କଂସାଏ ପଖାଳ ଖାଇ ସାର୍ଟପେଣ୍ଟ ପିନ୍ଧି ବାହାରିପଡେ ସ୍କୁଲକୁ ବୁଧିଆ।

ବୋଉ ତାର ମନା କରିଥାଏ ତାକୁ କାହାରି ସାଙ୍ଗରେ ସାଙ୍ଗ ନହେବା ପାଇଁ। ଅକ୍ଷରେ ଅକ୍ଷରେ ବୋଉ କଥା ମାନେ ବୁଧିଆ। ଠେକ୍ ଠେକ୍ ହୋଇ ସ୍କୁଲକୁ ଯାଏ ଆଉ ସିଧା ଘରକୁ ଆସେ। ଖାଲି ନିକଟରେ ଥିବା ଅଜୁ ସାଙ୍ଗେ ସାଙ୍ଗ ହୋଇଥାଏ ସେ। ବୋଉର ସେଥିରେ କିଛି ଆପତ୍ତି ନଥାଏ। ଭଲ ଘର ପିଲା ଅଜୁ, ଦୁଇଜଣ ଯାକ ଏକାଠି ସ୍କୁଲ ଯାଆନ୍ତି। ଗୋଟିଏ ଶ୍ରେଣୀରେ ପଢ଼ନ୍ତି। ସ୍କୁଲ ଛୁଟି ପରେ ବାଟେ ବାଟେ ଏକାଠି ସ୍କୁଲରୁ ଫେରନ୍ତି। ବୋଉ ତାର ସନିଆକୁ ନେଇ ଘରକୁ ଫେରି ଆସିଥାଏ। ପୁଣି ପେଟେ ଖାଇ ପଢ଼ାପଢ଼ି ଖେଳକୁଦରେ ସମୟ ବିତାଇ ଦିଏ ବୁଧିଆ। ତା ଘର ତାକୁ ସବୁ ଖୁସିର ଭଣ୍ଡାର ପରି ଲାଗେ।

ସେଦିନ ସାଙ୍ଗ ହୋଇ ସ୍କୁଲ ଗଲାବେଳେ ଅଜୁ କହୁଥିଲା "ଜାଣିଛୁ ବୁଧିଆ କଣ ଗୋଟେ ମହାମାରୀ ରୋଗ ଆସିଛି। ସେଇ ଦୂର ଚାଇନା ଦେଶରେ ସେ ରୋଗରେ ଲୋକ ପୋକ ମାଛି ପରି ମରୁଛନ୍ତି। ମୁଁ କାଲି ଟିଭିରେ ଦେଖୁଥିଲି। ସେଇ ରୋଗରେ ଲୋକଙ୍କ ଶବ ସବୁ କୁଢ଼ କୁଢ଼ ହୋଇ ଗଦା ହୋଇଛି। ବାହାଦୁରୀ ଦେଖେଇ ସବୁ ଜାଣିଥିଲା ପରି ଗପି ଚାଲିଥାଏ ଅଜୁ, ଆଉ ବୁଧିଆ ରୋଗକୁ ହେୟଜ୍ଞାନ କଲେବି ଆଶ୍ଚର୍ଯ୍ୟ ହୋଇ ଗପ ଶୁଣି ଚାଲିଥାଏ।

ଧିରେ ଧିରେ କରୋନାର କାୟା ଭାରତ ଦେଶ ପର୍ଯ୍ୟନ୍ତ ମାଡି ଆସିଥିଲା। ରାସ୍ତାଘାଟ, ଗଳିକନ୍ଦି, ଛକ, ବଜାର ସ୍କୁଲ ସବୁଆଡ଼େ ସେଇ ଭୟାନକ ମହାମାରୀର ଆଲୋଚନା ଶୁଣି ଶୁଣି ଭିତରେ ଭିତରେ ଟିକେ ଭୀତତ୍ରସ୍ତ ହୋଇ ଉଠୁଥିଲା ବୁଧିଆ।

କରୋନା ମହାମାରୀର ପ୍ରଭାବରେ ସହରର ସବୁକିଛି ବଦଳି ବାରେ ଲାଗିଥିଲା। କରୋନା ଦାନବ ତାର କରାଳ ଗ୍ରାସରେ କୁଢ଼ କୁଢ଼ ଶବ ଗଦା କରି ଚାଲିଥିଲା। ଡାକବାଜି ଯନ୍ତ୍ର ଦ୍ୱାରା ପୋଲିସର ଘନଘନ ତାଗିଦ ଥିଲା ମୁହଁରେ ତୁଣ୍ଡି ବାନ୍ଧ, କୋଳାହଳ ପୂର୍ଣ୍ଣ ସ୍ଥାନକୁ ଯାଅ ନାହିଁ, ସାମାଜିକ ଦୂରତ୍ୱ ରଖ ଆଦି। ବଜାର ଘାଟରେ ଧିରେ ଧିରେ ଗହଳି କମି ଆସୁଥିଲା। ସ୍କୁଲରେ ସାଙ୍ଗ ସାଥିଙ୍କର ଉପସ୍ଥାନ କମି ଯାଇଥିଲା। ଯେ ବା ଆସୁଥିଲେ କେହି କାହା ସଙ୍ଗେ ମିଶୁନଥିଲେ। ଧିରେ ଧିରେ କଟକଣା ତୀବ୍ରରୁ ତୀବ୍ରତର ହୋଇ ଯାଇଥିଲା। ସ୍କୁଲ କଲେଜ ସବୁ ବନ୍ଦ ହୋଇଯାଇଥିଲା। ଗୃହ ବନ୍ଦୀ ହୋଇଯାଇଥିଲେ ସମସ୍ତେ। ଘରୁ ବାହାରିଲେ ପୋଲିସର କଠୋର ଶାସନର ସାମ୍ନା କରିବାକୁ ପଡୁଥିଲା। ବୁଧିଆର ବୋଉ ପିଲାଙ୍କ ମୁହଁରେ ଦାନା ଦେବାକୁ ଦିନାକେତେ ଲୁଚି ଛପି ଯାଇ ବାବୁଘରେ କାମ କରି ଆସୁଥିଲା। କିଛି ଦିନ ପରେ ତାର ବାବୁ ଘର ବି ତାଙ୍କର ନିରାପତ୍ତା ଦୃଷ୍ଟିରୁ ବୋଉକୁ ତାର କାମ କରି ଯିବାକୁ ବାରଣ କରିଥିଲେ। ଅସହାୟ ହୋଇ ପଡିଥିଲା ବୁଧିଆର ବୋଉ, ଘରେ ଯାହାକିଛି ସଞ୍ଚିଥିଲା ନିଜ ପେଟ ପିଠିରୁ କାଟି ଦୁଇ ପିଲାଙ୍କୁ ତାର ଦେଇ ଚାଲିଥିଲା। ଖାଦ୍ୟର ମାତ୍ରା ସ୍ୱଳ୍ପ ହୋଇ ଯାଇଥିଲେ ବି ବୋଉର କୋଳରେ ବୁଧିଆ ସୁଖ ନିଦ୍ରାରେ ଶୋଇ ଯାଉଥିଲା। କେବେ କେମିତି ରାତି ଅଧରେ ବୋଉର ଗରମ ଲୁହ ତା ମୁହଁରେ ବାଜି ନିଦ ଭାଙ୍ଗିଗଲେ ବୋଉ ମୁହଁକୁ ବଲବଲ କରି ଚାହେଁ ବୁଧିଆ। ବୋଉ ତାର ତା ବାଳକୁ ସାଉଁଳେଇ ଦେଲେ ପୁଣି ନିଘୋଡ ନିଦରେ ଶୋଇଯାଏ ସେ।

ଦିନେ ସକାଳୁ ଦେହ ଅସଜ ଲାଗୁଛି କହି ବୋଉ ତାର ହେଁସରେ ପଡ଼ି ରହିଲା। ପାଖ ମଡେଇ ଦେଇନଥିଲା ପିଲା ଦୁହିଁଙ୍କୁ ତା ପାଖକୁ ଯିବାକୁ। କୁଆଡ଼େ କେମିତି ଖବର ପାଇ ଡାକ୍ତରଖାନା ଗାଡି ଆସି ସାଇରନ୍ ଦେଇ ପହଞ୍ଚିଗଲା ବୁଧିଆ ଘର ଆଗରେ। ବହିରେ ଚିତ୍ର ଦେଖିଥିବା ଚନ୍ଦ୍ରକୁ ଯିବାର ପୋଷାକ ପିନ୍ଧିଥାନ୍ତି ସମସ୍ତେ। ସେ ଖୋଳ ଭିତରେ ଥାଇ ଆଖି ଦିଓଟି ଖାଲି କାଚ ଭିତରେ ଥିବା ପରି ଦେଖାଯାଉଥାଏ। କଣ ସବୁ ଯନ୍ତପାତି କାଢ଼ି ବୋଉର ପରୀକ୍ଷା ନିରୀକ୍ଷା କରି ବୁଧିଆ ବୋଉକୁ ସାଙ୍ଗରେ ଧରି ଚାଲିଯିବାକୁ ବାହାରିଲେ।

ବୁଧିଆ ବୋଉ କେତେ ଅନୁନୟ ବିନୟ ହେଲା ସେମାନଙ୍କ ପାଖରେ। ମୋର ବକଟେ ନା'କୁ ଛୋଟ ଛୁଆ ଦିଓଟି, ମୁଁ ଚାଲିଗଲେ ସେମାନେ ଅଣଦେଖା ହେବେ। ମତେ ଟିକେ ଓସୁଦ ଦେଲେ ମୁଁ ତାକୁ ଖାଇ ଘରେ ରହି ପିଲା ଦିଓଟିଙ୍କୁ ଦେଖାଚାହାଁ କରି ପାରିବି। କିନ୍ତୁ ତାର ଗୁହାରୀ କେହି ଶୁଣିନଥିଲେ।

ଅସୁସ୍ଥ ବୋଉକୁ ତାର ନେଇ ଯିବାରେ ଏକ ଲୟରେ ଚାହିଁ ଦେଖୁଥିଲା ବୁଧିଆ। ଡାକ୍ତର ବାବୁ ତାକୁ ବୁଝାଇଥିଲେ "ଏଇଠି ରହିଲେ ବୋଉ ତୋର ମରିଯିବ ଆଉ ଡାକ୍ତରଖାନା ଗଲେ ଭଲ ହୋଇ କିଛି ଦିନ ପରେ ତୋ ପାଖକୁ ପଳେଇ ଆସିବ। ବୁଧିଆ ମନରେ ସବୁ ଶଙ୍କା ଦୂର ହୋଇ ଯାଇଥିଲା। ଦୁଇ ଭାଇ ଦୁଇଓଳି ଯାଇ ନିକଟସ୍ଥ କରୋନା ସହାୟତା କେନ୍ଦ୍ରରେ ପେଟପୁରା ଖାଇଦେଇ ଘରକୁ ଚାଲି ଆସୁଥିଲେ।

ବୋଉ ଆସିବାର ଅପେକ୍ଷାରେ ଦିନ ଗଣି ଚାଲୁଥିଲା ବୁଧିଆ, ବୋଉକୁ ତାର କୁଆଡ଼େ ନେଲେ କଣ କଲେ କିଛି ଖୋଜ ଖବର ନଥିଲା ତା' ପାଖରେ, କରୋନା ଲାଗି ଅଜୁ ସହିତ ତାର ଦେଖା ସାକ୍ଷାତ ହେଉନଥିଲା। ସବୁବେଳେ ଅଜୁଠାରୁ ସେ କିଛି ନୂତନ ଖବର ପାଇଥାଏ ଦେଶ ଦୁନିଆର। ତାବି ସମ୍ଭବ ନଥିଲା। ଦିନେ ଆହାର କେନ୍ଦ୍ରରୁ ସେଠାରେ ଚୁପଚାପ୍ କଥା ଶୁଣିଲା "ବୋଉ ତାର ଆଉ ନାହିଁ ବୋଲି"। ଡାକ୍ତରଖାନା ଯିବାର ୬ଦିନ ପରେ ବୋଉ ତାର କରୋନା ମହାମାରୀରେ ଆରପାରିକୁ ଚାଲିଯାଇଛି। ରୋଗ ସଂକ୍ରମଣର ଭୟରେ ବୋଉକୁ ତାର ଦାହସଂସ୍କାର ବି କରି ଦେଇଛନ୍ତି ବୁଧିଆକୁ ନ ଜଣାଇ। ଲୋକଙ୍କ କଥାକୁ ବିଶ୍ୱାସ କରିପାରୁନଥିଲା ବୁଧିଆ। ବଲବଲ କରି କେତେବେଳେ ଲୋକମାନଙ୍କ ମୁହଁକୁ ଚାହୁଁଥିଲା ତ କେତେବେଳେ ସନିଆର ମୁହଁକୁ। ସେଦିନ ରାତିରେ ଆଉ ଖାଇବାକୁ ଯାଇନଥିଲେ ଦୁଇଭାଇ। ଉପାସରେ ଶୋଇ ଯାଇଥିଲେ।

ସକାଳୁ ନିଦ ଭାଙ୍ଗି ଯାଇଥିଲା ବୁଧିଆର। ପେଟରେ ପ୍ରବଳ ଭୋକ। ଚୁଲି ମୁଣ୍ଡକୁ ଚାହିଁଲା ବୁଧିଆ। ବୋଉର ତା' ପାଇଁ ବାଢ଼ି ରଖିଥିବା ପଖାଳ କଂସା କଥା ମନେ ପଡ଼ିଲା। ଢେର କାନ୍ଦିଲା ବୋଉକୁ ତାର ମନେ ପକାଇ। କାନ୍ଦି କାନ୍ଦି ତକିଆ ତାର ଭିଜାଇ ଦେଲା। ମନେ ମନେ ନେହୁରା ହେଉଥାଏ ବୋଉକୁ ତାର ଚାଲି ଆସିବା ପାଇଁ। ସେମିତି ତକିଆରେ ମୁହଁ ମାଡ଼ି ପଡ଼ି ରହିଥାଏ।

"ଭାଇ ଖାଇବାକୁ ଯିବା ଚାଲୁନୁ" ସନିଆର ଡାକରେ ତକିଆ ଉପରୁ ମୁଣ୍ଡ ଉଠାଇଲା ବୁଧିଆ "ମୋତେ ଭୋକ ଲାଗିଲାଣି"। କାଲି ରାତିରେ ବି ଗଲୁନି। ଏବେ ଚାଲେ ଜଲ୍‌ଦି ଯିବା, ଯିଦି କଲା ପରି କହୁଥାଏ ସନିଆ। ଇଚ୍ଛା ନଥିଲେ ବି ସନିଆର କଥାରେ ଉଠିବସିଲା ବୁଧିଆ। ଆଖି ଲୁହ ପୋଛି ସନିଆର ହାତଧରି ଆଗକୁ ବଢ଼ି ଚାଲିଲା।

କିଛି ମାସ ପରେ ଧିରେ ଧିରେ ସବୁକିଛି ସ୍ୱାଭାବିକ ଅବସ୍ଥାକୁ ଫେରି ଆସୁଥିଲା। କରୋନା ମହାମାରୀର କରାଳ ଗ୍ରାସରେ କେତେ ଯେ ବାଳୁତ ଅନାଥ ହୋଇଯାଇଥିଲେ। କେଉଁଠି ଏକମାତ୍ର ରୋଜଗାରକ୍ଷମ ପରିବାର ସଦସ୍ୟ ପରିବାରରୁ ଚାଲିଯାଇଥିଲା ତ, କେଉଁଠି କିଶୋର ପୁତ୍ରକୁ ହରାଇ ବାପା ମା କୋହରେ ଫାଟି ପଡୁଥିଲେ। କେଉଁଠାରେ ବଂଶ ନିପାତ ହୋଇ ଯାଇଥିଲା ତ କେଉଁଠାରେ ପରିବାର ପୁରୁଷ ଶୂନ୍ୟ ହୋଇଯାଇଥିଲା। ସେହି ଅସହାୟତା ଭିତରେ ବି ମଣିଷ ବଂଚିବାର ରାହା ଖୋଜି ଧିରେ ଧିରେ ଅଣ୍ଟା ସଳଖି ଠିଆ ହେଉଥିଲା।

ସବୁକିଛି ସ୍ୱାଭାବିକ ହୋଇ ଆସୁଥିଲେ ବି ବୁଧିଆ ଜୀବନରେ ଆଉ ସ୍ୱାଭାବିକତା ଫେରିନଥିଲା। ଅଡୁଆ ସୁତା ପରି ତାର ଜୀବନରେ ସବୁକିଛି ଓଲଟ ପାଲଟ ହୋଇଯାଇଥିଲା।

କରୋନା ମହାମାରୀ ଆୟତ୍ତ ଭିତରକୁ ଆସିବା ପରେ କରୋନା ସହାୟତା କେନ୍ଦ୍ରଗୁଡ଼ିକ ଧିରେ ଧିରେ ବନ୍ଦ ହେବାକୁ ଲାଗିଲା। ଦୁଇ ଓଳି ମୁଠେ ଖାଇବାକୁ ପାଇ ଯାଉଥିବା ବୁଧିଆକୁ ଏବେ ଖାଦ୍ୟ ଚିନ୍ତା ଘାରିଥିଲା, ଦିନ କେତେ ପାଖ ଆଖର ଲୋକ ତାକୁ ଖାଇବାକୁ ଦେଉଥିଲେ। ଆସ୍ତେ ଆସ୍ତେ ତା ବି କମି ଯାଇଥିଲା। ତାର ପାଠ ପଢ଼ି ବଡ ମଣିଷ ହେବାର ସ୍ୱପ୍ନ ସ୍ୱପ୍ନ ହୋଇ ରହିଯାଇଥିଲା। ପାଠପଢ଼ାରେ ତାର ଡୋରି ବନ୍ଧା ହୋଇଯାଇଥିଲା। ଆଉ ସ୍କୁଲ ଯାଇନଥିଲା ସେ। ସାଙ୍ଗ ରାଜୁ ବି କରୋନା ତାଲାବନ୍ଦ ସମୟରେ ତାର ବାପା କାମ କରୁଥିବା ଦୋକାନ ବନ୍ଦ ହୋଇଯିବାରୁ ପରିବାର ପ୍ରତିପୋଷଣ ପାଇଁ ସହରର ଭଡା ଘର ଛାଡି ଗାଁକୁ ପଳାଇ ଯାଇଥିଲେ। ସବୁଆଡୁ ନିଃସଙ୍ଗ, ନିଃସହାୟ ହୋଇ ପଡ଼ିଥିଲା ବୁଧିଆ। ବୋଉର ଚାଲିଯିବାଟା ତାକୁ ହଠାତ୍ ବାଳୁତରୁ ଏକ ଦାୟିତ୍ୱବାନ ଯୁବକ ବନେଇ ଦେଇଥିଲା।

ଜୀବନର ସଂଘର୍ଷକୁ ସାମ୍ନା କରି ତା ଭିତରେ ସନିଆ ସହ ବଂଚିବାକୁ ରାସ୍ତାକୁ ଗୋଡ କାଢ଼ିଥିଲା ବୁଧିଆ। ସକାଳ ପାହିଲେ ଦୁଇ ଭାଇ ବାହାରକୁ ବାହାରିଯାଆନ୍ତି। କୋଉ ଦୋକାନରୁ କି ଲୋକଙ୍କଠାରୁ ମାଗି ଯାଚି ନିଜେ ଅଳ୍ପ ଖାଇ ସନିଆକୁ ଧରାଇ ଦିଏ ବୁଧିଆ। ବେଶି ଧିକ୍‌ଚିକ୍ କରି କାହା ଆଗରେ ହାତ ପତେଇ ପାରେନିସେ। ତା ବୋଉତ ତାକୁ କାହା ସାଙ୍ଗେ ମିଶିବାକୁ ବି ବାରଣ କରୁଥିଲା। କୋଉଠୁ ଶିଖିବ ସେ ଏ କଳା। କେତେବେଳେ ଏକୁଟିଆ ବସିଲେ ବୋଉ କଥା ତାର ବହୁତ ମନେପଡ଼େ। ଢେର ସମୟ ପର୍ଯ୍ୟନ୍ତ ସୁଁ ସୁଁ ହୋଇ କାନ୍ଦେ ବୁଧିଆ। ବୋଉର ସ୍ନେହ, ଆଦର, ଗେହ୍ଲା ସବୁ ମନେ ପଡ଼ିଯାଏ। ବିକଳରେ ବୋଉକୁ ତାର ଖୋଜିଲା ଆଖିରେ ଚାରିଆଡ଼େ ଚାହେଁ। ବୋଉ ତାର ଘରୁ ଯିବାର ସେ ଦେଖିଥିଲା। କିନ୍ତୁ ଏ ଦୁନିଆ ଛାଡ଼ି ଚାଲିଯିବାର ସେ ଲୋକମାନଙ୍କଠାରୁ ଶୁଣିଥିଲା ଯାହା। ତେଣୁ କେମିତି ବା ବିଶ୍ୱାସ କରିବ ତାର କୋମଳ ମନ ଏତେବଡ ନିରାଟ ସତ୍ୟକୁ। ପୁଣି ସନିଆ କଥା ମନକୁ ଆସିଲେ ଚିରା ଫଟାସାର୍ଟରେ ଆଖି ପୋଛି ଉଠିପଡେ ବୁଧିଆ।

ଦୁଇଦିନ ଧରି ବର୍ଷା ଲାଗି ରହିଥିଲା। ଘରୁ ବାହାରିବା ସମ୍ଭବ ହେଉନଥିଲା। ଭୋକରେ ପିଲା ଦୁହେଁ ଆଉଟୁପାଉଟୁ ହେଉଥିଲେ। ବାଳୁତ ପିଲା ବୁଧିଆ, ଖାଦ୍ୟ ସଞ୍ଚୟର କଥା ତା ମୁଣ୍ଡରେ ବା କାହୁଁ ପଶିବ। ବୋଉ ତାର ତିନି ବକତ ତାକୁ ବାଢ଼ି ଦେଉଥିଲା। ସେ ଖାଇଦେଇ ତା କାମରେ ଲାଗି ଯାଉଥିଲା। ଟିକେ ବର୍ଷା ଛାଡିଲା ପରେ ସନିଆକୁ ଘରେ ଛାଡ଼ି ବାହାରାକୁ ବାହାରିଥିଲା ବୁଧିଆ। ଗୋଟେ, ଦୁଇଟା ଦୋକାନରେ କିଛି ଖାଇବା ଲାଗି ହାତ ପତାଇଥିଲା। ସହଜେ ତ ବର୍ଷାରେ ବିକ୍ରିବଟା ନାହିଁ, ସେଥିରେ ପୁଣି ମୋଫତରେ ଯାକୁ କିଏ ବା କାହିଁକି କଣ ଦେବ। ସବୁ ଦୁରଦୁର କରିଥିଲେ, କେଉଁଠାରୁ କିଛି ଖାଇବା ଯୋଗାଡର ଆଶା ଦେଖି ପାରୁନଥିଲା ବୁଧିଆ।

ହଠାତ୍ ଦୂରରେ ଏକ ଦୋକାନ ବୁଧିଆର ନଜରରେ ପଡ଼ିଲା। ଦୋକାନର ସାମନା ପଟକୁ ଗରାଖକୁ ଆକୃଷ୍ଟ କରିବା ପରି ପାଉଁରୁଟି, ବିସ୍କୁଟ ସବୁ ଥାକ ଥାକ ହୋଇ ଥୁଆ ହୋଇଥାଏ। ଆଗ ପଛ ନ ବିଚାରି ବୁଧିଆ ଦୋକାନ ଆଡେ ମାଡି ଚାଲିଲା। ଦୋକାନ ପାଖ ହେବାରୁ ଦୁଇ ହାତରେ ଦୁଇଟା ପାଉଁରୁଟି ଧରି ଏକା ନିଶ୍ୱାସରେ ବାହାରକୁ ଦୌଡିଥିଲା। ଦୋକାନି ପୁଅ ଏକା ଖେପାଏ ଯାଇ ଚୋର ଚୋର କହି ମାଡି ବସିଥିଲା ବୁଧିଆକୁ। କୁଆଡୁ ଥିଲେ ପଞ୍ଚାଏ ଲୋକ ଚୋର ଚୋର କହି ଘେରି ଯାଇଥିଲେ। ଗୋଇଠା, ବିଧା, ଚାପୁଡାରେ ଦେହ ହାତ ଫୁଲାଇ ଦେଇଥିଲେ। ଗାଲରେ ଏକ ଜୋରଦାର ଚାପୁଡାରେ ଦାନ୍ତ ଭାଙ୍ଗି ଲହୁ ଲୁହାଣ ହୋଇ ଯାଇଥିଲା ବୁଧିଆ।

ଲୋକମାନେ ଅନାଧୁନିଆ ମାଡ ଗାଳି ଦେଇ ତାକୁ ପୋଲିସରେ ଦେବା ପାଇଁ ବାହାରିବା ବେଳେ ଦେବଦୂତ ପରି ସାମନାକୁ ଆସିଥିଲା ତାର ଏଇ ନିତାଇ ବାବୁଟି। ଲୋକ ଗହଳିକୁ ବୁଝାସୁଝା କରି ବୁଧିଆକୁ ତା ହେପାଜତକୁ ନେଇଥିଲା। ବୁଧିଆଠାରୁ ସବିସ୍ତାର ତାର ଦୁଃଖର କାହାଣୀ ଶୁଣି ବିକଳ ହୋଇ ଉଠିଥିଲା ନିତାଇର ମନ। "ତୁ ଏଥର ମୋ ଦୋକାନରେ ରହ, ଗରାଖଙ୍କୁ ଚା, ଜଳଖିଆ ଯୋଗାଇବୁ। ମୋର ବୋଲହାକ କରିବୁ, ତା ବଦଳରେ ଦୁଇ ଭାଇ ଚାରି ଓଳି ଏଇଠି ଖିଆପିଆ କରିବ।" ବୁଧିଆକୁ ବୁଝାଇ କହି ତା ଝୁମ୍ପୁଡି ଜଳଖିଆ ଦୋକାନକୁ ନେଇ ଆସିଥିଲା ନିତାଇ।

ଅଳ୍ପ ଖଟଣୀରେ ଟିକେ କିଛି ବୋଲହାକ କରି ଦୁଇ ଭାଇ ପେଟ ପୁରା ଖାଇ ଟିକେ ଭଲରେ ରହିବା ବେଳେ ହଠାତ୍ ଦିନେ ଗାଡିରେ ତିନି, ଚାରି ଅଫିସର ଆସି ତାଗିଦ କରିଗଲେ ନିତାଇକୁ। ବେଶି କିଛି ନବୁଝିଲେବି ତାଙ୍କ କଥାବାର୍ତ୍ତାରୁ ବୁଧିଆ ଜାଣିଲା ଯେ ତାକୁ ଦୋକାନରେ ରଖିବା କୁଆଡେ ଆଇନ ବିରୋଧୀ। ସିଏ ଛୋଟପିଲା, ତାକୁ ଦୋକାନରେ ବୋଲହାକ

କରାଇଲେ ତା ବାବୁଙ୍କୁ ପୋଲିସ ବାଲା ଥାନାକୁ ନେଇଯିବେ। ଭାରି ରାଗ ଆସୁଥିଲା ବୁଧିଆର ସେ ଲୋକଗୁଡାଙ୍କ ଉପରେ। ତା' ବୋଉତ ତାକୁ ସବୁବେଳେ କହୁଥିଲା ବୁଧିଆ ମୋର ବଡ ହୋଇଗଲାଣି, ତୁ ପାଠପଢ଼ି ଦି ପଇସା ରୋଜଗାରକ ଲେ ମୋର ଦୁଃଖଯିବ" ଆଉ ସେ ଛୋଟ କେମିତି ହେଲା ? ବାବୁ ତ ତାକୁ ଖାଇବାକୁ ଦେଉଛି। ନୂଆ ଜାମାପ୍ୟାଣ୍ଟ ପିନ୍ଧିବାକୁ ଦେଉଛି। ଏ ଲୋକ ଗୁଡାକଙ୍କର କଣ ଯାଉଛି ଯେ। ପରେ ପରେ ଆଉଥରେ ଦୁଇଥର ସେମାନେ ଆସିବା ବେଳେ ନିତାଇ ବୁଧିଆକୁ ଦୋକାନ ପଛପଟେ ଲୁଚି ଯିବାକୁ କହେ। ଥରେ ତ ଅଫିସରମାନଙ୍କ ତାଗିଦରେ ନିତାଇ ବୁଧିଆକୁ ଦୋକାନରୁ ବାହାର କରିଦେଇଥିଲା ଯେ କେତେ ନେହୁରା ହେଲାପରେ ପୁଣି ଦୟା ପାଇ ରଖିଲା।

ଆଜି ପୁଣି ସେଇ ଅଫିସରମାନେ ଗାଡି ନେଇ ଦୋକାନକୁ ଆସିବା ଦେଖି କୋମଳ ମନ ତାର ରାଗରେ କୁହୁଳି ଉଠିଥିଲା। ଗାଡି ଆସି ଯେମିତି ଦୋକାନ ଆଗରେ ରହିଛି ବୁଧିଆର ରାଗ ପଞ୍ଚମକୁ ଉଠିଗଲା। ପାଖରେ ପଡିଥିବା ଏକ ବୋଲୁଅକୁ ଜୋରରେ ଫିଙ୍ଗିଥିଲା ବୁଧିଆ। ଟାଏଁ କରି ଶଦ୍ଦ ସହ ମୁଣ୍ଡରେ ବାଜିଥିଲା ଅଫିସର ଜଣଙ୍କର। ଉତ୍କ୍ଷିପ୍ତ ହୋଇ ଯାଇଥିଲେ ସେମାନେ। ଧର ଧର ଶଦ୍ଦ ସହ ମାଡି ଆସିଥିଲେ ସମସ୍ତେ ବୁଧିଆ ଆଡ଼େ। ପ୍ରାଣମୂର୍ଚ୍ଛାରେ ଦୌଡିଥିଲା ବୁଧିଆ ନିଜକୁ ବଞ୍ଚାଇବା ପାଇଁ। ଦୌଡି ଦୌଡି ବହୁ ଦୂର ପର୍ଯ୍ୟନ୍ତ ଚାଲି ଯାଇଥିଲା ବୁଧିଆ। ଆଉ ଏହି ଗଛ ମୂଳରେ ପ୍ରାୟ ଅଧମରା ପରି ପଡିଯାଇଥିଲା ସେ। କେତେ ସମୟ ଯେ ଗଛମୂଳରେ ପଡ଼ିଛି ଖିଆଲ ନ ଥିଲା ବୁଧିଆର। ଦୌଡି ଦୌଡି ଖୁବ୍ ହାଲିଆ ଲାଗୁଥିଲା ତାକୁ। ସକାଳୁ କିଛି ବି ଦାନା ତା ପେଟକୁ ଯାଇନଥିଲା। ସକାଳର ଗରାଖ ଟିକେ କମି ଗଲାପରେ ବାବୁ ତାକୁ ଖାଇବାକୁ ଦେଇ ନିଜେ ଖାଇଥାଏ। ବୁଧିଆ କିନ୍ତୁ ନ ଖାଇ ଆଗ ସନିଆକୁ ଦୌଡି ଯାଇ ଖାଇବା ଦେଇ ଆସେ। ସନିଆ କଥା ମନକୁ ଆସିବାରୁ ଦେହରେ ଶତ ସିଂହର ବଳ ପାଇ ଯାଇଥିଲା ବୁଧିଆ। ଘରୁ ଆସିବା ବେଳେ ସନିଆ ତାକୁ କହିଥିଲା "ଭାଇରେ ଜଲଦି ଆସିବୁ ଡେରି ହେଲେ ମତେ ଭୋକ ଲାଗୁଛି।" ଏବେ କଣ ବା ତା ପାଇଁ ଖାଇବାକୁ ନବ। ଆଜିର ଏ ଘଟଣା ପରେ ପୋଲିସ ଆଉ ତାକୁ ଏଠାରେ ରଖେଇ ଦେବ ଏ ଆଶା ସେ ହରେଇ ବସିଥିଲା। ବାବୁ ବି ତାକୁ ଆଉ ତା ଦୋକାନରେ ରଖି ସେମାନଙ୍କ ସହ କାହିଁକି ବା ଶତ୍ରୁତା କରିବ। ତେଣୁ ବାବୁ ଦୋକାନରେ ରହିବା ଆଶାତର ମଉଳି ଯାଇଥିଲା। କୁଆଡେ ଯିବ, କଣ ବା କରିବ କିଛି ବୁଦ୍ଧିବାଟ ଦେଖାଯାଉନଥିଲା ତାକୁ। ବାଳୁତ ମନ ତାର ଆଶାର କିଛି ଥଳକୂଳ ପାଉନଥିଲା। ସନିଆ ଲାଗି ତାକୁ ଫେରିବାକୁ ପଡିବ ସେ ଚୋର ଖଣ୍ଟର ଅନ୍ଧାରୀ ଦୁନିଆକୁ। ଚୋରି କରି ହେଉ ପଛେ ସନିଆ ମୁହଁରେ ଟିକେ ଖାଇବା ତ ଦେଇପାରିବ। ଆଗରୁ ଚୋର ବଦ୍‌ମାସର ମୋହର ଲାଗି ଯାଇଥିଲା ତା ଜୀବନରେ। ଏବର ଘଟଣା ତାକୁ ଏକ ଅପରାଧୀ ବନେଇ ଦେଲା। ଧିରେ ଧିରେ ଉଠି ଠିଆ ହୋଇ ପାଦ ଆଗକୁ ବଢ଼ାଇଲା ବୁଧିଆ। ସନିଆ ପାଇଁ ଖାଇବା ଯୋଗାଡ କରିବାକୁ ତାକୁ ଯାହାବି ହେଲେ କରିବାକୁ ପଡିବ। ଗତି ତାର ଟିକେ କ୍ଷିପ୍ର ହୋଇଗଲା। ବୋଉର ଯେତେକ ସୁଉପଦେଶ ତା ମୁଣ୍ଡରୁ ଉଭେଇ ଯାଇଥିଲା। ବଞ୍ଚିବାର ସଂଘର୍ଷରେ ତା ଜୀବନ ଇତିହାସରେ ଅପରାଧର ଏକ ନୂତନ ଫର୍ଦ୍ଦ ଯୋଡିବା ପାଇଁ ଆଗେଇ ଯାଉଥିଲା ବୁଧିଆ ....

*ଅପର୍ଣ୍ଣା ନଗର, ଚାଉଳିଆଗଞ୍ଜ, କଟକ*

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

# କୁମାର ସୁନ୍ଦର, ଆଶ୍ରା ଓ ମାଂସ କଣ୍ଢେଇ

**ଚକ୍ରଧର ସାହୁ**

ଢ଼ାବା ଚାଳର ବାହାରକୁ ସେଇ ଅନ୍ଧାରୁଆ ଜାଗା ଦେଖୁଛ ? ଅବଶ୍ୟ ସଂପୂର୍ଣ୍ଣ ଅନ୍ଧାର ନୁହେଁ। ଦୃଷ୍ଟି ଭେଦ କରିବା ଭଳି ଆଂଶିକ ଅନ୍ଧାର। ସେଇଠି.... ଦଉଡ଼ିଆ ଖଟ ଉପରେ ଜଣେ ଯୁବକ ବସିଛି। ଠିକ୍ ବସିବା ତ କହିଦେବ ନାହିଁ। ଚକା ଆସନରୁ ଗୋଟିଏ ଗୋଡ଼ କାଢ଼ି ନେଇ ଠିଆ କରାଇଛି ଅନ୍ୟ ଗୋଡ଼ର ଗୋଇଠି ଉପରେ। ଆଣ୍ଠୁ ପ୍ରାୟ ଶହେ କୋଡ଼ିଏ ଡିଗ୍ରୀ କୋଣରେ ଭାଙ୍ଗିଛି। ସତେ କି ଧନୁରେ ତୀର ଯୋଖିବା ଅବସ୍ଥା। ଅଣ୍ଟା ବଙ୍କି ପେଟ ଲାଗୁଛି ଅନ୍ୟ ଗୋଡ଼ର ଜଙ୍ଘରେ। ଖଟ ଦଉଡ଼ି ଉପରୁ ପ୍ରାୟ ଫୁଟେ ଉଚ୍ଚତାରେ ଛାତି। ହାତ ଦୁଇଟି କାନ୍ଧ ପାଖରୁ ପ୍ରସାରିତ ସଳଖ ଭାବରେ। ପାପୁଲି ଦୁଇଟି ଛୁଇଁଛି ଖଟ ଦଉଡ଼ିକୁ।

ଏମିତି ଅସାଧାରଣ ଠାଣିରେ କେହି କଣ ବସେ। ତେବେ... ? ନା ତୁମକୁ କାରଣ ଖୋଜିବାରେ ବେଶି ସମୟ ଲାଗିବନି। ଏଇ ...ଢ଼ାବାର ବୁଡୁରୁ ପିଲାଟେ ତା' ପାଖକୁ ଆସୁଛି, ଦେଖ। ବୋଧହୁଏ ଅର୍ଡର ପାଇଛି ଆଉ ଗୋଟେ ବୋତଲ ପାଇଁ। ବୋତଲ ଥୋଉ ଥୋଉ ଜୋରରେ ଚେତେଇ ଦେଉଛି ସେ – ବାବୁ, ଏଇ ରହିଲା। ଏଇ ତମର ଆମ୍ଲେଟ୍ ବି। ଆଉ କ'ଣ ଆସିବ।

ଧୀରେ...ମୁଣ୍ଡ ଟେକୁଛି ଯୁବକଟି। ଦେଖ, ହାତ ହଲାଇ ମନା କରୁଛି। ସ୍ୱର ଲମ୍ୱେଇ କହୁଛି, "ବା...ସ୍। ଆଉ ନାହିଁ।" ଅଲରା ମୁଣ୍ଡ ବାଳ, କୋଟରଗତ ଚକ୍ଷୁ, ସ୍ୱେଦସିକ୍ତ ମୁହଁ ଧରିଥିବା ଏଇ ଯୁବକକୁ ଚିହ୍ନିପାରୁଛ ନା ? ଚିହ୍ନିପାରୁଛ କୁମାର ସୁନ୍ଦରକୁ ? ହଁ, ସେ ସ୍କ୍ରିନ୍ ପେଣ୍ଟ, ୱାଲ୍‌ପେଣ୍ଟ, ବୋର୍ଡ ପେଣ୍ଟ ଇତ୍ୟାଦି କରେ। ତା'ର ଭଙ୍ଗା ସାଇକେଲ ଧରି ସକାଳୁ ବାହାରି ପଡ଼େ ଘରୁ। ଖୁବ୍ ବଡ଼ ଗୋଟେ ଅଖା ବ୍ୟାଗ୍‌ରେ ରଙ୍ଗ ଡବା, ବ୍ରସ୍, ତୂଳି, ସୂତା, ଛିଣ୍ଡା କପଡ଼ା, ସ୍କେଲ ଆଦି ଜିନିଷ ଧରିଥାଏ। ସୁନ୍ଦର ଚେହେରା, ଶୀର୍ଣ୍ଣ ଶ୍ୟାମଳ ଦେହ ଆଉ ରଙ୍ଗ ଦାଗ ଲାଗିଥିବା ପୋଷାକ ପରିଚ୍ଛଦର କୁମାର ସୁନ୍ଦର ସେ।

ହେଲେ ସେ ଆମର ସ୍ଥାନୀୟ ବାସିନ୍ଦା ନୁହେଁ। ତାକୁ ସମସ୍ତେ ବରହମ୍ପୁରିଆ ବୋଲି କହନ୍ତି। ଆର୍ଟରେ କାଳେ ଡିପ୍ଲୋମା କରିଛି। ଚାକିରି ମିଳିଲା ନାହିଁ। ନିଜ ଜନ୍ମଭୂମିରେ କଳାର ପେସା ଚାଲିଲା ନାହିଁ। ତେଣୁ ନିଜ ମାଆ ବାପା, ପ୍ରିୟ ପରିଜନ ସମସ୍ତଙ୍କୁ ସେଠି ଛାଡ଼ି ଏଠାକୁ ଚାଲିଆସିଛି। ଆମର ଛୋଟ ମହାନ୍ ସହରକୁ। ଅବଶ୍ୟ ଇଏ ତାକୁ, ତା' ଛୋଟ ସଂସାରକୁ ଆଶ୍ରା ଦେଇଛି ଶ୍ରଦ୍ଧାରେ। ଦାନା କନା ସବୁ ଦେଇଛି।

ଏଇ... ଦେଖ ଦେଖ, ସୁନ୍ଦର ଅଣ୍ଡା ଆମ୍ଲେଟ୍ ସହିତ ଆଉ ବୋତଲେ ମଦ ଟେକୁଛି। ସନ୍ଧ୍ୟାରୁ ଆସି ପିଉଛି ଯେ ରାତି ଦଶ ହେଲାଣି ଆସି। ସେ କେତେ ପିଇ ନଥିବ ସତେ ! ହେଲେ ସେ ମଦୁଆ ନୁହେଁ। ବିଶ୍ୱାସ ହେଉନି ନା। କଳାକାର ହିସାବରେ ତୂଳି ଚଳାଉ ଚଳାଉ ହାଲିଆ ହୋଇଗଲେ ସେ ଯାହା ସିଗାରେଟ୍ ଗୋଟେ ଟାଣେ। ମେଳା ମହୋତ୍ସବରେ ଅନ୍ତରଙ୍ଗ ବନ୍ଧୁ କେହି ଜୋର୍ କଲେ ଫରେନ୍ ଲିକର୍ ଢ଼ୋକେ ପିଏ। ତାହା ଖାଲି ମୁହୂର୍ତ୍ତକର ମସ୍ତି ପାଇଁ। ମାନସିକ ସୁସ୍ଥତା ପାଇଁ। ନହେଲେ ତା'ର ଯୋଉ ଆୟ ମଦ କେମିତି ପିଇବ।

ସେ କହେ, ପରା ଆମ ଦେଶରେ କଳାକୁ କେହି ମର୍ଯ୍ୟାଦା ଦେଇ ଜାଣନ୍ତିନି। କାର୍ଯ୍ୟ ଚୁକ୍ତି ସମୟରେ କଳାର ମୂଲଚାଲ କରନ୍ତି। ଫଳରେ କଳାକାରର ମନ ଓ ହାତ ବିକଳାଙ୍ଗ ହୋଇଯାଏ। ସେଥିରେ ସେ ନୂଆ କିଛି ସୃଷ୍ଟି କରିବ କ'ଣ, ପୁରୁଣା ଚିରାଚରିତ କଳାର ପୁନଃ ସ୍ଫୁଟନ କରେ। ସେଥିରେ ବି ଶ୍ରମ ତାଙ୍କର ନଗଦ, ମାତ୍ର ମୂଳ ବାକୀ ରହିଯାଏ। ଘର ଚଳିବା ମୁସ୍କିଲ୍ ହୋଇଯାଏ।

ହେଲେ ସୁନ୍ଦର କୋଉ ଘର କଥା ବୁଝେ ଯେ ! ପ୍ରାୟ ସମୟ ତ ବାହାରେ ଥାଏ। ଛୋଟ ଖପରଛାଉଣି ଦୁଇ ବଖରା ମାଟିର ଭଡ଼ାଘରେ ସ୍ତ୍ରୀ ରତି ରହି କୁନି କୁନି ପୁଅ ଦୁଇଟିର ଖାଇବା ପିଇବା, ଅଳି ଅର୍ଦ୍ଦଳି ସବୁ ବୁଝେ। ତେଜରାତି ଦୋକାନରୁ ସଉଦାପତ୍ର କରେ। ଘର ପାଖ ପାନ ଦୋକାନରୁ ନଡ଼ିଆ ତେଲ, ସାବୁନ୍, ଅଣ୍ଡା, ବିସ୍କୁଟ୍, ମିକ୍ସଚର ଆଦି କିଣେ। ପାଚିଲା ମୁଣ୍ଡିଆ ପୌଢ଼ ଦୋକାନୀ ଦୁଃଶା ବେହେରା ମୁହଁରୁ ବାକୀ ପରିମାଣ ଶୁଣେ। ପୁଚୁକି ଗାଲି ମୁହଁ, ସଳଖ ନିଟୋଳ ବକ୍ଷୋଜ ଉପରେ ତା'ର ଖାଇଲା ଖାଇଲା ନଜରକୁ ବରଦାସ୍ତ କରେ। "ବିଦେଶରେ ପଡ଼ିଛ। ତମ ମୁହଁ ଚାହିଁ ଦେଉଛି' – ଏଭଳି ତାଚ୍ଛଲ୍ୟଭରା ଉକ୍ତିରେ ହସିଦେବାକୁ ବାଧ୍ୟ ହୁଏ। ହସ ଲୁଟି ବି ତୃପ୍ତ ହୁଏ ଦୁଃଶା ବେହେରା। ତରୁଣ ପାନ ଦୋକାନୀ ଗୁରା ନାଏକ ତ ତାକୁ ଗୋଟା

ପଣେ ଗିଳିଦେବ ଭାବେ । ଭାଉଜ ସମ୍ବୋଧନ କରି ଥଟ୍ଟା କରେ । ଜିନିଷ ଦେବାରେ ଜାଣିଶୁଣି ବିଳମ୍ବ କରେ । ମୁଫତ୍‌ରେ ତା'ର ଦୁଇ ପୁଅ ହାତରେ ଚକୋଲେଟ୍ ଧରାଏ । ଖାତାରେ ବାକୀ ପରିମାଣ ବଢ଼ି ଚାଲିଲେ ବି ଆହୁରି ଦେବାକୁ ମନା କରେ ନାହିଁ ।

କୁମାର ସୁନ୍ଦରର ସଂସାର ଚଳିଯାଏ ଏମିତି । କେତେବେଳେ କେମିତି ହାତକୁ ପଇସା ଆସିଲେ, କରଜ କିଛି ଶୁଝିଯାଏ । କିନ୍ତୁ ଖାତାର ନାଁ କଟେ ନାହିଁ । ନାଆଁରେ ବା ରହିଛି କ'ଣ । ମଣିଷ ମଣିଷ ମଧ୍ୟରେ ବିଶ୍ୱାସ ହିଁ ବଡ଼କଥା । ପରସ୍ପର ପ୍ରତି ସ୍ନେହ ସହାନୁଭୂତିର ଆଦାନ ପ୍ରଦାନ ତ ମଣିଷ ପଣିଆ ।

ଆଜି କିନ୍ତୁ ସମୁଦାୟ ମଣିଷ ଜାତି ଉପରେ କୁମାର ସୁନ୍ଦରର ଅବିଶ୍ୱାସ । ମଣିଷ ପଣିଆ ଉପରେ ଆଦୌ ଆସ୍ଥା ନାହିଁ । ଆଜିଠୁ ଠିକ୍ ବାଇଶ ଦିନ ତଳେ ଯେତେବେଳେ ମ୍ୟାଲେରିଆରେ ପଡ଼ିଲା, ପରଖି ନେଲା ଏଇ ମଣିଷ ଜାତିକୁ । ସତରେ କେଡ଼େ ସ୍ୱାର୍ଥପର ଏ ମଣିଷ । ବର୍ଷକ ତଳେ ନୂଆ ଔଷଧ ଦୋକାନର ବୋର୍ଡ ଲେଖିଥିଲା ସେ ନିଜହାତରେ । ସେଇଠୁ ମଧ୍ୟ ନଗଦ ଟଙ୍କା ଦେଇ ଔଷଧ କିଣିବାକୁ ପଡ଼ିଲା ତାକୁ । ଅବଶ୍ୟ ସାତ ଦିନରେ ଜ୍ୱର ସଫା । କିନ୍ତୁ, ଦେହରେ ବଳ ରହିଲାନି । ପନ୍ଦର ଦିନ ତଳୁ ତ କାମ ବନ୍ଦ ଥିଲା । ଜ୍ୱର ଛାଡୁ ଛାଡୁ ହାତ ଶୂନ୍ୟ । ଏଣେ ବ୍ୟୟଭାର ବଢ଼ିତ ଚାଲିଥାଏ । ଭାବିଲା, କ'ଣ କରିବ । କେମିତି ଋଣଭାର କମାଇବ । ସୁରୁଖୁରୁରେ ଘର ଚଳାଇବ । ନିଜ କାମର ପାଉଣା ବାକୀଆ ପଡ଼ିଛି କେତେ ଲୋକଙ୍କ ପାଖରେ । ବଡ଼ ଲୋକ କିନା ତା' ପାଖକୁ ସେମାନେ ଆସିବେନି । ଭଙ୍ଗା ସାଇକେଲ ପେଲି ତାକୁ ହିଁ ଯିବାକୁ ପଡ଼ିବ ସେମାନଙ୍କ ପାଖକୁ ।

ସ୍ତ୍ରୀର ବାରଣ ନ ମାନି ଘରୁ ପଦାକୁ ବାହାରିଲା ସୁନ୍ଦର । ତିନି ଦିନ ମଧ୍ୟରେ ସହରର ସବୁ ମାଲିକଙ୍କୁ ଭେଟିଲା । ସବିନୟ ଗୁହାରି କଲା । ହେଲେ ସବୁଠି ବିଫଳ । ସବୁ ମାଲିକ, ସବୁ ବଡ଼ ଲୋକ ଏକା । କିଏ କହିଲା – ଏ ବୋର୍ଡରେ କାମ ନାହିଁ । ଦୋକାନ ଘର କାନ୍ଥ ଦେହରେ ଆରମାସ ପୋଷ୍ଟର କରିବା । ଏକା ସଙ୍ଗେ ପାଉଣା ନେଇଯିବ.... ତାକୁ ଦେଖୁ ଦେଖୁ ଘଉଡାଇବା ଢ଼ଙ୍ଗରେ ଆଉ କିଏ କହିଲା, "ଯାଅ ଯାଅ ଆଉ କେବେ ଆସ ।" ନିରାଶ ମନରେ ନିତି ଘରକୁ ଫେରି ସ୍ତ୍ରୀକୁ ଖାଲି ଜୁଳୁଜୁଳୁ ହୋଇ ଚାହିଁଲା ସୁନ୍ଦର ।

ରତି ବୁଝାଇଲା ଆଶ୍ୱସନା ପୂର୍ଣ୍ଣ କଥାରେ । ଦୋକାନୀମାନଙ୍କ ଉଦାରତାର ଟିପ୍‌ପଣୀ ଦେଲା । ଭରସା ଦେଇ କହିଲା – ତମେ ଚିନ୍ତା କରନାହିଁ ଜମା । ଦୁଃଖୀ ବେହେରା ତ କହୁଛି, ନିଅ ଯାହା ନେଉଚ । ହାତ ଚଳାଇଲେ ତ ତୁମର ଟଙ୍କା । ତମ ବାବୁର ହାତ ଚାଲୁ, ଏକାଥରେ ଶୁଝିଦେବ ନାହିଁ । ...ଆଉ ଗୁରା ପରା ଭାଉଜ ବିନା କଥା କହେନି । କହୁଛି....ଖାଇବ ଯଦି ଖାଇଦିଅ, କ'ଣ ପାଣିରେ ପଡ଼ିଯିବ । ଭାଇ, ଭାଉଜ କି ମୋ ପୁଅମାନେ ତ ଖାଇବେ ।

ସ୍ତ୍ରୀର କଥାରେ ଆଶ୍ୱସ୍ତ ହେଲା ନାହିଁ ସୁନ୍ଦର । ସେମାନଙ୍କ ଦୟା ପ୍ରଦର୍ଶନରେ ସେ ନିଜକୁ ନ୍ୟୂନ ମଣିଲା । ତାକୁ ଲାଗିଲା, ସେମାନେ ତା ପୌରୁଷ ପ୍ରତି ଉପହାସ କରୁଛନ୍ତି । ରତି ପ୍ରତି ସହାନୁଭୂତିଶୀଳ ହେଲାବେଳେ ସେମାନେ ଆଖିମିଟିକା ମାରୁଛନ୍ତି ନେପଥ୍ୟକୁ । କହୁଛନ୍ତି, ଶଳା ସୁନ୍ଦର ହିଞ୍ଜଡ଼ଟା । ନିଜ ଭାବନାରେ କ୍ରମଶଃ ସେ ନିଜ ପ୍ରତି ରୁଷ୍ଟ ହେଲା, ସ୍ଥିର କଲା, କାଲିଠୁ ନୂଆ କାମ ଖୋଜିବ । ତା' ବାବଦକୁ ହୁଏତ ଅଗ୍ରୀମ ପାଉଣା କିଛି ମିଳିଯିବ ।

ଦେହକୁ ଖାତିର ନ କରି ଚାରିଦିନ ଧରି ସୁନ୍ଦର କାମ ଖୋଜିଲା । କଳାକାରର ସ୍ୱାଭିମାନୀପଣିଆକୁ ତୁଚ୍ଛ କରିଦେଲା ସ୍ତ୍ରୀ ପାଇଁ । ସାରା ପରିବାର ପାଇଁ । ନୂଆ, ପୁରୁଣା ସୁପ୍ତ ଦୋକାନର ମାଲିକମାନଙ୍କୁ ପ୍ରବର୍ତ୍ତାଇଲା, ଭଲ ଡିଜାଇନ୍‌ରେ ବୋର୍ଡ ଲେଖିବା ? କାନ୍ଥରେ ଆକର୍ଷଣୀୟ ପୋଷ୍ଟର କରିବା ? କିନ୍ତୁ, କେହି ରାଜି ହେଲେନି । ସମସ୍ତଙ୍କ ମୁହଁରୁ ଖାଲି ନାସ୍ତିବାଣୀ ଶୁଣିଲା । ତାହା ପୁଣି ଦୂର ଦୂର ମାର୍ ମାର୍ କହି ଘଉଡ଼ାଇବା ଢ଼ଙ୍ଗରେ ।

ପଞ୍ଚମ ଦିନରେ ସେମିତି କାମ ଖୋଜି ନିରାଶ ହେଲା ଯେତେବେଳେ ଦିନ ଦୁଇଟାରେ ବ୍ୟାକୁଳ ମନରେ ଘରକୁ ଫେରିଲା । ମୁହଁ ସାରା ଝାଳ ଭୋକରେ ହଂସା ଉଡ଼ିଯାଇଥାଏ ଏକେବାର । ଦେହ ଗୋଟାପଣ ଥରୁଥାଏ । ଦେଖିଲା, ସାନପୁଅ ଏକୁଟିଆ ବାରଣ୍ଡା ଉପରେ ବସି ବିସ୍କୁଟ୍ ଖାଉଛି । ପାଖରେ ଖୋଲା ହୋଇ ରହିଛି ପାର୍ଲେଜି ବିସ୍କୁଟ୍ ପ୍ୟାକେଟ୍ । ବଡ଼ପୁଅ ବୋଧହୁଏ ସ୍କୁଲ୍ ଯାଇଥିବ । ହେଲେ ଘରର କବାଟ ଭିତର ପଟୁ ବନ୍ଦ କାହିଁକି ! ଭାରି ଆଶ୍ଚର୍ଯ୍ୟ ଲାଗିଲା ତାକୁ । ତିନି ବର୍ଷର ଛୁଆଟା ବାହାରେ ଅଛି, ଅଥଚ ରତି କ'ଣ କରୁଛି ଘର ଭିତରେ । ପରିସ୍ଥିତି କେମିତି ରହସ୍ୟମୟ ଲାଗିବାରୁ କବାଟରେ କାନ ଡେରିଲା ସେ । ...ହାଁ , ଚୂଡ଼ିର ରୁଣ୍‌ଝୁଣ୍ ଶବ୍ଦ କ'ଣ ଶୁଭୁଛି ନିହାତି ଅସ୍ପଷ୍ଟ ଭାବରେ । ଧୀରେ ଧୀରେ ତ ଜୋର ଧରିଲାଣି ସେ ଶବ୍ଦ । ତା' ସହ ହୁଉଁ....ହୁଉଁ ଭଳି ଅସ୍ପଷ୍ଟ ଗର୍ଜନ । ଆଃ ...ଚିରଚିରିଆ ଆର୍ତ୍ତ ସ୍ୱର ତା'ପରେ । ହଠାତ୍ ରତିର ଚିତ୍କାର ଶୁଭିଲା – ଛାଡ଼ ଛାଡ଼ କହୁଛି । ଛାଡ଼ ... । କୁମାର ସୁନ୍ଦର ନିଶ୍ଚିତ ହେଲା ଘର ଭିତରେ ବିପଦର ପାଦଶବ୍ଦ ନିହାତି । ଶିକାର ପ୍ରତି ଶିକାରିର ଆକ୍ରମଣ ଉଦ୍ୟମ ନିଶ୍ଚୟ । ସେ କାଳବିଳମ୍ବ ନ କରି କବାଟ ଉପରେ କାନ୍ଧର ମହାବଳ ପ୍ରୟୋଗ କଲା । କିନ୍ତୁ, ପ୍ରଥମ ଥର ବିଫଳ ହେଲା । ତା'ପର ଉଦ୍ୟମରେ କବାଟ ଖୋଲିଗଲା ଧଡ଼୍‌କରି । ହେଲେ ଆତତାୟୀ ଜଣକ ଏଡ଼େ ବେଗରେ ଦୌଡ଼ି ପଳାଇଲା ସେ ସୁନ୍ଦରର ଆଖି ବି କିଞ୍ଚିତ ମାତ୍ରାରେ ଧରି ପାରିଲାନି ତାକୁ ।

ରତି ସତେ ଯେପରି ଜୀବନ ପାଇଲା । ସେଇ ମାତ୍ର ବାଘ ମୁହଁରୁ ମୁକୁଳି ଗଲା ଭାଗ୍ୟ ବଳରେ । ଭୟାତୁରା ବ୍ୟାକୁଳିତ ମନ ଧରି ତତ୍‌କ୍ଷଣାତ୍ ଟାଣି ହୋଇଗଲା ସୁନ୍ଦର ପାଖକୁ । ଯୁଦ୍ଧାହତ କ୍ଲାନ୍ତ ବିପନ୍ନ ଶରୀରକୁ ତା' ଛାତିରେ ଆଶ୍ରାଦେଲା । ସୁନ୍ଦର ବି ତାକୁ ସମ୍ଭାଳିନେଲା ଟାଣ କରି ରତି ଧକେଇ ହେଲା ଖୁବ୍ । କାନ୍ଦି କାନ୍ଦି କହିଲା – ଏଇ ଗୁରା ...; ତମେ ନ ପହଞ୍ଚିଥିଲେ... । ସୁନ୍ଦର ତା' ପିଠି ଆଉଁସି ଦେଲା । ଅଳରା ବାଳରେ ଆଙ୍ଗୁଠି ଚଳାଇ ସଜାଡ଼ି ଦେଲା । ଆଖିରୁ ବି ଲୁହ ପୋଛି ଦେଲା କିନ୍ତୁ ଶବ୍ଦଟିଏ ଉଚ୍ଚାରଣ କରିପାରିଲା ନାହିଁ । ସାନପୁଅ ପାଖକୁ ଆସିବାରୁ ରତିଠୁ ପୃଥକ ହେଲା । ତାକୁ କୋଳକୁ ନେଇ କାନ୍ଥ ମୂଳେ ଗୁମ୍ ମାରି ବସିଲା ।

ଅଳ୍ପ ସମୟ ପରେ ଭାତ ବାଢ଼ିବା ପାଇଁ ରତି ରୋଷେଇ ଘରକୁ ଗଲା। ସୁନ୍ଦର ଚିନ୍ତା କଲା ସେଇ ଅଘଟଣକୁ ନେଇ। ଆଶ୍ରା ଆଉ ତା' ମାଂସ କଣ୍ଢେଇକୁ ନେଇ...। ସେ ଏବେ କରିବ କଣ? ଏ ଆଶ୍ରା ଯେ ତା' ପରିବାର ପାଇଁ ଆଉ ମୋଟେ ନିରାପଦ ନୁହେଁ। ଆଜି ଗୁରା ଫେରିଯାଇଛି। କାଲି, ପଅର ଦିନ କି ଆଉ କୌଣସି ଦିନ ପୁଣି ନ ଆସିବ କାହିଁକି। ବାଘ ଯେ ଶିକାରର ସନ୍ଧାନ ପାଇଛି। ସେ ଶିକାର କରିବାରେ ଯେମିତି ହେଲେ ସୁଯୋଗ ଉଣ୍ଡିବ ନା। ନିଜେ ପରଦେଶୀ ଯେହେତୁ ତା ସହିତ କିଛି ବଡ଼ ପଙ୍ଗା ବି ନେଇପାରିବିନି। ହାତ ଉଠାଇବା ତ ଦୂରର କଥା ଧମକ ବି ଦେଇପାରିବନି। ତା'ର ସବୁ ଦୁର୍ବଳତା, ଅସହାୟତା ଯେ ତା' ହାତ ମୁଠାରେ। ଟିକିଏ ମୁହଁ ଖୋଲିଲେ ସେ ଲୁଚେଇଥିବା ଲାଜକୁ ସେ ପଦାରେ ପକାଇଦେବ। ତା'ପରେ କି ମୁହଁ ନେଇ ସେ ଘରୁ ବାହାରିବ। ଆଉ ବାହାରକୁ ନ ଆସିଲେ ସେ ଚଳିବ କେମିତି! ତା ସଂସାର ପାଳିବ କେମିତି!

ଏମିତି ଚିନ୍ତା କରୁ କରୁ ତାକୁ ଦିଶିଗଲା ଗୋଟେ ନିରାପଦ ଆଶ୍ରା। ତା' ଜନ୍ମସ୍ଥଳୀର ନିଜ ଘର। ସେଇଠି ତା' ମାଂସ କଣ୍ଢେଇ ନିଶ୍ଚିନ୍ତରେ ଶାନ୍ତିରେ ରହିପାରିବ ନିଜ ରକ୍ତଜଙ୍କୁ ଧରି। ସେଠି ସେତେ କାମ ନ ମିଳିଲେ ଶାଗ ଭାତ ପଛେ ଖାଇବ, ନିଜ ସ୍ତ୍ରୀ ପିଲାଙ୍କୁ ଖୁଆଇବ... ଏ ପ୍ରବାସର ଭାତ ତୁଣକୁ ଛି କରିଦେବ। ହେଲେ ...। ହଠାତ୍ ପୁଣି ସେ ଦ୍ୱନ୍ଦ୍ୱରେ ପଡ଼ିଗଲା। ...ନିଜ ଘରକୁ ବା ଫେରିବ କିପରି! ବାପା ତ ତାକୁ ଘରୁ ତଡ଼ି ଦେଇଛନ୍ତି ସେଠୁ। ଭିନ୍ନ ଜାତିର ଝିଅ ରତିକୁ ପ୍ରେମ ବିବାହ କରିଥିବାରୁ ତାକୁ ତେଜ୍ୟ ପୁତ୍ର ବି କରି ଦେଇଛନ୍ତି। ତେବେ.... ?

ରତି ଭାତ ତିଅଣ ବାଢ଼ି ଆଣି ତା' ସାମନାରେ ଥୋଇଲା ଅଳ୍ପ ସମୟ ପରେ। ତା'ର କିନ୍ତୁ ସେଥିପ୍ରତି ଆଦୌ ଧ୍ୟାନ ଗଲା ନାହିଁ। ସେ ଆଗକୁଚିନ୍ତା କରୁଥିଲା। ହଁ, ସେ ବାପାଙ୍କୁ କ୍ଷମା ମାଗିବ। ତାଙ୍କ ଗୋଡ଼ ତଳେ ବି ପଡ଼ିଯିବ। ଯାହାହେଲେ ବି ସେ ତ ବାପା। ଏମିତି ମୁହଁରେ ସିନା କହିଦେଇଛନ୍ତି.....ଯା, ଚାଲି ଯାଆ ମୋ'ଘରୁ। ତୁ ମୋ ପୁଅ ନୁହେଁ। ହେଲେ.... ଅନ୍ତରରୁ କ'ଣ ସହଜରେ କାଢ଼ି ଦେଇଥିବେ। ନା., ତା' ବି କହିହେବନି। ବାପା ଯେମିତି ରାଗି ସେମିତି ଜିଦ୍‌ଖୋର। ନିଜ ନୀତି ନିୟମରେ ଖୁବ୍ ଦୃଢ଼। ସେ ଯଦି ତାକୁ ତା' ପରିବାରକୁ ଆଦୌ ଗ୍ରହଣ ନ କରନ୍ତି! .... ଏମିତି ଭାବିଦେଲା ବେଳକୁ ତା' ମୁଣ୍ଡ ଗୋଳମାଳ ହୋଇଗଲା। ତାକୁ ବୋଧ ହେଲା, ତା' ମସ୍ତିଷ୍କର ସୂକ୍ଷ୍ମ ତନ୍ତ୍ରୀଗୁଡ଼ିକ ଯେପରି ଛନ୍ଦି ମନ୍ଦି ହୋଇଯାଉଛନ୍ତି ବୁଢ଼ିଆଣୀ ଜାଲ ପରି। ସେ ଖୁବ୍ ଅସ୍ଥିର ହୋଇପଡ଼ିଲା। ପାଣି ଗ୍ଲାସେ ପିଇଲା ତ ଭାତଥାଳି ପାଖରେ ପୁଅକୁ ବସାଇଦେଇ ଆଖି ପିଛୁଳାକେ ଘର ଛାଡ଼ିଲା।

ସେତିକିବେଳୁ ସେ ଲଇ ଢ଼ାବାରେ ଆସି ବସିଛି। ଖାଲି ପିଉଚି ଯେ ପିଉଚି। ମଝିରେ ମଝିରେ କଅଣ ଟିକେ ଯାହା ଖାଉଛି। ହଠାତ୍ ପାଖ ଜେଲରୁ ଶୁଭିଲା ରାତି ଏଗାରଟା ସୂଚାଉଥିବା ଘଣ୍ଟା ଶବ୍ଦ। ....ଆରେ ଆରେ , ଏ କ'ଣ। ଖଟରୁ ଓହ୍ଲାଇ ଟଳମଳ ପାଦରେ ଠିଆ ହେଲାଣି ସୁନ୍ଦର। ଗୋଟେ ନିରାପଦ ଆଶ୍ରାର ସନ୍ଧାନ ପାଇଗଲା କି? ଶେଷ ସିଦ୍ଧାନ୍ତରେ ପହଞ୍ଚିଗଲା? ଦେଖ ... ଟଳି ଟଳି ଯାଇ ଢ଼ାବା ମାଲିକ ପାଖରେ ପହଞ୍ଚି ଗଲାଣି ସେ। କଅଣ କଥା ହେଉଛି ତାଙ୍କ ସହିତ। ହାତରୁ ଘଡ଼ି ଆଉ ମୁଦି ବାହାର କରି ଥୋଉଛି ଟେବୁଲ୍ ଉପରେ। ହାଆଁ... ଏଣେ ବୁଟୁରୁ ଟୋକାଟା କ'ଣ ତା'ର ଭଙ୍ଗା ସାଇକେଲ୍‌ଟାକୁ ଗଡ଼ାଇ ଗଡ଼ାଇ ନେଇ ଆସିଲାଣି। ହେ ... କାରଣ ବୋଧହୁଏ ସ୍ପଷ୍ଟ। ସେସବୁର ପ୍ରାପ୍ତ ମୂଲ୍ୟରେ ଶୁଝି ଦେଇପାରେ ଢ଼ାବା ମାଲିକ ଦୁଃଶା ବେହେରା ଆଉ ଗୁରା ନାୟକର ପ୍ରାପ୍ୟ। ବାସ୍ ସେଇଆ ହିଁ ହେଲା। ଢ଼ାବା ମାଲିକକୁ ତା' ପ୍ରାପ୍ୟ ଦେଇ ବାକୀ ଟଙ୍କାକୁ ପକେଟରେ ପୂରାଇଲା।

ତାପରେ ଢ଼ାବାରୁ ବାହାରି ଆସି ଭାରତୀୟ ରାଜପଥ ଉପରେ ପାଦ ଥାପିଲା କୁମାର ସୁନ୍ଦର। ଟିକିଏ ଯାଇ ଗୋଟେ ଗଛ ମୂଳରେ ଦେଖିଲା ରିକ୍‌ସାବାଲାଟିଏ ନିଶାଗ୍ରସ୍ତ ହୋଇ ମନ ଖୁସିରେ ଗୀତ ବୋଲୁଛି। 'ପରଦେଶୀ ପରଦେଶୀ ଯାନା ନେହିଁ....। ତା' ରିକ୍‌ସା ଉପରେ ହଠାତ୍ ବସିପଡ଼ି ସେ ଅନୁରୋଧ କରୁଛି, "ଭାଇ ଚାଲ ଟିକେ। ମୋ' ପରଦେଶୀ ଆଶ୍ରାରେ ମୋତେ ପହଞ୍ଚାଇ ଦେଏ ବେଗି।"

ରିକ୍‌ସାବାଲାଟା ତାକୁ ଚିହ୍ନିବା ଚିହ୍ନିବା ଦୃଷ୍ଟିରେ ଚାହୁଁଛି ଟିକେ। ଚିହ୍ନିଗଲା ବୋଧେ। କହୁଛି, "ଓ...ସୁନ୍ଦର ବାବୁ। ...ଚାଲ।" ତାପରେ ଚକ ଗଡ଼ିଲା 'ପରଦେଶୀ ପରଦେଶୀ ଯାନା ନହିଁ....। ବେସୁରା ତାଳରେ।

ସୁନ୍ଦର ବ୍ୟସ୍ତ ହେଉଛି ପ୍ରାୟ ରାସ୍ତାକୁ ଦେଖି। ରାତିକୁ ଦେଖି। ସେ ଯେ ମାଛି ଅନ୍ଧାରରୁ ଯିବ ନିଜ ସ୍ୱବାସକୁ। ତା' ଜନ୍ମଭୂମି ହାତଧରି ତାକୁ ଡାକୁଛି। କହୁଛି, ଆରେ ଚାଲି ଆ....। ତୁ ଚାଲି ଆ ମୋ'କୋଳକୁ। ତୋ'ପାଇଁ ସବୁ କିଛି ଖଞ୍ଜି ଦେବି ଏଠି। ତୋତେ ସ୍ଥାୟୀ ନିରାପଦ ଆଶ୍ରାଟେ ଦେବି ଯୋଉଠି ତୁ ପିଲାମାନଙ୍କ ସାଥିରେ ସ୍ୱାଚ୍ଛନ୍ଦ୍ୟରେ ରହିବୁ। ଏଠି ତ ଗୁରା ନାଏକ ନଥିବ। ନଥିବ ଭୟ। ବେଶ୍ ଆରାମରେ ଦିନବେଳେ କାମ କରିଯିବୁ। ସନ୍ଧ୍ୟାରେ ଫେରିବୁ ଘରକୁ। ତୋ' କୁନି କୁନି ପିଲା ଆଉ ପ୍ରାଣପ୍ରିୟା ମାଂସ କଣ୍ଢେଇ ସହ ହସିବୁ, ବସିବୁ ଆଉ ମସ୍‌ଗୁଲ ହୋଇଯିବୁ ସଂସାର ମାୟାରେ।"

ତେବେ .... ସୁନ୍ଦର ପ୍ରଫୁଲ୍ଲିତ ଦିଶୁଛି କି?... ଚିନ୍ତାମୁକ୍ତ? ନା.... ଦୃଢ଼ ଗମ୍ଭୀର ଦିଶୁଛି? ବୋଧହୁଏ ଖାଲି ଜୀବନ ଯାହା ମଂଜୁରୀ ଦେଇଛି ତା' ପାଇଁ ଆଗେଇ ନେବାକୁ। ରିକ୍‌ସା ଗଡ଼ୁଛି ଆଗକୁ ... ଆଗକୁ।

*ଓମ୍ ବିହାର (ଲେନ-୨)*
*ହୋଟେଲ ଶ୍ରୀକ୍ଷେତ୍ର ସାମନା, ଧାଙ୍ଗଡପଡା, ଆଟୋପୁର, କେନ୍ଦୁଝର*
*ଦୂରଭାଷ: ୮୨୪୯୫୦୨୨୧୨*

ଧାରାବାହିକ

ଉପନ୍ୟାସ




# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

**ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.**

### ତେରଶହ ବର୍ଷର ଦ୍ରାବିଡ ରାଜ୍ୟ ବିଜୟ

ଏବେ ନଗର ଅଖଣ୍ଡାଂଶ ଏକାଦଶ ଧାଡିର ଦ୍ୱିତୀୟ ପଦଟିର ବ୍ୟାଖ୍ୟା କରୁଛନ୍ତି। ଏଥିରେ ଉଲ୍ଲିଖିତ – "ଜନପଦ ଭାଜନଂ ଚ ତେରସବସ ସତ କତଂ ଭିଦତି ତ୍ରିମିର ଦେହ ସଂଘାତ ।।" ପଦଟିର ଅର୍ଥ ହେଉଛି, ଥଟେର ଶହବର୍ଷ ଧରି ସଂଗଠିତ ହୋଇ ରହିଥିବା ଦ୍ରାବିଡ-ମେଳକୁ ଆକ୍ରମଣ କରି ଛିନ୍ନ ଛତ୍ର କରିଦିଅନ୍ତି।ଧ

ତେବେ କଥା ଉଠୁଛି ସମସାମୟିକ ଦ୍ରାବିଡ ରାଜ୍ୟ ବିଷୟରେ ଏକ ସବିଶେଷ ଆଲୋଚନା ହେବାର ଆବଶ୍ୟକତା ରହିଛି। ମୌର୍ଯ୍ୟ ସାମ୍ରାଜ୍ୟ ଯାହା ଅଶୋକବର୍ଦ୍ଧନଙ୍କ ଅମଳର, ତାହାର ଦକ୍ଷିଣ ସୀମାରେ ଦାକ୍ଷିଣାତ୍ୟ ରାଜ୍ୟସମୂହ ଭାବରେ ଚୋଳ, ପାଣ୍ଡ୍ୟ, ସତ୍ୟପୁତ୍ର, କେରଳପୁତ୍ର ଏବଂ ତାମ୍ରପର୍ଣ୍ଣୀ (ଶ୍ରୀଲଙ୍କା) ରହିଥିଲା ଏବଂ ମୌର୍ଯ୍ୟ ନୃପତି ସେମାନଙ୍କ ପ୍ରତି ଖୁବ୍ ଦୟାଶୀଳ ଥିଲେ। ତାହାର କାରଣ ସ୍ୱରୂପ କୁହାଯାଇ ପାରେ ଯେ ସେମାନେ ଏହି ରାଜ୍ୟ ଗୁଡ଼ିକରେ ଲୋକମାନଙ୍କ ପାଇଁ ଏବଂ ଗାଈଗୋରୁ ପାଇଁ ବି ଖାଦ୍ୟ ଓ ଔଷଧର ବ୍ୟବସ୍ଥା ରଖିଥିଲେ। ଏହି ମହାନୁଭବ ମାନବକଲ୍ୟାଣ ଚିନ୍ତାଧାରା ଅଶୋକବର୍ଦ୍ଧନଙ୍କ ପାଇଁ ଆନନ୍ଦଦାୟକ ଥିଲା। ତେଣୁ ଅଶୋକବର୍ଦ୍ଧନ ନିଜର ଦକ୍ଷିଣ ସୀମାର ବନ୍ଧୁ ଭାବରେ ଏମାନଙ୍କୁ ଆକଳନ କରିଥିଲେ। ସମ୍ରାଜବାଦୀ ମଗଧର ଏହା ତୁଷ୍ଟନୀତି ହୋଇପାରେ, କାରଣ ଏମାନଙ୍କୁ ଜୟ କରିବାରେ ସେମାନଙ୍କର ସତ୍‌ସାହସ ନଥିଲା।

ଦାକ୍ଷିଣାତ୍ୟର ସବୁ ରାଜ୍ୟ ମଧ୍ୟରେ ପ୍ରମୁଖ ମଦୁରାଇର ପାଣ୍ଡ୍ୟ ରାଜବଂଶ। ଭାରତରେ ଆର୍ଯ୍ୟମାନଙ୍କ ଅନୁପ୍ରବେଶ ଯୋଗୁ ଦ୍ରାବିଡମାନେ ଦାକ୍ଷିଣାତ୍ୟକୁ ଅପସରି ଯାଇଛନ୍ତି। ତାମିଲନାଡୁରେ ଅନେକ ରାଜବଂଶର ନୃପତି ରହି ମୁଖ୍ୟସ୍ଥାନ ଅଧିକାର କରିଛନ୍ତି। ପାଣ୍ଡ୍ୟର ପାଣ୍ଡିୟନଙ୍କ ବ୍ୟତୀତ କାରୁଭୁରର ଚେରା, ଥାଞ୍ଜାଭୁରର ଚୋଳ, ଅମରାବତୀର ସାତବାହନ, କାଞ୍ଚିର ପଲ୍ଲବ ଏମିତି ବହୁ ରାଜବଂଶ ଦାକ୍ଷିଣାତ୍ୟର ମୁଖ୍ୟ ହୋଇଛନ୍ତି।

କିନ୍ତୁ କଳିଙ୍ଗରେ ତୃତୀୟ ମହାମେଘବାହନ ଶାସନକାଳରେ ଦାକ୍ଷିଣାତ୍ୟର ମୁଖ୍ୟ ଥିଲେ ପାଣ୍ଡିୟାନ୍। ପାଣ୍ଡ୍ୟ ରାଜବଂଶ ମଦୁରାଇର ମୂଲ୍ୟବାନ ପ୍ରସ୍ତର ଏବଂ ହୀରା ପାଇଁ ବିଖ୍ୟାତ ଥିଲେ। ସେ ମଧ୍ୟ ସମସାମୟିକ ରୋମ୍‌ର ଶାସକ ଜୁଲିୟସ୍ ସିଜରଙ୍କ ସହିତ ବାଣିଜ୍ୟ କାରବାରରେ ଲିପ୍ତ ଥିଲେ। ସିଜରଙ୍କୁ ମୂଲ୍ୟବାନ ପ୍ରସ୍ତର ଉପଢୌକନ ପ୍ରଦାନ କରିବାର ଉଦାହରଣ ରହିଛି।

ଅନେକ କାରଣରୁ କଳିଙ୍ଗ ସହିତ ଦାକ୍ଷିଣାତ୍ୟର ଶତ୍ରୁତା ବଢ଼ିଯାଇଛି। ପ୍ରଥମତଃ ନୌବାଣିଜ୍ୟ କ୍ଷେତ୍ରରେ କଳିଙ୍ଗର ଐତିହ୍ୟ, ପରମ୍ପରା ଏବଂ ପୂର୍ବ ଭାରତୀୟ ସୁବର୍ଣ୍ଣ ଦ୍ୱୀପ ସମୂହରେ ଯେତିକି ବୋଇତ ଯାତାୟତ ହେଉଛି, ତାହାର ସିଂହଭାଗ କଳିଙ୍ଗ ଉପକୂଳ ବନ୍ଦରଗୁଡ଼ିକରୁ ହିଁ ଯାଉଛି। କେବଳ ସଂଖ୍ୟାରେ ନୁହେଁ, ବଣିଜ, ଆମଦାନୀ ଓ ରପ୍ତାନୀ, ଲୋକ ପରିବହନ, ଶିଳ୍ପୀ ଓ ଧାର୍ମିକ ଲୋକମାନଙ୍କର ଗମନାଗମନ ସବୁ ଜାଭା, ସୁମାତ୍ରା କି ବାଲି ପ୍ରତିଟି ସ୍ଥାନରେ କଳିଙ୍ଗର ସ୍ଥିତି ଦାକ୍ଷିଣାତ୍ୟର ପାଣ୍ଡ୍ୟ କି ଚୋଳ ପକ୍ଷରେ ଅସହ୍ୟ।

ଏହାର ଫଳସ୍ୱରୂପ କଳିଙ୍ଗ ସୀମାନ୍ତରେ ବିବିଧ ଅସୁବିଧା, କଳିଙ୍ଗ ଭିତରକୁ ଅନୁପ୍ରବେଶ, କଳିଙ୍ଗର ବିବିଧ ଧନଜନ ଆଦିର ଅପହରଣ ରାଜନୈତିକ କାରଣରୁ ଦେଖାଯାଏ। ଅନେକ ରାଜନୈତିକ ବ୍ୟକ୍ତିଙ୍କୁ ଅପହରଣ କରିନେବା ଏବଂ କ୍ଷୁଦ୍ର ସାମନ୍ତରାଜ୍ୟ ଗୁଡିକରେ ଅରାଜକତା ସୃଷ୍ଟି କରିବାରେ ଦାକ୍ଷିଣାତ୍ୟର ଭୂମିକା ସ୍ପଷ୍ଟ ହୋଇଯାଏ। ଏହା କଳିଙ୍ଗର ସହନଶୀଳତାର ସୀମା ଟପିଯାଏ ଏବଂ ସବୁ ତଥ୍ୟ କଳିଙ୍ଗାଧିପତିଙ୍କ କାନରେ ପଡ଼େ। ନିଜର ଉତ୍ତର ଭାରତ ଅଭିଯାନରେ ବ୍ୟସ୍ତ ମହାମେଘବାହନ ଖାରବେଳଙ୍କ ଦୃଷ୍ଟି ଫେରୁଛି ଦାକ୍ଷିଣାତ୍ୟ ସୀମାନ୍ତକୁ। ନିଜ କୌଶଳରେ କିପରି ଦକ୍ଷିଣାତ୍ୟକୁ ଆୟତ କରାଯିବ, ତାହା ଖାରବେଳଙ୍କର ଚିନ୍ତାର କାରଣ ହୋଇଛି।

ଦିନେ କଳିଙ୍ଗର ମୁଖ୍ୟମନ୍ତ୍ରୀ ମହାମାଦ୍ ନାକିୟା ଅସମୟରେ କଳିଙ୍ଗାଧିପତିଙ୍କୁ ଜଣାଇବାକୁ ବାଧ ହୋଇଛନ୍ତି। ରାଜ୍ୟର ସାମୁଦ୍ରିକ ବାଣିଜ୍ୟ ଠପ୍ ହେବାକୁ ବସିଲାଣି। ଚଳିତ ବୈଶାଖ ମାସରେ ସୁବର୍ଣ୍ଣ ଦ୍ୱୀପରୁ କଳିଙ୍ଗ ଉପକୂଳରେ ଘାଟ ଧରିବା ପୂର୍ବରୁ ଚୋଳ ଜଳଦସ୍ୟୁମାନେଚକେତୋଟି କଳିଙ୍ଗମୁଖୀ ବୋଇତ ଉପହରଣ

କରିନେଇଛନ୍ତି। କେବଳ ଗୋଟିଏ ନୁହେଁ ତିନୋଟି ଧନରତ୍ନ ପରିପୂର୍ଣ୍ଣ ଜାହଜ ସହିତ ତାର କର୍ମଚାରୀମାନଙ୍କର ପତ୍ତା ଏପର୍ଯ୍ୟନ୍ତ ମିଳୁନି।

କଳିଙ୍ଗାଧିପତି ଖୁବ୍ ଚିନ୍ତାଶୀଳ ଦେଖାଗଲେ; ମାତ୍ର କ୍ଷଣକ ମଧ୍ୟରେ କହିଲେ, "ମୋର ଧାରଣା ଏହି ଦ୍ରମିଳ ଗୋଷ୍ଠୀ ପ୍ରତି ଭଲ ଥିଲା। ଏମାନେ ଭାରତର ଦକ୍ଷିଣ ଦିଗକୁ ପରିପୂର୍ଣ୍ଣ କରି ସାଗର ଆଉ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ଭାବରେ ଜୀବିକା ଧାରଣ କରନ୍ତି। କିନ୍ତୁ ସେମାନଙ୍କର ଈର୍ଷା, ଅସହିଷ୍ଣୁତା ମୁଁ ବିଶ୍ୱାସ କରିପାରୁନି। ମୋର ଧାରଣା ଆଜି ବଦଳିଲା। ମୁଁ ବିଗତ ପାଞ୍ଚବର୍ଷର କଳିଙ୍ଗସାଗର କଳିଙ୍ଗବଣିକ ମାନଙ୍କ ଅଭିଯୋଗକୁ ବିଶ୍ୱାସ ମଣୁ ନଥିଲି। ସମୁଦ୍ରଟା ବିପଦର କ୍ଷେତ୍ର ଭାବରେ ମୁଁ ଯାହା ଅବିଶ୍ୱାସ କରିଥିଲି, ତାହା ସତକୁ ସତ ଦ୍ରମିଳ ମାନଙ୍କର ଯେ ଉପଦ୍ରବ, ଆଜି ହିଁ ବିଶ୍ୱାସ କରୁଛି। ଏବେ କିଛି ଗୋଟାଏ କରିବାକୁ ହିଁ ପଡ଼ିବ।"

ମୁଖ୍ୟମନ୍ତ୍ରୀ ତାଙ୍କୁ ହେଜେଇଦେଲେ, "ଆମର ଚତୁରଙ୍ଗ ତ ଉତ୍ତରପଥ ପାଇଁ ପ୍ରସ୍ତୁତ ହେଉଛନ୍ତି। ଦକ୍ଷିଣ ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରିବା ଦରକାର।"

"ନିଶ୍ଚୟ, ଆମର କୌଣସି ସମସ୍ୟା ନାହିଁ। ଗୋଟିଏ କାହିଁକି ତିନିଗୋଟି ଚତୁରଙ୍ଗ ବାହ୍ୟ ଆକ୍ରମଣ କରିବାର ଶକ୍ତି ଏବେ କଳିଙ୍ଗର ରହିଛି। ଆମେ ତ ପୁଣି ଉତ୍ତରଦିଗକୁ ଆକ୍ରମଣ କରିବାକୁ ଦୂରଯାତ୍ରା କଲାବେଳେ, ଆମର ଆଭ୍ୟନ୍ତରୀଣ ପ୍ରତିରକ୍ଷାକୁ କଅଣ ଉପେକ୍ଷା କରୁଥିଲେ ? ଦକ୍ଷିଣ ସୀମାରେ ଗୋଦାବରୀ ତଟରେ କଳିଙ୍ଗ ସୀମାରକ୍ଷୀ ପଇଁତରା ମାରିବାରେ କେବେ ଅବହେଳା ହୋଇଛି କି ? ଏବେ ପରିକଳ୍ପନା କରି ଉତ୍ତରପଥ ଚତୁରଙ୍ଗ ଅପେକ୍ଷା ବହୁ ବଳଶାଳୀ ଦକ୍ଷିଣ ପଥ ଓ ଦ୍ରମିଳ ଦମନ ଚତୁରଙ୍ଗ ଗଢିବାକୁ ମୁଁ ନିର୍ଦ୍ଦେଶ ଦେଉଛି। ଆମର ସେନାନୀଙ୍କୁ ବାର୍ତ୍ତା ପ୍ରେରଣ କର। ଅବିଳମ୍ବେ ମୋତେ ଭେଟିବେ।" ଗମ୍ଭୀର ଭାବରେ କଳିଙ୍ଗାଧିପତି ଆଦେଶ ପ୍ରଦାନ କଲେ।

କିନ୍ତୁ ମୁଖ୍ୟମନ୍ତ୍ରୀ ନାକିୟା କଳିଙ୍ଗାଧିପତିଙ୍କର ଅଗାଢ଼ ବିଶ୍ୱାସ ଏବଂ ଆତ୍ମପ୍ରତ୍ୟୟ ଦେଖି ଅବାକ୍ ହୋଇଗଲେ। ରାଜ୍ୟ ମଧ୍ୟରେ ଯେ ଦ୍ୱିତୀୟ ଚତୁରଙ୍ଗ ଗଠନ ଯେ ସମ୍ଭବ, ସେ କେବେ ବି ଚିନ୍ତା କରିନାହାନ୍ତି କିମ୍ବା ସେ ସମ୍ଭାବନାକୁ ସ୍ପଷ୍ଟ ଭାବରେ ସମ୍ଭବ ହେବ ବୋଲି ନିର୍ଭର କରି ପାରୁଛନ୍ତି। ତାଙ୍କ ମନଟା ଦୋଦୋପାଞ୍ଚ ହେଲା ଏବଂ ତାହା ଜଳଜଳ ହୋଇ ତୃତୀୟ ମହାମେଘବାହନ ଖାରବେଳଙ୍କ ନଜରକୁ ଆସିଲା। ଏକଥା କଳିଙ୍ଗାଧିପତି ଜାଣି ପାରିଲେ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ଏ ବିଷୟରେ ସନ୍ଦିହାନ, ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା।

ସେ ମୁହଁ ଖୋଲି କହିପକାଇଲେ, "ମହାମାଦ୍ ତୁମେ ସିନା ଯୁଦ୍ଧକ୍ଷେତ୍ରକୁ ଯାଅନି, ତା ମାନେ ତୁମେ ଆମର ସାମର୍ଥ୍ୟ ବିଷୟରେ ଅନଭିଜ୍ଞ ? ଜାଣି ନ ଆମର ପ୍ରଶିକ୍ଷଣ କ୍ଷେତ୍ରଗୁଡିକରେ କେତେଗୁଣ ସମରଶିକ୍ଷାନବିଶ ଶିକ୍ଷାରତ ? ମନ ହୁଏନି କେବେ ଦେଖିବାକୁ ଆମର ଜଙ୍ଗଲର ତରୁଣ ଦନ୍ତାହାତୀ ପ୍ରକଳ୍ପ ବର୍ଷରେ କେତେ ସଂଖ୍ୟକ ହାତୀ ସଂଗ୍ରହ କରି, ବାନ୍ଧି ସେଗୁଡିକୁ ସମର-ଉପଯୁକ୍ତ କରିପାରୁଛି ?"

ମହାମଦ ନାକିୟା ନିଜେ ସବୁ ବିଷୟ ତନ୍ନ ତନ୍ନ କରି ଜାଣି ନଥିବାରୁ କ୍ଷମା ପ୍ରାର୍ଥନା କରି କହିଲେ, "ମହାମହିମ, ମୁଁ ପୂର୍ବରୁ ଯେମିତି ସବୁ ବିଷୟରେ ସଜାଗ ରହିବାର ସାମର୍ଥ୍ୟ ରହିଥିଲା, ଆଜି ଦିନରେ ମୋର ପ୍ରଶାସନିକ କାର୍ଯ୍ୟ ଅନ୍ୟୁନ ତିନିଗୁଣ ବୃଦ୍ଧିପାଇଛି। କଳିଙ୍ଗର ପ୍ରତକ୍ଷ୍ୟ ଶାସନାଧୀନ ସୀମା ଦୁଇଗୁଣ ବଢିବା ସହିତ ଶାସନାଧୀନ ରାଜ୍ୟଗୁଡିକର ସଂଖ୍ୟା ବହୁମାତ୍ରାରେ ବଢ଼ିଛି। ସେହି କାର୍ଯ୍ୟ ତଦାରଖ କରିବାରେ ମୋତେ ଯେତିକି ଦକ୍ଷ ହେବାକୁ ପଡୁଛି, ତାଠାରୁ ବେଶି ପରିମାଣର ମୋ ନିଜର ସାଧାରଣ ଜ୍ଞାନ ଓ ପ୍ରଶାସନିକ ଦୃଷ୍ଟି ହ୍ରାସ ପାଇଛି। ମୁଁ ମହାମହିମଙ୍କ ପାଖରେ ଭୁଲ ସ୍ୱୀକାର କରି କ୍ଷମା ଭିକ୍ଷା କରୁଛି।"

ଖାରବେଳ ଆଉ ଏ ବିଷୟରେ ମୁଣ୍ଡ ନଖେଳାଇ କହିଲେ, ତୁମେ ଟିକିଏ ଆମ ମହାସେନାନୀ ଏବଂ ସେନାପତିଙ୍କୁ ମୋତେ ଭେଟିବାକୁ ତୁରନ୍ତ ଖବର ଦେଇଦେଲ..

ମହାସେନାନୀ ସହିତ ପଦାତିକ ବାହିନୀର ସେନାପତି ତୁରନ୍ତ କଳିଙ୍ଗାଧିପତିଙ୍କ ପାଖରେ ଉପସ୍ଥିତ ହେଲେ। ସେମାନେ ତାଙ୍କର ଆଦେଶକୁ ଅପେକ୍ଷା କରି ରହିଲେ।

"ସେନାପତି ତୁମର ଦାକ୍ଷିଣାତ୍ୟର ରାସ୍ତାଘାଟ ବିଷୟରେ କିଛି ଜ୍ଞାତି ଅଛି ତ ?" କଳିଙ୍ଗାଧିପତିଙ୍କ ଉତ୍ସୁକତା।

"ଅନେକଟା ରହିଛି, କିନ୍ତୁ ସମଗ୍ର ଦାକ୍ଷିଣାତ୍ୟ କୁହେଳିକାମୟ। ଏହା ଭାରତବର୍ଷର ଅନ୍ଧକାରାଚ୍ଛନ୍ନ ଅଞ୍ଚଳ, କାରଣ ପୌରାଣିକ ଯୁଗ ପରଠାରୁ ଆର୍ଯ୍ୟସମାଜ ସେଠାକୁ ପଶିବା ଅସମ୍ଭବ ହୋଇପଡ଼ିଛି। ତା ସହିତ ଏହା ଶ୍ରୀ ଲଙ୍କା ଦ୍ୱୀପ ସହିତ ମିଳି ରହିଥିବାରୁ ଏଠାରେ ରାମାୟଣ ଯୁଗର ପ୍ରତିଟି ନୀତି ଚାଲିଛି। ଭାରତବର୍ଷର ଚାଣକ୍ୟନୀତି କି ଯୁଦ୍ଧନୀତି ଏଠାରେ ଅନୁସୃତ ହୁଏନାହିଁ। ଏଠାରେ ସମରକଳା ବିଭିନ୍ନ ଭେଳିକି ଏବଂ ଇନ୍ଦ୍ରଜାଲ ସହିତ ସନ୍ନିହିତ। ଭାରତବର୍ଷର କୌଣସି ସ୍ଥଳସେନା ବି ସେଠାକୁ ପଶିବାରେ ସକ୍ଷମ ହୋଇନାହାନ୍ତି।" ଏତିକି କହି ସେନାପତି କିଛି ସମୟ ନିରବ ରହିଲେ।

"ଅବିଳମ୍ବେ ଆମର ଦ୍ରମିଳ ଅଞ୍ଚଳର ପାଞ୍ଚ ସ୍ଥାନିକ ଗୁପ୍ତଚରଙ୍କ ସହିତ ସମ୍ପର୍କ ସ୍ଥାପନ କରି ସମରପଥ ଓ ସମର ପ୍ରକ୍ରିୟା ସମ୍ବନ୍ଧରେ ଗୁପ୍ତରେ ବାର୍ତ୍ତାଳାପ କର। ଆମର ଭଂଜୀ ଓ କାରୁଭୁରର ସ୍ଥାନିତ ଛଦ୍ମବେଶୀ ଏବେ ମଦୁରାଇ, ବନବାସୀ, କୋଲାର ଏବଂ ମାନ୍ୟକ୍ଷେତ୍ର ସହଚର ମାନଙ୍କ ସହିତ କଳିଙ୍ଗନଗର ସନ୍ନିକଟ ଦନ୍ତପୁରରେ ଆଲୋଚନାରତ ଥିଲେ। ସେମାନଙ୍କୁ ତୁରନ୍ତ ଲେହହାରକ କର୍ତ୍ତୃକ ବାର୍ତ୍ତାଦିଅ, ଦିନଟିଏ ଭିତରେ ଆମ ସମର ପରିଚାଳକଙ୍କୁ ଦେଖା କରନ୍ତୁ।" ଏତିକି ଇଙ୍ଗିତ ଦେଇ ଖାରବେଳ କଅଣ ଚିନ୍ତା କରିବାକୁ ଲାଗିଲେ।

ଖାରବେଳ ନିଜ ଶାସନର ଦ୍ୱିତୀୟ ବର୍ଷରୁ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳିଙ୍ଗ ଗୁପ୍ତଚର ବାହିନୀ ଗଢିଥିଲେ। ଭାରତର ଅନେକ ରାଜ୍ୟରେ, ବିଶେଷ କରି ମଗଧ, ସୁରସେନ, ଗାନ୍ଧାର ଏବଂ ପାଣ୍ଡ୍ୟ ରାଜ୍ୟରେ ଦୁଇ ପ୍ରକାରର ଗୁପ୍ତଚର ନିଯୁକ୍ତ କରିଥିଲେ। ସ୍ଥାନିକ ଗୁପ୍ତଚର କୌଣସି ଉଠା ଦୋକାନ ବା ମଠ କରି ଖବର ସଂଗ୍ରହ କରନ୍ତି, ସଂଚାର ଗୁପ୍ତଚର ଭିକାରି ବା ଛାତ୍ର ଭାବରେ ବୁଲି ବୁଲି ତଥ୍ୟ ଖୋଜନ୍ତି। ତାହା ସବୁ ଗୁରୁତ୍ୱ ଅନୁସାରେ କଳିଙ୍ଗାଧିପତିଙ୍କ କାନକୁ ଆସେ।

ବାସ୍ତବରେ ଏହି ଗୁପ୍ତଚର ଓ କୂଟନୀତିଜ୍ଞମାନେ କଳିଙ୍ଗନଗର ସୀମା ମଧ୍ୟରେ ରହିଥିଲେ ଏବଂ ଖୁବ୍ କମ୍ ସମୟରେ ରାଜଦରବାରରେ ଉପସ୍ଥିତ

ହେଲେ। ସେମାନେ ଦକ୍ଷିଣ ରାସ୍ତାଘାଟ ବିଷୟରେ ଅନଭିଜ୍ଞ କଳିଙ୍ଗ ସେନାନୀକୁ ଅନେକ ତଥ୍ୟ ପ୍ରଦାନ କଲେ, ଯଦ୍ୱାରା ଅନେକ ବିଷୟ ଗୋଚରକୁ ଆସିଲା।

ଏବେ ସମସ୍ତେ କଳିଙ୍ଗ ଗୁପ୍ତଚରମାନଙ୍କ ପାଖରୁ ଖବର ଶୁଣୁଛନ୍ତି –

କଳିଙ୍ଗ ଗୁପ୍ତଚରମାନଙ୍କର ପ୍ରଦତ୍ତ ଖବର ଉତ୍ସାହ ଜନକ ମନେ ହେଉନି। ଉତ୍ତର ଭାରତ ପରି ଦ୍ରାମିଳ ରାଜ୍ୟ ଖଣ୍ଡବିଖଣ୍ଡିତ ନୁହେଁ କିମ୍ବା ଯବନ ଅଧ୍ୟୁଷିତ ନୁହେଁ। ଦୀର୍ଘ ତେର ଶହ ବର୍ଷ ଧରି ସମଗ୍ର ଦାକ୍ଷିଣାତ୍ୟର ପାଞ୍ଚ ଜମ୍ବୁଦ୍ୱୀପ ରାଜ୍ୟ ପାଣ୍ଡ୍ୟ, କେରଳପୁତ୍ର, ଚୋଳ, ଚେରୁ ଓ ସଲଗ୍ନ ଦ୍ୱୀପ ତାମ୍ରପର୍ଣ୍ଣୀ ସାଜିଛି ଗୋଟିଏ ଅଖଣ୍ଡାଚଳ। ଏଗୁଡିକର ପାରସ୍ପରିକ ସମ୍ପର୍କ ଅତି ନିବିଡ଼, କାହାର ଏମିତି ନିର୍ଧାର୍ଯ୍ୟ ସୀମାନାହିଁ। ଅର୍ଥାତ୍ ସୀମା ନେଇ କୌଣସି ମତାନ୍ତର ନାହିଁ। ସମସ୍ତେ ଏକାକାର ହୋଇ ଗୋଟିଏ ବିଶାଳ ଦ୍ରାମିଳ ସେନା ଗଠନ କରିଛନ୍ତି। ଗଜବାହିନୀ ଓ ପଦାତିକ ବାହିନୀ ବହୁ ବଳବାନ, ସାମରିକ ଅସ୍ତ୍ରଶସ୍ତ୍ରରେ ଅନେକ ସମୟରେ ଏମାନେ କିଛିଟା ନୂତନତ୍ୱ ପ୍ରତିପାଦନ କରନ୍ତି। ପଦାତିକ ମାନେ କିମ୍ଭୂତକିମାକାର ଲୌହ ଅସ୍ତ୍ରରେ ସଜ୍ଜିତ। ପ୍ରତି ଦ୍ରମିଳ ସେନା ଗୋଟିଏ ଗୋଟିଏ ଲୌହ ସିନ୍ଦୁକ, ଯୁଦ୍ଧକ୍ଷେତ୍ରରେ ଏମାନଙ୍କ ମୃତ୍ୟୁ ଏତେ ସହଜ ନୁହେଁ। ବହୁ ଶତାବ୍ଦୀ ହେବ ଏହି ଦକ୍ଷିଣ ସଶସ୍ତ୍ର ବାହିନୀ ବିରୁଦ୍ଧରେ କେହି ଯୁଦ୍ଧ ରଚିବାକୁ ସାହସ ବାନ୍ଧି ନାହାନ୍ତି। ସେ ନେଇ ଦାକ୍ଷିଣାତ୍ୟ ଗର୍ବିତ ଆଉ ଖାରବେଳଙ୍କ କଳିଙ୍ଗକୁ ହେୟ ମନେକରେ।

ଆର୍ଯ୍ୟାବର୍ତ୍ତରୁ ଦ୍ରାବିଡ ମାନଙ୍କର ଦକ୍ଷିଣକୁ ଅପସାରିତ ହେବା ପରଠାରୁ ଜମ୍ବୁଦ୍ୱୀପର ଦକ୍ଷିଣଭାରତ ଉତ୍ତରଭାରତୀୟ ମାନଙ୍କ ପାଇଁ ଅଗମ୍ୟ ହୋଇପଡ଼ିଛି। ତା' ସହିତ ଦକ୍ଷିଣସେନା ମହାଭାରତର ଧର୍ମଯୁଦ୍ଧକୁ ସ୍ୱୀକାର କରନ୍ତିନି। ସେମାନଙ୍କର କପଟ ଯୁଦ୍ଧ। ଲୁଚାଛପା, ଅତର୍କିତ ଆକ୍ରମଣ। ଭୌତିକ ଓ କୁହୁକମନ୍ତ୍ର ପରି ପଦ୍ଧତିଗୁଡ଼ିକର ପ୍ରୟୋଗ କରିବାରେ ସିଦ୍ଧହସ୍ତ। ଏହି ମେଳରେ କେବଳ ଗୋଟିଏ ଅନୁଗତ ହୋଇଛି ତାମ୍ରପର୍ଣ୍ଣୀ। ସ୍ଥଳପଥର ଚାରି ରାଜ୍ୟ ପରି ଏହା ଦ୍ରାବିଳମେଳର ଏତେ ଶକ୍ତ ସମର୍ଥକ ରାଜ୍ୟନୁହେଁ। ପାଣ୍ଡ୍ୟ ତାମ୍ରପର୍ଣ୍ଣୀକୁ ଦମନ କରି ଦାକ୍ଷିଣାତ୍ୟରେ ମିଶାଇଛି କହିଲେ ଚଳେ। ସ୍ୱାଧୀନଚେତ ଏହି ଦ୍ୱୀପ ବିଗତ ପାଞ୍ଚ ଶତାବ୍ଦୀ ଧରି କଳିଙ୍ଗ ସହିତ ଚଳିଆସୁଛି। ଅଶୋକଙ୍କ ପୁତ୍ରକନ୍ୟା ତ କଳିଙ୍ଗ ବୋଇତରେ ଏଠାରେ ବୌଦ୍ଧଧର୍ମର ଦୁର୍ଗ ଗଢ଼ିଥିଲେ, କିନ୍ତୁ ଆହୁରି ଦୁଇଶହ ବର୍ଷ ଆଗରୁ ବୁଦ୍ଧଙ୍କ ତପସିଦ୍ଧିକ୍ଷଣରେ କଳିଙ୍ଗର ତପସୁ ଓ ଭଲ୍ଲିକ ଆଠଟି ବୁଦ୍ଧଦତ୍ତ କେଶ ମଧ୍ୟରୁ ଦୁଇଟି କେଶ ଆଣି ଏହି କଳିଙ୍ଗାନୁରକ୍ତ ଦ୍ୱୀପର ନୃପତିଙ୍କୁ ଅର୍ପଣ କରି ସ୍ତୂପର ଅୟମାରମ୍ଭ କରିଥିଲେ। ଏମିତି କଳିଙ୍ଗ-ତାମ୍ରପର୍ଣ୍ଣୀ ସମ୍ବନ୍ଧ। ଏହି ଦ୍ରମିଳମେଳ ଭିତରେ କେବଳ ତାମ୍ରପର୍ଣ୍ଣୀ କଳିଙ୍ଗବିରୋଧୀ ହୋଇ ନପାରେ।

ଭାରତବର୍ଷରେ କଳିଙ୍ଗ ଆଦୌ ଗୋଟିଏ ଯୁଦ୍ଧଖୋର ରାଜ୍ୟ ନୁହେଁ। ନିଜର ପ୍ରତିରକ୍ଷା ପାଇଁ ହିଁ ଏବେ ବିଶାଳ ସେନାବାହିନୀ ଧାରଣ କରିଛି। ପଶ୍ଚିମ ଓ ଉତ୍ତରକୁ କେତେଥର କଳିଙ୍ଗର କୃଷ୍ଣକାୟ ଗଜବାହିନୀ ପଲଟଣ ସାରି ଆସିଲେଣି। ଦାକ୍ଷିଣାତ୍ୟ କଅଣ ଅଜେୟ ହୋଇ ରହିଯିବ? ଏହି ଆଶ୍ୱାସନା କଳିଙ୍ଗାଧିପତିଙ୍କ ମନରେ ଦୃଢ ଆଶା ସଞ୍ଚାର କରୁଛି।

କଳିଙ୍ଗାଧିପତି କହନ୍ତି, ସେଥିପାଇଁ ଆମର ହଥାରୋହ ଗଜବାହିନୀ ମାସରେ ଶତାଧିକ ନୂତନ ପ୍ରଶିକ୍ଷିତ ବଳବାନ ଗଜ ସମରପାଇଁ ପ୍ରସ୍ତୁତ କରି ସମର ନିଯୁକ୍ତି ଦିଅନ୍ତି। ସବୁଠାରୁ ମାରଣା ମତ୍ତଗଜ ହିଁ କଳିଙ୍ଗବାହିନୀ ପାଇଁ ଉପଯୁକ୍ତ ହୋଇ ଶିକ୍ଷାପାଆନ୍ତି। ଦିନ ପନ୍ଦରଟା କଳିଙ୍ଗର ହାତୀବନ୍ଧା ମୋଟା ଦଉଡିରେ ବାନ୍ଧି ପକାଇଦେଲେ ଯୁଦ୍ଧପାଇଁ ଉପଯୁକ୍ତ ହୋଇଯାଆନ୍ତି। ଯଦି ଏମିତି ନବଶିକ୍ଷିତ ଏକଶତ ହାତୀ ତୁମ ଆଗୁଆଣି ଥାଟ ପାଇଁ ପୃଥକ୍ କରି ଏବେଠାରୁ ପ୍ରସ୍ତୁତ କରିବା, ତେବେ ଦ୍ରମିଳ ସେନା କୁଆଡେ ଯିବେ ବାଟ ପାଇବେନି।

ସମସ୍ତେ ନିରବତା ଅବଲମ୍ବନ କରିବା ଭିତରେ କଳିଙ୍ଗାଧିପତି କହିବା ଆରମ୍ଭ କଲେ, "ଶୁଣ, ଏଇଟା କଳିଙ୍ଗର ଗୁପ୍ତ ଆଲୋଚନା। ଯେପରି ପ୍ରଘଟ ନହୁଏ। ଆମର ଲକ୍ଷ୍ୟ ଗୋଟିଏ ନୁହେଁ, ତିନୋଟି। ଦ୍ରମିଳମେଳକୁ ହରାଇବା ତ ଆମର ପ୍ରାଥମିକ ଉଦ୍ଦେଶ୍ୟ। ଜିତୁ ବା ହାରୁ, ଦକ୍ଷିଣର ସବୁ ରାଜ୍ୟ ଆହୁରି ନିକଟତର ହୋଇଯିବେ, ତଦ୍ୱାରା ଦ୍ରାବିଡ଼ ଏକତା ବଢ଼ିବ। ଏଣୁ ଆମକୁ ଭାବିଚିନ୍ତି ପ୍ରତିଟି ଦ୍ରାବିଡ଼ ରାଜ୍ୟକୁ ଏମିତି ସ୍ପର୍ଶ କରିବାକୁ ପଡ଼ିବ, ଯେମିତି ସେମାନଙ୍କର ପରସ୍ପରପ୍ରତି ସନ୍ଦେହ ବଢ଼ିବ। ଆଉ ସେ ତେରଶ ବର୍ଷର ଏକତା ମୁହୂର୍ତ୍ତକ ଭିତରେ ପାଣି ଫାଟିଯିବ। ତୃତୀୟ ଲକ୍ଷ୍ୟ ହେଉଛି ଯେମିତି ହେଉ ସମୁଦ୍ରପଥ ସମ୍ପୂର୍ଣ୍ଣରୂପେ ମୁକ୍ତ କରିବାକୁ ପଡିବ। ଯୁଦ୍ଧୋତ୍ତର କାଳରେ ଆମର ବନ୍ଧୁରାଜ୍ୟ ତାମ୍ରପର୍ଣ୍ଣୀ କୌଣସି ପରାଭବ ନପାଏ। କଳିଙ୍ଗପୋତ ବି କୌଣସି କାରଣରୁ ଦ୍ରମିଳ୍ ନୌବଳରେ ପରାହତ ନ ହୁଏ।"

ଏହି ସମୟରେ ସମସ୍ତେ କଳିଙ୍ଗାଧିପତିଙ୍କ କଥାକୁ ସାଦରେ ଗ୍ରହଣ କରି ପଚାରିଲେ, "ମହାମହିମ, ଆମେ ସତରେ କଅଣ ଏହି ତେରଶହ ବର୍ଷର ଦ୍ରମିଳ ବନ୍ଧନ ଛିନ୍ନ କରିପାରିବା?"

କଳିଙ୍ଗାଧିପତି ଉତ୍ତର ଦେଲେ, "ଅପେକ୍ଷାକର। ଦେଖିବ ପାଣ୍ଡ୍ୟସମର ପରେ କିଏ ଏକାଠି ହେଉଛନ୍ତି କି ସମସ୍ତେ ଅଲଗା ଅଲଗା ହୋଇ କଳିଙ୍ଗର ପ୍ରିୟରାଜ୍ୟ ହେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।"

ଏହି ସମୟରେ ମହାସେନାନୀ ଆଶ୍ଚର୍ଯ୍ୟରେ କଳିଙ୍ଗାଧିପତିଙ୍କ ମୁଖମଣ୍ଡଳକୁ ଅପଲକେ ଚାହିଁ ରହିଲେ। ସାହସ କଲେନି କିଛି ପଚାରିବାକୁ। ମହାସେନାନୀ ଭାବରେ ନିଜର ଦୁର୍ବଳତା ପ୍ରକାଶ ପାଇଯିବ। ମନରେ ଅନେକ ପ୍ରଶ୍ନ ରହିଛି, ବିଚ୍ଛିନ୍ନ କରିବେ ଦକ୍ଷିଣକୁ କିପରି? ଏତେ ସରଳରେ କଳିଙ୍ଗ ଯେ ଦାକ୍ଷିଣାତ୍ୟ ଭେଦ କରିପାରେ, ତାହା ସମ୍ଭବ ହେଲେ ବି ଆଶାର ସୀମାତୀତ ବୋଲି ତାଙ୍କୁ ମନେ ହେଉଥିଲା।

କଳିଙ୍ଗାଧିପରି ଆଲୋଚନାର ଦିଗ ପରିବର୍ତ୍ତନ କଲେ ଏବଂ କିପରି ଦାକ୍ଷିଣାତ୍ୟ ଭେଦ କରିବାକୁ ପଡିବ, ତାହାର ଆମୂଳଚୂଳ ପରିକଳ୍ପନା ବ୍ୟକ୍ତ କଲେ। କହିଲେ, ଦକ୍ଷିଣାତ୍ୟକୁ ତ୍ରିଶଙ୍କୁ ଆକ୍ରମଣ କରାଯିବ। ଗୋଟିଏ ଦଳ ପୂର୍ବ ଭାଗର କଳିଙ୍ଗ ସାଗର ଛାଡିଦିଅ। ଉତ୍ତର ଦିଗରୁ ସବୁ କଳିଙ୍ଗ ସାମରିକ ନୌବହର ଓ ରଣପୋତ ସହିତ ତାମ୍ରଲିପିର କିଛି ବ୍ୟବସାୟିକ ନୌବହର ନେଇ ଚୋଳ ଆଉ ପାଣ୍ଡ୍ୟ ଉପକୂଳ ଘେରିଯିବେ। ନିଶ୍ଚିତ ତାମ୍ରପର୍ଣ୍ଣୀର ଅନେକ ରଣପୋତ ଦକ୍ଷିଣରୁ ଆସି କଳିଙ୍ଗ ସହାୟତାର୍ଥେ ଯୋଗଦେବେ। ଥଳକୂଳ ପାଇବେନି ଦକ୍ଷିଣ

ପୋତ। ଯଦି ବା ଉତ୍ପାତ କରିବେ, ସେଗୁଡିକୁ ଛିନ୍ନବିଛିନ୍ନ କରି କଳିଙ୍ଗୋଦ୍ରର ଅତଳ ଗର୍ଭକୁ ବୁଡ଼ାଇଦେବାକୁ ଆମେ ପଛାଇବା ନାହିଁ। ସମୁଦ୍ରରେ କଳିଙ୍ଗ ପ୍ରତି ସେମାନଙ୍କର ବିରୋଧିତ ଉଦ୍ୟମର ଫଳ ସେମାନେ ପାଇବେ।

ପଶ୍ଚିମ ଦିଗରୁ ରତ୍ନାକର ଦିଗନ୍ତରୁ ପ୍ରଥମ ଦଳ ଗଜଶକ୍ତି ସହିତ ଦାକ୍ଷିଣାତ୍ୟର ଚେରୁ ରାଜ୍ୟ ଭିତରକୁ ପ୍ରବେଶ କରିବ। ଆମର ଆଉ ଗୋଟିଏ ଥାଟ ସହିତ ପୂର୍ବଦିଗରୁ ଚୋଳରାଜ୍ୟକୁ ଭେଦ କରିବ। ମୁଁ ସେହି ସମର ବାହିନୀର ପୁରୋଭାଗରେ ରହିଥିବି। ଏହାର ଫଳାଫଳ ମୋ ପାଇଁ ଆଶାଜନକ ହେବ ବୋଲି ମନରେ ଥିବା ଏହି ଗତିଶୀଳ ଯୁଦ୍ଧର ଭବିଷ୍ୟତ ମୁଁ ଏବେ ସ୍ପଷ୍ଟ ଦେଖିପାରୁଛି।

ମାତ୍ର କେଇ ପକ୍ଷ ସମୟାନ୍ତରେ ଯୁଦ୍ଧପ୍ରସ୍ତୁତି ସାରି କଳିଙ୍ଗସେନା ଦକ୍ଷିଣକୁ ଧାବମାନ ହେଲା। ଦାକ୍ଷିଣାତ୍ୟ ସମରବାତ୍ୟାରେ କୋଳାହଳମୟ ହୋଇଉଠିଲା। ଏହି ସମୟରେ ଦାକ୍ଷିଣାତ୍ୟର ଗୁପ୍ତଚରମାନେ ବ୍ୟର୍ଥ ହୋଇଛନ୍ତି କଳିଙ୍ଗର ଯୁଦ୍ଧପ୍ରସ୍ତୁତି ବିଷୟରେ କିଛି ବି ଟେର୍ ପାଇବାକୁ। ସେମାନେ ଜାଣନ୍ତି, କଳିଙ୍ଗ ସବୁବେଳେ ଉତ୍ତରମୁହାଁ। ବରଂ କଳିଙ୍ଗ ଉତ୍ତରମୁହାଁ ହୋଇ ସକଳ ସୈନ୍ୟବାହିନୀ ନିଯୁକ୍ତ କରିଥିବା ସମୟରେ, ଦକ୍ଷିଣରୁ ଦ୍ରମିଳଦଳ କଳିଙ୍ଗକୁ ଦଖଲ କରିବା ସହଜସାଧ୍ୟ। କଳିଙ୍ଗର ଅଭିଯାନର ଦିଗପରିବର୍ତ୍ତନ ଅସମ୍ଭବ ବୋଲି ସେମାନଙ୍କ ନେତୃତ୍ୱ ନେଉଥିବା ପାଣ୍ଡ୍ୟର ବିଶ୍ୱାସ ବର୍ହିଭୂତ।

ଘମାଘୋଟ କଳିଙ୍ଗ-ଦାକ୍ଷିଣାତ୍ୟ ସମର। ସ୍ଥଳଭାଗର ଭୀଷଣ ସମର ସହିତ ନୌବହର ଦୁଇ ପକ୍ଷର ମୁହାଁମୁହିଁ ସମର। ଅନେକ ପୋତ ସାଗର ସମାଧି ପାଇ ଲୁପ୍ତ ହୋଇଗଲେଣି। ପାଣ୍ଡ୍ୟ ପୋତ ଗୁଡିକ ନିଜ ସାଗରସୀମାରୁ ସଂକୁଚିତ ହୋଇ ଉପକୂଳରେ ବନ୍ଦୀ ହେଲେଣି। ଏମିତି ଯୁଦ୍ଧର ସବୁ କ୍ଷେତ୍ରରେ କଳିଙ୍ଗ ବିଜୟୀ ହୋଇଛି। କଳିଙ୍ଗସାଗରରେ ଦକ୍ଷିଣ ନୌବାହିନୀର ଆତ୍ମସମର୍ପଣ।

ପୂର୍ବ ସ୍ଥଳଭାଗରେ ଚୋଳ ରାଜ୍ୟରେ ଦକ୍ଷିଣ ମିଳିତ ବାହିନୀକୁ ହରାଇ ପାଣ୍ଡ୍ୟ ସୀମାରେ ପହଞ୍ଚିଲା ବେଳକୁ ପାଣ୍ଡ୍ୟ ନୃପତି ସତର୍କତାର ସହିତ ଆତ୍ମସମର୍ପଣ କରିଛନ୍ତି। ଖବର ଦେଇଛନ୍ତି ପାଣ୍ଡ୍ୟରାଜ, ପଶ୍ଚିମ ଦିଗରେ ବି କଳିଙ୍ଗବାହିନୀ ଚେରୁ ଓ କେରଳପୁତ୍ର ଦଖଲ କରିଛନ୍ତି। କିନ୍ତୁ ଚୋଳ, ଚେରୁ ଆଉ କେରଳପୁତ୍ର ସମସ୍ତେ ଧିକ୍କାର କରୁଛନ୍ତି ପାଣ୍ଡ୍ୟରାଜଙ୍କୁ। ପାଞ୍ଚ ବର୍ଷ ହେବ ମହାମେଘବାହନ ଖାରବେଳଙ୍କ ସହିତ ବନ୍ଧୁତା ନକରି ବୈରଭାବ ଆଚରଣ କରିବାର ଫଳ ଏବେ ଫଳିଛି ଦାକ୍ଷିଣାତ୍ୟରେ। ଛିନ୍ନ ହୋଇଛି ଦ୍ରାବିଡ ମେଳ!

କିନ୍ତୁ ପାଣ୍ଡ୍ୟନୃପତି ଧାଇଁ ଆସିଛନ୍ତି କଳିଙ୍ଗ। କଳିଙ୍ଗ ତାଙ୍କୁ ଆଦୌ ନିମନ୍ତ୍ରଣ କରିନାହିଁ। ସେ ତ ପରାଜିତ ପ୍ରାର୍ଥୀ। ପାଣ୍ଡ୍ୟନୃପତି ଯୁଦ୍ଧବନ୍ଦୀ ହୋଇ ଆସି ନଥିଲେ, ଧାଇଁ ଆସିଥିଲେ ନିଜର ବଶ୍ୟତା ସ୍ୱୀକାର କରିବାକୁ। ଆସିଥିଲେ ଅନୁମତି ନେବାକୁ କଳିଙ୍ଗରୁ, ଯାହା ସିଏ ଜାଣିଥିଲେ ତାଙ୍କର କଳିଙ୍ଗପ୍ରତି ରହିଥିବା ସନ୍ଦିଗ୍ଧ ବୈରଭାବ ଯୋଗୁ। ନିଜେ ସମସ୍ତ ଭୁଲ ବୁଝାମଣାର ସମାଧାନ କରିଦେଇଛନ୍ତି।

କଳିଙ୍ଗାଧିପତି ତାଙ୍କୁ ଆଗାମୀ ଦିନରେ କଳିଙ୍ଗର ମିତ୍ର ହୋଇ ଆସିବାକୁ ଅନୁମତି ପ୍ରଦାନ କରିଛନ୍ତି।

ଇତିହାସରେ କଳିଙ୍ଗର ଦାକ୍ଷିଣାତ୍ୟ ସହିତ ଅନ୍ତରଙ୍ଗ ହେବାର କୌଣସି ଅବକାଶ ନଥିଲା। କଳିଙ୍ଗର ତାମ୍ରପର୍ଣ୍ଣୀ ସହିତ ଏକଚାଟିଆ ନୌବାଣିଜ୍ୟ ନିଶ୍ଚିତ ପାଣ୍ଡ୍ୟ, ଚୋଳ ଆଉ କେରଳପୁତ୍ର ଭିନ୍ନଦୃଷ୍ଟିରେ ଦେଖୁଥିବା ସମ୍ଭବ। କଳିଙ୍ଗର ଦକ୍ଷିଣ ସୀମା ଗୋଦାବରୀ କୂଳ ସରଭଙ୍ଗା ଆଶ୍ରମ ଆଉ ପାଣ୍ଡ୍ୟ ରାଜ୍ୟର ସନ୍ନିକଟ ଥିଲା। କୌଣସି କାରଣରୁ କଳିଙ୍ଗର ପୁରାତନ ଆଭା ରାଜବଂଶଙ୍କ ଅମଳର କଳିଙ୍ଗ ରାଜଧାନୀ ପୀଥୁଣ୍ଡା ଖାରବେଳଙ୍କ ସମୟ ବେଳକୁ ଏକ ପରିତ୍ୟକ୍ତ ରାଜଧାନୀ ହୋଇଯାଇଥିଲା।

ଦାକ୍ଷିଣାତ୍ୟ ଯୁଦ୍ଧରେ ବିଜୟ ଲାଭ କଲାପରେ ଦିଗମ୍ବର ଧର୍ମାଶ୍ରିତ ପାଣ୍ଡିୟନ୍ ଖାରବେଳଙ୍କର ପ୍ରୀତିଭାଜନ ହେଲେ ଓ କଳିଙ୍ଗର ନିକଟତର ହୋଇପାରିଲେ। କଳିଙ୍ଗର ଅଭ୍ୟନ୍ତର ବିଦ୍ୟାଧର ରାଜ୍ୟ ଗୁଡ଼ିକରେ ମୂଲ୍ୟବାନ ପଥର ଓ ହୀରାର ବ୍ୟବହାର ରହିଥିଲା, ତଥାପି ପାଣ୍ଡ୍ୟ ମୂଲ୍ୟବାନ ପ୍ରସ୍ତର ପଶ୍ଚିମ ଦେଶ ଗୁଡ଼ିକୁ ପ୍ରେରଣ କରୁଥିଲା।

ପାଣ୍ଡିୟନ୍ ସୁଯୋଗ ଖୋଜୁଥିଲେ, ମୂଲ୍ୟବାନ ପ୍ରସ୍ତର ପ୍ରଦାନ କରି କଳିଙ୍ଗାଧିପତିଙ୍କୁ ଅନ୍ତରଙ୍ଗ କରିବାକୁ। ସେ ବହୁ ପାଣ୍ଡ୍ୟ ବୋଇତରେ ସବୁଠାରୁ ପସନ୍ଦଯୋଗ୍ୟ ମୂଲ୍ୟବାନ ପଥର ସହିତ ଅନେକ ଉପଢୌକନ ଧରି କଳିଙ୍ଗନଗରୀରେ ପହଞ୍ଚିଲେ।

ସେ ବହୁ ଆନନ୍ଦିତ ଥିଲେ। ବର୍ଷ ବର୍ଷ ଧରି କଳିଙ୍ଗରେ ପଶିବାକୁ ତାଙ୍କୁ ଅନୁମତି ନଥିଲା, କିନ୍ତୁ ଏବେ ମିଳିଛି। ନିଜେ ପରମ ଜୈନ ଭାବରେ କୁମାରୀପର୍ବତ ଦର୍ଶନ ତାଙ୍କ ପକ୍ଷରେ ଯାହା ଅସମ୍ଭବ ଥିଲା, ତାହା ଆଜି ସମ୍ଭବ ହୋଇଛି।

ମହାମେଘବାହନ ଖାରବେଳ ପ୍ରମାଣ କରିଦେଲେ ଯେ, ଅଭେଦ୍ୟ ଦ୍ରମିଳସଂଗଠନ ଏବଂ ଦୁର୍ଭେଦ୍ୟ କୁହେଳିକାମୟ ଦାକ୍ଷିଣାତ୍ୟ ଏବଂ ପ୍ରାଚୀନ ବଳଶାଳୀ ଦକ୍ଷିଣସେନା ଯେ କଳିଙ୍ଗ ନିମନ୍ତେ ଆଦୌ ଅଦମ୍ୟ ନୁହନ୍ତି।

ସେ ମନରେ ସ୍ମିତ ଅନୁଭବ କରୁଥିଲେ। ସତରେ କଳିଙ୍ଗ ଚରୁତଙ୍ଗ ଅନାହତ, ଅପ୍ରତିହତ!

*ସମାରୋହ, ୧୨୮, ଡୁମୁଡୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

୦୦୦

*କ୍ରମଶଃ...*




# ରାଜ ମିସ୍ତ୍ରୀ

**ଅଶ୍ୱିନୀ କୁମାର ମିଶ୍ର**

ଅତର ଭିଜା ଗୋଲାପଟିଏ
କୋଟ୍ ବୋତାମର ଖୋପଟିରେ
ଖଞ୍ଜିଥିବା ଲୋକଟି
କ'ଣ ବୁଝିପାରିବ
ନିର୍ଦ୍ଧୁମ ଖରାବେଳଟାରେ
ସତର ମହଲା କୋଠା ଦେହରେ
ସ୍ପ୍ରିଂ ଭଳି ନିଜକୁ ଝୁଲେଇ
କରଣି ଧରିଥିବା
ରାଜ ମିସ୍ତ୍ରୀର ଡହକକୁ।
କଂସାଏ ପଖାଳ, ପିଆଜ
ୟୁଆନ୍ ପୁଅର ଧମକ ଧସ୍ତ
ପତ୍ନୀର ଉଙ୍କବାଟରେ ହିଁ
ଦିନଟି ଖପ୍‌ଖାପ୍ ଡେଇଁ ଚାଲିଯାଏ।

ଜୀବନ ସଳିତା
ଚଡ଼୍ ଚଡ଼୍ କରି
ମାଗୁଥାଏ
ତେଲ ଟୋପେ।

ରାଜମିସ୍ତ୍ରୀ ସାମାନ୍ୟ ବୁଝେ
ଭାଗବତର 'ନମଇଁ ନୃସିଂହ ଚରଣ'
କିନ୍ତୁ ବୁଝେ ଅବତାରୀ ନୃସିଂହଙ୍କୁ
ଯିଏ ଦୋଷ ନ ଥାଇବି
ଓଲାରୁଛନ୍ତି
ତା ପରିବାରକୁ, ଘରଦ୍ୱାରକୁ
ହିରଣ୍ୟକଶିପୁ ଭଳି ପ୍ରତିକ୍ଷଣ।

ପଞ୍ଚତାରକାରେ
ବିଛେଇ ହେଇଥିବା ଗଦିମାନେ
ଆରାମ ଚାହୁଁଥିବା ମଣିଷଙ୍କୁ
କୋଳେଇ ନିଅନ୍ତି ନିଜ କତିକୁ
ଛାଡ଼ିଯାଆନ୍ତି ନଙ୍ଗଳା ଖଟିଆଟିରେ
ରାଜମିସ୍ତ୍ରୀର ! ୟୁଆନ୍ ପୁଅଟିକୁ
ଯିଏ ଛଟପଟଉଥାଏ ରାତିସାରା
ତା' ସାକ୍ଷାତ୍‌କାର କଥା ଭାବି ଭାବି
ବର୍ଷେ ପୂରିବା ଉପରେ
ଏବେବି ଚାହୁଁଛି ସିଏ
ହାତେଇବାକୁ ସୁରକ୍ଷିତ ସ୍ଥିରଚିତ୍ରଟିଏ
ଆଗାମୀ ଜୀବନର
କିନ୍ତୁ ତା ଯୋଡ଼ ହାତରେ
ଦୁନିଆଁକୁ ମୁଣ୍ଡିଆ ମାରିବା ଛଡ଼ା
ଆଉ କିଛି ବି ଦେଖାଯାଉନି ଆଖିକୁ।

*ଏମ୍-୧, ନେତାଜୀ ସୁବାସ୍ ଏନ୍‌କ୍ଲେଭ, ଗାଡ଼କଣ,*
*ଭୁବନେଶ୍ୱର-୭୫୧୦୧୭*

# ଖୋଳପା

**ଡକ୍ଟର ନାରାୟଣ ପଣ୍ଡା**

ମଣିଷର
ଖୋଳପା ଭିତରେ
ବସାବାନ୍ଧେ ପିଶାଚ ରାକ୍ଷସ।
ଅର୍ଥସ୍ୱାର୍ଥ ପାଇଁ
ନିୟତ ଚାଲେ
ରକ୍ତରେ ହୋରି ଖେଳ।

ସଧବା ମଥାରୁ
ଲିଭିଯାଏ ସିନ୍ଦୁର।
ପୋଖରୀ ତୁଠରେ
ଶିଳପୁଆ ମାଡ଼ରେ
କଅଁଳହାତରୁ ତୁଟିଯାଏ
ନାଲିନେଳି ପାଣିକାଚ।

ସୁରକ୍ଷାବଳୟରେ
ସୁଖରେ ନିଃଶ୍ୱାସ ମାରୁଥିବା ଧନପତି
ଟଳିପଡ଼େ ଦେହରକ୍ଷୀର ଗୁଳିମାଡ଼ରେ
ଦୈନନ୍ଦିନ ଖାଦ୍ୟ ପରଖୁଥିବା ଡାକ୍ତର

ନେଇଯାଏ ରୋଗୀର ଜୀବନ।

ବିଶ୍ୱାସର ମାୟାଜାଲ ଭିତରେ
ଅବିଶ୍ୱାସର ଅଳନ୍ଧୁ।
ପଦକ୍ଷମତା ପାଇଁ
ବଳିପଡ଼େ ପ୍ରିୟ ପରିଜନ ବନ୍ଧୁ।

ବେଶିଦିନ
ରହେନାହିଁ ବାହୁବଳ
ଧନ କ୍ଷମତାର ପତିଆରା
ସମୟ
ଭାଙ୍ଗିଦିଏ ଖୋଳପା
ପଛରେ ପଡ଼ିରହେ ଥାଟ ପାଟ ଛତା।

*ବଉଳପଦା, ବଳରାମପୁର*
*ଆଠଗଡ଼, କଟକ*
*ପିନ୍-୭୫୪୨୯୫*

# ଦେଉଛ କାହିଁକି ଆଡ଼େଇ

**ଦେବାଶିଷ ଚକ୍ରବର୍ତ୍ତୀ**

ପୁଅ ଆସିବାର ଖବର ପାଇଲେ
ଗହ ଗହ ହୁଏ ଅଗଣା
ମୋହରି ବେଳକୁ କୁହନି କାହିଁକି
ଶୁଖୁନାହିଁ ଲୁହ ଝରଣା ?
ଆଗତୁରା ଯଦି ଜାଣି ଯାଉଅଛ
ଆସିବା ଖବର ମୋହର
ଶାସନ ତେବେ ପାଲଟୁ ନାହିଁକି
ମୋ ପାଇଁ ଗରଭ ମାଆର ?

କଅଁଳ କାକର ପରିକା ମୋହର
ଛଳଛଳ ବାଲ୍ୟ କୈଶୋର
ତୁମ ଆକଟର ଚଣ୍ଡ କିରଣେ କି
ସତ୍ତା ହରାଉନି ତାହାର ?

କୁଳ ରକ୍ଷା ପୁଅ କରୁଅଛି ବୋଲି
କରୁଛ ତାହାର କଦର
ହେଲେ ଉପେକ୍ଷାର ବହଳ ଅନ୍ଧାର
ଭାଗ୍ୟଲିପି ଖାଲି ମୋହର ?

ବାପଘର ଛାଡ଼ି ଶାଶୁଘର ଗଲେ
ସ୍ୱାମୀ ସର୍ବମୟ ଈଶ୍ୱର
ଶାଶୁର ଗଞ୍ଜଣା ଝାଞ୍ଜିରେ ଜୀବନ
ସାଜେନିକି ଝରା ବଉଳ ?

ପରିଣତ ବୟସରେ ହୋଇଥାଏ
ପୁଅବୋହୂଙ୍କର ଅଧୀନ
ଏ ଋରି ଯୁଗରେ ଆମେ କେଉଁ କାଳେ
ହୋଇକି ପାରିଛୁ ସ୍ୱାଧୀନ ?

ଦୁଇକୁଳ ହିତ ସାଧୁଛୁ ବୋଲିତ
ନାଆଁ ପାଇଅଛୁ ଦୁହିତା
ତଥାପି କାହିଁକି ଜୀବନ ଆମର
ସାଜିଛି ନୁଖୁରା ସଳିତା ?

ଗାର୍ଗୀ, ମୈତ୍ରେୟୀ, ବିଶ୍ୱବାରାବିତ
ଥିଲେ ଆମପରି ଦୁହିତା
କାଳର କପୋଳେ ଲେଖା ହୋଇନିକି
ଲକ୍ଷ୍ମୀବାଈଙ୍କର ବାରତା ?

ମାଡାମ୍ କ୍ୟୁରି ରୂପରେ କି ଆମେ
ବିଜ୍ଞ ବିଜ୍ଞାନୀ ସାଜିବୁ
ଯୁରି ଗାଗାରିନ୍, କଳ୍ପନା ଋଓ୍ୱଲା
ସାଜି ମହାକାଶେ ଭ୍ରମିନୁ ?

ଇନ୍ଦିରା, ଶିରିମା, ଦ୍ରୌପଦୀ ରୂପେକି
ଶାସନର ମଙ୍ଗ ଧରିନୁ
ଅମୃତା, ପ୍ରତିଭା, ଆଶାପର୍ଣ୍ଣା ସାଜି
ସୃଜନର ବେଣୁ ବାଇନୁ ?

ପିଟି ଉଷା ସାଜି ପଡ଼ିଆରେ କଣ
ହରିଣ ପରିକା ଧାଇଁନୁ
ସିନ୍ଧୁ, ମେରିକମ୍ ସାଜି ଦେଶ ବିଦେଶେ
ସୁନେଲି ପୁଲକ ଭରିନୁ ?

ପୁଅଝିଅ ଆମେ ଦୁଇଟି ଚକ କି
ବୋହୁ ଏ ସଂସାର ରଥର
ଗୋଟିଏ ଅକାମି ହେଲେ କି ହେବନି
ଏସାରା ସଂସାର ଅଚଳ ?

ଯୁଗ ଯୁଗ ଧରି ଆମ ଅଧିକାରୁ

କରିନ କି ତୁମେ ବଞ୍ଚିତ
ସମ୍ମାନର ସହ ଜୀଇଁବାକୁ ଋହୁଁ
ଅଟେ ଯାହା ଚିରବାଞ୍ଛିତ।

ଆମକୁ ଆମର ଅଧିକାର ଦିଅ
ନେଇଅଛ ଯାହା ଛଡ଼େଇ
ଆମେ ବି ମଣିଷ ପାଦରେ ଆମକୁ
ଦେଉଛ କାହିଁକି ଆଡ଼େଇ ?

*ମଣ୍ଡୁଆ, କେନ୍ଦୁଝରଗଡ଼, ପିନ୍-୭୫୮୦୧୪*
*ଦୂରଭାଷ: ୯୪୩୭୭୫୨୩୯୫*

# ନାରୀ ନଅର

**ପ୍ରବୀର ମହାନ୍ତି**

ନଅର ଭିତରେ ଏକା ନାଗର
ନଅର ଭିତରେ ନଅଟି ଘର
ନଉ ନେଇଗଲା କଳା ଭଅଁର
ନବଦ୍ୱୀପ ଜଗି ନାପିତ ବର
ନବ ଭ୍ରମରାକୁ ନିନ୍ଦିଲା ନର
ନାରୀ କି ନିଜର ନରକୁ ପର
ନାରୀ ନଅର

ନିଜ କଥା କରେ ନିକଟତର
ନିଅଣ୍ଟ ନିଆଁକୁ କି ଖଳବଳ
ନାହି କଟା ବେଳ ନିଶ୍ଚିତ କର
ନାଆ ତ ନିଜର ନାଉରୀ ପର
ନିଧି ସମ ଅଟେ ନିଖଳା ଘର
ନିଉଛୁଣା ନଇ କି ଖରତର
ନଣନ୍ଦ ଜଟିଳା ଶାଶୁଟି ପର
ନାକ ନଉଡି କି ହାତ କାହାର
ନାରୀ ନଅର

ନିଖୁଣ ଖୁଣକୁ ନିଘା କାହାର
ନଇଁ ପଡ଼ିଥିଲେ ନ ଥାଏ ଡର
ନବଧା ଭକ୍ତିକୁ ବିଷୟା ଖୁର
ନଶ୍ୱର ଶରୀ ଲୋଶ ନଅ ଟା ଦ୍ୱାର
ନିଖ ନଖରାକୁ ନିଅଂଶି ଘର
ନୀର କ୍ଷୀର ଦୁହେଁ କି ସମତୁଲ

ନିକିତି କତିରେ ମୂଳ ଜହର
ନିତ୍ୟ ରାହାସକୁ ବେଉସା ଯାର
ନାରୀ ନଅର

ନମଇଁ ନୃସିଂହ ଚରଣେ କର
ନବାକ୍ଷରୀ ବୃତ୍ତେ ଲୟକୁ ଡେର
ନିଶିରେ ଚିହ୍ନିଲା ନନ୍ଦ ର ଘର
ନିଶି ପାତଳ କୁ ନିଶା ଆଖର
ନୈମିଶା ଅରଣ୍ୟେ ନ ଲାଗେ ଡର
ନିଶ୍ଚେ ଦିନେ ନଗ୍ରେ ପଶିବ ଚୋର
ନଳ ଯୋଖିଁ ଥିବୁ ନୀଳ ନଭର
ନୀରେ ଥିବା ହଂସ ନିଲଠା ଧର
ନାରୀ ନଅର।

*ଏନ୍-୧/୩୨୦, ଆଇ.ଆର୍.ସି. ଭିଲେଜ୍,*
*ନୟାପଲ୍ଲୀ, ଭୁବନେଶ୍ୱର-୧୫*

# ବଂଶୀ ବସନ୍ତ

**ପିନାକୀ ମିଶ୍ର**

ଦାଣ୍ଡ ଦୁଲୁକେଇ ଦେବ କୃଷ୍ଣଚୂଡ଼ା
ବହଳ ଶାଖାରୁ ଶୁଭିବ ସ୍ନିଗ୍ଧ କାକଳି,
ଗାଁ ଦାଣ୍ଡରେ
ସକାଳ ଉଡ଼େଇବ ତନ୍ମୟ ଗୋଧୂଳି,

ରଂଗର ରତ୍ନ, ସୁଲୁସୁଲୁ ମହୁଆ
ବସନ୍ତରାଜ ଫୁଲରେ ରସିଛି ବିଶାଖା
ଦୂତୀ ପଋରେ – ସଖୀଲୋ! କୃଷ୍ଣ ଗଲେ କାହିଁ !!
କିଏ କହିଲା ଏବେ ବେଳନାହିଁ !!
ପାଦ ଧାଇଁଲେ ପା' ଶୁଭିବ ନାଗର ଘୁଂଗୁର
ଆଖି ଟେକିଲେ ପା' ଚାଲିବ ନୀଳମୁଦ୍ରା ଭଂଗିମା

କେତେ ନରମ ନବ କିଶଳୟ
କେଡ଼େ ମୁଲାୟମ – ଫିଟି ନଥିବା କଳିର ନିବୁଜ ପାଖୁଡ଼ା,
କେତେ ଆକର୍ଷଣ ବାସନ୍ତୀ ବାଆ,
କେତେ ଶାନ୍ତ – ବାପାଙ୍କ ପରି ଆକାଶର ନୀଳଛାତି,
କେଡ଼େ ସ୍ମୃତି ଆଲୋଡନ – ନିଜଗାଁ ଷଠୀଘର ରାତି,
କେଡ଼େ ନିବିଡ଼ –
ଭିଟାମାଟି ଛାଡୁନଥିବା ମା' ଆଖିର ଆଳତି।

ବସନ୍ତ ଆସିଲେ ବଂଶୀ ବିଭୋର, ଯମୁନା ଉଚ୍ଛୁର,
ପୁରିଲା ମାଠିଆ ଡବଡବ,
ଟହଟହ କୃଷ୍ଣଚୂଡ଼ାର ନାଲିଓଠ
ମାନିନୀକୁ ମନେଇବେ ଯେ' ପୋଖତ କୁଶଳୀ,
ଋତୁ କୁସୁମାକର, ଜମେଇଦେବ ଅଭିସାର।

ସଖୀ ବଳ ଖଂଜିଲାଣି
ବାଇଶିବସନ୍ତ ପରେ ଏବେ ସେ' କିଛି ଜାଣିଯିବଣି
ଆଖିବସାଣ ବୁଝିଯିବଣି
ସ୍ୱପ୍ନ ଆଙ୍କିବା ଶିଖିଯିବଣି,
ନାଉରୀ ଗାଉଛି ଗୀତ ସଂଜ ବାହୁଡ଼ାରେ
ଅଳସ ଭାଙ୍ଗୁଛି ବସନ୍ତ ଭୁଆଷୁଣୀ ଲାଜ ଲାଜ ଛିଟପଣତରେ।

କୃଷ୍ଣଚୂଡ଼ା ତ ଟହଟହ,
ଆଲୋ ବିଶାଖା କୃଷ୍ଣ ଗଲେ କାହିଁ ? ?
ଦୂତୀ ଅନେଇଛି ଲୋହିତ ଅସ୍ତକୁ,
ଆସିବ ମୂରଲୀରସିଆ,
ହସ ଦେବ, ଲୁହ ନେବ
ଝୁମୁଥିବ, ଫୁଲୁଥିବ ବିଶାଖାଦୋଳିରେ।

*"ଶୂନ୍ୟନୀଳ"*
*ଚର୍ଚ୍ଚ ପାଖ, ଜେଲ୍ ରୋଡ଼, କେନ୍ଦୁଝର-୧*
*ଦୂରଭାଷ: ୯୪୩୮୧୧୮୩୯୭*

# ମୋ ଖାତାରୁ

**ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ**

ମୋ ଖାତାରୁ ସାଦା ଲଫାପାଟି ଖୋଲିଦିଅ
ତା ଭିତରେ ଅଛି ମୋ ଜୀବନ ପୃଷ୍ଠା।
ଛୋଟିଆ ଜୀବନରେ ଅନେକ ବ୍ୟଥା ଓ ଅଳପ ଖୁସି କଥା
ହସ ଖୁସିର ସଂସାର ଅଳ୍ପ ହେଲେ କଣ ହେଲା-
ଯାହାର ଜୀବନରେ ଆସେ ତାହା ରଙ୍ଗିନ ମଲମଦିଆ
ଛୋଟିଆ ପଦାର୍ଥଟିଏ ଯେପରି ପାଲଟି ଯାଏ।
ବ୍ୟଥା ଓ ଅନେକ ମସ୍ତିଷ୍କ ଭିତରେ ମକା ଫୁଟିଲା ପରି
ଖେଳେଇ ଯାଉଛି, ଯାହାକୁ କୁହାଯାଉଛି ପପ୍‌କର୍ଣ୍ଣ ବ୍ରେନ୍।
ମୋ କଥାକୁ ହସୁଛନ୍ତି କି ? ନା, ନା ତା ସତ
ଗହିର ମନର ଝରକା ଖୋଲି ଦେଖିଲେ
ତା ଭିତରେ ଶୂନ୍ୟତା ଓ ନୀରବତା।
ମତେ ପଚାର, ସବୁ ମୋ ମୁହଁରୁ ପଢ଼ିପାରିବ
କିଛି ଲୁଚେଇନି ଛପେଇନି ସବୁ ସେଥିରେ ହେଇଚି ଲେଖା।

*ଦୂରଭାଷ: ୯୮୬୧୬୩୪୪୯୩*

# ଭିନ୍ନ ସୃଷ୍ଟିର ଈଶ୍ୱରଟିଏ

**ଚୈତନ୍ୟ ପ୍ରସାଦ ବେହେରା**

ଈଶ୍ୱର !
ତମେ ଯେତେ କନ୍ଦାଇବ କନ୍ଦାଅ
ତଥାପି ଲୁହ ମୋର ସରିବନି
ଏଇତ ମୋର ଗର୍ବ॥

ଈଶ୍ୱର !
ତମେ କେବେ ମୋତେ
ହସାଇବାର ସାହସ କରନା
କାରଣ,
କାଳେ ତମ ଛାତି ଫାଟିଯିବ !
ଏ ମୋର ଅଭିଶାପ ନୁହେଁ ବରଂ
ହିତାକାଂକ୍ଷୀର ସତର୍କ ସୂଚନାଟିଏ॥

ଈଶ୍ୱର !
ତମେ ମୋତେ ଜିତୁ ଜିତୁ
ହାରିଯାଅ ଖାଲି
ମୁଁ ବିଶ୍ୱାସ ନକଲେବି
ତମେ ଏବେ ଠିକ୍ ବୁଝିଗଲଣି ଯେ
କିଏ ଜିତିବ, ପୁଣି
କିଏ ହାରିବ,
ସମୟ ଆସିଲେ କହିବ
ତୁ ଜିତିଛୁ କବି,
ତୁ ଜିତିଛୁ
ଯେଣୁ ମୁଁ ଈଶ୍ୱର ଆଉ
ତୁ ବି ଈଶ୍ୱର
ଖାଲି ଏତିକି ତଫାତ୍
ମୋର ହୃଦୟ ଆଜି
ପାଷାଣରେ ଗଢାତ,
ତୋର ହୃଦୟ ଆଜି

କବିଟିଏର ॥

ମୁଁ କିନ୍ତୁ ତୋତେ
ଜୀବନଟା ସାରା କନ୍ଦାଇ ମାରିଛି
ତୁ କିନ୍ତୁ ମରିନାହୁଁ
ବରଂ କାନ୍ଦିଛୁ ଖାଲି
ପରକୁ ହସାଇ
ତୁ ଯେଣୁ ଭିନ୍ନ ସୃଷ୍ଟିର ଈଶ୍ୱରଟିଏ ॥

*ଅଧକ୍ଷ, ଓଡିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ,*
*ଖୋର୍ଦ୍ଧା: ୭୫୨୦୫୫*
*ଦୂରଭାଷ: ୯୪୩୭୭୬୩୭୪୧*

# ନିଃସହାୟତା

**ବିଷ୍ଣୁ ମୋହନ**

ଏବେ ବୟସର ଅପରାହ୍ନ
ଘନେଇଆସେ ସରବଦା ବିଷାଦବୋଧର
କିଟ୍ କିଟ୍ ଅଂଧକାର
ଆଉ ଆସିବନାହିଁ ବୋଧହୁଏ, ଅରୁଣ ରଂଗର ସକାଳ
ଉଦ୍‌ଭାସିତ ହୋଇ ଅପୂର୍ବ ଆଲୋକ ଛଟାରେ
ସରବଦା ଅନୁଭବିତ, ଅସ୍ତରାଗର ଅଭିସାର
ରାତ୍ରିର ବହଳ ଅଂଧାର ଭିତରେ ଭୂତ, ପ୍ରେତମାନଙ୍କର
ଚଳେ ଭୟାନକ ଖେଳ, ମଣିଷକୁ ଗୋଟିକରି
ତାଙ୍କ ପଶାପାଲିର ଖେଳରେ
ମୁଠା ମୁଠା ଶୂନ୍ୟତା ଭିତରେ ବିତିଯାଏ ଜୀବନର ମାଦକତା
ଆଉ ଚଳଚଞ୍ଚଳତା
ସାଙ୍କୋଡ଼ି ହୋଇଯାଏ, କଇଁଛ ପରି ବିଗତ କାଳର
ହସ, କାନ୍ଦର କାହାଣୀ ।
ଜୀବନ ଇତିହାସ ଆଉ ହେବନାହିଁ ସ୍ୱାଦନୁରଞ୍ଜିତ
ସ୍ୱଳପ ଅବଧିର ପରିସମାପ୍ତିରେ
ଆଉଜେଇ ଆସିବ ମୃତ୍ୟୁର କବାଟ
ଆସିଯିବ ପଏଗାମ୍ବର, ମରଣର ଦୂତ
ନେଇଯିବା ପାଇଁ ଆତ୍ମାକୁ ମାନବର, ଅବଣା ଭୁବନ
ଜୀବନ କାଟକର ଅନ୍ତିମ ଦୃଶ୍ୟରେ ହେବ
ଯବନିକା ପାତ ।
ନିଃସହାୟତାର ବିଦ୍ୟମାନତା ଆହୁରି ହେବ ଘନୀଭୂତ
ଭାବି ଭାବି ସବୁକଥା, ଛାତିଭିତର ପୃଥିବୀରେ
ହୁଏ ଭୂମିକଂପ
ଯନ୍ତ୍ରଣାର ଜତୁଗୃହରେ ସଢ଼ଇ ଜୀବନ
ଝାଉଁଳି ପଡ଼େ ପ୍ରସ୍ଫୁଟିତ ଜୀବନ ଗୋଲାପ
ଘୋଟିଆସେ ଜରା, ମରଣର ହିମ ଶୀତଳତା
ଅନୁଭୂତ ହୁଅଇ ପ୍ରାଣରେ ନୀରବ ସମ୍ବେଦ୍ୟ
'କି ଥିଲା ଏ, ଜୀବନ, କି ହୋଇଛି ଆଜ'
ଆଷାଢ଼ର ଜଳଦସ୍ତିକ୍ତ ସବୁଜିମା ଶୁଖିଯାଇ ପାଲଟେ
ବାଲିଚର ଉପତ୍ୟକା
କୁଣ୍ଡାଖିଆ ଚଢ଼େଇଟା ଗଛ ଡାଳରେ ବସି
ଚହିଁ ରହିଥାଏ ଘଟୁଥିବା ଚିତ୍ର ଗୁଡ଼ିକୁ ଜୀବନ ଚଉକାରେ
ମଣିଷର ପ୍ରପାତୀମନରେ ଆଉ କଳ୍ପନାର ଇନ୍ଦ୍ରଧନୁ
ହୁଏନାହିଁ ଝଲମଲ
ଖେଳ ଚଳିଥିଲା ଯେଉଁ ଜୀବନ ପ୍ରାନ୍ତରେ
ଆଜି ତା'ର ହୋଇଛି ପରିସମାପ୍ତି, କାଳର ନିର୍ଦ୍ଦେଶରେ
ବିଷାଦବୋଧର ମରୁପ୍ରାନ୍ତରରେ ନିଃଶେଷ ହୋଇଛି
ଅନେକ ହାସ୍ୟ-ମଧୁର ସଂସାର
ଭାବନାର ପକ୍ଷୀ, ମନ ପଞ୍ଜୁରୀରୁ ହୋଇଛି ଫେରାର୍
ପରିଣତି ଯାହାର ବୈଶାଖୀ ମଧ୍ୟାହ୍ନର ଶୂନ୍ୟତା
ଲୁପ୍ତହୋଇଛି ଆତ୍ମା ପକ୍ଷୀର ସ୍ନିଗ୍ଧ ମଧୁର ସ୍ୱର ।
ଜୀବନରେ ଆଉନାହିଁ ଅମୃତର ସ୍ୱାଦ
ବଂଚିରହିବା ପାଇଁ ଏ, ଧରଣୀ ପୃଷ୍ଠରେ
ଦ୍ୱିଧାହୀନ ପରାଜୟ ଏବେ ଜୀବନରେ ଶ୍ରେୟଃ
ସୂର୍ଯ୍ୟାସ୍ତର ପକ୍ଷୀ ପରି ଉଡ଼ିଯିବ ଆତ୍ମାର ପକ୍ଷୀ
ନୀଳଗଗନର ସୀମାହୀନତାରେ ।

*ଦୂରଭାଷ: ୭୨୦୫୭୫୮୨୫୫*



# ଆଖିରୁ ଟୋପେ ଲୁହ

**ଡାକ୍ତର କୃଷ୍ଣଚନ୍ଦ୍ର ରଥ**

ଧାନ ଉଷୁଁଆ ହାଣ୍ଡି ପରି
ମୁହଁଟା କରି ବସିଛି ବସନ୍ତ,
ଆଖିରେ ଲୁହ ନାହିଁ
ଲାଗୁଛି, ଲୁହଟା ନୀଳ
ପାଲଟି ଯିବ କି ପାଣି ଫାଟିଯିବ
ଯାହା ବି ହେଉ
ଦୁନିଆକୁ ଦେଖିବାକୁ ଦେବନି
ସେ, ପିଇଯିବ ଦୁଃଖକୁ
ଗରଳ ପରି ।

ମାୟା ଭରା ସଂସାରଟା ଏଇମିତି
ଚାହିଁ ବସିଥିବ
ପ୍ରଜାପତି ଫେରିବା ଯାଏଁ ।
ଶାସ୍ତ୍ର ପୁରାଣରେ କେଉଁଠିବି
ଲେଖାନାହିଁ, ଆଖିରୁ
ବୁହାଇବନି ବୁନ୍ଦେ ଲୁହ
ପଥର ପରି ଛାତିଟାରେ
ଜଳୁଥାଉ ଦୁଃଖ ଦାଉ ଦାଉ,
ସ୍ତ୍ରୀ ପୁଅ ବନ୍ଧୁ ବାନ୍ଧବ କେହିବି
ନୁହେଁ ଆପଣାର ।

ବସନ୍ତ ବସିବା ଜାଗାରେ କେଡ଼େ
ବଡ଼ ଉଇ ହୁଙ୍କା
ଥାଇ ପାରନ୍ତି ବିଶ ଭରା ସାପ
ପୋଷା ନେଉଳଟା ବୁଲୁଛି
ଚାରିପାଖ, ଭୟ ନାହିଁ ତାର ।

ସେ ଜାଣେ ମା' ଆଖିର ଟୋପେ
ଲୁହ, ସହି ପାରେନି ମାଟି ମା
ସମୁଦ୍ରର ତୁଫାନ୍ ଟା ଓଗାଳି
ବସିଛି ବସନ୍ତ
ଅନନ୍ତ, ନାଗ କଡ଼ ଲେଉଟିଲେ
ଟଳମଳ ହେବ ଘର ।

ଦର୍ପଣ କହେ
ଆଖିର ଲୁହ ବହିଯିବା ଆଗରୁ
ପୂର୍ବ ପୁରୁଷଙ୍କ ତର୍ପଣ କରି
ବସନ୍ତ ବୁହାଇ ଦେଉ ତାର
ରାଗ, ଅଭିମାନ, ହିଂସା ଦୁର୍ଭାବନା
ସମୟର ନଈରେ ।

*କେ-୪, ପ୍ଲଟ - ୧୪୭୦, କଳିଙ୍ଗ ବିହାର,*
*ପାତ୍ରପଡ଼ା, ଭୁବନେଶ୍ୱର*

# ସହରରେ ଫୁଟୁଥିବା ଫୁଲମାନେ

**ଶ୍ରୀ ଭୁବନେଶ୍ୱର ବିଶି**

ସହରରେ
ଫୁଟୁଥିବା ଫୁଲମାନେ
ମନଖୋଲା
ହସି ପାରନ୍ତି ନାହିଁ
ନୂଆଁ ବୋହୁ ପରି ॥

ସିମିତି
ମାଟି ପାଣି ଆଉ ପବନରେ
ଆବଦ୍ଧ ରହି ।
କେବେ କେମିତି ବାଟଭୁଲି
ଭ୍ରମର କି ପ୍ରଜାପତି
ଉଡ଼ି ଆସି ବସିଗଲେ
ସେମାନଙ୍କ ଗଭାରେ
କୃତ୍ୟ କୃତ୍ୟ ହୁଅନ୍ତି
ସାତ ଜନ୍ମର ପୁଣ୍ୟଫଳ ଭାବି ॥

କୃତ୍ରିମ ଖତସାରର
ବିଷ ବଳୟ ପାର ହୋଇ
ଆସିଥିବା ବାହାଦୂର
ପୋକଟିକୁ ଧନ୍ୟବାଦ ଦେବାପାଇଁ ।
ସହରରେ ଫୁଟୁଥିବା ଫୁଲମାନେ
ଡରି ଡରି ମଳୟ ବାଣ୍ଟନ୍ତି
କାଳେ କେବେ
ବାଟ ଭୁଲି ଆସିଯିବ
କେଉଁ ଦୂର ମଫସଲ ଇଲାକାର
ମଧୁପଟେ ବୋଲି ॥

*ରେଲବାଇ କଲୋନୀ, ଜୟପୁର, କୋରାପୁଟ-୭୬୪୦୦୨*
*ଦୂରଭାଷ: ୭୫୮୭୪୪୫୮୦୩*

# ଆସନ୍ତା କି ଥରେ ଫେରି

ଗୋପାଳ ଚନ୍ଦ୍ର ମିଶ୍ର

ଛୁଇଁଲି ଯେବେ ତୁ ମୋ ଗାଆଁର ମାଟି
ଏରୁଣ୍ଡି ଉଠିଲା ଜଳି,
ତା ପାଣି ପବନ ଗଢ଼ିଲା ଜୀବନ
ସାଙ୍ଗ ସାଥି ଭଳି ଭଳି ।

ତା'ର ତରୁ ଲତା ସବୁଜ ବନାନୀ
କଣ୍ଠରେ ଭରିଲା ଭାଷା,
ଖେଳି ବୁଲି ଗ୍ରାମ ବନ ଉପବନେ
ଭରିଲି ମନରେ ଆଶା ।

ଗାଁ ବିଦ୍ୟାଳୟ ଶିକ୍ଷା ନିକେତନ
ଆଣିଦେଲା ବୁଦ୍ଧି ଜ୍ଞାନ,
ସେ ପାଣି ପବନ ସ୍ଥାବର ଜଙ୍ଗମେ
ବିତିଲା ମୋ ପିଲାଦିନ ।

ଗାଁ ଦେବାଳୟ ମଙ୍ଗଳ ଆଳୟ
ଆଣିଲା ମନରେ ଶାନ୍ତି,
ଆଧ୍ୟାତ୍ମିକତାର ପଥ ଦେଖାଇଲା
ଶିଖାଇଲା ଭାବ ପ୍ରୀତି ।

ବିଲ ବନ ସେହି ସବୁଜ କ୍ଷେତରେ
କାଟିଲି ମୋ ବାଲ୍ୟକାଳ,
ତା ଆମ୍ର ବୃକ୍ଷରୁ ଚାଖିଛି କେତେ ଯେ
ମିଠା ମିଠା ଚୁତ ଫଳ ।

ଅଙ୍କା ବଙ୍କା ରାସ୍ତା ବିଲ ବନ ଧାରେ
ମାଡ଼ିଛି ଅମଡ଼ା ବାଟ,
ସୁନା କ୍ଷେତ ତା'ର ହୃଦୟେ ଆଙ୍କିଛି
ଜୀବନର ଚିତ୍ରପଟ ।

ଗ୍ରାମ ମହୋତ୍ସବ ଦୋଳ ମେଳଣ ଯେ
ଭାଇଚାରା ଶିଖାଇଲା,
ମାନବିକତାର ମହାମନ୍ତ୍ର ସେ ଯେ
କାନେ ମୋ'ର କହିଗଲା ।

ଭୁଲି ହୁଏ ନାହିଁ ସେ ଅଭୁଲା ଦିନ
ଡାକେ ମୋତେ ହାତ ଠାରି,
ଭାଳି ହୁଏ ମନେ ପିଲା ଦିନ ମୋର
ଆସନ୍ତା କି ଥରେ ଫେରି ।

*ଅରିଲୋ, କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

# ସମୟ

ଶ୍ରୀମତୀ ସରସ୍ୱତୀ ମିଶ୍ର

କଠିନ ପରିଶ୍ରମର
ଏକ,
ପ୍ରଚଣ୍ଡ ପ୍ରଚେଷ୍ଟାରେ
ଜିତିଗଲି ଦିନ, ମାସ, ବର୍ଷ
ଜିତିଗଲି ବି,
କପୋଳ ପରେ ଲିଖିତ
ଭାଗ୍ୟର ଅନେକ
ଟେଢ଼ା ମେଢ଼ା ଗାର
କିନ୍ତୁ,
ଜିତିପାରିଲି ନାହିଁ
ତତେରେ ସମୟ
ଜିତିବି ଜିତିବି ବୋଲି
ଦେଖିଲି ଦିନେ
ତୋ ପାଖରେ
ମୁଁ ହାରିଯାଇଛି ॥

ସମୟ,
ତୁ ଶକ୍ତିମାନ୍ ଠୁଁ ଶକ୍ତିମାନ୍
ତୁ ବଳବାନ୍ ଠୁଁ ବଳବାନ୍
ଚିର ଅବିନଶ୍ୱର, ଅଜର, ଅମର
ଗଭୀର ରୁ ଗଭୀରତମ
ତୋ ଅନନ୍ତ ଗର୍ଭ
ଯେଉଁଠାରେ ଲୀନ ହୁଅନ୍ତି
କେତେ ରଥି କେତେ ବୈଜ୍ଞାନିକ
କେତେ ଯୋଦ୍ଧା, କେତେ ସାହିତ୍ୟିକ
ଅବା,
କେତେ କେତେ
ଦିଗ୍ ବିଜୟୀ ବୀର ॥

ବୁଦ୍ଧି ମୋର

ଫେଲ୍ ମାରିଯାଏ
ଯେତେବେଳେ ଦେଖେ
ଯେଡ଼େ ବନ୍ଧ ବାନ୍ଧିଲେବି
ଅଟକେଇ ହୁଏ ନାହିଁ
ତୋର ପ୍ରବାହମାନ୍
ପ୍ରଖର ସ୍ରୋତକୁ
ବହିଯାଏ ଉଚ୍ଚ ସ୍ୱରେ
ବିକଟ ନାଦରେ
ଆଉ ବୁଡେଇ ନିଏ
ତା ସାଙ୍ଗରେ,
ବୃକ୍ଷଲତା, ପଶୁ, ପକ୍ଷୀ
ରାଜା, ଯୋଗୀ
ଓ
ଏ ସଚରାଚର ପୃଥ୍ୱୀକୁ।

ସମୟର
ବିରାଟ ଚକ୍ର
ଆବର୍ତ୍ତିତ ହେଉଥାଏ
ଆସେ ଦିନ, ଆସେ ରାତି
ଆସେ ସୁଖ, ଆସେ ଦୁଃଖ
ପରିବର୍ତ୍ତିତ ହୋଇଥାଏ
ଅଳୀକ ଏ ପୃଥିବୀର
ଅଳୀକ ଋତୁଚକ୍ର
ଆଉ ତା ସାଙ୍ଗରେ
ଏ ମଣିଷର
ଅଳୀକ, ନଶ୍ୱର
ଶରୀର ବି ॥

ଶୈଶବ ପରେ
ହସି ହସି ଉଭାହୁଏ
ସୁନ୍ଦର ଯୌବନ
ଆଉ ଯୌବନ ପରେ
ହଠାତ୍ ଦିନେ
ଉଭା ହୁଏ
ଜର୍ଜର ଜରା
ଠିକ୍ ସେପରି
ଜନ୍ମପରେ
ହଠାତ୍ ଦିନେ
ଜୀବନ କବାଟରେ
କରାଘାତ କରେ
ଏକ,
କୃଷ୍ଣବର୍ଣ୍ଣର ଯମଦୂତ
ନିମିଷକେ ସବୁ ସ୍ୱପ୍ନ
ସମସ୍ତ ବଡ଼ିମା
ଉଭେଇଯାଏ ଶୂନ୍ୟରେ
ଲିଭିଯାଏ ସବୁ 'ଅହଂ'
ସବୁ ଯେତେ 'ମୁଁ'
ସମୟର,
ଦୂର ଦିଗ୍‌ବଳୟରେ ॥

ସମୟକୁ,
ସିଏ ଜିତି ପାରେ
ଯିଏ ସମୟକୁ ବୁଝିପାରେ
ଯିଏ କରେ ସମୟର
ସତ୍ ଉପଯୋଗ
ଘଣ୍ଟା, କଣ୍ଟା, ମିନିଟ୍‌ର
ସଠିକ୍ ପରିମାପ
ଜୀବନକୁ ବନେଇପାରେ ସେ
ଏକ ଦିଗଧରା
କମ୍ପାସର ସଦୃଶ
ଜୀବନର ଜାହାଜକୁ
ସିଏ ଏକା ନେଇପାରେ
ସଠିକ୍ ଦିଗକୁ
ତାର ସଠିକ୍ ଲକ୍ଷ୍ୟର
ସଠିକ୍ ପ୍ରଦେଶକୁ ॥

*ଦୂରଭାଷ: ୮୮୯୫୫୫୮୯୭୬*

# କଣ୍ଟକଲତା

**କିଶୋର ଚନ୍ଦ୍ର ମହାପାତ୍ର**

କିଏ କହେ ତୁମେ କଣ୍ଟକଲତା
ଦେଇଜାଣ ଖାଲି ବଥା
ସତେ ମ କାହିଁକି ଏଇ ଦୁନିଆରେ
ବୁଝେନା କେ ମନବ୍ୟଥା
କଣ୍ଟାତ ତୁମ ଅଙ୍ଗ ଭୂଷଣ
ଫୁଲ ଶୃଙ୍ଗାର ଯଥା ॥

ବତୁରି ବତୁରି ମରମ ତଳରେ
ଆଗୋ କଣ୍ଟକଲତା
ସପନ ରଙ୍ଗେ ଅନୁରାଗେ ତୁମ
ଲେଖିଯାଏ ମନକଥା
ଗଭାରେ ତୁମର ମନଲୋଭା କେତେ
କଳିକା ତୋଳଇ ମଥା ॥

ସୁନ୍ଦର ତୁମ ଫୁଲ ଶୃଙ୍ଗାର
ଅଙ୍ଗ ଲତାର ଛଟା
ପାଖୁଡ଼ା ଓଠରେ ସ୍ପନ୍ଦନ କେତେ
ଅକୁହା ସେ ନୀରବତା
କଣ୍ଟା ବୁଝେନା ତୋଳିବାର କଥା
ଚୁମ୍ବନେ ଦିଏ ବ୍ୟଥା ॥

ହୃଦୟହୀନ ସେ କଣ୍ଟା ବି ଜାଣେ
ଫୁଲ ଶୃଙ୍ଗାର କଥା
ବୁଝିଛ କି କେବେ ବୁଝାଇ ପାରିଛ
କଣ୍ଟାକୁ ମନ ବ୍ୟଥା
ଚୁମ୍ବନ ନୁହେଁ ଦଂଶନ ଖାଲି
ବିରହ ବିଜନ ବଥା ॥

ଅଭିମାନିନୀ ଗୋ କଣ୍ଟକଲତା
ସରାଗେ ତୋଳିଛ ମଥା
କଣ୍ଟକବନେ ବର୍ଣ୍ଣ ବିତାନେ
ସ୍ପନ୍ଦନେ ମନକଥା
ରଙ୍ଗ ଚମକେ ପୁଲକରେ ତୁମ
ତୁଟାଇ ଜୀବନବଥା ॥

*ଶ୍ରୀକ୍ଷେତ୍ର ମ୍ୟୁଜିକ୍*
*ଦୂରଭାଷ: ୯୩୩୮୫୪୫୪୯୦*



# "ବାପୁ" ତୁମେ ସ୍ୱପ୍ନରେ ଆସିଥିଲ

**ଡ. ବିନି ଷଡ଼ଙ୍ଗୀ**

ଚୁପ୍ ଚାପ୍ ତାରା ଭରା ଏକ ନିଃସଙ୍ଗ ରାତିରେ
ଭାବୁଥିଲି ବସି ଏକା ଏକା
ବାପୁ –
ସ୍ୱପ୍ନରେ ହେଲେ
ପାଆନ୍ତି ତୁମର ଦେଖା ।
ହୁଅନ୍ତି ଟିକିଏ ସୁଖ ଦୁଃଖ – କହନ୍ତି
ଧରାରେ ଭରିଛି –
କେତେ, ନୂଆ ନୂଆ ପାପ
ଅହିଂସା ନାହିଁ – ଅଛି ଖାଲି ହିଂସା
କ୍ଷମା ନାହିଁ
ଖାଲି ଭରିଛି ଶଠତା
ଜାଣିଛି ମୁଁ –
ଅନ୍ତରୁ ତୁମେ ହୁଅନ୍ତ ବଡ଼ ଦୁଃଖି
ଚଶମାଟା ଖୋଲି
ମୁଣ୍ଡ ନୁଏଇଁ
ବୁଜନ୍ତ ଦୁଇ ଆଖି
ବହନ୍ତା ଲୁହ
ଅଜାଣତରେ
ଓଠ କହନ୍ତା
'ହେ ରାମ୍'
ଗୁଳି ନଖାଇ
ହୁଅନ୍ତି ମୁହ୍ୟମାନ୍
ମିଥ୍ୟା ଯଦି ସ୍ୱପ୍ନ ହୋଇ
ଆସନ୍ତା ଧିରେ ବନ୍ଧ ଡେଇଁ
କାହାର ବା କ'ଣ ହୁଅନ୍ତା କ୍ଷତି ।

ଜଗତ ଜାଣେ
ସ୍ୱପ୍ନ ଋଲେ
ନିଜର ବାଟେ
ଆଶ୍ୱାସନାର ପ୍ରଲେପ ହୋଇ
ତଥାପି – ବଡ଼ ଶାନ୍ତି ଲାଗେ
କ୍ଷଣିକ

ସେଇ ମିଛ ସୁଖରେ
ମଗ୍ନହୋଇ ।

*ବହୁପ ଗୋଡ଼ା,*
*ସିଂହ ଭୂମି, ଝାରଖଣ୍ଡ*
*ଦୂରଭାଷ: ୯୪୩୧୧୭୯୦୩୦*

# ମହମବତୀ

**ଡ. ସୁନନ୍ଦା ମିଶ୍ର ପଣ୍ଡା**

ଅଶରୀର ମହମଫରୁଆରେ
ଏକ ବନ୍ଦୀ ଅଗ୍ନି,
ମୁଣ୍ଡ ଟେକି ଦମ୍ଭରେ
ଜଳୁଥିବା ବତୀଟିଏ ।
ସତେ ଲାଗେ
ଏକ ତରଳ ଲଜ୍ୟାର ପୁଷ୍କରିଣୀ
ନିଆଁର ଚୁମ୍ବନରେ,
ଅଦ୍ଭୁତ ଆତ୍ମ ସମର୍ପଣ
ଶେଷ ପ୍ରାପ୍ତି ହୁଏ
କୁହୁଡ଼ିର ଶବାଧାରେ ॥

ଏକ ଲୁହର ମହମ
ଧୀରେ ଧୀରେ
ଗତି କରେ
ପବନରେ ସୁଗନ୍ଧ ବୋଳି
ଏକା କାନ୍ଦେ

ଲାଭେଣ୍ଡେର, କଦମ୍ବ
ଆପେଲ, ଚମ୍ପକ ଭଳି
କେତେ ପ୍ରଲୋଭନରେ... କେତେ ପ୍ରକାରରେ...

କେହି ଜଣେ ଫୁଙ୍କି ନ ଦେଲା ଯାଏଁ
ଜଳୁଥାଏ ଆକ୍ରୋଶରେ
କୃତ୍ରିମ ଆଲୁଅ ବିଞ୍ଚିବାର
ପ୍ରାଣ ପଣ ପ୍ରଚେଷ୍ଟାରେ...
ଅନ୍ଧାର ସହ ଲଢୁଥାଏ ରୀତିମତ୍
ବଞ୍ଚିବାର ତୀବ୍ର ସଂଗ୍ରାମରେ,
ବଞ୍ଚେଇବାର ଅକ୍ଳାନ୍ତ ପରିଶ୍ରମରେ,
କେତେଦିନ ଅବା ଅନ୍ଧାର ସହିବ ?

ତାର ଆଲୋକ ବିତରଣରେ
କିଏ ବା ହାଲକା କରିବ
ତା'ର ନରମ ଛାତିର ଏ ଭାରାକ୍ରାନ୍ତ ଦରଦ ?
ସିଏ ସ୍ଥିତପ୍ରଜ୍ଞ

ସଂକଳ୍ପ କରିଛି,
ଆଜୀବନ ମାନିବାକୁ
ଯେଉଁଭଳି କାହାର ଆଦେଶ ।

କେତେକାଳ ସିଏ
ଏଭଳି ଜଳୁଥିବ
ବୋଧହୁଏ, ନିଜେବି ଜାଣେନା,
ଯେତେଦିନ ତା ଭିତରେ
ବଞ୍ଚିଥିବ ତା ସ୍ଥିତି ତା ସ୍ୱପ୍ନ
ଆଉ ଯେତେ ଇଚ୍ଛା ସବୁ, ଯାହା ଦିନେ ଗଢ଼ିଥିଲା
ଜ୍ୟୋସ୍ନାଭିଜା ଜହ୍ନ ଆଲୁଅରେ...
ଅଥଚ ଆଜି (ଜଳୁଛି) ମହମହ
ଲୁହ ଆଉ ମେଞ୍ଚା ମେଞ୍ଚା କଳା ଅନ୍ଧାରରେ ॥

ମୁଁ ଜାଣେନାହିଁ
ତୁମେ ସ୍ୱଇଚ୍ଛାରେ ଆସ
କିମ୍ବା କାହା ଆଦେଶରେ
ଈଶ୍ୱରଙ୍କ ପାଶେ
ଏତିକି ପ୍ରାର୍ଥନା

ତୁମେ ତାକୁ ମୁକ୍ତି ଦେଇପାର

ଆଉ କିଛି ଲୋଡ଼ା ନାହିଁ ତାର ॥
ହତବାକ୍ ହୁଏ ମହମବତୀ
ଇଏ ଜୀବନ ନା ଜୀବନୋତ୍ତର,
ଜୀବନ ତ ଦ୍ୱନ୍ଦ୍ୱ ଓ ବିଷାଦ
ଆକୁଳରେ (ଅଣ୍ଡାଳି) ଆଶ୍ଳେଷ ଖୋଜେ,
ସଇତାନର କଳଙ୍କକୁ
ଅଳଙ୍କାର କରି
ପବନର (କରାଳ) ମହକ ସ୍ୱରରେ (ବାନ୍ଧି) ଛନ୍ଦି ହୁଏ
ନ ଡରି,
ଦୁନିଆର (ଆଘାତର) ଅପବାଦ ଡୋରୀ ।

*ଟରୋଣ୍ଟୋ, କାନାଡ଼ା*

# ନିର୍ବାଚନ - ୨୦୨୪

ସଂଜୟ କୁମାର ତ୍ରିପାଠୀ

ନିର୍ବାଚନ ଆସିଛି :
ଜଗନ୍ନାଥ ଓ ରାମଙ୍କ ମିଳିତ ଜୟଗାନରେ
ଗଣଧର୍ଷଣ ଓ ହତ୍ୟାର ନୀଚ ରୂପରେଖରେ
ଭାରତ ଭୂଖଣ୍ଡର ପରିବର୍ତ୍ତିତ ପୃଷ୍ଠଭୂମିରେ

ନିର୍ବାଚନ ଆସେ :
ଫଂପା ପ୍ରତିଶ୍ରୁତି ଓ ଇସ୍ତାହାରରେ
ଘନ ଘନ ପ୍ରଚାର ପ୍ରକଂପିତ ଦେଶଭୂମିରେ
ସୁରକ୍ଷା ବାହିନୀର ତ୍ୱରିତ ପରିଭ୍ରମଣରେ ।

ନିର୍ବାଚନ ଆସିଛି :
ସଭା ପାଇଁ ଲୋକ ବୁହା କାର୍ଯ୍ୟକ୍ରମରେ
ପ୍ରଲୋଭନର ଉଜାଣି ଯମୁନାରେ
ସଭା ପାଇଁ ସଂଘର୍ଷର ପାରମ୍ପରିକ ରୀତିନୀତିରେ ।

ନିର୍ବାଚନ ଆସିବ :
ମିଛ ବିହୀନ କାର୍ଯ୍ୟ ଓ ନୀତିନିଷ୍ଠ ପ୍ରଚାରରେ
ଅବାଧ, ମୁକ୍ତ, ନିରପେକ୍ଷ ଆଦର୍ଶ ଆଚରଣ ଯୁକ୍ତ
ଦଳ ବ୍ୟତୀତ ପ୍ରାର୍ଥୀଙ୍କ ରୂପରେଖରେ
ନିର୍ବାଚନୀ ବାତାବରଣରେ ଏକ ହିଂସା ଓ ନିଶାମୁକ୍ତ ମତଦାନର
ସାର୍ଥକ ସ୍ୱପ୍ନରେ ।

*ସଂତୋଷ ବିହାର, ଗୋପାଳମାଳ, ବୁଢ଼ାରଜା,*
*ସମ୍ବଲପୁର-୭୬୮୦୦୪*
*ଦୂରଭାଷ: ୯୯୩୮୧୪୨୯୦୭*

# ଅଭିମାନିନୀ କଇଁ

ସୁଜାତା ଗିରି

ଆଜିକାଲି ଜହ୍ନ ଲେଖୁଛି କବିତା
ଜୋଛନାର ପଣତରେ
ଅଭିମାନେ କଇଁ ଝରାଉଛି ଲୁହ
ବିରହର ଦାହନରେ ॥

ଜହ୍ନ ତ' ବୁଝେନା କଇଁର ବେଦନା
ବିତିଯାଏ ରାତିରାତି
ତଥାପି ତ' କଇଁ ଦୂରରୁ ଅନାଇ
ମଣୁଅଛି ଭାଗ୍ୟବତୀ ।

ଆଖିରେ ଆଖିରେ ମିଳନର ଆଶା
ମରମେ ତୃଷ୍ଣା ଘାରେ
ଆଜିକାଲି ଜହ୍ନ ଲେଖୁଛି କବିତା
ଜୋଛନାର ପଣତରେ ॥

କାଳିମାରେ ଘେରା ଜୀବନରେ ତାର
ପ୍ରଣୟର ମୂଲ ନାହିଁ
ନୟନରେ ଭରି ପ୍ରୀତି ଅନୁରାଗ
ଆକାଶକୁ ଥାଏ ଚାହିଁ ।

ଭରା ଯଉବନ ଅଭିସାରିକା ସେ
ରହେ ଚିର ଉଜାଗରେ
ଆଜିକାଲି ଜହ୍ନ ଲେଖୁଛି କବିତା
ଜୋଛନାର ପଣତରେ ॥

*ଚନ୍ଦନେଶ୍ୱର, ବାଲେଶ୍ୱର*
*ଦୂରଭାଷ: ୭୯୭୮୯୭୯୩୮୬*

ରମ୍ୟରଚନା

# ଦଣ୍ଡବତ ବାବୁଙ୍କ ସ୍ୱାସ୍ଥ୍ୟ ଥେରାପି

## ଜୟଶ୍ରୀ ପଟ୍ଟନାୟକ

ଦଣ୍ଡବତ ବାବୁ ନୂଆ ନୂଆ ବଦଳି ହୋଇ ରାଜଧାନୀକୁ ଆସିଥାନ୍ତି । ଆଗରୁ ଶୁଣିଥିଲେ ରାଜଧାନୀରେ ସବୁ ଜିନିଷ ସହଜରେ ଉପଲବ୍ଧ ତା ସାଙ୍ଗକୁ ଜିମ, ଚାଲିବାପାଇଁ ପାର୍କର ଅଭାବ ନାହିଁ, ସ୍ୱାସ୍ଥ୍ୟ ପାଇଁ ଡାଏଟିସିଆନ୍, ମେଡିକାଲ, ଅବସର ବିନୋଦନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ ଅନୁଷ୍ଠାନ ମାନ ରହିଛି । ଗାଡି ଯିବା ଆସିବା ପାଇଁ ସୁନ୍ଦର କଳା ମଚମଚ ପିଚୁ ରାସ୍ତା, ମାଳ ମାଳ ସମ୍ବାଦପତ୍ର, ବିଭିନ୍ନ ପ୍ରକାରର ପତ୍ରପତ୍ରିକା ହାତ ପାଆନ୍ତାରେ ମିଳିଯାଉଛି । ଆଉ ଗୋଟେ ସୁଖ ସେଥିରେ ତାଳ ପକାଇଥିଲା ମହାନଗରରେ ଘରଭଡା ଅଧିକ । ଯାହା ପାଉଥିଲେ ଅଖ୍ୟାତ ପଲ୍ଲୀ ଅଂଚଳରେ ତା ଠାରୁ ଚାରିଗୁଣା ଅଧିକ । ଏସବୁ ଦେଖି ଗୋଟିଏ ଛୋଟ ପଲ୍ଲୀ ଅଂଚଳରୁ ଆସିଗଲେ ବଦଳି ହୋଇ ମହାନଗରକୁଙ୍ଫ ଯେମିତି ରାଜଧାନୀରେ ପାଦ ରଖିଛନ୍ତ ମନଟା ଭିତରେ ବାଛୁରୀ ଛୁଆ ପରି ଫକ ଫକ ଡିଆଁ ମାରୁଥିଲା । ଯା ହେଉ ସେ ଏବେ ରାଜଧାନୀ ବାସିନ୍ଦା । ତାଳ, ତମାଳ, ବିଲ ବନ, ଗିରି, ଝରଣା, ନଦୀରେ ଭରା କୋଉ ଅଖ୍ୟାତ ପଲ୍ଲୀରୁ ଆସି ପହଂଚିଗଲେ ମହାନଗରରେ । ଲାଗୁଥିଲା ଯେମିତି ତାଙ୍କୁ ଉଡାଜାହାଜରେ ବସି ବିଦେଶ ଭ୍ରମଣ କରିବା ପରି । ଗାଁ ତୋଟାମାଳର ମାଟିକାନ୍ଥ ଚାଳଘର ଛାଡି ରାତିଦିନ ନିଅନ ଆଲୁଅରେ ଝଲସି ଉଠୁଥିବା ସହରକୁ ଦେଖି ପ୍ରଥମେ ପ୍ରଥମେ ଭୋକ ଶୋଷ ଭୁଲି ଯାଉଥିଲେ । ସ୍ତ୍ରୀ ହର୍ଷମୟୀଙ୍କୁ କହୁଥିଲେ ଯାହାହେଉ ମଣିଷ ମଫସଲିଆ ପରିବେଶରୁ ଆସି ସହରିଆ ଛୁଙ୍କ ଟିକେ ପାଇଲା । ନୂଆ ନୂଆ ବଦଳି ହୋଇ ଆସିଥିବାରୁ ସସ୍ତ୍ରୀକ ଘର ସଜାଡିବାରେ ଲାଗିପଡିଲେ । ଦଣ୍ଡବତ ବାବୁ ସ୍ତ୍ରୀ ହର୍ଷମୟୀଙ୍କୁ କହିଲେ- ଆଦିବାସୀ ମେଳା, ଖଣ୍ଡଗିରି ମେଳା ଆଉ ପ୍ରଦର୍ଶନୀ ପଡିଆରୁ କିଣି ଆଣିଥିବା ସୁନ୍ଦର ସୁନ୍ଦର ଫୁଲଦାନୀ, କଣ୍ଢେଇ, ପିପିଲି ଚାନ୍ଦୁଆ, ସମ୍ବଲପୁରୀ ବେଡସିଟ ତା ସାଙ୍ଗକୁ କେତେ କଣ ରକମର ଫୁଲ ଡାଳ ପତ୍ରରେ ଚାଲ ସଜେଇଦେବା ଡ୍ରଇଂ ରୁମ ଆଉ ଘରର କୋଣ ଅନୁକୋଣ । ସିଲ୍‌କି ସିଲ୍‌କି ପରଦା ମାନ କବାଟ ଝରକାରେ ଟାଙ୍ଗିଦେଲେ ଯେ ସୂର୍ଯ୍ୟକିରଣ ତା ଉପରେ ପଡିଲେ ଝଲସି ଉଠୁଥିଲା ଘର । ଯାହା ହେଉ ମୋଟା ମୋଟି ଭାବରେ ରଙ୍ଗୀନ ଆଲୁଅ, ଆକ୍ୱାରିଅମ୍ ଫୁଲ ସଜାରେ ଘରଟା ଅମରାବତୀର ସ୍ୱର୍ଗ ପରି ଲାଗିଲା । ସ୍ତ୍ରୀ ହର୍ଷମୟୀ ଟିକେ ଥକି ପଡିବାରୁ ପଲଙ୍କ ଉପରେ ବସିପଡିଲେ ଏହା ଦେଖି ଦଣ୍ଡବତ ବାବୁ କହିଲେ – ଏଥର ହାଲିଆ ଲାଗିଲେ ରୋଷେଇ ଶାଳକୁ ଯାଇ ଝାଳନାଳ ହୋଇ ରୋଷେଇ କରିବାକୁ ପଡିବନି ମ ବୁଝିଲ ? ଅନ୍ଲାଇନରେ ଜମାଟୋରୁ ନ ହେଲେ ସ୍ୱିଗିରୁ ଖାଇବା ମଗେଇଦେବା । ତା ସହିତ ମୋମୋ, ଚାଓମିନ, ଗୁପଚୁପ, ଚାଟ, ଜଳଖିଆ ଦୋକାନର ଅଭାବ ନାହିଁ ଛକରେ । ଆଉ କଣ ସେ ମଫସଲିଆ ଢ଼ଙ୍ଗ ସହରରେ ଅଛି ନା ମୁଣ୍ଡର ଚୁଟିଦେଲେ ସୋନ ପାଖୁଡି ମିଳିବ କି ମାଣ୍ଡୁ, ଘୁଗୁନି ଚପ୍ ମିଳିବ କହିଲ ? ସହରରେ ଯାହା ଚାହିଁବ ତାହା ଖାଇପାରିବ । ସନ୍ଧ୍ୟାବେଳେ ପାର୍କକୁ ଯାଇ ଦୁଇଘଡି ବୁଲି ଆସିଲେ ମନ ପ୍ରଫୁଲ୍ଲିତ ହୋଇଯିବ । ତା ଛଡା ବଡ ବଡ ସପିଙ୍ଗ ମଲ ଅଛି ସେଇଠୁ କିଣି ଆଣିବା ଲୁଗାପଟା । ତମପାଇଁ ଚାରି ହଳ ଡ୍ରେସ, ପାର୍କରେ ଚାଲିବାପାଇଁ ମୋଜା ଜୋତା ଇତ୍ୟାଦି ଇତ୍ୟାଦି । ହର୍ଷମୟୀ ଫ୍ୟାନ ପୂରା ସ୍ପିଡରେ ଦେଇଥିବାରୁ ଯା ଭିତରେ ଗଭୀର ନିଦରେ ଶୋଇପଡି ମୃଦୁ ଘୁଙ୍ଘୁଡି ମାରିଲେଣି । ଦଣ୍ଡବତ ବାବୁ ସ୍ତ୍ରୀ ଶୋଇପଡିବାର ଦେଖି ଦାଣ୍ଡଘରେ ପଡିଥିବା ହୁଇଲ ଚେୟାରରେ ବସି ଟି.ଭି କନେକ୍ସନ ନ ହୋଇଥିବାରୁ ମୋବାଇଲରେ ଭିଡିଓ ଦେଖୁଥିଲେ । କିଛି ସମୟ ପରେ ଚେୟାରଟା କାହିଁକି କଁ କଁ ଶବ୍ଦ ହେଲା । ଦେହର ଓଜନ ସହି ନ ପାରି କାଳେ ଚେୟାରଟା ଭାଙ୍ଗିଗଲେ ତଳେ ପଡିଯାଇ ଗୋଡ ହାତ ଜଖମ ହୋଇଯିବ ଭାବି ଦଣ୍ଡବତ ବାବୁ, ଚେୟାରରୁ ଉଠିପଡିଲେ । ଶରୀର ବାଙ୍ଗରାକୁ ଓଜନ ମାତ୍ର ଅଣାନବେ କେଜି । ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବା କରିଲାବେଳକୁ ମୁହଁକୁ ସଳଖ ନରଖି ଉପରକୁ କରିବାକୁ ପଡେ । ପରଦିନ ସକାଳେ ଅଫିସ୍‌କୁ ଯାଇ ଜଏନ୍ କଲାବେଳକୁ ତାଙ୍କୁ ଦେଖି ସମସ୍ତଙ୍କ ଭିତରେ ଗୋଟିଏ ମୃଦୁ ହାସ୍ୟର ବାତାବରଣ ଖେଳିଗଲା । ଜଏନିଙ୍ଗ ଦରଖାସ୍ତ ନେଉ ନେଉ ଉପରିସ୍ଥ ଅଧିକାରୀ ଜଣକ କହିଲେ- ଆଜ୍ଞା । ହାଉଲେ । ହାଉଲେ । ଚେୟାରରେ ନ ବସି ବରଂ ସୋଫାରେ ବସନ୍ତୁ । ସୋଫାରେ ଯେତେବେଳେ ବସିଗଲେ ଲାଗିଲା ସୋଫାଟା ଦବିକି ମାଟିକୁ ଛୁଇଁଲା ପରିକା । ଏହା ଦେଖି ଅଧିକାରୀ ଜଣକ ଖୁବ୍ ଜୋରରେ ହସିବାକୁ ଇଚ୍ଛା କରିକି, ହସକୁ ଚାପିଦେଇ, ଆପଣ ବସିଥାନ୍ତୁ ମୁଁ ଟିକେ ଆସୁଛି କହି ସେ ସ୍ଥାନରୁ ଉଠିଗଲେ । ଟିକେ

ଆଉଜି ପଡିଲେ ଦଣ୍ଡବତ ବାବୁ ସୋଫାରେ । କିଛି ସମୟ ପରେ ରେଜିଷ୍ଟରରେ ଦସ୍ତଖତ କରିବାକୁ କହିଲେ ଅଫିସର । ଦସ୍ତଖତ କରିଲେ ଦଣ୍ଡବତ ବାବୁ ଦଣ୍ଡ ନିରୋଧ ଜ୍ୟେଷ୍ଠି । ଦସ୍ତଖତ ଦେଖି ଅଫିସର ପଚାରିଲେ- ଆପଣଙ୍କର ଏତେ ସୁନ୍ଦର ନାଁ ଥାଇ ଦଣ୍ଡବତ ବାବୁ କାହିଁକି ଡାକୁଛନ୍ତି ସବୁ ? ମାନେ, ମୋ କହିବାର କଥା କଣକି ? ସମସ୍ତେ ଅଳ୍ପରେ ଦଣ୍ଡ ବାବୁ ବା ଜ୍ୟେଷ୍ଠି ବାବୁ ବୋଲି ତ ଡାକିପାରନ୍ତେ ନା କଣ କହୁଛନ୍ତି ? ଜବାବ ରଖିଲେ ଦଣ୍ଡବତ ବାବୁ -ଆଜ୍ଞା ! ମୋର ବାଙ୍ଗରା ଆଉ ପୃଥୁଳକାୟ ଶରୀର ଦେଖି ମୋତେ ସବୁ ମାଦଳ ଡାକି ଅସମ୍ମାନ କରୁଥିଲେ ତେଣୁ, ଅଫିସରେ ପଶିବା ମାତ୍ରେ ପିଅନ ଠାରୁ ବଡ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଦଣ୍ଡବତ ଆଜ୍ଞା କହୁ କହୁ ମୋତେ ସମସ୍ତେ ଦଣ୍ଡବତ ବାବୁ ଡାକିବା ଆରମ୍ଭ କରିଦେଲେ । ଏମିତି ସରଳିଆ କଥା ଶୁଣି ଦଣ୍ଡବତ ବାବୁଙ୍କ ଠାରୁ, ସ୍ମିତ ହସଟିଏ ହସିଦେଇ ପିଅନକୁ ଡକାଇଲେ ବେଲ ମାରିକି, ଅଧିକାରୀ ଜଣକ ଏବଂ କହିଲେ, ଦଣ୍ଡବତ ବାବୁଙ୍କୁ ତାଙ୍କ ବସିବା ରୁମଟା ଦେଖାଇଦିଅ । ଅଫିସରେ ଯୋଗ ଦେବାର ପ୍ରଥମ ଦିନରୁ ହିଁ ଦଣ୍ଡବତ ବାବୁଙ୍କ କୁଶଳ କଥା ଆଉ ପୁରୁଣା ଅଫିସର ଅନୁଭୂତି ବିଷୟରେ ପଚାରିବା ଦୂରର କଥା ଡାଏଟ କଂଟ୍ରୋଲ, ଜିମ ନିୟମିତ ଯିବାକୁ ଏବଂ ପ୍ରତିଦିନ ଚାଲିବା ପାଇଁ କର୍ମଚାରୀ ମାନଙ୍କର ଉପଦେଶ ଶୁଣି ଶୁଣି ଏମିତି ଅନ୍ୟମନସ୍କ ହୋଇ ଚାଲିଲେ ଯେ ଟେବୁଲ ଖୁରା ବାଜି ଝୁଂଟିକି ପଡିଗଲେ । ଓହୋ କି କଷ୍ଟ ! ଶେଷକୁ ଆଠଜଣ କର୍ମଚାରୀ ଉଠାଇବାକୁ ଚେଷ୍ଟା କରି ବହୁ କଷ୍ଟରେ ଉଠାଇ ବସାଇଲେ ପାଣି ଫାଣି ପିଇବାକୁ ଦେଲାରୁ ସୁସ୍ଥ ମନେ କଲେ । କାହାଠାରୁ କେମିତି ଠିକଣା ପାଇ ବାବୁ ଚାଲିଲେ ନ୍ୟୁଟ୍ରିସନ ପଏଂଟକୁ । ସେଠାରେ ଉଚ୍ଚତା, ଶରୀର ଓଜନ ପରଖିଲା ପରେ କଣ ଗୋଟାଏ ଉଷୁମ ଉଷୁମ ରିଫ୍ରେସ ଡ୍ରିଙ୍କ ଦେଲେ ପିଇବାକୁ ଏବଂ ତାର ଘଂଟାଏ ପରେ ଚକୋଲେଟ ଫ୍ଲେଭରର ମିଲ୍କ ସେକ୍ ପିଇବାକୁ ଦେଲେ ଏବଂ ପରାମର୍ଶ ଦେଲେ ଦିନ ଦୁଇଟା ଯାଏଁ କିଛି ଗରିଷ୍ଠ ଖାଦ୍ୟ ଖାଇବେନାହିଁ ତା ବଦଳରେ କିଛି ଗଜାବୁଟ, ମୁଗ, ସାଲାଡ, ପିସ୍ତା ବାଦାମ ବତୁରା ଖାଇପାରିବେ ଆଉ ପାଣି ପ୍ରଚୁର ପିଇବେ । ଦିନ ଦୁଇଟା ପରେ କିଛି ହାଲ୍କା ଡାଏଟ ନେବେ ଇତ୍ୟାଦି । ଇତ୍ୟାଦି । କେତେ କଥା । କାନ୍ଥରେ ଟଙ୍ଗା ଯାଇଥିବା ଭଳିକି ଭଳି ପୂର୍ବ ସ୍ୱାସ୍ଥ୍ୟ ଓ ନ୍ୟୁଟ୍ରିସନ ପଏଂଟକୁ ଆସିବା ପରର ସ୍ୱାସ୍ଥ୍ୟର ମୋଟା ପତଳା ଛବି ଦେଖି, ନିଜକୁ ସେହି ଭଳି ଦିଶିବାପାଇଁ ଚେଷ୍ଟା କଲେ । ଦିନ ପନ୍ଦରଟା ଯାଇଛନ୍ତି କି ନାହିଁ ଭାରି କଷ୍ଟ ହେଲା ନ ଖାଇ ନପିଇ ଦେହକୁ ଶୁଖାଇବାରେ । ସହଜେ କାର୍ତ୍ତିକ ମାସଟା ଥିଲା ଯେନ ତେନ ପ୍ରକାରରେ କଟିଗଲା । ଏବେ ଆସିଲା ବାହାଘର ମାସ ମଗୁଶୁର । ବାହାଘର ନିମନ୍ତ୍ରଣ ପାଇ ଯିବେ କି ନ ଯିବେ ଭାବିଲେ । ଯଦି ନ ଯିବେ ସମ୍ପର୍କ କଟିଯିବାର ବି ଭୟ ରହିଛି କାରଣ ଆଗକୁ ତାଙ୍କର ପୁଅ ଝିଅ ଅଛନ୍ତି ବାହା ହେବାକୁ । ଆଉ ଯିବେ ଯଦି ସମସ୍ତେ ବାହା ଭୋଜି ଖାଉଥିବେ ସେମାନଙ୍କ ଖାଇବା ଦେଖି ଇୟେ କଣ ଜିଭରୁ ଲାଳ ବୁହାଇ ଆସିବେ ? ତା ଛଡା ଗାଁ ଖଳାବାଡିରେ ଚିଙ୍ଗୁଡି ଘାଂଟକୁ ଉଷୁନାଭାତ ଭୋଜି ଆଉ ମହାନଗରର ତାରକା ହୋଟେଲ ଭୋଜି ଭିତରେ ଆକାଶ ପାତାଳ ତଫାତ୍ ଅଛି ନା । ତେଣୁ ନ୍ୟୁଟ୍ରିସନର ଡାଏଟ କଥା ଭୁଲି ଦଣ୍ଡବତ ବାବୁ ଚାଲିଲେ ବାହାଘର ଭୋଜି ମାନଙ୍କୁ । ତାପରେ ଦିନେ ଅଧେ ବାହାଘର ଭୋଜି ଖାଇଦେଲେ କଣ ଏମିତି ପ୍ରଭାବିତ ହୋଇପଡିବ ସ୍ୱାସ୍ଥ୍ୟ ? ଖାଇବାରେ କାହାର ରୁଚି ନାହିଁ ଯେ ? ବୁଧବାର, ରବିବାର ଆଇଁସ ଦିନ ବାକି ସବୁଦିନ ତ ଶାଗ ପଖାଳ ଖାଇବାରେ ଦିନ ଯାଉଛି । ଏବେ ଶରୀର ଓଜନ ଅଣାନବେରୁ ନବେ ଭିତରେ ଝୁଲିକି ରହିଲା ।

ହଁ ଆଜ୍ଞା ଆମ ଶରୀର ଆମର । କୁହାଯାଏ ଯେ ସ୍ୱାସ୍ଥ୍ୟ ହିଁ ସମ୍ପଦ । ଯୋଗ, ଜିମ, ଚାଲିବା, ପାଣି ପିଇବା ପରେ ବି ସନ୍ତୁଳିତ ଭୋଜନଟିଏ ଶରୀର ପାଇଁ ନିହାତି ଜରୁରୀ । ଶରୀର ଓଜନ ଦେଖି ଆଗରୁ ସାବଧାନ ସୂତ୍ରରେ, ନିଜେ କଣ ଖାଇବେ କଣ ନାହିଁ ତାହା ବିଚାର କରିବେ । ତା ସହିତ ଯୋଗ, ପ୍ରାଣାୟାମ,ଚାଲିବା, ଶାରୀରିକ ବ୍ୟାୟାମ ଟିକେ କରିବେ । ତା ନହେଲେ କୋଲେଷ୍ଟ୍ରଲ ବୃଦ୍ଧି, ଉଚ୍ଚ ରକ୍ତଚାପ, ଡାଇବେଟିସ, ହୃଦ୍ ଘାତ ପରି ରୋଗ ବୟସ ଚାଳିଶ ଅତିକ୍ରମିଲା ବେଳକୁ ଦୂଆରରେ ଆସି ଠକ୍ ଠକ୍ କରିବେ ଯାହାର ଚାବି ଆପଣଙ୍କ ହାତରେ । ଜିହ୍ୱା ସ୍ୱାଦ ସମସ୍ତଙ୍କୁ ଦରକାର କିନ୍ତୁ ସେ ସ୍ୱାଦକୁ ନିୟନ୍ତ୍ରଣରେ ରଖି ଖାଇବା ଦ୍ୱାରା ଶରୀର ମଧ୍ୟ ମେଦ ବହୁଳତାରୁ ରକ୍ଷା ପାଇବ । ଖାଦ୍ୟ, ବୟସ, ଓଜନ, ଉଚ୍ଚତା ଏସବୁ ପ୍ରତି ଧ୍ୟାନ ଦେଇ ଯତ୍ନଶୀଳ ହେଲେ ଆମେ ଆମ ସ୍ୱାସ୍ଥ୍ୟକୁ ସୁନ୍ଦର ସୁଠାମ କରି ଗଢ଼ିପାରିବା ଏବଂ ଅଳସ ନହୋଇ କର୍ମଠ ହୋଇପାରିବା ତା ନହେଲେ ଦଣ୍ଡବତ ବାବୁଙ୍କ ପରି ଆମେ ମଧ୍ୟ ଅଣାନବେ କେଜି ଓଜନ ପାଇବା ପାଇଁ ଜମା ବିଳମ୍ବ ହେବନାହିଁ କଣ କିଛି ଭୁଲ କହିଲି ? ଏ ବିଚାର ଆପଣମାନଙ୍କର ।

*ଗଙ୍ଗନଗର ଛକ, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୧୦୪୭୪*



ତନ୍ମାତ୍ର

# ନୂଆ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ




**ବିଗୁଲ୍:-** ଏସ୍.ବି. ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରଟିକୁ ପ୍ରଯୋଜନା ଦେଇଛନ୍ତି ଅରବିନ୍ଦ ସାହୁ। କାହାଣୀ ଓ ନିର୍ଦ୍ଦେଶନା - ଅଜୟ ପାଢ଼ୀ, ସଙ୍ଗୀତ - ସୁରଜ ପୁରୋହିତ, କଣ୍ଠ - ଅନ୍ତରା ଚକ୍ରବର୍ତ୍ତୀ, ପୁନମ ମହାନ୍ତି। ଅଭିନୟରେ ଅନୁଭବ ମହାନ୍ତି, ଦେବାନନ୍ଦ ବେହେରା, ସୁପ୍ରିୟା ନାୟକ, ଚିତ୍ତରଞ୍ଜନ ତ୍ରିପାଠୀ, ଇଲୁ ବାନାର୍ଜୀ, ବ୍ରଜ ସିଂ, ଶିବା, ପ୍ରସନ୍ନଜିତ୍ ମହାପାତ୍ର, ଜଗଜିତ୍ ଦାଶ, ମିତା ଚକ୍ରବର୍ତ୍ତୀ, ନୃସିଂହ ରାଣା, ଦୀପକ, ସଦାଶିବ, ସଙ୍କେତ ତ୍ରିପାଠୀ, ଜଳନ୍ଧର ବେହେରା, ମିଲନ୍ କାହ୍ନର ପ୍ରମୁଖ।


**ଭଗିଆ ଭାରିଯା:-** ହରିବୋଲ ମିଡ଼ିଆ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମାଣ ହେଉଛି 'ଭଗିଆ ଭାରିଯା'। ପ୍ରଯୋଜକ - ଡ. ଭୀଷ୍ମ ରଥ ଓ ହରିହର ମହାପାତ୍ର, କାହାଣୀ ଚିତ୍ରନାଟ୍ୟ ଓ ସଂଳାପ - ହରିହର ମହାପାତ୍ର, ନିର୍ଦ୍ଦେଶକ - ମୃତ୍ୟୁଞ୍ଜୟ ସାହୁ, ସଙ୍ଗୀତ - ମଳୟ ମିଶ୍ର, ଗୀତ - ଅରୁଣ। ବିଭିନ୍ନ ଭୂମିକାରେ - ହରିହର ମହାପାତ୍ର, ଦେବଯାନୀ, ବବି ମିଶ୍ର, ପୁପିନ୍ଦର, କାଳିଆ, ଭକ୍ତି, ଦେବୁ ବ୍ରହ୍ମା, ବ୍ରଜ ସିଂ, ତୃପ୍ତି ସିହ୍ନା ପ୍ରମୁଖ।

**ସିନ୍ଦୂରା:-** ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରର ଷଷ୍ଠ ଚିତ୍ର 'ସିନ୍ଦୂରା' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ। ପ୍ରଯୋଜକ - ଦିଲ୍ଲୀପ ଦାଶ, ରଚନା ଓ ନିର୍ଦ୍ଦେଶନା - ବିରଞ୍ଚି ନାରାୟଣ ପଣ୍ଡା, ସଂଳାପ ଓ ଗୀତ - ବିଜୟ ଦାସ, ସଙ୍ଗୀତ- ପ୍ରେମାନନ୍ଦ। ବିଭିନ୍ନ ଭୂମିକାରେ - ଅଭିଷେକ ଗିରି, ସୁପ୍ରିୟା ନାୟକ, ପ୍ରଜ୍ଞା ଖଟୁଆ, ଶଙ୍କର ପ୍ରଧାନ, ପୃଥ୍ୱୀରାଜ ନାୟକ, ଉଷସୀ ମିଶ୍ର, ଜୀବନ ପଣ୍ଡା ପ୍ରମୁଖ।

**ଭିଲେନ୍:-** ଆଦିଲକ୍ଷ୍ମୀ ବ୍ୟାନରରେ ନିର୍ମାଣ ହେଉଛି ଓଡ଼ିଆ ଚିତ୍ର 'ଭିଲେନ୍'। ପ୍ରଯୋଜକ - ଆଦିକନ୍ଦ ସାହୁ, କାର୍ଯ୍ୟକାରୀ ପ୍ରଯୋଜକ - ଅଶ୍ୱିନୀ ତ୍ରିପାଠୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା କେ. ମୂରଲୀକ୍ରିଷ୍ଣା, ଚିତ୍ରନାଟ୍ୟ ଓ ସଂଳାପ - ଦେବୀଦତ୍ତ ମହାନ୍ତି, ସଙ୍ଗୀତ - ଜାପାନୀ, ଗୀତ - ତପୁ




ନାୟକ ଓ ବାପୁ ଗୋସ୍ୱାମୀ। ଭୂମିକାରେ - ଅର୍ଦ୍ଧେନ୍ଦୁ ସାହୁ, ତମନ୍ନା ପ୍ରମୁଖ।




**ପାବାର:-** ବାବୁଶାନ ଫିଲ୍ମସ୍ ବ୍ୟାନରରେ ଆଗାମୀ ରଜ ପାଇଁ ନିର୍ମାଣ ହେଉଛି 'ପାବାର'। ପ୍ରଯୋଜକ - ତ୍ରିପତି ଶତପଥୀ, ସଙ୍ଗୀତ - ଗୌରବ ଆନନ୍ଦ, ଭୂମିକାରେ - ବାବୁଶାନ୍, ଏଲିନା, ରବି ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଓମ୍, ଭକ୍ତି, ବାପି, ଧରିତ୍ରୀ ଖଣ୍ଡୁଆଳ, ଆଦ୍ୟାଶା, ମିଲନ, ମହେଶ୍ୱର ପ୍ରମୁଖ।

**ଟିକେ ଟିକେ ଅଚିହ୍ନା ତୁ:-** ଆନା ପ୍ରଡକ୍ସନ ବ୍ୟାନରରେ ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଛି 'ଟିକେ ଟିକେ ଅଚିହ୍ନା ତୁ' ଚଳଚ୍ଚିତ୍ର। ଭୂମିକାରେ ସ୍ୱରାଜ, ଭୂମିକା, ଶୁଭମ୍, ପ୍ରଦ୍ୟୁମ୍ନ ଲେଙ୍କା, ଦୀପକ ମିଶ୍ର, ଅନୁପ ସାହା. ନିମିତା ଦାଶ, ପ୍ରଜ୍ଞା, କେ.କେ., ତାପସ ପାଢ଼ୀ, ଅନ୍ନଦା ଦାସ, ଅନ୍ତର୍ଯ୍ୟାମୀ ସରଘରିଆ, ତାପସ ପାଢ଼ୀ ପ୍ରମୁଖ ଅଭିନୟ କରିଛନ୍ତି। କାହାଣୀ, ଚିତ୍ରନାଟ୍ୟ, ସଂଳାପ - ଭରଦ୍ୱାଜ ପଣ୍ଡା, ସଙ୍ଗୀତ - ପ୍ରେମାନନ୍ଦ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ

# ଏକ ଯୁଗାନ୍ତକାରୀ ପରିବର୍ତ୍ତନ

ସ୍ୱାଧୀନୋତ୍ତର ଭାରତରେ କ୍ରୀଡ଼ା କ୍ଷେତ୍ରରେ ଯେତେ କିଛି ବିକାଶ ଘଟିଛି ସେଥି ମଧ୍ୟରୁ ସର୍ବାଧିକ ବିକାଶ ହୋଇଛି କ୍ରୀକେଟ୍‌ରେ। ବିଂଶ ଶତାବ୍ଦୀର ଶେଷ ବେଳକୁ କ୍ରୀକେଟ୍ କ୍ଷେତ୍ରରେ ଭାରତର ଅଭ୍ୟୁଦୟ ଆରମ୍ଭ ହୋଇଥିଲା ବେଳେ ହକି କ୍ଷେତ୍ରରେ ଭାରତର ପତନ ଆରମ୍ଭ ହୋଇଯାଇଥିଲା। ୧୯୮୦ ରେ ମସ୍କୋ ଅଲିଂପିକ୍‌ସରେ ହକି ସ୍ୱର୍ଣ୍ଣପଦକ ଜିତିଲାପରେ ଅଦ୍ୟାବଧି ୨୦୨୦ ପର୍ଯ୍ୟନ୍ତ ଆଉ ଥରେ ହେଲେ ଭାରତୀୟ ହକି ଦଳ ସେମିଫାଇନାଲରେ ପ୍ରବେଶ କରିପାରିନଥିଲେ। ଦୀର୍ଘ ଚାଳିଶ ବର୍ଷପରେ କାଂସ୍ୟ ପଦକଟିଏ ଜିତିବା ଭାରତୀୟ ହକିର ପୁନରୁତ୍‌ଥାନର ସୂଚନା ପ୍ରଦାନ କରିଥିଲା। ଅପର ପକ୍ଷରେ ୧୯୮୩ ରେ କପିଳ ଦେବ ବିଶ୍ୱକପ୍ ଜିତିଲା ପରେ ଅଫୁରନ୍ତ ଉତ୍ସାହ ସୃଷ୍ଟି ହୋଇଥିଲା କ୍ରୀକେଟ୍ କ୍ଷେତ୍ରରେ। ଲଗାତାର ଭାବରେ ୧୯୮୭ ରେ ସେମି ଫାଇନାଲ ପ୍ରବେଶ ଓ ପୁନରାୟ ୧୯୯୬ ରେ ସେମିଫାଇନାଲ ପ୍ରବେଶ ଭାରତୀୟ କ୍ରୀକେଟ୍‌ର ଭବିଷ୍ୟତ ଉଜ୍ଜ୍ୱଳ ହେଉଥିବାର ସୂଚନା ଦେଇଥିଲା ଏହାପରେ ୨୦୦୩ ରେ ରନର୍ସ ଅପ୍ ହୋଇ ପୁନରାୟ ଭାରତ ଚାଂପିୟାନ ହୋଇଥିଲା ୨୦୧୧ ରେ।

ଏଭଳି କ୍ରମାଗତ ସଫଳତା କ୍ରୀକେଟକୁ ପ୍ରୋତ୍ସାହନ ଦେବାପାଇଁ ନିବେଶକ ମାନଙ୍କପାଇଁ ସୃଷ୍ଟି କରିଥିଲା ଅପୂର୍ବ ସୁଯୋଗ। ଏଇ ସୁଯୋଗରେ ଭାରତୀୟ ବୋର୍ଡ଼ ପଦକ୍ଷେପ ନେଇଥିଲା ଟି-୨୦ ପ୍ରତିଯୋଗିତା ଜରିଆରେ କ୍ରୀକେଟ୍‌ରେ ଏକ ନୂତନ ଯୁଗ ସୃଷ୍ଟି ନିମନ୍ତେ। ୨୦୦୯ ରେ ଧୋନୀଙ୍କ ଆଧିନାୟକତ୍ୱରେ ଭାରତୀୟ ଦଳ ବିଶ୍ୱ ଟି-୨୦ କପ୍ ଜିତିଲା ପରେ ଏଇ ଉତ୍ସାହ ଦ୍ୱିଗୁଣିକ ହୋଇଯାଇଥିଲା। ସେଇ ସଫଳତା ଆଧାରରେ ଆରମ୍ଭ ହୋଇଥିଲା ଏକ ବ୍ୟବସାୟିକ ପଦ୍ଧତିରେ। କ୍ରୀକେଟ୍‌ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏଥିରେ ବ୍ୟବସାୟିକତା ପାଇଁ ସୁଯୋଗ ସୃଷ୍ଟି କରାଯାଇଥିଲା। ଏହା ଫଳରେ କ୍ରୀକେଟ୍ ଖେଳର ମାନରେ, ଖେଳାଳୀଙ୍କ ବ୍ୟକ୍ତିଗତ ଜୀବନରେ, ଦର୍ଶକମାନେ କ୍ରୀକେଟ୍ ପ୍ରେମରେ ବ୍ୟାପକ ପରିବର୍ତ୍ତନ ଆସିଥିଲା।

ପ୍ରଥମତଃ ଏଇ ପ୍ରତିଯୋଗିତା ଟେଷ୍ଟ ଓ ଏକଦିବସୀୟ ଖେଳୁଥିବା କିଛି ହାତଗଣତି ଖେଳାଳୀଙ୍କ ବ୍ୟତୀତ ସମାନ ସ୍ତର ଓ ମାନର ଅନେକ ପ୍ରତିଭାସଂପନ୍ନ ଖେଳାଳୀଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ନିମନ୍ତେ ସୁଯୋଗ ଦେଇଥିଲା। ଏହା ଫଳରେ ଅନେକ ପ୍ରତିଭାବାନ ଓ ଉତ୍କୃଷ୍ଟ ଖେଳାଳୀଙ୍କର ସନ୍ଧାନ କରାଯାଇପାରିଲା ଏବଂ ଜାତୀୟ ଦଳ ପାଇଁ 'ବି' ଓ 'ସି' ଟିମ୍ ସୃଷ୍ଟି କରି Bench Strength ରେ ଅଭିବୃଦ୍ଧି କରାଯାଇପାରିଲା। ଦ୍ୱିତୀୟତଃ, ଅଳ୍ପ କିଛି ଭଲ ନାମୀ ଖେଳାଳୀଙ୍କ ବ୍ୟତୀତ ଅନ୍ୟାନ୍ୟ ପ୍ରତିଭାବାନ ଖେଳାଳୀମାନଙ୍କର ଆର୍ଥିକ ସ୍ୱଚ୍ଛଳତାରେ କୌଣସି ସୁଧାର ଆସିପାରୁନଥିଲା। ଆଇ.ପି.ଏଲ୍ ଆସିବା ଦିନଠାରୁ ଶତାଧିକ ଖେଳାଳୀ ଆର୍ଥିକ ସ୍ୱଚ୍ଛଳତା ସହିତ କ୍ରୀକେଟକୁ ନିଜର କର୍ମବୃତ୍ତି ଭାବରେ ମଧ୍ୟ ବାଛି ନେଇପାରିଲେ। ଅତି ସାଧାରଣ ଓ ଏପରିକି ଗରିବ ପରିବାରରୁ ମଧ୍ୟ ପଙ୍କରେ ପଦ୍ମ ଫୁଟିଲା ଭଳି ଗୋଟିଏ ପ୍ରତିଭା ସଂପନ୍ନ କ୍ରୀକେଟ୍ ଖେଳାଳୀର ଉତ୍ପତ୍ତି ଘଟିଲା। ରିଙ୍କୁ ସିଂହଙ୍କ ଭଳି ଅନେକ ଖେଳାଳୀ ଏହାର ଗୋଟିଏ ଲେଖାଏଁ ଜ୍ୱଳନ୍ତ ଉଦାହରଣ।

ତୃତୀୟତଃ ବ୍ୟବସାୟୀମାନେ ସେମାନଙ୍କର ପ୍ରସ୍ତୁତ ବସ୍ତୁର ବିଜ୍ଞାପନ ପାଇଁ କୋଟି କୋଟି ଦର୍ଶକ ଉପଲବ୍ଧ ହେବା ଫଳରେ ସେମାନେ ଆଇ.ପି.ଏଲ୍. ରେ ମନଖୁସିରେ ନିବେଶ କରିଚାଲିଲେ। ଏହା କେବଳ ଆଇ.ପି.ଏଲ୍. କୁ ସଫଳ କଲା ନାହିଁ ବରଂ ଖେଳ ପରିଚାଳନା କରୁଥିବା ବୋର୍ଡ଼କୁ ଧନଶାଳୀ ମଧ୍ୟ କରିଦେଲା, ଖେଳାଳୀମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଦେଲା, ଦେଶ ପାଇଁ ନୂଆ ନୂଆ ଖେଳାଳୀଙ୍କୁ ସୃଷ୍ଟିକଲା ଏବଂ ସର୍ବୋପରି ସଂପୃକ୍ତ ପ୍ରାୟୋଜକ ସଂସ୍ଥାମାନଙ୍କୁ ପ୍ରଚୁର ବ୍ୟବସାୟିକ ସଫଳତା ଦେବାରେ ସାହାଯ୍ୟ କଲା।

ଚତୁର୍ଥରେ ଆଇ.ପି.ଏଲ୍. ଭାରତୀୟ କ୍ରୀକେଟ୍ ବୋର୍ଡ଼କୁ ପୃଥିବୀର ସବୁଠାରୁ ଧନୀକ ସଂସ୍ଥା କରିଦେଲା। ଏହାଫଳରେ ବିଦେଶ ମାଟିରେ ଖେଳିବା ପାଇଁ ଯେଉଁ ଗ୍ୟାରେଣ୍ଟି ଅର୍ଥର ଆବଶ୍ୟକତା ପୂର୍ବେ ରହୁଥିଲା ସେଥିରେ ସୁଧାର ଆସିଗଲା ଏବଂ ବିଦେଶ ମାଟିରେ ଖେଳିବା ପାଇଁ ଭାରତୀୟ ଦଳକୁ ନିମନ୍ତ୍ରଣର ସୁଅ ଛୁଟିଲା। ପୂର୍ବେ ଏଇ ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ଚାରିବର୍ଷକୁ ଥରେ ଇଂଲଣ୍ଡରୁ କିମ୍ବା ଅଷ୍ଟ୍ରେଲିଆରୁ ଟେଷ୍ଟ ଖେଳିବାକୁ ନିମନ୍ତ୍ରଣ ଆସୁଥିଲା। ଏବେ କିନ୍ତୁ ଏଇ ଦେଶମାନଙ୍କରୁ ପ୍ରତ୍ୟେକ ବର୍ଷ ପ୍ରତିଯୋଗିତା ଖେଳିବା ପାଇଁ ନିମନ୍ତ୍ରଣ ଆସୁଛି। କାରଣ ଭାରତୀୟ ଦଳ ଖେଳିଲେ ହିଁ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ କୋଟି କୋଟି ଦର୍ଶକ ମିଳିବେ ଏବଂ ସେଥିପାଇଁ ବ୍ୟବସାୟିକ ଦୃଷ୍ଟିକୋଣରୁ ପ୍ରାୟୋଜକ ହେବା ପାଇଁ ବଡ଼ ବଡ଼ ସଫଳ ବ୍ୟବସାୟିକ ପ୍ରତିଷ୍ଠାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା। ଏଇଭଳି ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଇଣ୍ଡିଜ ପ୍ରଭୃତି

ଦଳ ପୂର୍ବେ ଭାରତ କରିବା ସମ୍ଭବ ହେଉନଥିଲା କାରଣ ସେମାନଙ୍କର ଦାବୀ ଅନୁଯାୟୀ ଅର୍ଥ ଦେଇପାରିବା ଭାରତୀୟ ବୋର୍ଡ଼ ପାଇଁ ସମ୍ଭବ ନଥିଲା । ତେଣୁ ଭାରତରେ ଖେଳାଯାଉଥିବା ମ୍ୟାଚ୍‌ର ସଂଖ୍ୟା ଯଥେଷ୍ଟ କମ୍ ଥିଲା । ଆଜିର ପରିସ୍ଥିତିରେ ପ୍ରତ୍ୟେକ ବର୍ଷ ଭାରତରେ କିଛି ନା କିଛି ଶୃଙ୍ଖଳା ଖେଳିବାକୁ ବିଦେଶୀ ଦଳମାନଙ୍କର ଭିଡ଼ । ପରିସ୍ଥିତି ଏଭଳି ହେଉଛି ଭାରତୀୟ ବୋର୍ଡ଼ ଏକା ସମୟରେ ଦୁଇଟି ଦୁଇଟି ଦଳ ଖେଳିବାକୁ ବିଭିନ୍ନ ସ୍ଥାନକୁ ପଠାଉଛନ୍ତି । କ୍ରୀକେଟର ଏହି ବହୁଗୁଣିତ ଲୋକପ୍ରିୟତା ଏବେ କୁସ୍ତିଯୁଦ୍ଧ, ଫୁଟବଲ, ବକ୍ସିଂ ଓ ରଗବିକୁ ମଧ୍ୟ ପଛରେ ପକାଇଦେଇଛି । ଏଇ କାରଣରୁ ହିଁ ଆଜି ଅଲିଂପିକରେ କ୍ରୀକେଟ୍ ସ୍ଥାନ ପାଇବାର ଯୋଗ୍ୟତା ଲାଭ କରିଛି । ବୋର୍ଡ଼ ପାଖରେ ପ୍ରଭୂତ ଅର୍ଥ ଉପଲବ୍ଧ ଥିବା ଫଳରେ ବୋର୍ଡ଼ କ୍ରୀକେଟର ଭିତ୍ତିଭୂମି ବିକାଶ ପାଇଁ ପ୍ରଭୂତ ଅର୍ଥ ଖର୍ଚ୍ଚ କରିପାରୁଛି ଏବଂ ପରିଣତି ସ୍ୱରୂପ ଏହା ଦେଶର ଅର୍ଥନୀତି ଉପରେ ସକାରାତ୍ମକ ଭାବରେ ପରୋକ୍ଷ ପ୍ରଭାବ ପକାଇଛି । ସବୁଠାରୁ ବଡ଼ କଥାଟି ହେଲା ଆଜି ଇଂଲଣ୍ଡ ପରିବର୍ତ୍ତେ ଭାରତ କ୍ରୀକେଟ୍‌ରେ କେନ୍ଦ୍ରସ୍ଥଳୀ ଓ ଆନ୍ତର୍ଜାତିକ ରାଜଧାନୀ ହୋଇପାରିଛି । ଦିନ ଥିଲା ଯେତେବେଳେ ବିଶ୍ୱର ସମସ୍ତ ଭଲ ଖେଳାଳୀ ଇଂଲିଶ କାଉଣ୍ଟି କ୍ରୀକେଟ୍‌ରେ ଖେଳିବାର ଯୋଗ୍ୟତା ଅର୍ଜନ କଲେ ସେମାନଙ୍କର କ୍ୟାରିୟରରେ ଏକ ବଡ଼ ସଫଳତା ଘଟିଛି ବୋଲି ମନେକରାଯାଉଥିଲା । ଗାଭାସ୍କର, ବିଶ୍ୱନାଥ, ବେଦୀ, ପଟାଉଡ଼ି, ଇଂଜିନିୟର ପ୍ରଭୃତି କାଉଣ୍ଟି କ୍ରୀକେଟ୍ ଖେଳିବା ପାଇଁ ଦେଶବାସୀ ଗର୍ବ ଅନୁଭବ କରୁଥିଲେ । କିନ୍ତୁ ସମୟ ଆଜି ବଦଳିଯାଇଛି । ବିଶ୍ୱର ସମସ୍ତ ଦଳର ବହୁତ ଭଲ ଭଲ ଖେଳାଳୀ ଆଇ.ପି.ଏଲ୍. ରେ ଯୋଗଦେବା ଏକ ଗୌରବ ମନେ କରାଯାଉଥିବା ବେଳେ କିଛି ଭଲ ଖେଳାଳୀ ଏଥିରେ ସୁଯୋଗ ନପାଇବା ସେମାନଙ୍କ ନିମନ୍ତେ ଏକ କଳା ଦାଗ (Black Mark) ଭାବରେ ବିବେଚନା କରାଯାଉଛି ।

ଏଠାରେ ଆଉ ଏକ ବିଷୟ ଉଲ୍ଲେଖଯୋଗ୍ୟ ଯେ ଅନ୍ୟ ଦେଶର ନାମୀ ବୋଲର ଓ ବ୍ୟାଟରମାନେ ଆର୍ଥିକ ଲାଭ ପାଇଁ ଆଇ.ପି.ଏଲ୍ ଖେଳିବାକୁ ଆଗ୍ରହ ପ୍ରଦର୍ଶନ କରୁଥିବାରୁ ଆମ ଦେଶର ଶତାଧିକ ଖେଳାଳୀ ସେମାନଙ୍କର ସମ୍ମୁଖୀନ ହୋଇ ନିଜକୁ ଭବିଷ୍ୟତ ପାଇଁ ତିଆରି କରିବାକୁ ସୁଯୋଗ ପାଉଛନ୍ତି । ଏହି କାରଣରୁ ଆଜି ସଞ୍ଜୁ ସାମସନ, ଇଶାନ କିସନ, ଧ୍ରୁବ ଜୁରେଲ, ଯଶସ୍ୱୀ ଜୟସୱାଲ ଓ ସୂର୍ଯ୍ୟକୁମାରଙ୍କ ଭଳି ଆକ୍ରମଣାତ୍ମକ ଖେଳାଳୀ ସୃଷ୍ଟି ହୋଇଛନ୍ତି ଯିଏକି ପୃଥିବୀର ଯେକୌଣସି ବୋଲିଂ ଶକ୍ତିକୁ ମୁକାବିଲା କରିବାର ସାମର୍ଥ୍ୟ ଅର୍ଜନ କରିପାରିଛନ୍ତି । ଏବେ ଇଂଲିଶ କାଉଣ୍ଟି, ଅଷ୍ଟ୍ରେଲିଅ ଲିଗ୍ ଓ ଦକ୍ଷିଣ ଆଫ୍ରିକା ଲିଗ୍ ପ୍ରଭୃତିଙ୍କୁ ପଛରେ ପକାଇଦେଇଛି ଆଇ.ପି.ଏଲ୍. ।

ସମାଲୋଚନା ତ ଅନେକ ଓ ତାହା ସବୁକାଳରେ ଅଛି, କ୍ରୀକେଟ୍‌ଟା ଖରାପ ହେଇଗଲା, ଏଥିରେ ବ୍ୟବସାୟ ପଶିଗଲା ଇତ୍ୟାଦି, ଇତ୍ୟାଦି । ତେବେ ଗୌରବର ବିଷୟ ହେଲା ଯେ କ୍ରୀକେଟ ଆମ ଦେଶକୁ ଏକ ନୂଆ ପରିଚୟ ଦେଇଛି ଏବଂ ପ୍ରତ୍ୟେକ ଭାରତୀୟ ଆଜି କ୍ରୀକେଟ୍‌ରେ ଭାରତ ଉଚ୍ଚ ସୋପାନରେ ପହଞ୍ଚିବାରୁ ଗର୍ବିତ ଓ ଗୌରବାନ୍ୱିତ କାରଣ ଅନ୍ୟ କୌଣସି କ୍ରୀଡ଼ା କ୍ଷେତ୍ରରେ ଦେଶକୁ ଏଭଳି ଗୌରବ ମିଳିନାହିଁ ।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୪/୨୦୨୪ ରୁ ତା: ୧୪/୫/୨୦୨୪)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ




**ମେଷ:-** ମାସଟି ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ପ୍ରଦାନ ମାଧ୍ୟମରେ ଗତି କରିବ। ସାମାନ୍ୟ ଅସୁସ୍ଥତା ମଧ୍ୟେ ଗତି କରିବା ଫଳରେ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପାଦନରେ ବିଳମ୍ବ ଘଟିପାରେ। କର୍ମର ଗତି ଅଟକିବ ନାହିଁ ତେବେ ନିର୍ଦ୍ଧାରିତ ସମୟ ଅପେକ୍ଷା ଅଧିକ ସମୟର ଆବଶ୍ୟକତା ଅଛି। ବିବାଦୀୟ ପରିବେଶରେ ଗତି କରିବା ଯୋଗେ ଅବଶୋଷ ଯୁକ୍ତ ହେବେ। ଉପରିସ୍ଥ ମାନଙ୍କର ଆସ୍ଥା ଭାଜନରେ ଫଳ ଊଣା ହେବନାହିଁ। ନିଜର ଲୋକମାନଙ୍କ ଚାଲିଚଳନ ମନରେ କ୍ଷୋଭ ଆଣିପାରେ। ବିବାଦୀୟ କ୍ଷେତ୍ରରେ ଦୂରଦର୍ଶିତା ହେଲେ ବିପଦ ସ୍ପର୍ଶ କରିବନାହିଁ। ସାମାଜିକ ସ୍ତରରେ ନିଜର ମାନ ଓ ସ୍ଥାନ ନିରୁପଦ୍ରବ ରଖିବେ। ବେପାର ବାଣିଜ୍ୟର ଧାରା ଅପରିବର୍ତ୍ତିତ ରହିବ। ବ୍ୟବସାୟରେ ନୂତନ ଧାରା ପ୍ରୟୋଗ କରି ଉନ୍ନତି ଦିଗକୁ ଅଗ୍ରସର ହେବେ। ବକେୟା ଅର୍ଥ ହାତକୁ ଆସିବା ଯୋଗେ ଆବଶ୍ୟକତାକୁ ପୂରଣ କରିବେ। ସ୍ଥାନାନ୍ତର ଯୋଗ ରହିଛି। ବ୍ୟବସାୟରେ ନୂତନ ଧାରା ପ୍ରୟୋଗ କରି ଉନ୍ନତି ଦିଗକୁ ଅଗ୍ରସର ହେବେ। ବକେୟା ଅର୍ଥ ହାତକୁ ଆସିବା ଯୋଗେ ଆବଶ୍ୟକତାକୁ ପୂରଣ କରିବେ। ସ୍ଥାନାନ୍ତର ଯୋଗ ରହିଛି। ସାମର୍ଥ୍ୟ ଅପେକ୍ଷା ଖଟଣୀ ଅଧିକ ହେବ। ବନ୍ଧୁବାନ୍ଧବଙ୍କ ଯୋଗେ ଖର୍ଚ୍ଚାନ୍ତ ହେବେ। ନିଜର ସ୍ୱାସ୍ଥ୍ୟ ସହିତ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ହେବ। ପାରିବାରିକ ଜୀବନରେ ଖଟକା ଲାଗିବାର ନାହିଁ। ମହିଳାମାନେ ଅଧିକ ଦାୟିତ୍ୱର ଉପରେ ପଡ଼ିଲେବି ସମ୍ଭାଳିନେବେ। ବନ୍ଧୁ ମିଳନ ଯୋଗ ଅଛି। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ବିଦ୍ୟାର୍ଥୀମାନେ ସଫଳତା ପ୍ରାପ୍ତ ହେବେ।

ଅଶୁଭ ଦିବସ:- ୧୬, ୧୭, ୧୮, ୨୮, ୨୯, ୩୦, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୬, ୨୭ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**ବୃଷ:-** ଚଳିତ ମାସଟି ଆପଣଙ୍କ ପକ୍ଷେ ମିଶ୍ରଫଳ ଦାୟକହେବ। କର୍ମକ୍ଷେତ୍ରରେ ଆଗୁଆ ରହିବେ। କର୍ମାନୁସାରି ଫଳ ଉପଭୋକ୍ତା ହେବେ। ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ଏଡ଼ାଇ ଆଗେଇ ଚାଲିବାର ସାମର୍ଥ୍ୟ ଅବଶ୍ୟ ମିଳିବ। ଆତ୍ମ ସମୀକ୍ଷା ଦ୍ୱାରା ଭାବାବେଗକୁ ଆୟତ୍ତରେ ରଖିବେ। ଫଳରେ ଆଶା ନରଖି କର୍ମକୁ ପ୍ରାଧାନ୍ୟତା ଦେବା ଦ୍ୱାରା ଅସାଧ୍ୟକୁ ଆୟତ୍ତ କରିହେବ। ଆପଣାରମାନେ ସୁଯୋଗ ଦେଖି ପାଖଛଡ଼ା ହୋଇପାରନ୍ତି। ସହକର୍ମୀମାନେ ଅସୂୟାଭାବ ପ୍ରଦର୍ଶନ କରିପାରନ୍ତି। ହଠାତ୍ ଧନଲାଭର ସୁଯୋଗ ଉପସ୍ଥିତ ହେବା ଫଳରେ ଉଲ୍ଲସିତ ହେବାର ସୂଚନା ମିଳୁଛି। ଈଶ୍ୱରଙ୍କ ପ୍ରତି ଆସ୍ଥା ବହୁଗୁଣିତ ହେବ। ବେପାର ବାଣିଜ୍ୟରେ ପୂର୍ବାପେକ୍ଷା ଅଧିକ ଆଗ୍ରହ ପରିଲକ୍ଷିତ ହେବ। ବିବାଦୀୟ ପରିବେଶ ସପକ୍ଷରେ ଯିବ। ସାମାଜିକ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବେ। ଭ୍ରମଣ ଯୋଗେ ଶାନ୍ତି ମିଳିବ। ବହୁଜନମାନଙ୍କର ଉପଦେଷ୍ଟା ହେବେ। ମୁଖ, ଗଳା ଓ ଉଦର ଜନିତ ଯନ୍ତ୍ରଣା ଅନୁଭବ କରିପାରନ୍ତି। ପାରିବାରିକ ଶାନ୍ତି ପ୍ରତି ପ୍ରତିକୂଳ ଅବସ୍ଥା ସୃଷ୍ଟିହେବ ନାହିଁ। ବନ୍ଧୁ ମେଳରେ ସମୟ ବିତିବ। ମହିଳାମାନେ ବୁଦ୍ଧି ଓ ପରିଶ୍ରମ ଦ୍ୱାରା ସମସ୍ତ ପରିବେଶକୁ ଆୟତ୍ତ କରି ଅନ୍ୟମାନଙ୍କ ଠାରୁ ଆଦର ପାଇବେ। ବିଳାସ ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ଉଚିତ ଫଳ ପ୍ରାପ୍ତହେବେ।

ଅଶୁଭ ଦିବସ:- ୧୯, ୨୦, ୧, ୨ ଅଷ୍ଟମଚନ୍ଦ୍ର:- ୨୮, ୨୯, ୩୦ ଘାତଚନ୍ଦ୍ର:- ୨୧, ୨୨, ୨୩ ବାକିଦିନ ଶୁଭ।



**ମିଥୁନ:-** ଆପଣଙ୍କ ପକ୍ଷେ ମାସଟି ଶୁଭଫଳ ପ୍ରଦାୟକ ହେବ। କର୍ମକ୍ଷେତ୍ରରେ ଗତିବୃଦ୍ଧି ଯୋଗେ ଆନନ୍ଦିତ ହେବେ। କର୍ମରେ ଆଗ୍ରହ ଓ ପରିଶ୍ରମ ଘଟାଇ ଅନେକ ଗୁଡ଼ିଏ କାର୍ଯ୍ୟର ସଂପୂର୍ଣ୍ଣତା ହାସଲ କରିବେ। ଅଏସ ଆରାମ ପ୍ରତି ସମୟର ଅଭାବ ଘଟିବ। ଉପରିସ୍ଥମାନଙ୍କର ଶ୍ରଦ୍ଧାଭାଜନ ହେବା କାରଣରୁ ଉତ୍ଫୁଲ୍ଲିତ ହେବେ। ଗଠନମୂଳକ କାର୍ଯ୍ୟରେ ପ୍ରମୁଖତା ବୃଦ୍ଧିପାଇବ। ସାମାଜିକ ସ୍ତରରେ ଯଶମାନ ଅର୍ଜନ କରିବାରେ ବାଧା ନାହିଁ। ଅଭିଳାଷ ପୂରଣରେ ବ୍ରତୀ ହେବେ। ବେପାର ବାଣିଜ୍ୟରେ ଦୁଇପାଦ ଆଗେଇଯାଇପାରନ୍ତି। ପତିତ ଧନ ହାତକୁ ଆସିବ। ମୂଲ୍ୟବାନ ଦ୍ରବ୍ୟ


କ୍ରୟ କରିବେ। ମାଙ୍ଗଳିକ କାର୍ଯ୍ୟ ପ୍ରତି ଉନ୍ମୁଖ ହେବେ। କର୍ମଯୋଗାଡ଼ର ସୁଯୋଗ ଅଛି। ବିବାଦୀୟ କ୍ଷେତ୍ରରୁ ସମ୍ମାନ ଲାଭ ଯୋଗ। ବନ୍ଧୁ ଓ ଭ୍ରମଣରୁ ଆନନ୍ଦ ପାଇବେ। କୂଟ ବୁଦ୍ଧି ପ୍ରୟୋଗ ଦ୍ୱାରା ଅସମ୍ଭବକୁ ସମ୍ଭବରେ ପରିଣତ କରିବେ। କ୍ଳାନ୍ତି, ଅବସନ୍ନତା ଓ ବାୟୁରୋଗର ଶିକାର ହେବେ। ପାରିବାରିକ ସହଯୋଗ ମିଳିବ। ଦେବତା ଭକ୍ତି ବୃଦ୍ଧିପାଇବ। ମହିଳାମାନେ ପୂର୍ବତୁଳନାରେ ଶାନ୍ତି ପାଇବେ। ହାତରେ ଦୁଇପଇସା ରଖିବାର ମଉକା ମିଳିବ। ବିଦ୍ୟାର୍ଥୀମାନେ ଅସଫଳ ହେବେନାହିଁ। ଆଗକୁ ଯିବାର ସୁଯୋଗ ପ୍ରାପ୍ତ ହେବେ।

ଅଶୁଭ ଦିବସ:- ୨୧, ୨୨, ୨୩, ୨୪, ୨୫, ୯, ୧୦ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ।



**କର୍କଟ:-** ମାସଟି ଆପଣଙ୍କର ଅଭିଳାଷ ପୂରଣରେ ସହାୟକ ହେବ। କର୍ମକ୍ଷେତ୍ରରେ ଉତ୍ସାହ ଓ ଉଦ୍ଦୀପନାର ସହିତ ଆଗକୁ ଆଗକୁ ମାଡ଼ିଚାଲିବାର ମଉକା ଉପଗତ ହେବ। ଲୋକ ହିତକର କାର୍ଯ୍ୟରେ ନିଜକୁ ପୂର୍ଣ୍ଣରୂପେ ସାମିଲ କରି ଭାବମୂର୍ତ୍ତିର ବୃଦ୍ଧି ଘଟାଇବେ। ଉପରିସ୍ଥ ମାନଙ୍କଠାରୁ ପ୍ରୋତ୍ସାହନ ପ୍ରାପ୍ତ ହେବାଯୋଗେ କର୍ମର ଗତି ଦ୍ରୁତ ହେବ। ବକେୟା କର୍ମର ପୂର୍ଣ୍ଣତା ପ୍ରଦାନ କରିବେ। ନିର୍ମାଣ କାର୍ଯ୍ୟ ଆଗେଇ ଚାଲିବ। ସାମାଜିକ କ୍ଷେତ୍ରରେ ପତିଆରା ବୃଦ୍ଧି ପାଇବାର ଉପଯୁକ୍ତ ସମୟ। ବନ୍ଧୁ ଓ ହିତୈଷୀ ମାନଙ୍କର ସାହାଯ୍ୟର ହାତମାନ ଲମ୍ୱିଆସିବ। ବେପାର ବାଣିଜ୍ୟରେ ଶ୍ରମ ଓ ବୁଦ୍ଧି ଖଟାଇ ଲାଭବାନ ହେବାର ଆଶା ପୋଷଣ ବୃଥା ହେବନାହିଁ। ଆର୍ଥୀକ ଦିଗ ମଜବୁତ ରହିବ। ଦେବ ଦର୍ଶନ ଓ ଭକ୍ତିମାର୍ଗରେ ଉତପୁତ ହେବେ। ମାଙ୍ଗଳିକ କାର୍ଯ୍ୟରେ ନିଶ୍ଚିତ ଯୋଗଦାନ କରିବାର ଅଛି। ମୂଲ୍ୟବାନ ଦ୍ରବ୍ୟ ଓ ଯାନ କ୍ରୟ ନିମିତ୍ତ ଉତ୍କଣ୍ଠା ବୃଦ୍ଧିପାଇବ। ଥଣ୍ଡା ଓ ପେଟରୋଗ ସାଙ୍ଗକୁ ଅବୟବରେ ଦୁର୍ବଳତା ଅନୁଭବ କରିବେ। ପାରିବାରିକ ଜୀବନ ସାଧାରଣ ହେବ। ମହିଳାମାନେ ମାସଟିରେ ଆଶାପୋଷଣ କରି ପୂର୍ଣ୍ଣକାମ ହେବେ। ଖଟଣୀର ପ୍ରାବଲ୍ୟ ଦେଖାଦେବ। ବିଦ୍ୟାର୍ଥୀମାନେ ଆନନ୍ଦରେ ସମୟ ବିତାଇବେ। ଶିକ୍ଷା ନିମିତ୍ତ ଦୂରଯାତ୍ରା କରିପାରନ୍ତି।

ଅଶୁଭ ଦିବସ:- ୧୫, ୨୬, ୨୭, ୫, ୬, ୧୧, ୧୨ ଅଷ୍ଟମଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୧୯, ୨୦ ବାକିଦିନ ଶୁଭ।



**ସିଂହ:-** ଶୁଭାଶୁଭ ସ୍ଥିତିରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରରେ ଭାରସାମ୍ୟ ରକ୍ଷାକରି ଇଷ୍ଟପ୍ରାପ୍ତି ଦିଗକୁ ଅଗ୍ରସର ହେବେ। ଦ୍ୱନ୍ଦ୍ୱ ଓ ଆଶଙ୍କାର ବଶବର୍ତ୍ତୀ ହେବା ଫଳରେ କର୍ମର ଗତି ସାମାନ୍ୟ ଧିମେଇ ଯାଇପାରେ। କାର୍ଯ୍ୟ ସମାପ୍ତି ନିମିତ୍ତ ଅଧିକ ସମୟର ଆବଶ୍ୟକତା ଅଛି। ବିରୋଧି ଶକ୍ତିର ଗୋଡ଼ଟଣା ନୀତି ଯୋଗେ ଦିକ୍‌ଦାର ହେବା ବିଚିତ୍ର ନୁହେଁ। ଅନେକ ସମୟରେ ମନର କଥା ମନରେ ମାରିବାକୁ ପଡ଼ିବ। ଅର୍ଥ କାରବାରରେ ସତର୍କତା ଓ ସାବଧାନତା ଅବଲମ୍ୱନ କରିବା ଆବଶ୍ୟକ। ସାମାଜିକ ସ୍ତରରେ ମାନସମ୍ମାନ ପ୍ରତି ବିପଦ ନାହିଁ। ବେପାର ବାଣିଜ୍ୟର ଧାରା ପୂର୍ବଭଳି ଚାଲୁ ରହିବ। ବିବାଦୀୟ କ୍ଷେତ୍ରରେ ହାରିଯିବାର ନାହିଁ। ଆର୍ଥୀକ ଦିଗ କାର୍ଯ୍ୟ ତୁଲାଇବାର ବାଧକ ସାଜିବ ନାହିଁ। ଭବିଷ୍ୟତ ଯୋଜନାରେ ଲିପ୍ତ ରହିପାରନ୍ତି। ଗୃହର ସୌନ୍ଦର୍ଯ୍ୟ କରଣରେ ମନୋନିବେଶ କରିବେ। ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧି ପାଇବ। ଉଚ୍ଚ ରକ୍ତଚାପ ଓ ଅସ୍ଥିରେ ଆଘାତ ଆସିବାର ସମୟ। ପାରିବାରିକ ସନ୍ତୁଳନ ରକ୍ଷା ଅସମ୍ଭବ ହେବନାହିଁ। ମହିଳାମାନେ କ୍ରୋଧ ନିୟନ୍ତ୍ରଣ କଲେ ଆଦୃତି ଲାଭ କରିବେ। ପରିବାରର ସମ୍ମାନ ରକ୍ଷା ଦିଗରେ ଯତ୍ନବାନ ହେବେ। ପ୍ରାଧାନ୍ୟ ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ଚଞ୍ଚଳ ମନା ହେବେ।

ଅଶୁଭ ଦିବସ:- ୧୬, ୧୭, ୧୮, ୨୮, ୨୯, ୩୦, ୭, ୮, ୧୩, ୧୪ ଅଷ୍ଟମଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୧, ୨ ବାକିଦିନ ଶୁଭ।



**କନ୍ୟା:-** ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତଫଳ ବହନ କରିବ। କର୍ମକ୍ଷେତ୍ରରେ ଭାବିଚିନ୍ତି କର୍ମପନ୍ଥା ଗ୍ରହଣ କଲେ ପଶ୍ଚାତାପ କରିବାକୁ ପଡ଼ିବ ନାହିଁ। ଗତିପଥରେ ଛୋଟବଡ଼ ସମସ୍ୟା ଦେଖାଦେଲେବି ସେ ସବୁକୁ ଏଡ଼ାଇଦେଇ ଆଗେଇ ପାରିବେ। ଇଚ୍ଛାଶକ୍ତି ଓ କ୍ରିୟାଶକ୍ତିକୁ ବିନିଯୋଗ କରି ଈଶ୍ୱର ବିଶ୍ୱାସ ଦ୍ୱାରା ଅନେକ ସମସ୍ୟା ପାଣି ଫୋଟକାରେ ପରିଣତ ହେବ। କ୍ଳାନ୍ତି ଓ ନକାରାତ୍ମକ ଚିନ୍ତାଧାରାକୁ ଏଡ଼ାଇଦେଲେ ସଫଳତା ଅର୍ଜନ କଷ୍ଟକର ହେବନାହିଁ। କୌଶଳ ଅବଲମ୍ୱନ କରି ଉଦ୍ୟମ ଚାଲୁ ରଖିବେ। ସରକାରୀ କଳରୁ ଲାଭବାନ ହେବାର ସୂଚନା ମିଳୁଛି। ଅଟକିଥିବା ଧନ ହାତକୁ ଆସିବ। ବେପାର ବାଣିଜ୍ୟର ଧାରା କଠିନ ପରିଶ୍ରମ ଦ୍ୱାରା ଉନ୍ନତିର ଦିଗକୁ ଧାବିତହେବ। ସାମାଜିକ ସ୍ତରରେ ମନଉଣା ହେବାପରି ପରିସ୍ଥିତି ଉପୁଜିବ ନାହିଁ। ମାଙ୍ଗଳିକ କାର୍ଯ୍ୟରେ ମନୋ ନିବେଶ କରିବେ। ସାମୟିକ ଏକଲାବୋଧ ଅନୁଭୂତ ହେବ। ଛୁଆପିଲାମାନଙ୍କ ନିମିତ୍ତ ଚିନ୍ତା ବଢ଼ିପାରେ। ଶାରିରୀକ ଦୁବଳତା ସାଙ୍ଗକୁ ଖର୍ଚ୍ଚର ବୃଦ୍ଧି ଭାରାକ୍ରାନ୍ତ କରିବ। ପାରିବାରିକ ଜୀବନରେ ବିଭ୍ରାଟ ଘଟିବାର ନାହିଁ। ଦେବଦର୍ଶନ ଦ୍ୱାରା ତୃପ୍ତିଲାଭ କରିବେ। ମହିଳାମାନେ ନିଜର ଦୁଃଖକୁ ଚାପିରଖି ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବେ। ପ୍ରମୁଖ ଭୂମିକା ନିର୍ବାହ କରିବେ। ବିଦ୍ୟାର୍ଥୀମାନେ ନିଜକୁ ନିୟନ୍ତ୍ରଣ କଲେ ସୁଖରେ ସମୟ କଟାଇବେ।

ଅଶୁଭ ଦିବସ:- ୧୯, ୨୦, ୨୪, ୨୫, ୧, ୨ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୧୫, ୧୧, ୧୨ ବାକିଦିନ ଶୁଭ।



**ତୁଳା:-** ଆପଣଙ୍କ ନିମିତ୍ତ ମାସଟି ମିଶ୍ରଫଳ ଦାୟକ ହେଲେବି ପୂର୍ବ ତୁଳନାରେ ଶୁଭଫଳର ମାତ୍ରା ଅଧିକ ହେବ। ମାସର ଶେଷାର୍ଦ୍ଧରେ ସାମାନ୍ୟ ଚିନ୍ତା ବୃଦ୍ଧି ଘଟିପାରେ। ମାନସିକ ଅସ୍ଥିରତାକୁ ଈଶ୍ୱର ବିଶ୍ୱାସଦ୍ୱାରା ହାଲ୍‌କା କରିହେବ। କୌଶଳ ପ୍ରୟୋଗ କରି ଶତ୍ରୁମାନଙ୍କୁ ଚଲାପଥରୁ ହଟାଇଦେବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଲେବି ଗତିପଥ ଅଟକିବ ନାହିଁ। ଗୁରୁଜନମାନଙ୍କ ଆଶୀର୍ବାଦ ବିପଦର ମାର୍ଗ ବଦଳାଇ ଦେଇପାରେ। ନୂତନ କାର୍ଯ୍ୟ ପ୍ରତି ଆସ୍ଥା ପ୍ରକଟ


କରିବେ। ସାମାଜିକ ସ୍ତର ମଳିନ ହେବାର ନାହିଁ। ଆନୁଷ୍ଠାନିକ କର୍ମରେ ନିଜକୁ ସାମିଲ କରି ଆତ୍ମତୃପ୍ତି ପାଇବେ। ବନ୍ଧୁବାନ୍ଧବମାନେ ଦୁଃସମୟରେ ସାହାଯ୍ୟର ହାତ ବଢ଼ାଇବେ। ବେପାର ବାଣିଜ୍ୟରୁ ଦୁଇ ପଇସା ହାତେଇପାରନ୍ତି। ଦୂର ଭ୍ରମଣ ବିଶେଷ ସନ୍ତୋଷପ୍ରଦ ହେବନାହିଁ। ଆର୍ଥୀକ ଦିଗ ପ୍ରତି ବିଶେଷ ଚିନ୍ତିତ ହେବେ ନାହିଁ। ବାଉ ଓ ପିତ୍ତ ପ୍ରକୋପ ଯୋଗେ ପୀଡ଼ିତ ହେବେ। ପାରିବାରିକ କ୍ଷେତ୍ରରେ ଆନ୍ତରୀଣ ବୁଝାମଣା ଶାନ୍ତି ପ୍ରଦାନ କରିବ। ମହିଳାମାନେ ଦାୟିତ୍ୱ ଓ କର୍ମ ମଧ୍ୟରେ ଅଏସ ଆରାମ ପ୍ରତି ଧ୍ୟାନଦେଇ ପାରିବେ ନାହିଁ। ପରିବାରର ଭବିଷ୍ୟତ ଉନ୍ନତିକର ଯୋଜନା ପ୍ରସ୍ତୁତ କରିବେ। ବସ୍ତ୍ର ଆଭୂଷଣ ପ୍ରାପ୍ତି ଯୋଗ ଅଛି। ବିଦ୍ୟାର୍ଥୀମାନେ ଦୁଶ୍ଚିନ୍ତାର ଶିକାର ହେବେ ନାହିଁ।

ଅଶୁଭ ଦିବସ:- ୨୧, ୨୨, ୨୩, ୨୬, ୨୭, ୩, ୪ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୨୮, ୨୯, ୩୦ ବାକିଦିନ ଶୁଭ।



**ବିଛା:-** ମାସଟି ଆପଣଙ୍କୁ କାର୍ଯ୍ୟ ସାଧନ ତଥା ସମସ୍ତ ଦିଗରେ ଅଗ୍ରଗତି ହାସଲ କରିବାରେ ସହାୟକ ହେବ। ସମସ୍ତ ବାଧାବିଘ୍ନକୁ ଅକ୍ଲେଶରେ ଏଡ଼ାଇ ଗନ୍ତବ୍ୟ ପଥରେ ଆଗେଇ ଚାଲିବେ। ଶତୃମାନଙ୍କର ବିପଦ ଆଗତ ହେବାଯୋଗେ ସେମାନେ ନିଜ ସମସ୍ୟାରେ ଆକ୍ରାନ୍ତ ହେବେ। ଫଳତଃ ପୂର୍ବ ଅପେକ୍ଷା ଅଧିକ ସୁଯୋଗ କରାୟତ୍ତ କରି କର୍ମ କୁଶଳତାରେ ଉନ୍ନତି ସାଧନ କରିବେ। ସରକାରୀ କଳରୁ ଆବଶ୍ୟକ ସ୍ଥଳେ ସାହାଯ୍ୟ ସହଯୋଗର ଅଭାବ ପରିଲକ୍ଷିତ ହେବନାହିଁ। ଅଳ୍ପ ସମୟରେ ଅନେକ କାର୍ଯ୍ୟ ସାଧିତହେବ। ବୈଷୟିକ ସୁଖ ସଂପନ୍ନତା ଆଖି ଦୃଶିଆ ହେବ। କାର୍ଯ୍ୟରେ ସଫଳତା ଯୋଗେ କର୍ମକ୍ଳାନ୍ତି ଅନୁଭୂତ ହେବନାହିଁ। ସାମାଜିକ ସ୍ତରରେ ନୂତନ ପରିଚୟ ସୃଷ୍ଟି କରିପାରନ୍ତି। ଆର୍ଥୀକ ଦିଗ ସବଳ ରହିବ। ବେପାର ବାଣିଜ୍ୟରେ ମନ ପ୍ରଫୁଲ୍ଲ ରହିବ। ବିବାଦୀୟ କ୍ଷେତ୍ର ଅଶାନ୍ତିକର ହେବନାହିଁ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ପୁରାତନ ରୋଗବ୍ୟାଧି ଅପସରି ଯିବା ଯୋଗେ ଆଶ୍ୱସ୍ତ ହେବେ। ଖାଦ୍ୟ ରୁଚି ବଢ଼ିବ। ପାରିବାରିକ ସମସ୍ୟା ସରଳୀକୃତ ହେବ। ମହିଳାମାନେ କର୍ତ୍ତବ୍ୟକୁ ପ୍ରମୁଖତା ଦେଇ ସନ୍ତୋଷ ପ୍ରାପ୍ତ ହେବେ। ମନର ଅବସାଦ ଦୂରହେବ। ସମ୍ମାନର ଅଧିକାର ମିଳିବ। ବିଦ୍ୟାର୍ଥୀ ମାନେ ଉନ୍ନତି ଦିଗରେ ଅଗ୍ରସର ହେବେ।

ଅଶୁଭ ଦିବସ:- ୨୮, ୨୯, ୩୦, ୫, ୬ ଅଷ୍ଟମଚନ୍ଦ୍ର:- ୧୫, ୧୧, ୧୨ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ।



**ଧନୁ:-** ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେବ। କର୍ମକ୍ଷେତ୍ରରେ ଆଳସ୍ୟ ପରାୟଣତା ଯୋଗେ ଗତି ସାମାନ୍ୟ ମନ୍ଥର ହୋଇପାରେ। ମନକୁ ଆୟତ୍ତ କରି କର୍ମରେ ଆଗ୍ରହ ପ୍ରକାଶ କଲେ ପଛେଇଯିବାର ଆଶଙ୍କା ରହିବ ନାହିଁ। କେତେକ ସମୟରେ ମନରେ ଆଶଙ୍କା ଜାତ ହେଲେବି କର୍ମ ପ୍ରବଣତା ଓ ଈଶ୍ୱର ଆରାଧନା ଦ୍ୱାରା ତାହା ଅପସାରିତ ହେବ। ଶତୃମାନେ ହଇରାଣ କରିବାକୁ ଚେଷ୍ଟା କରି ଅସଫଳ ହେବେ। ଚାଟୁକାର ମାନଙ୍କ କଥାକୁ ସୂକ୍ଷ୍ମ ବୁଦ୍ଧିରେ ବିଚାର କରିବାର ଆବଶ୍ୟକତା ଅଛି। ବେପାର ବାଣିଜ୍ୟରେ ଚଉଆଖିଆ ହେଲେ ସେଥି ନିମିତ୍ତ ଦୁଶ୍ଚିନ୍ତା ଉପୁଜିବ ନାହିଁ। ଅଧିକ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିବ। କର୍ମରୁ ଶାନ୍ତି ମିଳିବାର ଅଛି। ସାମାଜିକ ସ୍ତରରେ ତଥା ବନ୍ଧୁବାନ୍ଧବରେ ଆଦରର ପାତ୍ର ହେବେ। ଯାନବାହାନରେ ଖର୍ଚ୍ଚାନ୍ତ ହେବାର ସୂଚନା ମିଳୁଛି। ଭ୍ରମଣ ଯୋଗେ ଶାନ୍ତି ମିଳିବ। ଆର୍ଥୀକ ଦିଗ ମଧ୍ୟମ ଧରଣର ହେବ। ସ୍ଥାନାନ୍ତର ହେବାର ସୂଚନା ଅଛି। ଶାରିରୀକ ଅସୁସ୍ଥି ଅପେକ୍ଷା ମାନସିକ ଦୁର୍ବଳତାର ଶିକାର ହେବେ। ପାରିବାରିକ ଅଶାନ୍ତି ଘେରିବାର ନାହିଁ। ମହିଳାମାନେ ଆତ୍ମୀୟ ମାନଙ୍କ ମେଳରେ ଥିଲେବି ନିସଙ୍ଗତା ବୋଧ କରିବେ? କର୍ମରେ ପଛେଇଯିବେ ନାହିଁ। ଦାୟିତ୍ୱ ସଂପନ୍ନ କରି ଆଦର ପ୍ରାପ୍ତ ହେବେ। ଅଯଥା ଖର୍ଚ୍ଚକୁ ନିୟନ୍ତ୍ରଣ କଲେ ଶାନ୍ତି ପାଇବେ। ବିଦ୍ୟାର୍ଥୀମାନେ ଅସଫଳ ହେବେ ନାହିଁ।

ଅଶୁଭ ଦିବସ:- ୧, ୨, ୭, ୮ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୮, ୧୩, ୧୪ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**ମକର:-** ମାସଟି ଆପଣଙ୍କ ନିମିତ୍ତ ଆନନ୍ଦପ୍ରଦ ହେବାର ସୂଚନା ମିଳୁଛି। ଗଡ଼ି ଚାଲିଥିବା ସମସ୍ୟାରୁ ଅବ୍ୟାହତ ମିଳିବା ଯୋଗେ ଆଶ୍ୱସ୍ତିଲାଭ କରିବେ। କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ବାହରେ ସମୟ ଅତିବାହିତ କରିବେ। ଶତୃମାନଙ୍କର ଉପଦ୍ରବ ପ୍ରଶମିତ ହେବା ଯୋଗେ ଗତିପଥ ଓ ମାନସିକ ଅବସ୍ଥାରେ ସୁଧାର ଆସିବ। କର୍ମକ୍ଷେତ୍ରରେ ପଛକୁ ନ ଚାହିଁ ଆଗକୁ ଆଗକୁ ମାଡ଼ିଚାଲିବେ। ଉତ୍ତମ କର୍ମ ସଂପାଦନ ଯୋଗେ ଉପରିସ୍ଥ ମାନଙ୍କର ଆସ୍ଥା ଭାଜନ ହେବେ। ସରକାରୀ କଳରୁ ଆବଶ୍ୟକୀୟ ସହାୟତା ମିଳିବାରେ ବାଧା ଉପୁଜିବ ନାହିଁ। ଆପଣଙ୍କର ଉନ୍ନତିରେ ଅନ୍ୟମାନେ ଈର୍ଷା ପରାୟଣ ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ସ୍ଥାନମାନ ଅକ୍ଷୁର୍ଣ୍ଣ ରହିବ। କର୍ତ୍ତବ୍ୟ ଯୋଗେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବେ। ବେପାର ବାଣିଜ୍ୟର ପରିସ୍ଥିତି ଆଶାଜନକ ହେବ। ବିବାଦୀୟ କ୍ଷେତ୍ର ସପକ୍ଷରେ ଯିବାର ଅନୁମାନ କରାଯାଇପାରେ। ଗଠନମୂଳକ ଚିନ୍ତାଧାରାର ଅନୁବର୍ତ୍ତୀ ହୋଇ କର୍ତ୍ତବ୍ୟମୁଖର ଜୀବନ ବିତାଇବେ। ଭ୍ରମଣ ଯୋଗେ ମନର ଅବସାଦ ଦୂରୀଭୂତ ହେବ। ପୁରୁଣା ରୋଗ ସାମାନ୍ୟ ଭାବେ ପୀଡ଼ାପ୍ରଦ ହେବ। ଖାଦ୍ୟପେୟରେ ନିୟମିତତା ଆବଶ୍ୟକ। ପାରିବାରିକ ଜୀବନ ସରଳ ସୁନ୍ଦର ହେବ। ଆର୍ଥୀକ ଦିଗ ପ୍ରତି ଚିନ୍ତିତ ହେବାର ନାହିଁ। ମହିଳାମାନେ ପରିବାର ପ୍ରତି ଉତ୍ସର୍ଗୀକୃତ ହେବେ। ଭୋଗ ବିଳାସ ପ୍ରତି ରୁଚି ବଢ଼ିବ। ସମାଜ ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବେ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ଅଶୁଭ ଦିବସ:- ୩, ୪ ଅଷ୍ଟମଚନ୍ଦ୍ର:- ୧୯, ୨୦ ଘାତଚନ୍ଦ୍ର:- ୧୯, ୨୦ ବାକିଦିନ ଶୁଭ।



**କୁମ୍ଭ:-** ଆପଣଙ୍କ ପକ୍ଷେ ମାସଟି ଶୁଭଫଳ ଦାୟକ ହେବ। ଅବଶୋଷ ପୂରଣ ହେବାଯୋଗେ ଆତ୍ମସନ୍ତୋଷ ଲାଭ କରିପାରନ୍ତି। ଶତ୍ରୁମାନଙ୍କୁ କଳେବଳେ ଅକ୍ତିଆର କରି ନିରୁପଦ୍ରବ ଜୀବନଚର୍ଯ୍ୟାର ଅଧିକାରୀ ହେବେ। କର୍ମପଥ ସହଜ ସରଳ ହେବାଫଳରେ କର୍ମପଥ ଦ୍ରୁତଗତିରେ ଆଗେଇ ଚାଲିବ। ଲକ୍ଷ୍ୟ ବିନ୍ଦୁ କ୍ରମଶଃ ନିକଟରୁ ନିକଟତର ହେବ। ପୂର୍ବ କଳ୍ପିତ କାର୍ଯ୍ୟକୁ ସାକାର କରିବେ। ମନରେ ଶାନ୍ତି ଓ ସାହାସ ସଞ୍ଚାରିତ ହେବା ଯୋଗେ କର୍ମକ୍ଳାନ୍ତି ଅନୁଭବ କରିବେ ନାହିଁ। ଆର୍ଥୀକ ସମସ୍ୟା ଧିରେ ଧିରେ ସବଳ ହେବାକୁ ଲାଗିବ। ଯାନବାହାନ ସୁଖ ସହିତ ନୂତନ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ସାମାଜିକ ସ୍ତରରେ ସମ୍ମାନ ବୃଦ୍ଧି ଘଟିବାର ସମ୍ଭାବନା ଅଛି। ବିବାଦୀୟ କ୍ଷେତ୍ରରେ ଚିନ୍ତିତ ହେବାଭଳି ଦୁର୍ଯୋଗ ଉପସ୍ଥିତ ହେବନାହିଁ। ବେପାର ବାଣିଜ୍ୟରେ ଅନ୍ୟ ଉପରେ ଭରସା କରିବେ। ନିଜ ମତରେ ବାଟ ଚାଲିବାକୁ ଉଚିତ ମଣିବେ। ବଚନ କୁଶଳତା ଯୋଗେ କାର୍ଯ୍ୟ ସାଧନ କଷ୍ଟକର ହେବନାହିଁ। ଶର୍ଦ୍ଦିଶ୍ଳେଷ୍ମା ସାଙ୍ଗକୁ ଅବୟବରେ ଯନ୍ତ୍ରଣା ଅନୁଭୂତ ହେବ। ପାରିବାରିକ ସ୍ତରରେ ଶାନ୍ତିରକ୍ଷା ନିମିତ୍ତ ଉଦ୍ୟମ ଅବ୍ୟାହତ ରହିବ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇବ। ମହିଳାମାନେ ମାସଟିରେ ସ୍ୱାତନ୍ତ୍ରତା ବଜାୟ ରଖି କର୍ମରେ ଆଗେଇବେ। ଭୋଗ ବିଳାସ ପ୍ରତି ରୁଚି ବଢ଼ିବ। ପରିବାରର ମର୍ଯ୍ୟଦା ରକ୍ଷା ନିମିତ୍ତ ଯଥାସମ୍ଭବ ଚେଷ୍ଟା ଜାରିରଖିବେ। ବିଦ୍ୟାର୍ଥୀମାନେ ଚେଷ୍ଟା ଚରିତ୍ର ଯୋଗେ ଅସମ୍ଭବକୁ ସମ୍ଭବରେ ପରିଣତ କରିବାରେ ସମର୍ଥ ହେବେ।

ଅଶୁଭ ଦିବସ:- ୨୪, ୨୫, ୫, ୬, ୯, ୧୦ ଅଷ୍ଟମଚନ୍ଦ୍ର:- ୨୧, ୨୨, ୨୩ ଘାତଚନ୍ଦ୍ର:- ୨୮, ୨୯, ୩୦ ବାକିଦିନ ଶୁଭ।



**ମୀନ:-** ମାସଟି ଆପଣଙ୍କ ନିମିତ୍ତ ସର୍ବୋଚ୍ଚଭାବେ ଶୁଭଙ୍କର ହେବାର ସମ୍ଭାବନା ଭରପୁର। କର୍ମକ୍ଷେତ୍ରରେ ଯଥେଷ୍ଟଭାବେ ଅଗ୍ରଗତି କରିବାର ସମସ୍ତ ସୁଯୋଗ ଓ ସୁବିଧା କରଗତ ହେବାରେ ବାଧା ନାହିଁ। ଉଦ୍ଦୀପନାର ସହିତ ଲକ୍ଷ୍ୟସ୍ଥଳ ପ୍ରାପ୍ତି ନିମିତ୍ତ ଯତ୍ପରୋନାସ୍ତି ଚେଷ୍ଟା ଜାରି ରଖିବେ। ଉପରିସ୍ଥ ମାନଙ୍କଠାରୁ ପ୍ରେରଣା ଓ ଶୁଭେଚ୍ଛା ପ୍ରାପ୍ତ ହୋଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ଲୋକହିତକର କାର୍ଯ୍ୟ କରି ଆଦୃତିଲାଭ ସହିତ ସ୍ୱତନ୍ତ୍ର ସ୍ଥାନରେ ସ୍ଥାନିତ ହୋଇପାରନ୍ତି। ଭବିଷ୍ୟତ ଉନ୍ନତିର ପନ୍ଥା ନିର୍ଦ୍ଧାରଣ କରିବେ। ଗୁରୁଜନ ଓ ଦୈବୀକୃପା ଯୋଗେ ବୃହତ୍ତର କାର୍ଯ୍ୟକୁ ହାତକୁ ନେଇ ଆଗେଇ ଚାଲିବେ। କ୍ଳାନ୍ତି ଓ ଅବସନ୍ନତାକୁ ଖାତିର କରିବେ ନାହିଁ। ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ନାହିଁ। ବିବାଦୀୟ କ୍ଷେତ୍ରରେ ବିଜୟ ଲାଭ। ଜମିଜମା କ୍ରୟ ନିମିତ୍ତ ଯୋଜନା କରିବେ। ଛୁଆପିଲା ମାନଙ୍କର ଉନ୍ନତିରେ ଆନନ୍ଦିତ ହେବେ। ମାଙ୍ଗଳିକ କାର୍ଯ୍ୟ ସାଧିତ ହେବ। ଆୟ ତୁଳନାରେ ଖର୍ଚ୍ଚ ଅଧିକ ହେବାର ସୂଚନା ମିଳୁଛି। ଭ୍ରମଣରୁ ଓ ବନ୍ଧୁ ମିଳନରୁ ପ୍ରଫୁଲ୍ଲିତ ହେବେ। ଗଳାରୋଗ ଓ ପେଟରୋଗ ଦେଖାଦେବ। ପାରିବାରିକ ଜୀବନ ମଧୁରମୟ ହେବ। ମହିଳାମାନେ ଲୋକପ୍ରିୟତା ଅର୍ଜନ କରିବେ। ମାନସିକ ଦୁର୍ବଳତାକୁ କର୍ତ୍ତବ୍ୟ ମାଧମରେ ଦୂରେଇନେବେ। ନିଜ ମର୍ଜ୍ଜିରେ ପରିବେଶକୁ ନିଜ ସପକ୍ଷରେ ଚଳାଇନେବେ। ବିଦ୍ୟାର୍ଥୀମାନେ ସଫଳତାର ସ୍ୱାଦ ଚାଖିବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୭, ୮, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୪, ୨୫ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

Postal Regd. No. CK (C)/91/2024-2026
The Samaroha April - 2024, Vol. - 33, Issue - 7
RNI Regd. No. : 034056/1981

KALINGA COMMERCIAL CORPORATION LTD

A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 20/-

Date of Publication : 17.04.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in